# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩୦/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, September 30/2019 | ★★★★★★

୪୫ଶ ଭାଗ ୩୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ ପଦକ**

ଚାଇନାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ୧୯

୧୪ **ଅଭିନୟ କଲେ ସୁହାନା ଖାନ୍**

ଶାହରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଅଭିନୟ ଜଗତରେ ପାଦ ଥାପିଛନ୍ତି। ତାଙ୍କ ପ୍ରଥମ ଫିଲ୍ମ 'ଦି ଗ୍ରେ ପାର୍ଟ ଅଫ୍ ବ୍ଲୁ'ର ଟିଜର୍ ରବିବାର ରିଲିଜ୍ ହୋଇଛି।



# ବିହାରରେ ପ୍ରବଳ ବର୍ଷା: ୨୫ ମୃତ

- ପାଟନା ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା
- ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଯବାନ ମୁତୟନ
- ୧୨ ଟ୍ରେନ୍ ବାତିଲ, ସ୍କୁଲ ବନ୍ଦ



ପାଟନା ସହରତଳି ଅଞ୍ଚଳରୁ ଏନ୍‌ଡିଆରଏଫ୍ ଟିମ୍ ବିପନ୍ନଙ୍କୁ ଉଦ୍ଧାର କରୁଛନ୍ତି।

ପାଟନା,୨୯।୯

ବିହାରରେ କ୍ରମାଗତ ୩ ଦିନ ଲଗାଣ ବର୍ଷା ଫଳରେ ରାଜଧାନୀ ପାଟନା ସମେତ ବିଭିନ୍ନ ଜଲାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଭାଗଲପୁର ଓ ଗୟା ଜିଲାରେ ୬ ଜଣ ଲେଖାଏ, ପାଟନାରେ ୫, କୈମୁର, ବେଗୁସରାଇ, ଜାମୁଇ, ସୀତାମଢ଼ି ଓ ସମସ୍ତିପୁର ଜିଲାରେ ୪ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବର୍ଷା ଯୋଗୁ ରେଳ ଚଳାଚଳ ଓ ସଡ଼କ ପରିବହନ ବାଧାପ୍ରାପ୍ତ ହୋଇଛି। ୧୨ଟି ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବାବେଳେ ୭ଟିକୁ ଅଧାରୁ ବାତିଲ ଓ ୨୦ଟି ଟ୍ରେନ୍‌ର ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ମୁଜାଫରପୁର, ପଶ୍ଚିମ ଚମ୍ପାରନ, ପୂର୍ବ ଚମ୍ପାରନ, ଦରଭଙ୍ଗା, ଗୟା, ଭୋଜପୁର ଓ ଭାଗଲପୁର ଜିଲାର ଅନେକ ଗ୍ରାମ ଜଳାର୍ଣ୍ଣବ ହୋଇଛି। ରାସ୍ତାଘାଟ ପାଣିରେ ବୁଡ଼ି ରହିଥିବାବେଳେ କେତେକ ସ୍ଥାନରେ ରାସ୍ତା ଉପରେ ଡଙ୍ଗା ଚାଲୁଥିବା ଦେଖାଯାଇଛି। ତଳିଆ ଅଞ୍ଚଳ ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପାଟନା ଓ ଅନ୍ୟ ଜିଲାରେ ରେଳଧାରଣା ପାଣିରେ ବୁଡ଼ି ରହିଛି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ପାଟନା ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ଯବାନଙ୍କୁ ମୁତୟନ କରାଯାଇଛି। ନାଳନ୍ଦା ମେଡିକାଲ କଲେଜ ହସ୍ପିଟାଲ, ଗାର୍ଡନିବାଗ ହସ୍ପିଟାଲ ସମେତ ଅନେକ ସରକାରୀ ଡାକ୍ତରଖାନାରେ ପାଣି ପଶିଯାଇଛି। ଫଳରେ ଜରୁରୀ ସେବା ବାଧାପ୍ରାପ୍ତ ହୋଇଛି। ବିହାରରେ ଗଙ୍ଗାନଦୀ ଓ ଏହାର ଉପନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସୋମବାର ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ପାଟନାରେ ମଙ୍ଗଳବାର ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ସହରର ବନ୍ୟାପ୍ଲାବିତ ଅଞ୍ଚଳରୁ ଲୋକଙ୍କୁ ଖାଲି କରିବା ପାଇଁ ୩୨ଟି ବୋଟକୁ ନିୟୋଜିତ କରାଯାଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇଥିବାରୁ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି କରିଛି।

## ୟୁପିରେ ୨୪ ଘଣ୍ଟାରେ ୩୫ ମୃତ

ଲକ୍ଷ୍ନୌ,୨୯।୯(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଦୁର୍ବିପାକରେ ଆଉ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆଜମଗଡ ଓ ମିର୍ଜାପୁର ଜିଲାରେ ୪ ଜଣ ଲେଖାଏଁ ଏବଂ ଗାଜିପୁର ଓ ଆମ୍ବେଡ୍‌କରନଗରରେ ୩ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ଏହାବ୍ୟତୀତ ଗୋରଖପୁର, ଫିରୋଜାବାଦ, ଉନ୍ନାଓ, ବଣ୍ଡା, ବାଲିଆ ଓ ସୀତାପୁର ଜିଲାରେ ୨ ଜଣ ଲେଖାଏ ଏବଂ ବୁଲନ୍ଦସହର, ଅମେଠି, ଶାହରନପୁର, ଲକ୍ଷ୍ମୀପୁର, ଫତେପୁର, ପ୍ରୟାଗରାଜ, ଚିତ୍ରକୂଟ, ସୁଲତାନପୁର ଓ ଦେଓରିଆରେ ଜଣେ ଲେଖାଏ ମୃତ୍ୟୁମୁଖରେ ପଡିଛନ୍ତି। ଅଧିକାଂଶ ମୃତ୍ୟୁ ଘର ଭୁଶୁଡିବା କାରଣରୁ ହୋଇଛି। ଗତ ଗୁରୁବାର ଓ ଶୁକ୍ରବାର ୪୭ ଜଣଙ୍କ ମୃତ୍ୟୁ ଘଟିଥିଲା।

# ପିଆଜ ରପ୍ତାନି ଉପରେ ରୋକ ଲଗାଇଲା କେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୯(ବ୍ୟୁରୋ)



ଦେଶର ବିଭିନ୍ନ ପ୍ରାନ୍ତରେ ପିଆଜ ଦର ଆକାଶଛୁଆଁ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେଇଛନ୍ତି। ଦର ବୃଦ୍ଧିକୁ ରୋକିବା ଲାଗି ରବିବାର ଦେଶରୁ ପିଆଜ ରପ୍ତାନିକୁ ନିଷେଧ କରାଯାଇଛି। ସେହିଭଳି ଉଭୟ ପାଇକାରି ଏବଂ ଖୁଚୁରା ବ୍ୟବସାୟୀଙ୍କ ଲାଗି ମହଜୁଦ ସୀମା ନିର୍ଦ୍ଧାରଣ କରାଯାଇଛି। କେନ୍ଦ୍ରର ନିର୍ଦ୍ଦେଶ ଅନୁଯାୟୀ ପାଇକାରି ବ୍ୟବସାୟୀମାନେ ବର୍ତ୍ତମାନ ୫୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଏବଂ ଖୁଚୁରା ବ୍ୟବସାୟୀମାନେ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଷ୍ଟକ ରଖି ପାରିବେ ବୋଲି ଜଣାପଡିଛି।

ପୁନର୍ବାର ରପ୍ତାନି ନେଇ ନିର୍ଦ୍ଦେଶନାମା ଜାରି ନ ହେଲା ଯାଏ ଏହି ନିୟମ ବଳବତ୍ତର ରହିବ ବୋଲି ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଦେଶ ମଧ୍ୟରେ ପିଆଜର ଉପଲବ୍ଧତା ବଢାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ଖାଉଟି ବ୍ୟାପାର ମନ୍ତ୍ରଣାଳୟ କହିଛି। ପିଆଜ ଦର ବୃଦ୍ଧି ଯୋଗୁ ସମସ୍ୟା ଉତ୍କଟ ହେବାରୁ ଏହାର ସମାଧାନ ଲାଗି ରବିବାର ଖାଉଟି ବ୍ୟାପାର ସଚିବ ଅବିନାଶ କେ. ଶ୍ରୀବାସ୍ତବ ଡିଜିଏଫ୍‌ଟିକୁ ଏକ ଚିଠି ଲେଖିଥିଲେ। ଏହା ପରେ ତ୍ୱରିତ ଭାବେ ପିଆଜ ରପ୍ତାନି ଉପରେ କଟକଣା ଲଗାଯାଇଥିବା ଜଣାପଡିଛି।

ସାରା ଦେଶରେ ପିଆଜ ଦର ବୃଦ୍ଧିର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ଦର ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ସମସ୍ତ ଚେଷ୍ଟା ଜାରି ରଖିଥିବା କୁହାଯାଇଛି। ଏ ନେଇ ରବିବାର ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ନାସିକ ଏବଂ ଅନ୍ୟାନ୍ୟ ସ୍ଥାନରେ ପିଆଜ ଉତ୍ପାଦନ ହୋଇଥାଏ। ସେଠାରେ ବନ୍ୟା ହୋଇଥିବାରୁ ଏପରି ଦର ବୃଦ୍ଧି ହୋଇଛି। ତେଣୁ ରାଜ୍ୟ ପକ୍ଷରୁ କେନ୍ଦ୍ରକୁ ଉତ୍ପାଦିତ ହେଉଥିବା ସ୍ଥାନରେ ହସ୍ତକ୍ଷେପ କରିବାକୁ କୁହାଯାଇଥିଲା। କ୍ଷତି ସହିଥିବା ତୃଣମୂଳର ଚାଷୀ ତଥା ଉତ୍ପାଦକମାନଙ୍କୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଓଲଟା ସଂରକ୍ଷଣ**

**କିଛି ତଥ୍ୟ**

ଦେଶର ମୋଟ ଅଶୋଧିତ ତେଲର ୧୭%ରୁ ଉର୍ଦ୍ଧ୍ୱ ଏବଂ ଏଲ୍‌ପିଜିର ୩୨% ସୌଦି ଆରବରୁ ଆମଦାନୀ ହେଉଛି।

– ପେଟ୍ରୋଲିୟମ ମନ୍ତ୍ରଣାଳୟ

**ବିଜେପୁର ଉପନିର୍ବାଚନ**

# ସନତ୍ ଭାଜପା ପ୍ରାର୍ଥୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ପୁନର୍ବାର ସନତ୍ ଗଡତିଆଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ମଧ୍ୟ ସନତ୍‌ଙ୍କୁ ପ୍ରାର୍ଥୀ କରାଯାଇଥିଲା। ରବିବାର ନୂଆଦିଲ୍ଲୀଠାରେ ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟିର ନିଷ୍ପତ୍ତିକ୍ରମେ ସୁପାରିସ କରାଯାଇଥିବା ସନତ ଗଡତିଆଙ୍କ ନାମରେ ମୋହର ମରାଯାଇଥିଲା। ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଜେ.ପି.ନଡ୍ଡା ସନତଙ୍କ ପ୍ରାର୍ଥିତ୍ୱ ନେଇ ଘୋଷଣା କରିଥିଲେ। ଏହା ପରେ କେନ୍ଦ୍ରୀୟ ଭାଜପା ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସନତଙ୍କ ସମେତ ବିଜେପୁର ଉପନିର୍ବାଚନ ପାଇଁ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିଲା। ହେଲେ ସ୍ଥାନୀୟ ସାଙ୍ଗଠନିକ ଦୃଷ୍ଟିକୋଣରୁ ସନତଙ୍କ ଉପରେ ପୁନର୍ବାର ଭରସା କରାଯାଇଥିବା ଜଣାପଡିଛି। ଦଳପକ୍ଷରୁ ତାଙ୍କୁ ପ୍ରାର୍ଥୀ କରାଯିବା ପରେ ଦେଶ ତଥା ରାଜ୍ୟ ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

“ ୧୯୪୮ରେ ନେହେରୁ କଶ୍ମୀର ପ୍ରସଙ୍ଗକୁ ଜାତିସଂଘକୁ ନେବା ଏକ ବିରାଟ ଭୁଲ ଥିଲା।

–ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

# ପିଲା ଯିବେ କୁଆଡ଼େ

ସୁନୀତ୍ ମିଶ୍ର

ଭୁବନେଶ୍ୱର,୨୯।୯

ରାଜ୍ୟରେ ଭୁଶୁଡି ପଡିଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ଲାଗି ଗୋଟିଏ ପଟେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବା କହୁଛନ୍ତି। ଅନ୍ୟପଟେ ସରକାରଙ୍କ ତ୍ରୁଟି ଯୋଗୁ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ନାମଲେଖା କ୍ଷେତ୍ରରେ ବଡ଼ଧରଣର ତ୍ରୁଟି ଘଟିଥିବା ଧରିତ୍ରୀ ଦୃଷ୍ଟିକୁ ଆସିଛି। ଖବର ନେବାରେ ଜଣାପଡ଼ିଛି ଯେ, ରାଜ୍ୟବ୍ୟାପୀ ପ୍ରାୟ ୨୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି।

ଉଦାହରଣ ସ୍ୱରୂପ ଗତ ୧୯ ତାରିଖରେ ବର୍ଷା ପ୍ରିୟଦର୍ଶିନୀ ସାହୁ ନାମ୍ନୀ ଜଣେ ଛାତ୍ରୀ ପୁରୀ ଜିଲା ସୁରଜମଲ ସାହା କଲେଜରେ ଯୁକ୍ତ୨ରେ ନାମ ଲେଖାଇଥିଲେ। ଏଥିପାଇଁ ତାଙ୍କ ନିକଟକୁ ଏସ୍‌ଏମ୍‌ଏସ୍ ଯୋଗେ ଇଣ୍ଟିମେଶନ ଆସିଥିଲା। କଲେଜରେ ନାମଲେଖା ମଧ୍ୟ ସରିଗଲା। ଏଥିପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦସ୍ତଖତ ଥିବା ଆଡ୍‌ମିଶନ ରସିଦ ଧରି ଘରକୁ ଫେରିଲେ, ଯେଉଁଥିରେ କଲେଜ ରୋଲ୍ ନମ୍ବର ମଧ୍ୟ ରହିଥିଲା। ଏଥିପାଇଁ ତାଙ୍କୁ ୩ହଜାର ୭୦୦ ଟଙ୍କା ଦାଖଲ କରିବାକୁ ପଡ଼ିଥିଲା। ମାତ୍ର ଦୁଇଦିନ ପରେ ପୁଣିଥରେ ତାଙ୍କୁ ଏକ ଫୋନ୍ ଆସିଲା ଯେ, ୧୯ ତାରିଖରେ ଯେଉଁମାନଙ୍କ ନାମ ଲେଖାଯାଇଛି ତାହା ବୈଧନୁହେଁ, ଟଙ୍କା ଫେରସ୍ତ କରିନିଅନ୍ତୁ। ଏତିକିରେ ବର୍ଷାଙ୍କ ସମେତ ଯେଉଁ ଛାତ୍ରୀଛାତ୍ରମାନେ ସେଦିନ ନାମ ଲେଖାଇଥିଲେ ସେମାନେ ବ୍ୟସ୍ତ ହୋଇଯାଇଛନ୍ତି। ଏହାପରଠାରୁ ୧୦ଦିନ ହେଲାଣି ସେହି ପିଲାମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡୁଛନ୍ତି। ପିଲାମାନଙ୍କ ସମ୍ପୂର୍ଣ୍ଣ ତାଲିକା ଧରିତ୍ରୀ ପାଖରେ ରହିଛି। ଏନେଇ ବର୍ଷା ପ୍ରିୟଦର୍ଶିନୀଙ୍କୁ ପଚରାଯିବାରୁ ବର୍ତ୍ତମାନ ସେ କ'ଣ କରିବେ ଜାଣିପାରୁନାହାନ୍ତି। କଲେଜ ଯିବାକୁ ଡ୍ରେସ୍ ଆଉ ବହି ମଧ୍ୟ କିଣି ଦେଇଛନ୍ତି। ଏପରି ଖବର ପାଇବା ପରେ ବର୍ତ୍ତମାନ ମାନସିକ ସ୍ତରରେ ଡରିଯାଇଥିବା ସେ କହିଛନ୍ତି।

ରବିବାର ଥିବା ସତ୍ତ୍ୱେ ସୁରଜମଲ ସାହା କଲେଜରେ କିଛି କାମ ଚାଲିଥିବାରୁ ସେଠାରେ ଅଧକ୍ଷ ଅଶ୍ୱିନୀ କୁମାର ଦାସ ଏବଂ ଯୁକ୍ତ୨ ନାମଲେଖା ଦାୟିତ୍ୱରେ ଥିବା ସୁଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ସେମାନଙ୍କୁ ଭେଟି ଉପରୋକ୍ତ ବିଷୟରେ ଆମେ ଆଲୋଚନା କରିଥିଲୁ। ହେଲେ ସୁଶାନ୍ତ ମହାପାତ୍ର ଯାହା କହିଲେ ତାହା ଆଶ୍ଚର୍ଯ୍ୟଜନକ। ସେ କହିଛନ୍ତି,



Surajmal Saha Mahavidyalaya, Puri
FEE RECEIPT FOR +2 No. 59206
Received from Sri/Miss ... Roll No. ... the sum of Rs. 3706 ... for the Month(s) of ... as detailed below.

DESCRIPTION | AMOUNT
College Fee, Tuition Fee, Ditto Arrear/Advance, Fines, Other Fines, Re-entry Fee, Admission or Re-Admission Fee, Late Admission Fee, Transfer Fee, Medical, Abstract Attendance Charges, Students Union Fee, Dramatic Society, Common Room Subscription, Teacher's Welfare Fund, Atheletic Club Subscription, Literary Society Subscription, College Magazine Subscription, College Examination Fee, S.S.G, Library Caution Money, D.S.A, Puja Celebration Fee, Monogram Fee, Identity Card, College Calenders Fee, Red Cross, N.S.S, HONS. Fee, CHSE/University Registration Fee, CHSE/University Recognisation Fee, CHSE/University Examination Fee, CHSE/University Sports, CHSE/University Aid Fund, Original Certificate & Migration, Course Leaving Certificate, College Foundation Fee, College Improvement Fund
TOTAL 3706

କଲେଜରୁ ମିଳିଥିବା ରସିଦ୍।

କେବଳ ଆମ କଲେଜ ନୁହେଁ ବରଂ ଇଣ୍ଟିମେଶନ ପଠାଯାଉଥିବା ସ୍ଥାନରୁ ଭୁଲ୍‌ରେ ବହୁ କଲେଜକୁ ଏପରି ଭୁଲ ତାଲିକା ଯାଇଛି। ଏପରି କି ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଜୁନିୟର କଲେଜ ଏବଂ ରେଭେନ୍‌ଶା ଜୁନିୟର କଲେଜକୁ ମଧ୍ୟ ଭୁଲ୍ ପିଲାଙ୍କ ତାଲିକା ଚାଲିଯାଇଥିଲା। ସେହିପରି ଆମ କଲେଜକୁ ସ୍ପଟ୍ ସିଲେକ୍ସନର ତାଲିକା ୧୯ ତାରିଖରେ ☞ପୃଷ୍ଠା–୪





NECC NATIONAL EGG CO-ORDINATION COMMITTEE 28.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers





ଏକ ପଡ଼ୋଶୀ ଦେଶ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ରଚୁଥିବାରୁ ଆତଙ୍କବାଦୀମାନେ ସମୁଦ୍ରପଥ ଦେଇ ଆକ୍ରମଣ କରିପାରନ୍ତି ।
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ



# ତାଲିବାନକୁ ଚ୍ୟାଲେଞ୍ଜ, ଭୋଟ ଦେଲେ ସୈଫୁଲ୍ଲା

**କାବୁଲ,୨୯।୯:** ଆତଙ୍କବାଦୀଙ୍କ ଧମକକୁ ଖାତିର ନ କରି ଆଫଗାନିସ୍ତାନର ରାଷ୍ଟ୍ରପତି ନିର୍ବାଚନରେ ବ୍ୟବସାୟୀ ସୈଫୁଲ୍ଲା ସାଫି ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ୩୮ ବର୍ଷୀୟ ସୈଫୁଲ୍ଲା ୫ ବର୍ଷ ପରେ ପୁଣିଥରେ ଭୋଟଦେଇ ଜଣେ ପ୍ରକୃତ ନାଗରିକର ପରିଚୟ ଦେଇଛନ୍ତି। ଏହାସହ ସେ ନିଜ ବାମ ଅଙ୍ଗୁଳିର ଅଲିଭା କାଳିଚିହ୍ନ ଦେଖାଉଥିବା ଫଟୋ ଟୁଇଟରରେ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ସହ ସାହସୀ ସୈଫୁଲ୍ଲାଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି।

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନର ତାଣ୍ଡବଲୀଳା ଜାରି ରହିଛି। ରାଷ୍ଟ୍ରପତି ନିର୍ବାଚନକୁ ବର୍ଜନ କରିବା ପାଇଁ ଆତଙ୍କବାଦୀ ପ୍ରଥମେ ଧମକ ଦେଇଥିଲେ। ପରେ ନିର୍ବାଚନ ଭଣ୍ଡୁର କରିବା ଲାଗି ଗୋଟିଏ ପରେ ଗୋଟିଏ ଆକ୍ରମଣ କରିଚାଲିଥିଲେ। ଇତିମଧ୍ୟରେ ଶନିବାର କେତେକ ସ୍ଥାନରେ ହିଂସା ଓ ଆକ୍ରମଣ ଘଟିଥିବାବେଳେ ନିର୍ବାଚନ ଶେଷ ହୋଇଛି। ୨୦୧୪ ନିର୍ବାଚନରେ ତାଲିବାନ ଆତଙ୍କବାଦୀମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଧାରୁଆ ଅସ୍ତ୍ରରେ ୬ ଜଣ ଭୋଟରଙ୍କ ଅଙ୍ଗୁଳି କାଟି ଦେଇଥିଲେ। ଅଙ୍ଗୁଳି ହରାଇଥିବା ମତଦାତାଙ୍କ ମଧ୍ୟରେ ଥିଲେ ରାଜଧାନୀ କାବୁଲର ବ୍ୟବସାୟୀ ସୈଫୁଲ୍ଲା ସାଫି। ସେ କାବୁଲରୁ କୋସ୍ତ ସହରକୁ ଯାଉଥିବାବେଳେ ଆତଙ୍କବାଦୀମାନେ ତାଙ୍କ ଡାହାଣ ଅଙ୍ଗୁଳିର କାଳିଚିହ୍ନ ଦେଖି ଛେଦି ଦେଇଥିଲେ। ଏଥର ମଧ୍ୟ ଭୋଟ ନ



ଦେବାକୁ ତାଲିବାନ ପକ୍ଷରୁ ତାଙ୍କୁ ଧମକ ଦିଆଯାଇଥିଲା। ହେଲେ ସୈଫୁଲ୍ଲା ଏହାକୁ ଖାତିର ନ କରି ବୁଥ୍‌କୁ ଯାଇ ଭୋଟ ଦେଇଥିଲେ। କେବଳ ଏତିକି ନୁହେଁ, ସେ ନିଜ ପରିବାରର ଅନ୍ୟ ସାବାଳକ ସଦସ୍ୟଙ୍କୁ ମଧ୍ୟ ମତଦାନ

**୨୦୧୪ ନିର୍ବାଚନରେ ଡାହାଣ ଅଙ୍ଗୁଳି ଛେଦିଥିଲେ ଆତଙ୍କବାଦୀ**

କେନ୍ଦ୍ରକୁ ନେଇ ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ କରିଛନ୍ତି। ମତଦାନ ପରେ ନିଜ ଅଙ୍ଗୁଳିର କାଳିଚିହ୍ନକୁ ଦେଖାଇ ନିର୍ଭୀକ ସୈଫୁଲ୍ଲା କହିଛନ୍ତି, ଯେତେବେଳେ ମୋ ଦେଶ ଓ ପିଲାଛୁଆଙ୍କ ଭବିଷ୍ୟତ କଥା ଉଠୁଛି ମୁଁ ନୀରବ ବସିଯିବି ନାହିଁ। ଆତଙ୍କବାଦୀମାନେ ଏହାକୁ ନେଇ ମୋ ସବୁ ଅଙ୍ଗୁଳି କି ଦୁଇହାତ କାଟିଦେଲେ ବି ଖାତିର କରିବିନି। ଉଭୟ ହାତର ଅଙ୍ଗୁଳି ଦେଖାଉଥିବା ତାଙ୍କର ଫଟୋକୁ ଟୁଇଟ୍ କରିବା ପରେ ସୈଫୁଲ୍ଲାଙ୍କ ନିକଟକୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

୨୦୧୪ରେ ଆଫଗାନିସ୍ତାନର ମୋଟ ଭୋଟରଙ୍କ ସଂଖ୍ୟା ୧୨ ନିୟୁତ ଥିଲା। ସେତେବେଳେ ସେମାନଙ୍କ ମଧ୍ୟରୁ ୬୦% ମତଦାତା ଭୋଟ ଦେଇଥିବାବେଳେ ଏଥର ମାତ୍ର ୨୦% ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହାସହ ରାଷ୍ଟ୍ରପତି ଅଶ୍‌ରଫ୍ ଗନି ଓ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କ ସମେତ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଭାଗ୍ୟ ଝୁଲି ରହିଛି। କାରଣ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ କେହି ଜଣେ ୫୧%ରୁ ଅଧିକ ଭୋଟ ନ ପାଇଲେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ମତଦାନ କରାଯିବ।

## ନେହେରୁଙ୍କ ଉପରେ ବର୍ଷିଲେ ଅମିତ୍ ଶାହ

# କଶ୍ମୀର ପାଇଁ ଜାତିସଂଘ ଯିବା ବଡ଼ ଭୁଲ୍

ନୂଆଦିଲ୍ଲୀ,୨୯।୯(ପି.ଟି.)



୧୯୪୮ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କଶ୍ମୀର ପ୍ରସଙ୍ଗକୁ ନେଇ ଜାତିସଂଘ ଯିବା ହିମାଳୟ ଭଳି ବଡ଼ ଭୁଲ୍ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ସମାଲୋଚନା କରିଛନ୍ତି। କଶ୍ମୀର ଉପତ୍ୟକାରେ ଆଉ କଟକଣା ନାହିଁ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସାରା ବିଶ୍ୱ ସମର୍ଥନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଗଷ୍ଟ ୫ର ଏହି ବଳିଷ୍ଠ ପଦକ୍ଷେପ ଯୋଗୁ ଆଗାମୀ ୧୦ ବର୍ଷରେ ଜମ୍ମୁ-କଶ୍ମୀର ଦେଶର ସବୁଠୁ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୧୯୪୭ରେ ଦେଶ ସ୍ୱାଧୀନ ହେଲାବେଳେ ୬୩୧ଟି ଦେଶୀୟ ରାଜ୍ୟ ଥିଲା। ସେଥିରୁ ୬୩୦ଟିକୁ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତରେ ମିଶାଇଥିବାବେଳେ ନେହେରୁ ମାତ୍ର ଗୋଟିଏ ଦେଶୀୟ ରାଜ୍ୟକୁ ଫେରାଇଆଣିବାରେ ସକ୍ଷମ ହୋଇଥିଲେ। କେବଳ ଜମ୍ମୁ-କଶ୍ମୀରକୁ ଛାଡ଼ିଲେ ଅନ୍ୟ ୬୩୦ ଦେଶୀୟ ରାଜ୍ୟ ଭାରତରେ ସମ୍ପୂର୍ଣ୍ଣ ମିଶ୍ରଣ ହୋଇଥିଲା। ୧୯୪୭ ଅକ୍ଟୋବର ୨୭ରେ ଭାରତୀୟ ସେନା କଶ୍ମୀରରେ ପହଞ୍ଚି ପାକିସ୍ତାନୀ ଆକ୍ରମଣକାରୀଙ୍କୁ ପରାସ୍ତ କରିଥିଲେ। ସେମାନେ ପାକ୍ ଅଧିକୃତ କଶ୍ମୀର (ପିଓକେ) ଆଡ଼େ ମାଡ଼ିଚାଲିଥିଲେ ଓ ଏହାକୁ ଦଖଲ କରିବାର ନିକଟବର୍ତ୍ତୀ

**୩୭୦ ଉଚ୍ଛେଦ ସପକ୍ଷରେ ସାରା ବିଶ୍ୱ**

**କଟକଣା ନେଇ ଅପପ୍ରଚାର କରୁଛନ୍ତି ବିରୋଧୀ**

ହୋଇଥିଲେ। କିନ୍ତୁ ବିଡ଼ମ୍ବନା, ତତ୍କାଳୀନ କେନ୍ଦ୍ର ସରକାର ହଠାତ୍ ଅସ୍ତ୍ରବିରତି ଘୋଷଣା କଲେ। ଆମେ ଯୁଦ୍ଧ ଜିତିବାକୁ ଗଲାବେଳେ ଅସ୍ତ୍ରବିରତି ଘୋଷଣା କରିବାର କ'ଣ ଆବଶ୍ୟକ ଥିଲା ବୋଲି ଶାହ ପ୍ରଶ୍ନ କରିଛନ୍ତି। ଯଦି ସେତେବେଳେ ଅସ୍ତ୍ରବିରତି ଘୋଷଣା ହୋଇ ନ ଥାନ୍ତା ତେବେ ପିଓକେ ଆମର ହୋଇଥାନ୍ତା ବୋଲି ସେ କହିଛନ୍ତି। ନେହେରୁ ନିଜ ଭୁଲ୍ ବୁଝିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶେଖ୍ ଅବଦୁଲ୍ଲାଙ୍କୁ ୧୧ ବର୍ଷ ଜେଲ୍‌ରେ ରଖିଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ସ୍ୱାକ୍ଷରିତ ସିମଲା ରାଜିନାମାକୁ ଶାହ ପ୍ରଶଂସା କରିଛନ୍ତି। ଏହି ରାଜିନାମା ଯୋଗୁ ଜମ୍ମୁ-କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗରେ ପରିଣତ ହୋଇଥିଲା।

ଉପତ୍ୟକାରେ କଟକଣା ଜାରି ରହିଥିବା ନେଇ ବିରୋଧୀ ଦଳ ଭୁଲ୍ ତଥ୍ୟ ପ୍ରସାର କରାଉଛନ୍ତି। ପ୍ରକୃତରେ ସେଠାରେ କୌଣସି କଟକଣା ନାହିଁ, ତାହା କେବଳ ବିରୋଧୀ ନେତାମାନଙ୍କ ମାନସିକତାରେ ରହିଛି ବୋଲି ରବିବାର ସଂକଳ୍ପ ପୂର୍ବତନ ପ୍ରଶାସନିକ ଅଧିକାରୀ ଫୋରମ୍ ପକ୍ଷରୁ ଜାତୀୟ ସୁରକ୍ଷା ଉପରେ ଆୟୋଜିତ ସେମିନାରରେ ଉଦ୍‌ବୋଧନ ଦେଇ ଶାହ କହିଥିଲେ। କଶ୍ମୀରର ସମସ୍ତ ୧୯୬ ଥାନା ଅଞ୍ଚଳରୁ କର୍ଫ୍ୟୁ ଉଠାଇଦିଆଯାଇଛି। କେବଳ ୮ଟି ଥାନା ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରହିଛି ଓ ସେଠାରେ ୫ କିମ୍ବା ଅଧିକ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। କଶ୍ମୀର ଜନସାଧାରଣ ଅବାଧରେ ଯେକୌଣସି ସ୍ଥାନକୁ ଯାଇପାରୁଛନ୍ତି। ବିଭିନ୍ନ ରାଜ୍ୟରୁ ଖବରଦାତାମାନେ ଉପତ୍ୟକାକୁ ନିୟମିତ ଯାଉଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

ନିକଟରେ ଶେଷ ହୋଇଥିବା ଜାତିସଂଘ ସାଧାରଣ ସଭା ଅଧିବେଶନ ସମ୍ପର୍କରେ ଉଲ୍ଲେଖ କରି ସାରା ବିଶ୍ୱର ନେତା ଭାରତର ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ସମର୍ଥନ କରିଥିବା ଶାହ କହିଛନ୍ତି। ସେଠାରେ ଉପସ୍ଥିତ କୌଣସି ଜଣେ ହେଲେ ନେତା ଭାରତର ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇନାହାନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କର ବଡ଼ କୂଟନୈତିକ ବିଜୟ। ଜମ୍ମୁ-କଶ୍ମୀରରେ ବର୍ଷ ବର୍ଷ ଧରି ଆତଙ୍କବାଦୀ ଆକ୍ରମଣରେ ୪୧,୮୦୦ ଲୋକ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଯବାନ ଅଛନ୍ତି। ତେବେ ଶହୀଦ ଯବାନ, ସେମାନଙ୍କ ବିଧବା ପତ୍ନୀ ଓ ପିଲାମାନଙ୍କ ମାନବାଧିକାର ଉଲ୍ଲଂଘନ ନେଇ କେହି ଜଣେ ହେଲେ ପ୍ରଶ୍ନ ଉଠାଇନାହାନ୍ତି। କିନ୍ତୁ କିଛିଦିନ ମୋବାଇଲ ଫୋନ୍ ସଂଯୋଗ ବନ୍ଦ ରହିବାରୁ ଏହାର ଜୋରଦାର ପ୍ରତିବାଦ କରାଯାଉଛି। ଫୋନ ସଂଯୋଗ ବନ୍ଦ ହେବା ମାନବାଧିକାର ଉଲ୍ଲଂଘନ ନୁହେଁ। ସେଠାରେ ୧୦ ହଜାର ନୂଆ ଲ୍ୟାଣ୍ଡଲାଇନ ସଂଯୋଗ ଦିଆସରିଲଣି ଓ ୬୦୦୦ ପିସିଓ କାର୍ଯ୍ୟ କରୁଛି ବୋଲି ଶାହ କହିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବ ଏବଂ ଜମ୍ମୁ-କଶ୍ମୀର ସ୍ଥିତି ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଯିବ ବୋଲି ଶାହ ଦୃଢ଼ୋକ୍ତି କରିଛନ୍ତି।

## 'କଶ୍ମୀରକୁ ଦଖଲ କରିଛି ଭାରତ'

ନ୍ୟୁୟର୍କ,୨୯।୯(ଆଇଏଏନ୍‌ଏସ୍)

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ବିରୋଧୀ ଅଭିଯାନରେ ଚାଇନା ଓ ତୁର୍କୀ ସହ ମାଲେସିଆ ଯୋଗଦେଇଛି। କଶ୍ମୀରକୁ ଭାରତ ଆକ୍ରମଣ ଓ ଦଖଲ କରିଛି ବୋଲି ମାଲେସିଆ ପ୍ରଧାନମନ୍ତ୍ରୀ ମାହାଥିର ମହମ୍ମଦ ଅଭିଯୋଗ ଆଣିଛନ୍ତି।



ମାହାଥିର ମହମ୍ମଦ

ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ମାହାଥିର ଅଭିଭାଷଣ ଦେଇ କହିଥିଲେ, ଜାତିସଂଘ ସଂକଳ୍ପନାମା ସତ୍ତ୍ୱେ ଭାରତ କଶ୍ମୀରକୁ ଆକ୍ରମଣ କରି ଦଖଲରେ ରଖିଛି। ଏହି କାର୍ଯ୍ୟାନୁଷ୍ଠାନ ପାଇଁ କାରଣ ଥାଇପାରେ। କିନ୍ତୁ ଏହା ଏକ ଭୁଲ ପଦକ୍ଷେପ। ଶାନ୍ତିପୂର୍ଣ୍ଣ ଉପାୟରେ ଏହି ସମସ୍ୟାର ସମାଧାନ ଜରୁରୀ। ପାକିସ୍ତାନ ସହ ମିଶି ଭାରତ ଏହାର ସମାଧାନ କରିବା ଉଚିତ। ଜାତିସଂଘକୁ ଅଣଦେଖା କରିବା ଏହାର ଆଇନକୁ ଅସମ୍ମାନ ବୋଲି ସେ କହିଥିଲେ। ମାଲେସିଆ ଗଣମାଧ୍ୟମ ଅନୁସାରେ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାହାଥିରଙ୍କ ମଧ୍ୟରେ ସାକ୍ଷାତ ବେଳେ କଶ୍ମୀର ମୁଖ୍ୟ ପ୍ରସଙ୍ଗ ଥିଲା।

## 'କଶ୍ମୀରୀଙ୍କୁ ସମର୍ଥନ ଏକ ଜେହାଦ'

**ଇସ୍‌ଲାମାବାଦ,୨୯।୯(ପି.ଟି.):** କଶ୍ମୀର ପ୍ରସଙ୍ଗରେ ବିଶ୍ୱର ସମର୍ଥନ ନ ମିଳିଲେ ନାହିଁ, ପାକିସ୍ତାନ କିନ୍ତୁ ତା'ର ଅଭିଯାନ ଜାରି ରଖିବ। କଶ୍ମୀରୀଙ୍କ ସହ ଛିଡ଼ା ହେବା ଏକ ଜେହାଦ(ଧର୍ମଯୁଦ୍ଧ) ବୋଲି ଆମେରିକାରୁ ଫେରିବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କହିଛନ୍ତି।

ଜାତିସଂଘ ସାଧାରଣ ସଭାର ୭୪ତମ ଅଧିବେଶନରେ କଶ୍ମୀର ପ୍ରସଙ୍ଗ ଉଠାଇ ଭାରତକୁ କାଠଗଡ଼ାରେ ଛିଡ଼ା କରିବାକୁ ଉଦ୍ୟମ କରିଥିବା ଇମ୍ରାନ୍ ରବିବାର ଇସ୍‌ଲାମାବାଦ ଫେରିଛନ୍ତି। ସେ କହିଛନ୍ତି, କଶ୍ମୀରବାସୀଙ୍କ ସହ ବିଶ୍ୱ ରହୁ କି ନ ରହୁ ଆମେ ସେମାନଙ୍କୁ



ଇମ୍ରାନ୍ ଖାନ

ସମର୍ଥନ କରିବା। ଆମେ ଏପରି କରିବା ଦ୍ୱାରା ଆଲ୍ଲା ଖୁସିହେବେ। ଏହା ଏକ ସଂଗ୍ରାମ। ଖରାପ ସମୟରେ ମନ ଊଣା କରିବା ଅନୁଚିତ। କଶ୍ମୀରୀମାନେ ଆମର ସମର୍ଥନ ଲୋଡୁଥିବାବେଳେ ଆମେ ସେମାନଙ୍କୁ ନିରାଶ କରିବା ଠିକ୍ ନୁହେଁ। କଶ୍ମୀରବାସୀଙ୍କୁ ସମର୍ଥନ ମିଳିଲେ ସେମାନେ ବିଜୟୀ ହେବେ ବୋଲି ଇମ୍ରାନ୍ ଦୃଢ଼ୋକ୍ତି ବାଢ଼ିଛନ୍ତି।

# ୱର୍ଲିରୁ ଲଢ଼ିବେ ଆଦିତ୍ୟ

ମୁମ୍ବାଇ,୨୯।୯

ମହାରାଷ୍ଟ୍ର ବିଧାନସଭା ଲାଗି ଭାଜପା-ଶିବସେନା ମଧ୍ୟରେ ଆସନ ବୁଝାମଣା ଚୂଡାନ୍ତ ହୋଇ ନ ଥିବାବେଳେ ଶିବସେନା ପକ୍ଷରୁ ଟିକେଟ ବଣ୍ଟନ ଆରମ୍ଭ ହୋଇଯାଇଛି। ଦଳର ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟଙ୍କୁ ମୁମ୍ବାଇର ୱର୍ଲି ଆସନରୁ ପ୍ରାର୍ଥୀ କରାଯାଇଛି। ଫଳରେ ନିର୍ବାଚନ ଲଢ଼ିବାରେ ସେ ଠାକ୍‌ରେ ପରିବାରର ପ୍ରଥମ ବ୍ୟକ୍ତି ହେବାକୁ ଯାଉଛନ୍ତି। ରବିବାର ଶିବସେନା ପାଖାପାଖି ୨୦ ଜଣ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରିଛି। ଅକ୍ଟୋବର ୨୧ରେ ମହାରାଷ୍ଟ୍ର ନିର୍ବାଚନ ହେବାକୁ ଯାଉଥିଲା ବେଳେ ଦୁଇଦଳର ନେତୃତ୍ୱ ଆସନ ଭାଗବଣ୍ଟା ନେଇ ଆଲୋଚନା ଜାରି ରଖିଛନ୍ତି। ରବିବାର ନୂଆଦିଲ୍ଲୀରେ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସିଥିଲା। ଶିବସେନା ସହ ଆସନ ବୁଝାମଣା ଖୁବ୍‌ଶୀଘ୍ର ଚୂଡାନ୍ତ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବୈଠକରେ ଭାଜପା



**ପ୍ରତିଦ୍ୱନ୍ଦ୍ୱିତା କରିବାରେ ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ**

ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କାର୍ଯ୍ୟକାରୀ ସଭାପତି ଜେ.ପି. ନଡ୍ଡା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ, ରାଜ୍ୟ ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

# ୫୧ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

ନୂଆଦିଲ୍ଲୀ/ମୁମ୍ବାଇ,୨୯।୯(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ରବିବାର ପ୍ରଥମ ପର୍ଯ୍ୟାୟରେ ୫୧ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନଙ୍କୁ ଭୋକାର ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଦଳର ରାଜ୍ୟ ସଭାପତି ବିଜୟ ଓରଫ ବାଲାସାହେବ ଥୋରାଟ ସାଙ୍ଗମନେର୍‌ରୁ ଲଢ଼ିବେ। କଂଗ୍ରେସର ୨୩ ଜଣ ବିଧାୟକଙ୍କୁ ପ୍ରାର୍ଥୀ ହେବା ଲାଗି ସୁଯୋଗ ମିଳିଛି। ୨୦୧୪ ନିର୍ବାଚନରେ ଦଳ ୪୨ ଆସନରେ ଜିତିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖଙ୍କ ପୁଅ ଅମିତଙ୍କୁ ଲାଟୁର ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଶୀଲ କୁମାର ସିନ୍ଦେଙ୍କ କନ୍ୟା ପ୍ରଣୀତି ସୋଲାପୁର ସିଟି ସେଣ୍ଟ୍ରାଲ ଆସନରୁ ଲଢ଼ିବେ।

# ଗାନ୍ଧୀ ଜୟନ୍ତୀରେ ମୁକୁଳିବେ ୬୦୦ ବନ୍ଦୀ

ନୂଆଦିଲ୍ଲୀ,୨୯।୯(ପି.ଟି.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଅକ୍ଟୋବର ୨ରେ ବିଭିନ୍ନ ଜେଲରେ ଥିବା ପାଖାପାଖି ୬୦୦ ବନ୍ଦୀଙ୍କୁ ମୁକ୍ତକରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସହଯୋଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବନ୍ଦୀମାନଙ୍କ ତାଲିକା ପ୍ରସ୍ତୁତ କରୁଛି। ତେବେ ହତ୍ୟା, ବଳାତ୍କାର କିମ୍ବା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ବନ୍ଦୀଙ୍କୁ ଛଡ଼ାଯିବ ନାହିଁ। ଗାନ୍ଧିଜୀଙ୍କ ଜନ୍ମବାର୍ଷିକୀ ଅବସରରେ ସ୍ୱତନ୍ତ୍ର କ୍ଷମା ଯୋଜନାରେ ପୂର୍ବରୁ ୨୦୧୮ ଅକ୍ଟୋବର ୨ ଓ ୨୦୧୯ ଏପ୍ରିଲ ୬ରେ ମଧ୍ୟ କେତେଜଣ ବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ୫୫ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବନ୍ଦୀ, ଯେଉଁମାନେ ସେମାନଙ୍କ ଦଣ୍ଡାଦେଶର ଅଧା ସମୟ ଜେଲ୍‌ରେ କାଟିସାରିଥିବେ ସେମାନଙ୍କୁ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୫୫ ବର୍ଷରୁ ଊର୍ଦ୍ଧ୍ୱ କିନ୍ନର ଏବଂ ୭୦ ପ୍ରତିଶତ ଭିନ୍ନକ୍ଷମ ଥିବା ବନ୍ଦୀଙ୍କୁ ମଧ୍ୟ ଏହି ଯୋଜନାର ଫାଇଦା ମିଳିବ।



ବିଶ୍ୱ ଶରଣାର୍ଥୀ ଦିବସ ଅବସରରେ ରବିବାର ଭାଟିକାନ୍ ସିଟିସ୍ଥିତ ସେଣ୍ଟ ପିଟର୍ସ ସ୍କୋୟାରରେ ଏକ ସ୍ଥାପତ୍ୟର ଅନାବରଣ କରୁଛନ୍ତି କ୍ୟାଥୋଲିକ୍ ଧର୍ମଗୁରୁ ଫ୍ରାନ୍ସିସ୍ ପୋପ୍।

## ଭାଜପା ସହ ମେଣ୍ଟ ପରେ ଇସିଙ୍କ ଶୁଭଦୃଷ୍ଟି

# ନିର୍ବାଚନ ଲଢ଼ିପାରିବେ ସିକିମ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୯।୯(ପି.ଟି.)

ଉପନିର୍ବାଚନ ପୂର୍ବରୁ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ବାଚନ କମିଶନ (ଇସି) ରବିବାର ତାଙ୍କର ଅଯୋଗ୍ୟତା ଅବଧିକୁ ୫ ବର୍ଷ କମାଇ ଦେଇଛନ୍ତି। ଫଳରେ ସେ ଏବେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବା ପାଇଁ ନିର୍ବାଚନ ଲଢ଼ିପାରିବେ।

ପ୍ରେମ୍ ସିଂ ତମାଙ୍ଗ୍ ୧୯୯୦ ଦଶକରେ ପ୍ରାଣୀ ସମ୍ପଦ ମନ୍ତ୍ରୀ ଥିବାବେଳେ ଗାଈ ବଣ୍ଟନ ଯୋଜନାରେ ବଡ଼ ଧରଣର ଦୁର୍ନୀତି ହୋଇଥିଲା। ତାଙ୍କ ବିରୋଧରେ ସରକାରୀ ଅର୍ଥ ହଡ଼ପ ଅଭିଯୋଗ ହୋଇଥିଲା। ଏହି ମାମଲାରେ ତମାଙ୍ଗ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିପାଇଁ ତାଙ୍କୁ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ବର୍ଷକ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ତମାଙ୍ଗ୍ ଦୋଷୀ ସାବ୍ୟସ୍ତ ହୋଇଥିବାରୁ



**■ଅଯୋଗ୍ୟତା ଅବଧି ୫ ବର୍ଷ କମିଲା**

**■ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ**

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅଯୋଗ୍ୟ ଥିଲେ। ଏହି କଟକଣା ହଟାଇବା ପାଇଁ ସେ ଗତ ଜୁଲାଇରେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଥିଲେ। ଶାସକ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ସହ ଶନିବାର ଭାଜପା ମେଣ୍ଟ ଘୋଷଣା କରିଥିଲା। ଏହାର ଦିନକ ପରେ ତାଙ୍କ ଉପରେ ଇସିଙ୍କ ଶୁଭଦୃଷ୍ଟି ପଡ଼ିଛି। ତମାଙ୍ଗ୍‌ଙ୍କ ଅଯୋଗ୍ୟତା ଅବଧିକୁ ୫ ବର୍ଷ କମାଇ ଦିଆଯାଇଛି। ଫଳରେ ସେ ଏବେ ଉପନିର୍ବାଚନ ଲଢ଼ି ପାରିବେ। ତମାଙ୍ଗ୍ ୨୦୧୮ ଅଗଷ୍ଟ ୧୦ରେ ଜେଲରୁ ମୁକୁଳି ଗତ ମେ ୨୭ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଲୋକ ପ୍ରତିନିଧି ଆଇନ, ୧୯୫୧ ଅନୁସାରେ ଦୋଷୀ ସାବ୍ୟସ୍ତ ହୋଇଥିବା ନେତା ଜେଲରୁ ମୁକୁଳିବାର ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ନିୟମ ରହିଛି। ଏଭଳି ସ୍ଥଳେ ବିଧାୟକ ନ ହୋଇ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ଥିବା ତମାଙ୍ଗ୍‌ଙ୍କ ପାଇଁ ପଦ ବଜାୟ ରଖିବା ଲାଗି ୬ ମାସ ମଧ୍ୟରେ ବିଧାନସଭା ନିର୍ବାଚନରେ ବିଜୟୀ ହେବା ଜରୁରୀ। ତମାଙ୍ଗ୍‌ଙ୍କ ଅଯୋଗ୍ୟତା ଅବଧି ୨୦୨୪ ଅଗଷ୍ଟ ୧୦ରେ ଶେଷ ହେବାକୁ ଥିବାବେଳେ ଇସି ଲୋକ ପ୍ରତିନିଧି ଆଇନର ଧାରା ୧୧ ଅନୁସାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱିତା କଟକଣାକୁ ୫ ବର୍ଷ ହ୍ରାସ କରିଦେଇଛନ୍ତି। ଫଳରେ ଜେଲ୍‌ରୁ ମୁକୁଳିବାର ୧୧ ମାସ ପରେ ସେ ନିର୍ବାଚନ ଲଢ଼ିପାରିବେ।

ପ୍ରକାଶ ଯେ, ସିକିମର ଭାଜପା ପ୍ରଭାରୀ ନୀତିନ ନବୀନ ଶାସକ ଏସ୍‌କେଏମ୍ ସହ ମିଶି ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଥିଲେ। ଭାଜପା ଗ୍ୟାଙ୍ଗଟକ ଓ ମାର୍ଟମ-ରୁମଟେକ୍ ଆସନରୁ ଲଢ଼ିବାକୁ ଥିବାବେଳେ ଏସ୍‌କେଏମ୍ ଭାଗରେ ପୋକ୍‌ଲୋକ-କାମରଙ୍ଗ ଆସନ ପଡ଼ିଛି। ଅକ୍ଟୋବର ୨୧ରେ ଏହି ୩ ଆସନରେ ଉପନିର୍ବାଚନ ହେବ ବୋଲି ନିକଟରେ ଇସି ଘୋଷଣା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ସାନ୍ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ଜଙ୍ଗଲରେ ଅସୁସ୍ଥ ମାଈ ହାତୀ ଠାବ

# ଶିମିଳିପାଳରୁ ବିଶେଷଜ୍ଞ ଦଳ ଆସି ଚିକିତ୍ସା କଲେ


ଅସୁସ୍ଥ ମାଈ ହାତୀକୁ ଚିକିତ୍ସା କରାଯାଉଛି।

**କେନ୍ଦୁଝର,୨୯।୯ (ସ୍ୱ.ପ୍ର.)**

ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଉପର ସୁମଠ ଗ୍ରାମ ଜଙ୍ଗଲରେ ଅସୁସ୍ଥ ହୋଇପଡିଥିବା ଏକ ମାଈ ହାତୀକୁ ଶନିବାର ଠାବ କରାଯାଇଛି। ଏହାକୁ ଚିକିତ୍ସା କରିବା ଲାଗି ମୟୂରଭଞ୍ଜ ଜିଲା ଶିମିଳିପାଳରୁ ଡକ୍ଟର ନନ୍ଦିତା ମିଶ୍ରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ରବିବାର ପହଞ୍ଚି ଚିକିତ୍ସା କାର୍ଯ୍ୟ ଆରମ୍ଭ କରିଛନ୍ତି। କେଉଁ କାରଣରୁ ମାଈ ହାତୀ ଅସୁସ୍ଥ ହୋଇପଡିଛି, ଜାଣିବା ଲାଗି ଡାକ୍ତରୀଦଳ ଯାଞ୍ଚ କରୁଥିବା ସ୍ଥାନୀୟ ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

କେନ୍ଦୁଝରଠାରୁ ପ୍ରାୟ ୩୦ କି.ମି. ଦୂର ଜଙ୍ଗଲରେ ମାଈ ହାତୀଟି ଅସୁସ୍ଥ ହୋଇ ଗୋଟିଏ ସ୍ଥାନରେ ପଡି ରହିଥିବା ସୂଚନା ମିଳିବା ପରେ ଶନିବାର ବନକର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ ସେଠଶକୁ ଯାଇ ହାତୀକୁ ପରୀକ୍ଷା କରିଥିଲେ। ଏହାପରେ ମୟୂରଭଞ୍ଜ ଜିଲା ଶିମିଳିପାଳରୁ ବିଶେଷଜ୍ଞ ଦଳ ଡକାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ବିଶେଷଜ୍ଞ ଦଳ ରବିବାର ଆସି ପହଞ୍ଚିବା ପରେ ଅସୁସ୍ଥ ହାତୀକୁ ଚିକିତ୍ସା କରିବା ଆରମ୍ଭ କରିଛନ୍ତି। ଏହାର ରକ୍ତ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି। ହାତୀଟି ଉଠିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଉଠି ପାରୁ ନ ଥିବା କୁହାଯାଉଛି। ଏହି ଅସୁସ୍ଥ ହାତୀର ବୟସ ପାଖାପାଖି ୨୫ ବର୍ଷ ହେବ ବୋଲି ବନ କର୍ମଚାରୀଙ୍କ ସୂତ୍ରରୁ ଜଣାପଡିଛି। ଜଙ୍ଗଲ ଘେରରେ ଥିବା ଏହି ଅଞ୍ଚଳରେ ଏବେ ଅନ୍ୟ ୫ ଟି ହାତୀ ଘୂରି ବୁଲୁଛନ୍ତି । ପେଟରେ କୌଣସି ସଂକ୍ରମଣ ହେବା କାରଣରୁ ମାଈ ହାତୀଟି ଅସୁସ୍ଥ ହୋଇପଡିଥିବା ଚିକିତ୍ସକ ଦଳ ଆଶଙ୍କା ପ୍ରକାଶ କରିଛନ୍ତି । ନନ୍ଦନକାନନ ଓ ଚନ୍ଦକା ଜଙ୍ଗଲରେ ସଂକ୍ରମଣଜନିତ ହାତୀ ମୃତ୍ୟୁ ଘଟଣା ପରେ ଏହି ମାଈହାତୀର ଅସୁସ୍ଥତା ପରିବେଶବିତ୍‌ଙ୍କୁ ଚିନ୍ତିତ କରିଛି।

ଆର୍‌ଏସ୍‌ପି ଜମିରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବ

# 'ଦେଢ଼ବର୍ଷରେ ରାଉରକେଲା ଅର୍ଥନୀତି ୨ଗୁଣା ହେବ'



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ମଞ୍ଚାସୀନ।

**ରାଉରକେଲା ଅଫିସ, ୨୯।୯**

କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ଦିନିଆ ରାଉରକେଲା ଗସ୍ତରେ ଆସି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, କେନ୍ଦ୍ର କର୍ମଚାରୀ, ରାଜ୍ୟ କର୍ମଚାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ରବିବାର ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଉରକେଲା ଇସ୍ପାତ କାରଖାନା ନିକଟରେ ୩୨ଶହ ଏକର ଜମି ରହିଥିବା ସୂଚନା ଦେଇଥିଲେ। ଏହାସହ ଏହି କାରଖାନାର ସମ୍ପ୍ରସାରଣ ପାଇଁ ଆହୁରି ଜମିର ଆବଶ୍ୟକତା ରହିଥିବା କହିଥିଲେ। ରାଉରକେଲା ସହରରେ ଅନେକ ଗୁଡ଼ିଏ ବସ୍ତି ରହିଛି। ଏହି ବସ୍ତିରେ ଦୀର୍ଘ ବର୍ଷରୁ ରହି ଆସିଥିବା ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ବାସିନ୍ଦାଙ୍କୁ ଉଚିତ ଥଇଥାନ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଥିବା କହିଛନ୍ତି। ଏପରିକି ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ, କେନ୍ଦ୍ର ସରକାରଙ୍କ ଅଧିକାରୀ, ଆର୍‌ଏସ୍‌ପି ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି କିପରି ଏନବିଏଫ୍‌ସିରୁ ଋଣ ଦିଆଯାଇ ପାରିବ। ସେ ନେଇ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିପାଇଁ ଆର୍‌ଏସ୍‌ପି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ ମିଳିତ ଭାବେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଦେଶର ଅର୍ଥନୈତିକ ବଜାରକୁ ୫ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ହେଲେ ଷ୍ଟିଲ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ଏହାକୁ ପୂରଣ କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ପୂର୍ବରୁ ସେଲ ପାଇଥିବା ଖଣିରୁ ଲୁହାପଥର ଉତ୍ତୋଳନ କରି ନିଜ କାରଖାନାରେ ବ୍ୟବହାର କରୁଥିଲା। ତେବେ ୨୦୧୬ରେ ଶାହା କମିଶନଙ୍କ ରିପୋର୍ଟ ପରେ ଖଣି ଆଇନରେ କେତେକ ପରିବର୍ତ୍ତନ କରାଯାଇଥିଲା। ଏହି ନିୟମ ଅନୁଯାୟୀ ୨୦୨୦ ମସିହା ପର୍ଯ୍ୟନ୍ତ ଏହା ଚାଲିବ। ତେବେ ସେଲ ୨୫ ପ୍ରତିଶତ ଅଧିକ ଉତ୍ପାଦନ ପାଇଁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ କ୍ରୁଡ ଷ୍ଟିଲର ଚାହିଦା ରହିଛି। କ୍ରୁଡ ଷ୍ଟିଲର ଚାହିଦା ବର୍ଷକୁ ୩୦୦ ମିଲିୟନ ଟନ ଥିବା ବେଳେ ବର୍ତ୍ତମାନ ୧୪୦ ମିଲିୟନ ଟନ ଉତ୍ପାଦନ ହେଉଛି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଫଳରେ ଆର୍‌ଏସ୍‌ପିର ଉତ୍ପାଦନରେ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ। ଏହାସହ ରାଉରକେଲା ଇସ୍ପାତ କାରଖାନା ସହିତ ଆଖପାଖରେ ଥିବା ବିଭିନ୍ନ କଳ କାରଖାନାରେ ବର୍ଷକୁ ୪ଲକ୍ଷ ମେଟ୍ରିକ ଟନ ଲୁହାପଥର ବ୍ୟବହାର ହେଉଛି। ଆସନ୍ତା ଦେଢ଼ ବର୍ଷ ଭିତରେ ଏହାକୁ ୧୦ଲକ୍ଷ ମେଟ୍ରିକ ଟନରେ ପହଞ୍ଚାଇବା ସହ ଏହାର ଉପଯୋଗ କଲେ ରାଉରକେଲା ସହରର ଅର୍ଥନୀତି ୨ଗୁଣା ବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଦାନ କହିଥିଲେ। ଏପରିକି ଏଥିପାଇଁ ରାଉରକେଲାରେ ଏକ ଅତ୍ୟାଧୁନିକ ଷ୍ଟିଲ କ୍ଲଷ୍ଟର ଖୋଲିବା ଉପରେ ବିଚାର ପାଇଁ ପ୍ରସ୍ତାବ ଦେଇଛି ବୋଲି କହିଥିଲେ। ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ସେଲ ଅଧକ୍ଷ ଅନୀଲ ଚୌଧୁରୀ ମଞ୍ଚାସୀନ ଥିଲେ।

# ସାରନା ପୂଜା ସ୍ଥଳରେ ହେବ ନୂଆ ଭବନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଆଗାମୀ ଦିନରେ ସେଲ୍ ସହାୟତାରେ ରାଉରକେଲାସ୍ଥିତ ଉଦିତନଗରର ପବିତ୍ର ସାରନା ଧର୍ମସ୍ଥଳଠାରେ ନୂଆ ଭବନ ନିର୍ମାଣ କରାଯିବ ବୋଲି ଓରାମ ସମାଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପବିତ୍ର ସାରନା ପୂଜାସ୍ଥଳରେ ପୂଜାର୍ଚ୍ଚନା କରିବା ପରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଏହି ପବିତ୍ର ଧର୍ମସ୍ଥଳର ଜମିକୁ ରାଜ୍ୟ ସରକାରଙ୍କୁ ଫେରାଇ ଦେଇଥିବାରୁ ସେଲ୍‌କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାଜ୍ୟ ସରକାର ମଧ୍ୟ ଏହି ଜମିକୁ ସାରନା ଧର୍ମାନୁଷ୍ଠାନ ନାମରେ ଯୋଗାଇ ଦେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରାଉରକେଲା ଇସ୍ପାତ୍ କାରଖାନା ବର୍ତ୍ତମାନ ପ୍ରାୟ ୫ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନ କରୁଥିବା ବେଳେ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହାକୁ ୧୦ ମିଲିୟନ ଟନ୍ କ୍ଷମତାବିଶିଷ୍ଟ କରାଯିବାର ଲକ୍ଷ୍ୟ ରହିଛି।

# ୱାର୍ଡମେମ୍ବରଙ୍କୁ ଭୁଜାଲିରେ ହାଣି ହତ୍ୟା

**ଛେଣ୍ଡିପଦା/ବନ୍ତଲା,୨୯।୯(ସ୍ୱ.ପ୍ର)(ଡି.ଏନ.ଏ.)**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ଥୁଲିଆ ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସାତକୋଶିଆ ଭାଜପା ମଣ୍ଡଳ ଆଦିବାସୀ ହରିଜନ ମୋର୍ଚ୍ଚା ସଭାପତି ତଥା ଅନ୍ଥୁଲିଆ ପଞ୍ଚାୟତ ୭ ନଂ. ୱାର୍ଡର ୱାର୍ଡମେମ୍ବର ଜଗବନ୍ଧୁ ବେହେରା(୬୦)ଙ୍କୁ ସେହି ଗ୍ରାମର ସଦାନନ୍ଦ ଗଡ଼ନାଏକ (୫୦) ଭୁଜାଲିରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଜଗବନ୍ଧୁଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ମୁତାବକ, ଜଗବନ୍ଧୁ ଓ ସଦାନନ୍ଦଙ୍କ ଘର ମଧ୍ୟରେ ପୂର୍ବରୁ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସନ୍ଧ୍ୟାରେ ଜଗବନ୍ଧୁ ଗାଁ ଛକରେ ଛିଡା ହୋଇଥିବାବେଳେ ହଠାତ ସଦାନନ୍ଦ ଏକ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଜଗବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ସଦାନନ୍ଦ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୫୦/୧୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

# ପିଲା ଯିବେ...

ଆସିଥିଲା। ସେହି ପିଲାମାନଙ୍କ ରେଜିଷ୍ଟ୍ରେଶନ କରି ଆଡ୍‌ମିଶନ ଆରମ୍ଭ କଲୁ। ଏହାର ଦିନକ ପରେ ୨୦ ତାରିଖରେ ଏକ ମେସେଜ ପହଞ୍ଚିଲା ଯେ, ୨୧ ତାରିଖରେ ଆଉ ଏକ ଛାତ୍ରୀଛାତ୍ରଙ୍କ ତାଲିକା ପହଞ୍ଚିବ, ୧୯ ତାରିଖରେ ଯେଉଁ ତାଲିକା ଯାଇଛି ତାହା ଭୁଲ୍। ଏହି ତ୍ରୁଟି ଯୋଗୁ ଉଚ୍ଚ ମାର୍କ ରଖିଥିବା ପିଲାମାନଙ୍କ ତାଲିକା ବାଦ୍ ପଡ଼ିଯାଇଛି। କିନ୍ତୁ ୨୧ ତାରିଖରେ ଯେଉଁ ତାଲିକା ଆସିଥିଲା ସେଥିରେ ୧୯ ତାରିଖ ତାଲିକାରେ ଥିବା ପିଲାଙ୍କ ନାମ ନ ଥିଲା। ସାମସ୍(ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ)ରେ ଯେପର୍ଯ୍ୟନ୍ତ ଆଡ୍‌ମିଶନ ପାଇଥିବା ପିଲାଙ୍କ ନାଁ ଅପଡେଟ ନ ହୋଇଛି କିଛି କରାଯାଇପାରିବ ନାହିଁ। ଆମକୁ ନିର୍ଦ୍ଦିଷ୍ଟଭାବେ ଏ ପର୍ଯ୍ୟନ୍ତ ଉପରୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇନାହିଁ। ଆମେ ସାମସ୍ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ପିଏମ୍‌ୟୁ) ଅଫିସର ଇନ୍‌ଚାର୍ଜ(ଓଆଇସି) ଭାଗୀରଥି କାଣ୍ଡିଙ୍କୁ ଫୋନ୍ କରିବାରୁ ତାହା ଏକ ବଡ଼ ଭୁଲ୍ ବୋଲି ଉତ୍ତର ମିଳିଲା। ଏନେଇ ବିଜେବି ଏବଂ ରେଭେନ୍‌ଶାରୁ ଖବର ମିଳିବାପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିବା କାଣ୍ଡି କହିଥିଲେ ବୋଲି ସୁଶାନ୍ତ କହିଛନ୍ତି।

ମାତ୍ର କଲେଜ ପକ୍ଷରୁ ଯାହା କୁହାଯାଇଛି, ତାହାର ଓଲଟା ଜବାବ ପିଏମ୍‌ୟୁ ଓଆଇସି ଭାଗୀରଥି କାଣ୍ଡିଙ୍କ ନିକଟରୁ ଶୁଣିବାକୁ ମିଳିଛି। ଏଥିପାଇଁ ସବୁ କଲେଜଗୁଡିକ ଦାୟୀ ବୋଲି କହିଦେଇ ସେ ସିଧାସଳଖ ନିଜ ଦୋଷ ଗ୍ରହଣ କରି ନ ଥିଲେ। ଘଟଣା ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଭାଗୀରଥି କାଣ୍ଡିଙ୍କୁ ମୋବାଇଲ ଫୋନ ନମ୍ବର(୭୦୦୮୨୫୧୯୫୦)କୁ ଏକାଧିକ ବାର ଯୋଗାଯୋଗ କରିବାପରେ ସେ ତାଙ୍କ ଆଡୁ ଟେଲିଫୋନ୍ କରି କହିଛନ୍ତି, କଲେଜ ସ୍ତରରେ ଏହି ଭୁଲ୍ ହୋଇଛି। ଆମେ ଯାହା ତାଲିକା ପଠାଇଥିଲୁ ସେହିଦିନ ତାହାକୁ ସଂଶୋଧନ କରି ଆଉ ଏକ ଚିଠି କରିଥିଲୁ। ସେସବୁ ଗୋଟିଏ ଦିନରେ ହୋଇଥିଲା। ମାତ୍ର ସଂଶୋଧିତ ତାଲିକାକୁ କଲେଜଗୁଡ଼ିକ ଦେଖିନାହାନ୍ତି ବୋଲି ସେ କହିଛନ୍ତି। କିନ୍ତୁ ତାଙ୍କ ତରଫରୁ ହୋଇଥିବା ତ୍ରୁଟି ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

ଆଉ କିଛି ଅଧ୍ୟାପକ କହିଛନ୍ତି, ଘଟଣାକୁ ୧୦ଦିନ ବିତିଯିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଛନ୍ତି। ଘଟଣାକୁ ଚାପିଦେବାକୁ ମଧ୍ୟ ଉପରୁ କୁହାଯାଉଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ସୁନ୍ଦରଲାଲ୍ ସିଲ୍‌ଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେ କିଛି ପଦକ୍ଷେପ ନେଇନାହାନ୍ତି। ଏଭଳି ଗୋଳିଆ ପରିସ୍ଥିତିରେ ଅନ୍ୟ ଏକ ପ୍ରଶ୍ନ କେତେଜଣ ଅଧ୍ୟାପକଙ୍କ ଦ୍ୱାରା ଉଠାଯାଉଛି। ସେମାନଙ୍କ କହିବାନୁଯାୟୀ, ଯେଉଁ ପିଲାମାନଙ୍କୁ ନାମଲେଖା ଯାଇ ପରେ ଏଥିରୁ ବଞ୍ଚିତ କରାଗଲା ତାହା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଥାଇପାରେ। ଏଇ କେତେକ ପିଲାଙ୍କୁ ବାଦ୍ ପକାଇ ଅଧିକ ମାର୍କ ପାଇଥିବା ପିଲାଙ୍କ ନାମ ଦିଆଯାଇଥିବା ଯାହା କୁହାଯାଉଛି, ତାହା କେତେଦୂର ସତ୍ୟ ସେ ସମ୍ପର୍କରେ ପ୍ରଶ୍ନ ଉଠିଲାଣି। ଏହି ଅଧ୍ୟାପକମାନଙ୍କ ସନ୍ଦେହ ହେଉଛି ଯେ, କେତେକ ମୁଷ୍ଟିମେୟ ପ୍ରଭାବଶାଳୀ ପିଲାଙ୍କୁ ଏଭଳି ତ୍ରୁଟି ଘଟାଇ ବେଆଇନ ଭାବେ ନାମ ଲେଖାଇବାର ସୁଯୋଗ ଦିଆଯାଇଥାଇପାରେ। ସେହିପରି ଘଟଣା ସମ୍ପର୍କରେ ନିର୍ଦ୍ଦେଶକ ସୁନ୍ଦରଲାଲ୍ ସିଲ୍‌ଙ୍କ ମୋବାଇଲ ଫୋନ ନମ୍ବର(୯୪୩୭୫୭୯୧୦୧)କୁ ଏକାଧିକ ବାର ଯୋଗାଯୋଗ ପାଇଁ ପ୍ରୟାସ କରାଯାଇଥିଲା। ହେଲେ ସେ ଉତ୍ତର ଦେଇନାହାନ୍ତି।

## ପ୍ରଥମ ପୃଷ୍ଠାରୁ...

# ପିଆଜ ରପ୍ତାନି...

ସବ୍‌ସିଡି ଦିଆଯିବା ଉଚିତ। ଏପରି ହୋଇ ପାରିଲେ ପିଆଜ ଦରକୁ ନିୟନ୍ତ୍ରଣ କରାଯାଇ ପାରିବ। ରାଜ୍ୟରେ ପିଆଜ କଳାବଜାର ଯେପରି ନ ହେବ, ସେଥିପ୍ରତି ବ୍ୟାପକ ଦୃଷ୍ଟି ଦିଆଯାଉଛି ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ପିଆଜ ରପ୍ତାନି ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟର ବ୍ୟବସାୟୀ ସଂଘମାନେ ସ୍ୱାଗତ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ପିଆଜ ଆବଶ୍ୟକତା ଅନୁଯାୟୀ କମ୍ ରହିଛି। ସାଧାରଣତଃ କିଲୋ ପିଛା ୨୦ରୁ ୩୦ ଟଙ୍କା ରହୁଥିବା ପିଆଜ ଦର ବର୍ତ୍ତମାନ ୬୦ ଟଙ୍କାରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ଖାଉଟି ଏବଂ ରୋଷେଇ ଭିତ୍ତିକ ବ୍ୟବସାୟ ଉପରେ ପଡ଼ିଛି।

# ସନତ୍ ଭାଜପା...

ଭାଜପା ପ୍ରତି ସନତ କୃତଜ୍ଞତା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ଏକାଧିକ ପ୍ରାର୍ଥୀ ତାଙ୍କ ବିରୋଧରେ ଛିଡା ହୋଇଥିଲେ। ହେଲେ ଭାଜପା ପ୍ରାର୍ଥୀ ସନତ ହିଁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜିଥିଲେ। ସନତ ସେ ସମୟରେ ପ୍ରାୟ ୫୩,୪୮୨ ଖଣ୍ଡ ଭୋଟ ପାଇଥିଲେ। ଏହା ବିଜୟୀ ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ଭୋଟଠାରୁ ୫୭,୧୨୨ ଖଣ୍ଡ କମ୍ ରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ।

**ବୃଷ**
ପରୋକ୍ଷ ଶତ୍ରୁତା କାରଣରୁ ନିଜେ କୌଣସି ପ୍ରକାରର ଭୁଲ୍ ନ କରି ମଧ୍ୟ ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି। ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା ବିବାଦର ସମାଧାନ କାରଣରୁ ଆନନ୍ଦ ଅନୁଭବ କରିବେ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**
ନୂତନ କର୍ମାରମ୍ଭର ପ୍ରାଥମିକ ସ୍ତରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ।

**ସିଂହ**
ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା**
ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ରର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ପଛରେ ବିଭିନ୍ନ ପ୍ରକାରର କଟୁ କଥା କହିବେ।

**ତୁଳା**
ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁ ମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବା ସହ ପରିବହନରେ ଝଗଡ଼ା ଲାଗିପାରେ।

**ବିଛା**
ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। ଯେ କୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ, ହରକତ ହେବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା କରି ମନଟା ଭଲ ଲାଗି ନ ପାରେ ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜ ଅବହେଳାରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**
ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆଜି ଯେଉଁ କାମରେ ହାତଦେବେ ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ସୋମବାର, ସେପ୍ଟେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/ତୁଳା, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ,ଦିବା ଘ୭।୧୬ମି. ମଧ୍ୟେ, ଘ୮।୫୦ମି. ଗତେ ଘ୧୧।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୪ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୮ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୬ମି. ଗତେ ଘ୪।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୮ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302

real estate
SALE

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/- . 9937044887, 8249240653. D-66790

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502. D-68104

1500sqft. gharabari plots with 30ft road 8k.m from Airport 2km before OEC, Bhubaneswar for sale. 9937162220. D-66194

to-let

2RK semifurnished flat at mainroad, Unit-8, Soubhagyanagar, 9000004523. D-67710

PACKERS & MOVERS

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

healthcare

Refresh your mind and soul with best therapy at Orchid Salon/ Spa. 9937287222. D-66970

Newly open fullbody massage ladies and gents full service: 7682913255. D-38563

astrology

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 39th WORLD CONGRESS OF POETS

2 to 6 October 2019

## Organized by: Kalinga Institute of Industrial Technology (KIIT)

### Deemed to be University, Bhubaneswar, Odisha, India

### Theme: Compassion through Poetry

World Congress of Poets is one of a kind festival in which, poets from all over the world congregate under one roof to discuss, read and critically appreciate the poetry written by fellow poets. Established in 1969, the World Congress of Poets (WCP), affiliated with the World Academy of Arts and Culture (WAAC), registered in the USA and recognized by UNESCO, is a venerable and prestigious international poetry organization, with thousands of members from five continents. Poetry reading by eminent poets and book releases by eminent writers will mark the event. WCP's founding objective is to promote world brotherhood and peace through poetry. The 39th World Congress of Poets (WCP) will be hosted by Kalinga Institute of Industrial Technology (KIIT) Deemed to be University, Bhubaneswar from October 2-6, 2019. This is the third time it is being hosted in India. On both the previous occasions, the meet was held in Chennai in 1986 & 2007. Over 1,000 poets and writers from India and 82 countries, including Noble Laureates and young poets, and another 500 poets and writers from Odisha, would participate in this Congress. It will be held in English, Spanish, Chinese and regional languages. Coincidentally, WCP will be celebrating its golden jubilee year in this edition. It is a matter of pride for Odisha and India to be hosting such a coveted Congress. It will surely help promote the art, culture, heritage, literature, tradition and tourism of India and Odisha at international level.

**Inaugural Ceremony** — October 2, 2019 — Venue: Convention Centre, KIIT Deemed to be University, Bhubaneswar

*To be graced by*



**Shri Naveen Patnaik**
Hon'ble Chief Minister of Odisha

*In the august presence of*



**Shri Jyoti Prakash Panigrahi**
Hon'ble Minister of Tourism & Odia Language, Literature & Culture, Govt. of Odisha



**Shri Akhilesh Mishra**
Director General, Indian Council for Cultural Relations

**Dr. Yu Hsi**, Patron, World Congress of Poets and President, World Academy of Arts and Culture
**Dr. Maurus Young**, President, World Congress of Poets
**Prof. Ernesto Kahan**, 1st Vice President, World Academy of Arts and Culture
**Dr. María Eugenia Soberanis**, General Secretary, World Academy of Arts and Culture, and
**Prof. Achyuta Samanta**, President, The 39th World Congress of Poets will grace the Sessions on all days.

**Wisdom Poetry** — October 3, 2019 — Venue: Convention Centre, KIIT Deemed to be University, Bhubaneswar

*To be graced by*



**Shri Prahlad Singh Patel**
Hon'ble Minister of State (Ind.) for Culture and Tourism, Govt. of India

*In the august presence of*



**Smt. Aparajita Sarangi**
Hon'ble Member of Parliament (L.S.), Bhubaneswar



**Shri S. K. Rout**
Hon'ble MLA, Bhubaneswar North



**Shri Shyam Jaju**
National Vice President, Bharatiya Janata Party

**Tourism Poetry** — October 4, 2019 — Venue: Konark Sun Temple

*Special Lecture by*
**Shri R. Balakrishnan**
Chief Advisor, Chief Minister's Office, Odisha

**Topic** - Konark: The Known and the Unknown

**Spiritual Poetry** — October 5, 2019 — Venue: Puri Sea Beach

*To be graced by*
**Shri H. N. Dikshit**
Hon'ble Speaker, Uttar Pradesh Legislative Assembly

*Special Lecture by*
**Prabhu Gaur Gopal Das**
Life Coach, Monk, Spiritual & Motivational Speaker

*Talk by*
**Dr. Dilip Naik**
Professor, English & Foreign Language University, Hyderabad

**Valedictory Ceremony** — October 6, 2019 — Venue: Convention Centre, KIIT Deemed to be University, Bhubaneswar

*To be graced by*



**Shri M. Venkaiah Naidu**
Hon'ble Vice President of India

*In the august presence of*



**Prof. Ganeshi Lal**
Hon'ble Governor of Odisha



**Shri P. C. Sarangi**
Hon'ble Minister of State for Animal Husbandry, Dairying & Fisheries and MSME, Govt. of India

## AWARDS

Presentation of the highest award of WCP, **Golden Gabel** to
**Prof. Achyuta Samanta**
President, the 39th World Congress of Poets

Presentation of **Gandhi Prize for Literature** to
**Shri Acharya Bhabananda**
Professor of Anthropology (Retd.), Hartford Seminary Foundation, USA

Presentation of **Honorary D.Litt. Degrees** to:

**Prof. Ganeshi Lal**
His Excellency the Governor of Odisha

**Shri Ganesh Haloi**
Eminent artist, Kolkata

**Dr. Prasanna Kumar Patasani**
Former Member of Parliament, Poet and Writer

**Dr. Liviu Pendefunda**
Noted Neurologist and Writer, Romania

**Padma Bhushan Shri Ruskin Bond**
Eminent Writer and Poet, Mussoorie

**Shri Santanu Kumar Acharya**
Eminent Odia Writer, Odisha

Presentation of **Honorary Diploma** to:

**Shri Bhabani Charan Pattnayak**, Former Member of Parliament (Rajya Sabha) and Freedom Fighter
**Smt. Pravasini Mahakud**, Eminent Odia Poet & Writer
**Shri Souvagya Kumar Mohapatra**, Executive Director, Mayfair Hotels and Resorts
**Dr. Rita Malhotra**, President, Poetry Across Cultures
**Ms. Dutee Chand**, Olympian & Ace Sprinter



**Poetry Reading Parallel Sessions - English, Chinese, Spanish, Hindi & Odia**

**HIGHLIGHTS**

Representation from 82 countries & 5 continents
1000 poets from India & abroad, including young poets
500 poets & writers from Odisha

**SCHEDULE IN BRIEF**

**Compassion Poetry** : Date & Time: October 2, 2019; 3.00 pm | Venue: KIIT, Bhubaneswar
**Wisdom Poetry** : Date & Time: October 3, 2019; 11.00 am | Venue: KIIT, Bhubaneswar
**Tourism Poetry** : Date & Time: October 4, 2019; 10.00 am | Venue: Konark Sun Temple
**Spiritual Poetry** : Date & Time: October 5, 2019; 9.30 am | Venue: Puri Sea Beach
**Reflection Poetry** : Date & Time: October 6, 2019; 9.30 am | Venue: KIIT, Bhubaneswar

Kalinga Institute of Industrial Technology (KIIT) Bhubaneswar, Odisha, India | For more details, Visit www.kiit.ac.in | +91 674 2725113 | Find us on /KIITUniversity/ | Watch live on KalingaTV October 2, 3 & 6, 2019

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

# ଓଲଟା ସଂରକ୍ଷଣ

ବ୍ରିଟେନଭିତ୍ତିକ ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍ଇ) ପକ୍ଷରୁ ନିକଟରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଥିରେ ୩୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇପାରି ନାହିଁ। ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତ କିଭଳି ସ୍ତରରେ ରହିଛି ଏଥିରୁ ସ୍ପଷ୍ଟ ଅନୁମେୟ। ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବାର ଅର୍ଥ ନୁହେଁ ବଡ଼ କ୍ୟାମ୍ପସ ଓ କୋଠାବାଡ଼ି ସ୍ଥାପନ କରିବା। ଗବେଷଣା ଓ ନୂଆ ଅଧ୍ୟୟନ ଜରିଆରେ ଇନୋଭେଶନ ବା ଅଭିନବତ୍ୱ ଆଣିପାରୁଥିବା ଶିକ୍ଷା ଦେଶକୁ ସମୃଦ୍ଧ କରିଥାଏ। ବିଗତ ବର୍ଷଗୁଡ଼ିକୁ ଦେଖିଲେ ଭାରତର ପ୍ରତିଷ୍ଠିତ ବୈଷୟିକ, ଡାକ୍ତରୀ କିମ୍ବା ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିପାରୁଥିବା ଶିକ୍ଷାନୁଷ୍ଠାନରୁ ସେଭଳି ଗବେଷଣାଲବ୍ଧ ବିଷୟ ବାହାରି ନାହିଁ, ଯାହା କି ବିଶ୍ୱ ସମୁଦାୟକୁ ନୂତନ ଦିଗ୍‌ଦର୍ଶନ ଦେଇଥାଆନ୍ତା। ଏଠାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟୟ ହେଉଥିବା ଅର୍ଥ ବଡ଼ ଚାକିରି କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଉଛି। ଫଳରେ ଚାକିରିଆ ମାନସିକତା ଉଚ୍ଚଶିକ୍ଷାକୁ ପଙ୍ଗୁ କରିଦେଉଛି। ଯେହେତୁ ମୋଟା ଅଙ୍କର ଅର୍ଥ ରୋଜଗାର ସକାଶେ କୌଶଳ ଶିଖାଯାଉଛି, କର୍ତ୍ତୃପକ୍ଷ ସେଥିଲାଗି ଛାତ୍ରୀଛାତ୍ରଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ପ୍ରୟାସ କରୁଛନ୍ତି। 'ଭାତ ହାଣ୍ଡିରୁ ଗୋଟିଏ ଚିପିଲା' ଭଳି ଉଦାହରଣ ଦେଖିଲେ ଇଞ୍ଜିନିୟରିଂର ସ୍ନାତକୋତ୍ତର ଡିଗ୍ରୀ ଏମ୍‌ଟେକ୍ ପାଠ୍ୟକ୍ରମରେ ଅତ୍ୟଧିକ ଫି ବୃଦ୍ଧି ବିଷୟ ଆଲୋଚନାକୁ ଆସୁଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି (ଆଇଆଇଟି) କାଉନ୍‌ସିଲ ଗତ ସପ୍ତାହରେ ଏମ୍‌ଟେକ୍ ଶିକ୍ଷା ହାସଲ କରିବା ଲାଗି ଏହାର ଫି ପାଖାପାଖି ୯୦୦ ପ୍ରତିଶତ ବା ୯ ଗୁଣା ବୃଦ୍ଧି କରିଛନ୍ତି। ଏଥିସହିତ ଗ୍ରାଜୁଏଟ୍ ଆପ୍ଟିଟ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ (ଗେଟ୍) ସ୍କୋର ଆଧାରରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡକୁ ମଧ୍ୟ ଆଇଆଇଟି କାଉନ୍‌ସିଲ ବନ୍ଦ କରିଦେଇଛି। ଏଭଳି ନିଷ୍ପତ୍ତି ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଉପରେ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଛି। ଏହି ନିଷ୍ପତ୍ତି ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲଙ୍କ ଅଧ୍ୟକ୍ଷତାରେ ନିଆଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, କେବଳ ଧନୀ ପରିବାର ପିଲାଙ୍କ ପାଇଁ ଏଭଳି ଉଚ୍ଚଶିକ୍ଷା ଲାଭ କରିବାର ବ୍ୟବସ୍ଥା ସୃଷ୍ଟି କରାଯାଉଛି। ଗୋଟିଏ ପଟେ ଗରିବଙ୍କ ବୋଝ ଉପରେ ନଳିତା ବିଡ଼ା ଲଦା ଯାଉଥିବା ବେଳକୁ ଅନ୍ୟପଟେ 'ତେଲିଆ ମୁଣ୍ଡରେ ତେଲ' ଢଳାଯାଉଛି। ଅର୍ଥାତ୍ ଧନୀ ପିଲାଙ୍କୁ ଉଚ୍ଚଶିକ୍ଷାର ସୁବିଧା ଯଚାଯାଉଛି। ଏହା ଏକ ପ୍ରକାର ଓଲଟା ସଂରକ୍ଷଣ ବୋଲି କୁହାଯାଇପାରେ।

ଆଇଆଇଟି କାଉନ୍‌ସିଲର ନିଷ୍ପତ୍ତିକୁ ତର୍ଜମା କଲେ ମନେହେଉଛି ଯେପରି ସରକାର ଚାହୁଁ ନାହାନ୍ତି ଗରିବ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରେ ଉତ୍କର୍ଷ ହାସଲ କରନ୍ତୁ। ଆଜିର ଶିକ୍ଷା ପରିବେଶକୁ ଦେଖିଲେ ପ୍ରଥମ ଶ୍ରେଣୀରୁ ଶିକ୍ଷା ଶେଷ ସ୍ତର ଯାଏ ଘରୋଇ ବା କର୍ପୋରେଟ୍ ବ୍ୟକ୍ତିଙ୍କ ଦ୍ୱାରା ଏହା ନିୟନ୍ତ୍ରିତ ହେଉଛି। ଥିଲାବାଲା ଘରର ପିଲାମାନେ ସରକାରୀ ସ୍କୁଲ ବା କଲେଜରେ ପଢ଼ିବାକୁ ଅମଙ୍ଗ। କାରଣ ସେହିସବୁ ସ୍ଥାନରେ ଉଚ୍ଚମାନର ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଅନୁକୂଳ ପାଠାଗାର ସୁବିଧା, ପାଠ ଓ ଭାବର ଆଦାନପ୍ରଦାନ ଲାଗି ବିଦେଶୀ ଶିକ୍ଷାନୁଷ୍ଠାନ ସହ ଯୋଗାଯୋଗର ବ୍ୟବସ୍ଥା ନାହିଁ। ଆଜିର ପରିସ୍ଥିତି ଦେଖିଲେ ସରକାରୀ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେଉଥିବା ପିଲାମାନେ ଗରିବ କିମ୍ବା ନିମ୍ନ ବଧିବିତ୍ତ ବର୍ଗର ରହୁଥିବା ଲକ୍ଷ୍ୟ କରାଯାଉଛି। ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ରହିଲେ ମଧ୍ୟ କୌଣସି ପ୍ରତିବାଦ ବା ଆପତ୍ତି ଉଠାଇ ନ ଥାଆନ୍ତି। ତେବେ ଆଇଆଇଟି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍), ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ଭଳି ରାଷ୍ଟ୍ରୀୟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଯଦି ଅର୍ଥକୁ ଗୁରୁତ୍ୱ ଦିଆଯାଇ ଛାତ୍ରୀଛାତ୍ରଙ୍କ ଉପରେ ଅନାବଶ୍ୟକ ବୋଝ ଲଦିଦିଆଯାଏ, ତାହା ହେଲେ ଉଚ୍ଚଶିକ୍ଷା କେବଳ ଧନିକ ଗୋଷ୍ଠୀର ପିଲାମାନେ ପାଇଚାଲିବେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଡାକ୍ତରୀ, ଇଞ୍ଜିନିୟରିଂ, ବୈଜ୍ଞାନିକ ଗବେଷଣାରେ ନିୟୋଜିତ ଅନୁଷ୍ଠାନରେ ମେଧାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା କଥା। ତାହା କରା ନ ଯାଇ ଗରିବ ମେଧାବୀଙ୍କ ଉପରେ ଆର୍ଥିକ ବୋଝ ଲଦି ଦିଆଗଲେ ସେମାନେ ଉପରଲିଖିତ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ନାମ ଲେଖାଇବାକୁ ଡରିବେ। ସାଧାରଣତଃ ଜଣେ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ନାମ ଲେଖାଇବା ପାଇଁ ବ୍ୟାଙ୍କ ପକ୍ଷରୁ ଶିକ୍ଷା ଋଣ ସହଜରେ ମିଳି ନ ଥାଏ। ଏବେ ଆଇଆଇଟିରେ ଏମ୍‌ଟେକ୍ ପଢ଼ିବା ପାଇଁ ଯଦି ପୂର୍ବ ଅର୍ଥ ରାଶିର ୯ ଗୁଣା ଅଧିକ ଦେବାକୁ ପଡ଼ିବ, ତାହା ହେଲେ ବ୍ୟାଙ୍କଗୁଡ଼ିକ ଅଧିକ କୁଣ୍ଠକୁଣ୍ଠ ହେବା ସ୍ୱାଭାବିକ।

ଭାରତର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି)ର ୪.୬ ପ୍ରତିଶତ ଶିକ୍ଷାରେ ଖର୍ଚ୍ଚ କରାଯାଉଛି। ୨୦୧୯-୨୦ ବଜେଟକୁ ଦେଖିଲେ ଶିକ୍ଷା ସକାଶେ ବ୍ୟୟବରାଦ ହୋଇଥିବା ସମୁଦାୟ ୯୪,୮୫୩.୬୪ କୋଟି ଟଙ୍କା ମଧ୍ୟରୁ ସ୍କୁଲ ସ୍ତରରେ ୫୬, ୫୩୬.୬୩ କୋଟି ଖର୍ଚ୍ଚ ପାଇଁ ଅଟକଳ କରାଯାଇଥିଲା ବେଳେ ଉଚ୍ଚଶିକ୍ଷା ସକାଶେ ମାତ୍ର ୩୮,୩୧୭.୦୧ କୋଟି ଟଙ୍କା ରଖାଯାଇଥିଲା। ଏଥିରୁ ଯେ କେହି ଅନୁମାନ କରିପାରିବେ ଯେ ଭାରତ ସରକାର ଗବେଷଣା ଦିଗରେ କେତେ କମ୍ ଅର୍ଥ ଖର୍ଚ୍ଚ କରୁଛନ୍ତି। ସମ୍ଭବତଃ ଏହିଭଳି ଶିକ୍ଷା ପ୍ରତି ଭାରତୀୟ ସମାଜରେ କୌଣସି ଆଦର ରହୁ ନ ଥିବାରୁ ସରକାର ମଧ୍ୟ ନିଜର ଦାୟିତ୍ୱରୁ ଓହରିଯାଉଛନ୍ତି। ଦେଖିବାକୁ ଗଲେ, ଗବେଷଣା ହେଉଛି ଉଚ୍ଚଶିକ୍ଷାର ପ୍ରମୁଖ ଅଂଶବିଶେଷ। ତେଣୁ ସରକାର ଏହାକୁ ଗୁରୁତ୍ୱ ଦେଇ ଗବେଷଣା ଦିଗରେ ବ୍ରତୀ ଅନୁଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ଦେବା ଉଚିତ। ଆଇଆଇଟି କଥା ଦେଖିଲେ ଜଣେ ଗରିବ ମେଧାବୀ ଛାତ୍ର ଯଦି ଏମ୍‌ଟେକ୍ କରିବା ଲାଗି ଶିକ୍ଷାନୁଷ୍ଠାନକୁ ବର୍ଷକୁ ୨ ଲକ୍ଷ ଟଙ୍କା ଦେବେ, ତାହା ହେଲେ ତାଙ୍କ ରହିବା, ଖାଇବା, ପଢ଼ାବହି କିଣିବା ଆଦି ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ପାଇଁ ପରିସ୍ଥିତି ତାଙ୍କ ସକାଶେ ଅସମ୍ଭାଳ ହୋଇପଡ଼ିବ। ବ୍ୟାଙ୍କ ଯଦି ଆବଶ୍ୟକ ଶିକ୍ଷା ଋଣ ନ ଦିଏ, ତେବେ ଉକ୍ତ ଛାତ୍ର ଗବେଷଣାରୁ ନିବୃତ୍ତ ରହି ଛୋଟକାଟିଆ ଚାକିରି ଖୋଜିବେ। ଏହାଦ୍ୱାରା ଜଣେ ଉଦୀୟମାନ ଛାତ୍ରଙ୍କଠାରୁ ଭବିଷ୍ୟତରେ ଦେଶ ପାଇବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଲା ବୋଲି କହିବାକୁ ହେବ। ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ଦେଖାଦେଉଥିବା ପରିବର୍ତ୍ତନକୁ ଦେଖିଲେ ଆଜି ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି)କୁ ଯେଉଁ ରାଷ୍ଟ୍ର ଯେତେ ଗୁରୁତ୍ୱ ଦେଉଛି, ସେହି ଦେଶ ସେତେ ଉନ୍ନତି କରୁଥିବା ଲକ୍ଷ୍ୟ କରାଯାଉଛି। ଭାରତରେ କେବଳ 'ବିକାଶ' କଥା ବାରମ୍ବାର କୁହାଯାଉଛି, କିନ୍ତୁ ମୂଳଦୁଆକୁ ସୁଦୃଢ଼ କରାଯିବା ପରିବର୍ତ୍ତେ ଦୁର୍ବଳ କରାଯାଉଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 2 | | A | | | | | 1 | | 9 | 5 | | 6 | |
| | C | | | B | | | | | 0 | | 4 | | | |
| 9 | B | | | | | | 4 | | C | | | | | 0 |
| 4 | | | E | 6 | | | | | | D | | 3 | | 7 |
| | | | | | | | 3 | | A | 2 | | | 9 | |
| | 4 | | | | 0 | 6 | B | | | A | D | | C | |
| | | 7 | 2 | | | 9 | | | | | 8 | | | |
| | | 1 | 8 | E | | 4 | | | | | | 5 | | |
| | 6 | 5 | 3 | 4 | | | | | | 0 | | | | B |
| | | | 5 | 7 | 6 | D | | | | | | | 3 | |
| | 5 | B | 0 | | | | | D | 8 | | | | | 6 |
| E | | 0 | 6 | | C | | 9 | 2 | 1 | | 3 | | A | |
| C | | | | | E | | | | | | 9 | | | |
| | | D | | A | | | 7 | | | | | | 8 | 5 |
| | | | | 3 | | B | | | 5 | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | 0 | 6 | E | A | B | D | 3 | 9 | 4 | 1 | 8 | 2 | 7 |
| 4 | 8 | D | 2 | 5 | 1 | 0 | E | 7 | A | B | 3 | C | 6 | 9 |
| 6 | A | 7 | 3 | B | 4 | C | 5 | 9 | 8 | 0 | 2 | E | 1 | D |
| 1 | E | 3 | 9 | 0 | 7 | 8 | A | 2 | 6 | D | C | 4 | 5 | B |
| B | 2 | 9 | C | 8 | D | 1 | 4 | 6 | E | 7 | 5 | 3 | A | 0 |
| 3 | C | 5 | A | 4 | B | 7 | 9 | E | 0 | 1 | 8 | 6 | D | 2 |
| 9 | B | 4 | 1 | 2 | C | D | 8 | 5 | 7 | 6 | E | 0 | 3 | A |
| D | 0 | 8 | E | 3 | 9 | 2 | 6 | 4 | C | A | B | 1 | 7 | 5 |
| A | 6 | 2 | D | 7 | 8 | 3 | 0 | 1 | 5 | 9 | 4 | B | E | C |
| E | 7 | 1 | 0 | 6 | 5 | A | B | C | 2 | 3 | D | 9 | 4 | 8 |
| 8 | D | E | B | 9 | 3 | 6 | 7 | A | 4 | 5 | 0 | 2 | C | 1 |
| 5 | 1 | B | 4 | A | 2 | E | 3 | 0 | D | C | 9 | 7 | 8 | 6 |
| 7 | 9 | C | 8 | 1 | 6 | 5 | 2 | B | 3 | E | A | D | 0 | 4 |
| 2 | 3 | A | 7 | C | 0 | 4 | 1 | D | B | 8 | 6 | 5 | 9 | E |
| 0 | 4 | 6 | 5 | D | E | 9 | C | 8 | 1 | 2 | 7 | A | B | 3 |

ଗତକାଲିର ଉତ୍ତର

# ମୃତ୍ୟୁଶଯ୍ୟାରେ ସତ୍ୟ ଉପଲବ୍ଧି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

"ଯୌବନ, ଧନସମ୍ପଦ, ପ୍ରଭୁତ୍ୱ ଓ ଅବିବେକିତା ଏକକ ଭାବରେ ମଧ୍ୟ ଅନର୍ଥ ଘଟାନ୍ତି। ଯେତେବେଳେ ଏହି ଚାରୋଟି ଏକତ୍ର ମିଶିଯାନ୍ତି ପରିଣାମ ଆହୁରି ଭୟାବହ ହେବା ସ୍ୱାଭାବିକ- ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା। ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍।। ଅତୀତରେ ରାଜାମାନେ ଏହିସବୁର ଅଧିକାରୀ ହୋଇ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ସେମାନେ ଯୌବନ, ଧନସମ୍ପଦ ଓ ପ୍ରଭୁତ୍ୱରେ ସୁଖ ଖୋଜୁଥିଲେ। ଅପର୍ଯ୍ୟାପ୍ତ ଧନ ଓ କ୍ଷମତାର ଅଧିକାରୀ ହୋଇ ସେମାନେ ନିଜକୁ ସୁଖୀ ମଣୁଥିଲେ। ମାତ୍ର ତାହା ଯେ ପ୍ରକୃତରେ ସୁଖ ନ ଥିଲା ତାହା ଉପଲବ୍ଧି କରୁଥିଲେ ମୃତ୍ୟୁର ଠିକ୍ ଅବ୍ୟବହିତ ପୂର୍ବରୁ। ଜୀବନର ଶେଷଭାଗରେ ନ ପହଞ୍ଚିଲେ ମଣିଷ ସତ୍ୟ ଉପଲବ୍ଧି କରିପାରେ ନାହିଁ। ଜୀବନକାଳ ମଧ୍ୟରେ ମଣିଷ ସୁଖ ଅନ୍ୱେଷଣ କରି ମୃତ୍ୟୁକୁ ଭୁଲିଯାଏ। ମାତ୍ର ଯେତେବେଳେ ମୃତ୍ୟୁ ପାଖେଇଆସେ ସେତେବେଳେ ସେ ବୁଝେ ଜୀବନର ତାତ୍ପର୍ଯ୍ୟ। ପୃଥିବୀର ଅନେକ ପ୍ରତାପୀ ରାଜା ମୃତ୍ୟୁ ପୂର୍ବରୁ ଯୌବନ, ଧନସମ୍ପଦ, କ୍ଷମତା ଓ ପ୍ରଭୁତ୍ୱର ଅସାରତା ଉପଲବ୍ଧି କରିଥିଲେ ହେଁ ଆଜିର ଅହଂକାରୀ ଓ କ୍ଷମତାଧାରୀ ଶାସକମାନେ ସେହି ଉପଲବ୍ଧିରୁ କିଛି ଶିକ୍ଷାଲାଭ କରିଛନ୍ତି ବୋଲି ହୃଦ୍‌ବୋଧ ହୁଏନାହିଁ। କାରଣ ସମଗ୍ର ଜୀବନକାଳରେ ସେମାନେ ଏହିସବୁର ଅପବ୍ୟବହାର କରି ଚାଲିଛନ୍ତି। ଏହା ହିଁ ବିଡମ୍ବନା।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର କଥା। ସେତେବେଳେ ଲିଡିଆର ଶାସକ ଥାଆନ୍ତି କ୍ରୋସାସ୍। ସେ ଥିଲେ ଜଣେ ଧନପିପାସୁ ରାଜା। ସେ ନିଜର ସାମ୍ରାଜ୍ୟ ବିସ୍ତାର କରିବାକୁ ଯାଇ ପାରସ୍ୟ ଆକ୍ରମଣ କରିବା ପାଇଁ ମନସ୍ଥ କଲେ। ସେତେବେଳେ ପାରସ୍ୟ ନରପତି ଥାଆନ୍ତି ସାଇରସ୍। ସେ ତାଙ୍କ ଅଭିଯାନର ଭବିଷ୍ୟତ ପରିଣତି ସମ୍ପର୍କରେ ଜାଣିବାକୁ ଚାହାନ୍ତେ ଭବିଷ୍ୟତ୍ ବକ୍ତା (ଅରେକଲ୍) କହିଲେ, ସେ ଯଦି ଯୁଦ୍ଧ କରିବେ ଗୋଟିଏ ଦେଶ ଧ୍ୱଂସ ହୋଇଯିବ। କ୍ରୋସାସ୍‌ଙ୍କ ନିଜ ଶକ୍ତି ଓ ସାମର୍ଥ୍ୟ ଉପରେ ଏତେ ଆସ୍ଥା ଥିଲା ଯେ ସେ ଭାବିନେଲେ ତାଙ୍କ ଅକ୍ରମଣରେ ପାରସ୍ୟ ନାରଖାର ହୋଇଯିବ। ଆରମ୍ଭ କଲେ ଆକ୍ରମଣ। ମାତ୍ର ସାଇରସ ମଧ୍ୟ କମ୍ ଯୋଦ୍ଧା ନ ଥିଲେ। ସେ ଯୁଦ୍ଧରେ କ୍ରୋସାସ୍‌ଙ୍କୁ ପରାଜିତ କଲେ ଓ ଲିଡିଆକୁ କବ୍‌ଜା କରି କ୍ରୋସାସ୍‌ଙ୍କୁ ବନ୍ଦୀ କଲେ। ସାଇରସ ଥିଲେ ଜଣେ କ୍ରୂର ଦୁର୍ଦ୍ଦାନ୍ତ ରାଜା। ସେ ବନ୍ଦୀ ରାଜା କ୍ରୋସାସ୍‌ଙ୍କୁ ଜୀବନ୍ତ ପୋଡ଼ି ମାରିବା ପାଇଁ ଆୟୋଜନ କଲେ। ରାଜା କ୍ରୋସାସ୍‌ଙ୍କୁ ଆକଣ୍ଠ କାଠଗଦାରେ ପୋତି ଦିଆଗଲା। ଯେତେବେଳେ ସେହି କାଠଗଦାରେ ଅଗ୍ନି ସଂଯୋଗ କରିବାର ମୁହୂର୍ତ୍ତ ଆସିଲା, ସେତେବେଳେ କ୍ରୋସାସ୍‌ଙ୍କ କଣ୍ଠରୁ ବାହାରି ଆସିଲା ଗୋଟିଏ ଶବ୍ଦର ପୁନରାବୃତ୍ତି। ଶବ୍ଦଟି ଥିଲା 'ସଲୋନ୍'। ସେ ଥିଲେ ଜଣେ ଗ୍ରୀକ୍ ଦାର୍ଶନିକ ଓ ସନ୍ଥ। ଜଣେ ସନ୍ଥଙ୍କର ନାମ ଉଚ୍ଚାରିତ ହୋଇଥିବାରୁ ସାଇରସ୍ ଅଟକିଗଲେ। ଚିତା ଭିତରୁ କ୍ରୋସାସ୍‌ଙ୍କୁ ବାହାର କରି ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଲେ। ସେଠୁ ବାହାର କରାଯିବା ପରେ ସାଇରସ୍ କ୍ରୋସାସ୍‌ଙ୍କ ପାଖରୁ ଜାଣିବାକୁ ଚାହିଁଲେ 'ସଲୋନ୍'ଙ୍କୁ ସ୍ମରଣ କରିବାର କାରଣ। ମୃତ୍ୟୁର ସମ୍ମୁଖୀନ ହେବା ସମୟରେ ହିଁ ସେ ଉପଲବ୍ଧି କରିଥିଲେ ଜୀବନର ସତ୍ୟ। ସେ କହିଲେ, ସେ ଦିନେ କ୍ଷମତା, ପ୍ରତିପତ୍ତି, ଧନସମ୍ପଦରେ ଅନ୍ଧ ହୋଇ ରାଜସଭାରେ ଘୋଷଣା କରିଥିଲେ ତାଙ୍କ ଜୀବନ ଅତ୍ୟନ୍ତ ସୁଖମୟ। ତାଙ୍କଠାରୁ ବଳି ସୁଖୀ ରାଜା ଆଉ କେହିନାହାନ୍ତି। ସମସ୍ତ ସଭାସଦ୍‌ବର୍ଗ ସମସ୍ୱରରେ ତାଙ୍କୁ ସମର୍ଥନ କରିଥିଲେ ହେଁ ଦାର୍ଶନିକ ସଲୋନ୍ ନୀରବ ରହିଥିଲେ। ରାଜା ତାଙ୍କୁ ନୀରବତାର କାରଣ ପଚାରନ୍ତେ ସଲୋନ୍ ଉତ୍ତର ଦେଇଥିଲେ, ଜଣେ ନ ମରିବା ପର୍ଯ୍ୟନ୍ତ ମୁଁ ତା'ର ଜୀବନ ସୁଖମୟ ବୋଲି କହିପାରିବି ନାହିଁ। ଆଜି କ୍ରୋସାସ୍ ପରାଜିତ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇ ମୃତ୍ୟୁର ସାମ୍ନା କଲାବେଳେ ସେ ବୁଝିପାରିଛନ୍ତି ଜୀବନର ସେହି ନିଷ୍ଠୁର ସତ୍ୟ। ଧନ, ଯୌବନ, କ୍ଷମତା, ପ୍ରଭୁତ୍ୱ ଏ ସବୁ ଅସାର। ମୃତ୍ୟୁ ହିଁ ସର୍ବଶେଷ ସତ୍ୟ। ଅବଶ୍ୟ ଏହା ଶୁଣି ସାଇରସ୍ କ୍ରୋସାସ୍‌ଙ୍କୁ ମୁକ୍ତ କରିଥିଲେ।

ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାରଙ୍କ କଥା। ବିଶ୍ୱବିଜୟୀ ହେବା ଥିଲା ତାଙ୍କର ସ୍ୱପ୍ନ। ଯୁବକ ଅବସ୍ଥାରେ ସେ ମାସିଡନ୍‌ର ସିଂହାସନ ଆରୋହଣ କଲେ। ଆରମ୍ଭ କଲେ ପ୍ରାଚ୍ୟ ଅଭିଯାନ। ଦେଶ ପରେ ଦେଶର ସୀମା ଅତିକ୍ରମ କରି ତାଙ୍କର ଦୁର୍ଦ୍ଧର୍ଷ ସୈନ୍ୟବାହିନୀ ଆଗେଇ ଚାଲିଲେ। ଦୁର୍ବାର ବିଜୟ ଲାଳସାରେ ସେ ହେଲେ ଉନ୍ମତ୍ତ। ଏସିଆ ମାଇନର ସିରିଆ, ଗାଜା, ମିଶର, ମେସୋପଟାମିଆ, ପାରସ୍ୟ ଆଦି ଦେଶ ତାଙ୍କ ଅଧୀନକୁ ଆସିଲା। ଆଲେକଜାଣ୍ଡାରଙ୍କର ବଢ଼ି ଚାଲିଥାଏ ଔଦ୍ଧତ୍ୟ, ଅହଂକାର ଓ ଖ୍ୟାତିଲିପ୍ସା। ଶେଷରେ ସେ ଆକ୍ରମଣ କଲେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ। ଝେଲମ୍ ନଦୀକୂଳରେ ରାଜା ପୁରୁଙ୍କୁ ସେ ପରାସ୍ତ କଲେ। ମାତ୍ର ପୁରୁଙ୍କ ଅଦମ୍ୟ ସାହସ ଓ ପରାକ୍ରମରେ ମୁଗ୍ଧହୋଇ ସେ ତାକୁ ତାଙ୍କ ରାଜ୍ୟ ଫେରାଇଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପାଇଁ ମନସ୍ଥ କଲେ। ପହଞ୍ଚିଲେ ବେବିଲୋନ୍ ନଗରୀରେ। ସେତେବେଳକୁ ସେ ଥାନ୍ତି କ୍ଲାନ୍ତ ଶ୍ରାନ୍ତ। ତଥାପି ତାଙ୍କର ପାଶ୍ଚାତ୍ୟ ଜୟ କରିବାର ଇଚ୍ଛା ଥାଏ। ମାତ୍ର ସେ ହଠାତ୍ ଭୀଷଣ ଅସୁସ୍ଥ ହୋଇପଡ଼ିଲେ। ଆରମ୍ଭ କଲେ ପ୍ରଳାପ। କହି ଚାଲିଲେ ରାଜ୍ୟ ପରେ ରାଜ୍ୟ ଜୟ କରି ବିଶ୍ୱର ବୃହତ୍ତମ ସାମ୍ରାଜ୍ୟର ଅଧୀଶ୍ୱର ହୋଇ ସେ ପିତାଙ୍କ ଇଚ୍ଛା ପୂରଣ କଲେ। ମାତ୍ର ମୃତ୍ୟୁ ପାଖରେ ପହଞ୍ଚି ସେ ଉପଲବ୍ଧି କରୁଥିଲେ ଯେ ତାଙ୍କର ସେହି ବୀରତ୍ୱ, ଧନସମ୍ପଦ, ଅହଂକାର ସବୁ କିଛି ମୂଲ୍ୟହୀନ ଓ ଅସାର। କ୍ରମେ ତାଙ୍କ ବାକ୍‌ଶକ୍ତି ଲୋପ ପାଇବାକୁ ବସିଲା। ସେତେବେଳେ କ୍ରୋସାସ୍‌ଙ୍କ କଣ୍ଠରୁ 'ସଲୋନ୍' ଶବ୍ଦ ନିଃସୃତ ହେବା ଭଳି ଆଲେକଜାଣ୍ଡାରଙ୍କ କଣ୍ଠରୁ ନିଃସୃତ ହେଲା ଦୁଇଟି ଶବ୍ଦ, ଡାୟୋଜିନିସ ଓ କାଲାନୋସ୍।

ଡାୟୋଜିନିସ୍ ଥିଲେ ଜଣେ ମହାମନୀଷୀ। ତାଙ୍କର ଘରସଂସାର, ଧନସମ୍ପଦ କିଛି ନ ଥିଲା। ରାସ୍ତାକଡ଼ରେ ପରିତ୍ୟକ୍ତ ଏକ ଟବ୍ ଥିଲା ତାଙ୍କ ରହିବା ସ୍ଥାନ। ଖଣ୍ଡିଏ ସାଧାରଣ ଲୁଗା ଥିଲା ତାଙ୍କର ପରିଧେୟ ବସ୍ତ୍ର। ତଥାପି ସେ ଥିଲେ ସୁଖୀ। ସେ କହୁଥିଲେ, ମୁଁ ହେଉଛି ବିଶ୍ୱର ଜଣେ ନାଗରିକ। ମୋର ନିଜର କିଛି ନାହିଁ, ତେଣୁ ବିଶ୍ୱ ମୋର ପ୍ରିୟ। ଜୀବନର ଅନ୍ତିମକାଳରେ ଡାୟୋଜିନିସ୍‌ଙ୍କୁ ସ୍ମରଣ କରି ଆଲେକଜାଣ୍ଡାର ଅନୁଭବ କରୁଥିଲେ ସୁଖ ବହିର୍ଜଗତରେ ନ ଥାଏ, ଏହା ଥାଏ ମନରେ। ପ୍ରାଚ୍ୟ ଜୟ କରି ନିଜ ଦେଶକୁ ଫେରିବା ବେଳେ ଭାରତୀୟ ଦର୍ଶନ ଶିକ୍ଷା ଦେବା ପାଇଁ ଆଲେକଜାଣ୍ଡାରଙ୍କ ସାଙ୍ଗରେ ଯାଇଥିଲେ ସାଧକ କଲ୍ୟାଣ। ପାରସ୍ୟ ଅତିକ୍ରମ କଲାପରେ କୌଣସି ଏକ ସ୍ଥାନରେ ଭାରତୀୟ ଦର୍ଶନ ତତ୍ତ୍ୱ ଜାଣିବା ପାଇଁ ଆଲେକଜାଣ୍ଡାରଙ୍କ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଲା। କଲ୍ୟାଣ ଚାହିଁଲେ ସେ କଥାରେ ନୁହେଁ, କାର୍ଯ୍ୟରେ ଭାରତୀୟ ଦର୍ଶନ ଶିକ୍ଷା ଦେବେ। ସେ କେତେଖଣ୍ଡ ଶୁଷ୍କ କାଠ ଓ କିଛି ଘୃତ ଆଣିବାକୁ ଅନୁରୋଧ କଲେ। ତିଆରି କଲେ ଏକ ଚିତା। ସେଥିରେ ସେ ଅଗ୍ନି ସଂଯୋଗ କଲେ। ଚିତାଟି ହୁ ହୁ ଜଳିଉଠିଲା। ସାଧକ କଲ୍ୟାଣ ହସି ହସି ସେହି ଚିତା ମଧ୍ୟରେ ପ୍ରବେଶ କଲେ। କ୍ଷଣକ ମଧ୍ୟରେ ତାଙ୍କ ନଶ୍ୱର ଶରୀର ଭସ୍ମୀଭୂତ ହେଲା। ଆଲେକଜାଣ୍ଡାର ବୁଝିଲେ ଯେଉଁ ଶରୀରର ସୁଖ ପାଇଁ ମଣିଷ ଧନ, କ୍ଷମତା ଓ ସମ୍ଭୋଗ ପଛରେ ଅନୁଧାବନ କରେ, ସେହି ଶରୀର ନଶ୍ୱର। ଅବ୍ୟବହିତ ପୂର୍ବରୁ ଆଲେକଜାଣ୍ଡାର ସ୍ମରଣ କରିଥିଲେ କଲ୍ୟାଣଙ୍କୁ। କାରଣ ଚିତାରେ ଶରୀର ବିସର୍ଜନ ଦେଇ କଲ୍ୟାଣ ଜୀବନର ନିଷ୍ଠୁର ସତ୍ୟକୁ ଶିକ୍ଷା ଦେଇଥିଲେ। ଏଣୁ ସେ ଅସ୍ପଷ୍ଟ ଭାବରେ କଲ୍ୟାଣ ନାମଟିକୁ ଉଚ୍ଚାରଣ କରିଥିଲେ 'କାଲାନୋସ୍'। ଏଣୁ ସେ ଇଚ୍ଛା ପ୍ରକାଶ କରିଥିଲେ- ମୋର ମୃତ୍ୟୁ ପରେ ଶବାଧାର ତଳକୁ ମୋ ହାତ ଦୁଇଟି ଝୁଲାଇ ରଖିବ। ସମସ୍ତେ ଦେଖିବେ ଆଲେକ୍‌ଜାଣ୍ଡାର ଫେରୁଛି ଶୂନ୍ୟ ହାତରେ।

ଅତୀତର ପ୍ରତାପୀ ରାଜାମାନଙ୍କର ଏହିଭଳି ଉପଲବ୍ଧି ସତ୍ତ୍ୱେ ଆଜିର ଶାସକମାନଙ୍କର ଚେତା ପଶିନାହିଁ। ପ୍ରଭୁତ୍ୱ ଓ ଧନସମ୍ପଦକୁ ନେଇ ଅହଂକାର କବଳିତ ହେଉଛନ୍ତି ଓ ତାରି ଭିତରେ ସେମାନେ ଖୋଜୁଛନ୍ତି ସୁଖ। ବୋଧହୁଏ ଅପେକ୍ଷା କରିବାକୁ ହେବ ସେମାନଙ୍କ ଜୀବନର ଅନ୍ତିମ ମୁହୂର୍ତ୍ତକୁ ଯେତେବେଳେ ସେମାନେ ମଧ୍ୟ ମୃତ୍ୟୁଶଯ୍ୟାରେ ରାଜା କ୍ରୋସାସ୍ ଓ ଆଲେକଜାଣ୍ଡରଙ୍କ ଭଳି ଜୀବନର ସତ୍ୟକୁ ଉପଲବ୍ଧି କରିବେ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

# ଚାଷୀଙ୍କୁ ଟଙ୍କା ନୁହେଁ, ଚାଷକୁ ଜଳ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଗଣତନ୍ତ୍ର ଶାସନର ଆଭିମୁଖ୍ୟ ହେଲା ଜନକଲ୍ୟାଣ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି, ସେମାନଙ୍କ ଧନଜୀବନ ରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ବ୍ୟକ୍ତିଗତ ଉଦ୍ୟମରେ କରିହେବନି। ସେଥିପାଇଁ ଯୋଜନା କରି ରାଜକୋଷରୁ ଅର୍ଥ ବ୍ୟୟ କରି ସରକାର ସେସବୁ କରନ୍ତି। ଏବେ ଦେଖାଯାଉଛି ସରକାର ଯୋଜନା ବଦଳରେ ଅଣଯୋଜନା ଖର୍ଚ୍ଚ ବଢାଇ ଚାଲିଛନ୍ତି ଓ ସେଥିରେ କିଛି ମୁଷ୍ଟିମେୟ ଲୋକଙ୍କୁ ତୁଷ୍ଟ କରୁଛନ୍ତି, ଯେପରି କିଛି ଲୋକଙ୍କୁ ଆର୍ଥିକ ଉନ୍ନତି ନାମରେ ଅର୍ଥ ବାଣ୍ଟିବା, ଋଣଛାଡ କରିବା, ମାଗଣା ମୋବାଇଲ ଫୋନ୍, ଟିଭି, ଛତା, ଜୋତା ବାଣ୍ଟିବା ଇତ୍ୟାଦି। ଏସବୁ ଖର୍ଚ୍ଚ ବଢିଚାଲିଲା ୨୦୧୮ ନିର୍ବାଚନ ସମୟରେ। ଏହି ନିର୍ବାଚନରେ ୫ଟି ରାଜ୍ୟରେ ଯେଉଁ ରାଜନୈତିକ ଦଳ ଶାସନ ଗାଦି ଅକ୍ତିଆର କଲେ, ସେମାନେ ଚାଷୀଙ୍କ ଋଣଛାଡ କରି ଭୋଟ ହାତେଇଲେ ବୋଲି ଚର୍ଚ୍ଚାହେଲା। ରାଜନୈତିକ ଦଳମାନେ ଗରିବ ଚାଷୀଙ୍କୁ ଅର୍ଥ ବାଣ୍ଟିବାକୁ ନିର୍ବାଚନରେ ପ୍ରଚାର କଲେ ଓ ରାଜକୋଷରୁ ଅର୍ଥ ବ୍ୟୟ ମଧ୍ୟ କଲେ। ଆମ ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀକୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ଲେଖାଏ ବାର୍ଷିକ ୧୦,୦୦୦ଟଙ୍କା ଦେବାର ବ୍ୟବସ୍ଥା କଲେ। କେନ୍ଦ୍ର ସରକାର କିଷାନ ସମ୍ମାନ ନିଧି ନାମକ ଯୋଜନା କରି ଗରିବ କୃଷକଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଦେବାକୁ ବ୍ୟବସ୍ଥା କଲେ। ସେତେବେଳେ ଆଭ୍ୟନ୍ତରୀଣ ବଜେଟରେ କେନ୍ଦ୍ର ସରକାର ଏଥିପାଇଁ ୭୫,୦୦୦ କୋଟି ଟଙ୍କାର ବ୍ୟବସ୍ଥା କଲେ ଓ ଆମ ରାଜ୍ୟ ସରକାର ମଧ୍ୟ ୧୦,୦୦୦ କୋଟି ଟଙ୍କା ବଜେଟ କଲେ। ଅବଶ୍ୟ ୨୦୧୯-୨୦ ବଜେଟରେ କାଳିଆ ଯୋଜନାରେ ରାଜ୍ୟ ସରକାର ୫,୬୧୧ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି, ଯେଉଁଥିରେ ରାଜ୍ୟ ଜଳସେଚନ ପାଇଁ ମାତ୍ର ୯୭୧୩ କୋଟି ଟଙ୍କା ରଖାଯାଇଛି। ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ପ୍ରତିଶ୍ରୁତି ଦେଲା ଯେ ଦେଶର ଅତି ଗରିବ ଚାଷୀଙ୍କୁ ବାର୍ଷିକ ୭୫ ହଜାର ଟଙ୍କା ଦେବ।

ଏ ଯେଉଁ ଅର୍ଥ ବଣ୍ଟାଗଲା, ତାହା ଚାଷ ଓ ଚାଷୀକୁଳର ଉନ୍ନତି ଘଟାଇଲା ନା ଗରିବୀ ବଢ଼ାଇଲା, ତାହା ଚିନ୍ତା କରିବାର କଥା। ଆମ ରାଜ୍ୟର ଚାଷୀଙ୍କ ଆୟ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ଗରିବ ଚାଷୀର ଅବସ୍ଥା 'ଦାଣ୍ଡରୁ ଆସେ, ହାଣ୍ଡିରେ ପଶେ' ଭଳି। ଅଭାବ ଅନଟନରେ ଜର୍ଜରିତ ଚାଷୀକୁ ଏ ଅର୍ଥ ପ୍ରଦାନ, ତତଲା କଡେଇରେ ପାଣି ଟିକେ ଛିଞ୍ଚିଲେ ବାଷ୍ପ ହୋଇ ଉଡିଗଲା ପରି। ଅନ୍ୟ ରାଜ୍ୟ ପରି ଆମ ଚାଷୀଙ୍କ ଆର୍ଥିକ ସ୍ଥିତି ଭଲ ହୋଇଥିଲେ, ସେ ପାଇଥିବା ଟଙ୍କାକୁ ଚାଷର ଉନ୍ନତିରେ ଲଗାନ୍ତା। କିନ୍ତୁ ଏ ଟଙ୍କା ମାଗି ଆଣିଲା ତିଅଣ ପରି ସୁଡୁକାଏ। ବଣ୍ଟା ଯାଇଥିବା କାଳିଆ ଟଙ୍କାକୁ କିଛି ସ୍ୱଚ୍ଛଳ ଚାଷୀ ମଧ୍ୟ ନିଜକୁ ଗରିବ କହି ହାତେଇ ନେଲେ। ସରକାର ୫୨ ଲକ୍ଷ ଚାଷୀଙ୍କୁ ଟଙ୍କା ବାଣ୍ଟିଥିବାର କହିଲେ। ସରକାର ଯେତେବେଳେ ଜାଣିଲେ କାଳିଆ ଯୋଜନାରେ ଅନେକ ସ୍ୱଚ୍ଛଳ ଚାଷୀ ଅର୍ଥ ମାରି ନେଇଛନ୍ତି, ଏବେ ୧୩ ଲକ୍ଷ ହିତାଧିକାରୀଙ୍କୁ ଯାଞ୍ଚ କଲାବେଳକୁ ଜଣାଗଲା ସେଥିରେ ୭୦,୦୦୦ ସ୍ୱଚ୍ଛଳ ବର୍ଗ ଅଛନ୍ତି। ଠାକୁ ଠା ୫ ଟଙ୍କାରେ ଭୋଜନ ମିଳୁଛି। ଟଙ୍କାକରେ କେଜିଏ ଚାଉଳ ମିଳିଗଲେ, ପଖାଳ ଓ କାଞ୍ଜିରେ ଅନ୍ନ ଚିନ୍ତା ଦୂର ହେଉଛି। ଚାଷଜମିରେ ପରିଶ୍ରମ କରିବା କି ଦରକାର? ତେଣୁ ଚାଷୀ ଚାଷ ପ୍ରତି ବିମୁଖ ହେଉଛନ୍ତି।

ଦେଶ ତଥା ଅନ୍ୟ ରାଜ୍ୟର ଚାଷୀଙ୍କ ମାସିକ ଆୟ ତୁଳନାରେ ଆମ ଚାଷୀଙ୍କ ଆୟ ବହୁତ କମ୍। ଜାତୀୟ ସର୍ବେକ୍ଷଣ ସଂସ୍ଥାର ହିସାବ ଅନୁସାରେ ଓଡ଼ିଶାରେ ଚାଷୀ ମାସିକ ୪,୯୭୬ ଟଙ୍କା ପାଉଥିଲା ବେଳେ ଦେଶରେ ଚାଷୀଙ୍କ ମାସିକ ହାରାହାରି ଆୟ ୬,୪୨୬ ଟଙ୍କା। ଚାଷୀଙ୍କ ମାସିକ ଆୟ ପଞ୍ଜାବରେ ୧୮,୦୫୯, ହରିୟାଣାରେ ୧୪,୪୩୯, କେରଳରେ ୧୧,୮୮୯ ହୋଇଥିବା ସ୍ଥଳେ ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକର ଚାଷୀଙ୍କ ଆୟ ଓଡ଼ିଶାଠାରୁ ଅଧିକ। ଅନ୍ୟ ଏକ ଅନୁଧ୍ୟାନରୁ ଜଣାଯାଏ, ଯେଉଁ ରାଜ୍ୟରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ଯେତେ ଅଧିକ, ସେ ରାଜ୍ୟରେ ଚାଷୀ ପରିବାରର ଆୟ ସେତେ ଅଧିକ। ପଞ୍ଜାବ, ହରିୟାଣା ଓ କେରଳରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ଶତକଡା ଯଥାକ୍ରମେ ୯୮.୪, ୮୯ ଓ ୮୦। ଏ କ୍ଷେତ୍ରରେ ଓଡ଼ିଶାରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ମାତ୍ର ୨୯.୫ ପ୍ରତିଶତ। ରଘୁରାଜନ କମିଟି କେନ୍ଦ୍ର ସରକାରଙ୍କୁ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି ସେଥିରେ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସବୁଠାରୁ ଅନଗ୍ରସର ବୋଲି ୨୦୧୭ ବିଧାନସଭାରେ ସରକାର ପ୍ରକାଶ କରିଥିବା ତଥ୍ୟରୁ ଜଣାପଡେ। ଲୋକଙ୍କ ମାସିକ ଆୟ ବ୍ୟୟ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଦାରିଦ୍ର୍ୟ ହାର, ମହିଳା ସାକ୍ଷରତା ହାର, ସଡକ, ଯୋଗାଯୋଗ ଓ ଜନଜାତି ଲୋକଙ୍କ ଶତକଡା ହାର ଇତ୍ୟାଦି ଦିଗ ରଘୁରାଜନ କମିଟି ଅନୁଧ୍ୟାନ କରିଥିଲେ।

ରାଜ୍ୟଗୁଡ଼ିକର ଚାଷୀ ପରିବାରର ଆୟ ଓ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ହାରକୁ ଗ୍ରାଫିକାଲି ଅନୁଧ୍ୟାନ କଲେ ଜଣାଯିବ ଯେ, ଚାଷୀଙ୍କ ଆୟବୃଦ୍ଧି ପ୍ରତ୍ୟକ୍ଷ ଭାବରେ ଜଳସେଚନ ଉପରେ ନିର୍ଭର କରେ। ଆମ ରାଜ୍ୟ ପ୍ରଚୁର ଜଳସମ୍ପଦ ଓ ନଦନଦୀରେ ଭରପୂର। ଦେଶରେ ହାରାହାରି ବାର୍ଷିକ ବୃଷ୍ଟିପାତ ୧୧୦୦ ମିଲିମିଟର ସ୍ଥଳେ, ଆମ ରାଜ୍ୟର ବାର୍ଷିକ ବୃଷ୍ଟିପାତ ୧୫୦୦ ମିଲିମିଟର। ଜଳସେଚନର ସ୍ୱଳ୍ପତା ରାଜ୍ୟର ଚାଷୀ ଓ ରାଜ୍ୟ ଅନଗ୍ରସତାର ପ୍ରମୁଖ କାରଣ ବୋଲି ହୃଦୟଙ୍ଗମ କରିବାକୁ ହେବ। ଗରିବ ଚାଷୀଙ୍କୁ ଟଙ୍କା ନ ବାଣ୍ଟି ସେ ଟଙ୍କାରେ ଜମିରେ କୂପ ଖନନ, ପୁରାତନ ଜଳାଶୟ ଖନନ, ଆଡିବନ୍ଧ ନିର୍ମାଣ, ବର୍ଷାଜଳ ସଂରକ୍ଷଣ, ମାଗଣାରେ ପମ୍ପ ଓ ବିଦ୍ୟୁତ୍ ଯୋଗାଣ ଇତ୍ୟାଦି କଲେ ରାଜ୍ୟ ପାଇଁ ଅଧିକ କଲ୍ୟାଣକାରୀ ହୋଇପାରିବ।

ଭୁବନେଶ୍ୱର, ମୋ-୭୦୦୮୮୪୬୨୭୨

## ଏଇ ଭାରତରେ

ଭାରତରେ ଧାର୍ମିକ ପରମ୍ପରାରେ ଏବେ ବି ଯନ୍ତ୍ରଣାଦାୟକ ବିଧି ଜମିରହିଛି। ଏମିତିକି ଆଧୁନିକତାର ସ୍ରୋତରେ ସାମିଲ ହୋଇଥିବା ରାଜପରିବାରରେ ମଧ୍ୟ ଏଭଳି କିଛି ବିଧି ଉପରେ ବିଶ୍ୱାସ ରହିଥିବା ଦେଖିବାକୁ ମିଳିଛି ଛତିଶଗଡ଼ରେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବସ୍ତର ରାଜପରିବାର ଦଶହରା ପାଳନ କରିବା ପୂର୍ବରୁ ଏହି କଷ୍ଟଦାୟକ ବିଧି ପାଳନ କରିଛନ୍ତି। ରାଜପରିବାରର ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି କାଞ୍ଚନଗୁଡିର ମା'ରଣଦେବୀଙ୍କ ନିକଟରେ ପହଞ୍ଚିବା ପରେ ଗର୍ଭଗୃହରେ ବସି ମା'ଙ୍କ ଆରାଧନା କରିଛନ୍ତି। ପରେ ଦେବୀଙ୍କୁ ସେମାନେ ଦଶହରା ପାଳନ କରିବା ପାଇଁ ଅନୁମତି ଭିକ୍ଷା କରିଥିଲେ। ପରମ୍ପରା ଅନୁଯାୟୀ ମନ୍ଦିର ସାମ୍ନାରେ ବେଲକଣ୍ଟା ବିଛାଯାଇଥିବା ଏକ ଝୁଲା ନିର୍ମାଣ କରାଯାଇ ସେହି ଝୁଲା ଚାରିପାଖରେ ଦେବୀଙ୍କ ପ୍ରତିରୂପ ଭାବେ ଜଣେ ବାଳିକାଙ୍କୁ ପରିକ୍ରମା କରାଯାଇଥିଲା। ଏହାପରେ ବାଳିକା ଜଣଙ୍କୁ ବେଲକଣ୍ଟା ଝୁଲାରେ ଶୁଆଇ ଝୁଲାଯାଇଥିଲା। ଏହା ଶେଷ ହେବା ପରେ ମନ୍ଦିରରେ ରଣଦେବୀ ଓ ବସ୍ତର ମହାରାଜାଙ୍କ ମଧ୍ୟରେ ସାଙ୍କେତିକ ଯୁଦ୍ଧ ହୋଇଥିଲା। ଏହି ଅବସରରେ ମହିଳାମାନେ ଧନକୁଲ ବାଦ୍ୟ ସହ କାଞ୍ଚନ ଯାତ୍ରା ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଦଶହରା ପାଳନ କରିବା ପାଇଁ ରାଜପରିବାରକୁ ରଣଦେବୀ ଅନୁମତି ଦେବା ପରେ ତାହାକୁ ନେଇ ରାଜପରିବାର ଦଶହରା ପାଳନର ଆୟୋଜନ କରିଛନ୍ତି।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ! (ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ସେପ୍ଟେମ୍ବର ୧୯୯୪**

- ଅଧିକ ଅଣୁଅସ୍ତ୍ର ହ୍ରାସ ପାଇଁ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏବଂ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ମଧ୍ୟରେ ସହମତି।
- ପଞ୍ଚାୟତିରାଜ ବିଭାଗକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମହିଳା ଓ ଶିଶୁ କଲ୍ୟାଣ ନାମରେ ଏକ ନୂତନ ବିଭାଗ ସୃଷ୍ଟି କରାଯାଇଛି।

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୨୨- ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀଙ୍କ ୯୫ ବର୍ଷ ବୟସରେ ପରଲୋକ।
୨୪- ପିଓକେରେ ଶକ୍ତିଶାଳୀ ଭୂକମ୍ପ: ୨୬ ମୃତ, ୩୦୦ରୁ ଊର୍ଦ୍ଧ୍ୱ ଆହତ।
* ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଚଳିତବର୍ଷର ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ କରାଯାଇଛି।
୨୫- ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକାରେ ବିଲ୍ ଓ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନ ପକ୍ଷରୁ 'ଗ୍ଲୋବାଲ ଗୋଲକିପର' ପୁରସ୍କାରରେ ସମ୍ମାନିତ କରାଯାଇଛି।
୨୬- ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକଙ୍କ ୮୬ ବର୍ଷ ବୟସରେ ପରଲୋକ।
୨୭- ଜାତିସଂଘ ସାଧାରଣ ସଭାର ୭୪ତମ ଅଧିବେଶନରେ ଉଦ୍‌ବୋଧନ ଦେବା ଅବସରରେ ଆତଙ୍କବାଦ ବିରୋଧରେଏକଜୁଟହେବାପାଇଁବିଶ୍ୱବାସୀଙ୍କୁଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ।

## ଆମ ସମସ୍ୟା

### ରାସ୍ତାରେ ଶହ ଶହ ପୋଖରୀ

ମହାଶୟ,

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର-ଅଷ୍ଟଶମ୍ଭୁ ରାସ୍ତା ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଦୁଇ କିମି ରାସ୍ତାରେ ଶହ ଶହ ଖାଲଖମା ସୃଷ୍ଟି ହୋଇ ବର୍ଷା ସମୟରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ତିନିମାସ ଧରି ଏହି ଅବସ୍ଥା ଲାଗିରହିଛି। ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା। ଚାରୋଟି ପଞ୍ଚାୟତର ଲୋକ ଏହା ଉପରେ ନିର୍ଭର କରନ୍ତି। ଦୁଇଟି ଧର୍ମପୀଠ ଅଷ୍ଟଶମ୍ଭୁ ଓ ଧ୍ୟାନକୁଦ ଜଗନ୍ନାଥ ମନ୍ଦିରକୁ ଏହା ମୁଖ୍ୟ ସଂଯୋଗ ରାସ୍ତା। ରାସ୍ତାର ଦୁରବସ୍ଥା ସମ୍ପର୍କରେ ଗଣମାଧ୍ୟମରେ ଏକାଧିକ ରିପୋର୍ଟ ବାହାରିଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଆଗାମୀ ପୂଜାରତୁ ପୂର୍ବରୁ ଏହାର ମରାମତି କରାଯାଉ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଝୋଟ ଗବେଷଣା କେନ୍ଦ୍ର ପୁନଃକ୍ଷମ ହେଉ

କେନ୍ଦ୍ରାପଡ଼ା ଜିଲାର ଜଜାଙ୍ଗଠାରେ ୧୯୭୪ ମସିହାରେ ଝୋଟଚାଷର ଉନ୍ନତି ପାଇଁ ନଳିତା ବିହନ ତଥା ଧାନବିହନ ଉତ୍ପନ୍ନ କରାଯାଉଥିଲା। ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ କାଳକ୍ରମେ ଏହି ଗବେଷଣା ରୁଗ୍ଣ ଅବସ୍ଥାରେ ପହଞ୍ଚିଛି। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୁନଃ କାର୍ଯ୍ୟକ୍ଷମ କରାଗଲେ ନଳିତା ବିହନ କରି ଚାଷୀ ଲାଭବାନ ହୋଇପାରନ୍ତେ। ଏଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କର ମଧ୍ୟ ସ୍ୱାର୍ଥସାଧନ ହୋଇପାରନ୍ତା। ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଉପରେ କଟକଣା ଲଗାଯିବା ପରେ ଝୋଟର ଚାହିଦା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଥିବାରୁ ଏହାକୁ ବାହାର ରାଜ୍ୟକୁ ମଧ୍ୟ ପଠାଇ ହୁଅନ୍ତା।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଜେପୁର ଉପନିର୍ବାଚନ : ୧୭,୧୮ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଅକ୍ଟୋବର ୧୭,୧୮ରେ ବିଜେପୁର ଗସ୍ତ କରିବାର ସମ୍ଭାବନା ରହିଛି। ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ପ୍ରଚାର ଶେଷ ଆଡକୁ ବିଜେଡି ସଭାପତିଙ୍କ ଗସ୍ତ ସ୍ଥିର କରାଯାଇଛି। ରବିବାର ବରଗଡ ଜିଲାର ସ୍ଥାନୀୟ ବିଜେଡି ପ୍ରତିନିଧି ଏବଂ ରାଜ୍ୟସ୍ତରୀୟ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ହେଲେ ଏ ନେଇ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ।

### ଏକାମ୍ରରୁ ଆରମ୍ଭ ହେବ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତଥର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଟୋବର ୨ରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ସ୍ଥାନୀୟ ଭୁବନେଶ୍ୱର (ଏକାମ୍ର) ବିଧାନସଭା ନିର୍ବାଚନମଣ୍ଡଳୀ ୬୨ ନଂ ୱାର୍ଡ ତଥା କାରଗିଲ ରୋଡ୍ ନିକଟସ୍ଥ ପଡିଆରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ରବିବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଅମରେଶ ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହେବା ସହ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ କରାଯାଇଛି।

### ସର୍ବଭାରତୀୟ ସ୍ତରରେ ଆକାଶବାଣୀ କେନ୍ଦ୍ରର ସଫଳତା

**କଟକ ଅଫିସ,୨୯।୯:** ସର୍ବଭାରତୀୟ ଆକାଶବାଣୀ ବାର୍ଷିକ ପ୍ରତିଯୋଗିତାରେ କଟକ ଓ ଜୟପୁର ଆକାଶବାଣୀ କେନ୍ଦ୍ର ସଫଳତା ପାଇଛି। ପ୍ରତିଯୋଗିତାର ସଙ୍ଗୀତ କାର୍ଯ୍ୟକ୍ରମ ବିଭାଗରେ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ସାଇତି ରଖିବା ଆସ ମେଘର ମୂର୍ଚ୍ଛନା ପ୍ରଥମ ପୁରସ୍କାର ପାଇଁ ମନୋନୀତ ହୋଇଛି। ଜଳ ସଙ୍କଟ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ପ୍ରଯୋଜକ ଥିଲେ ଲଳିତ କାନୁନ୍‌ଗୋ। ଜ୍ଞାନୀ ଦେବାଶିଷ ମିଶ୍ର ଗୀତ ରଚନା କରିଥିବାବେଳେ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଫୁଲ୍ଲ ଚନ୍ଦ୍ର ବେହେରା। ସେହିପରି ମହିଳା କାର୍ଯ୍ୟକ୍ରମ ବିଭାଗରେ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଶ୍ମଶାନ ତୁଳସୀ' ସାର୍ଟିଫିକେଟ ଅଫ ମେରିଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଜୟ ମଲ୍ଲ ରଚନା କରିଥିବା ବେଳେ ପ୍ରଯୋଜନା ଦାୟିତ୍ୱରେ ରହିଥିଲେ ସୁମିତ୍ରା ମହାପାତ୍ର। ପ୍ରତିଯୋଗିତାର ବିଜ୍ଞାନ କାର୍ଯ୍ୟକ୍ରମ ବିଭାଗରେ ଯୁଗଳ କିଶୋର ପଣ୍ଡାଙ୍କ ପ୍ରଯୋଜିତ ଅଙ୍କ, ବିଙ୍କ, ବିଜ୍ଞାନ ପ୍ରଥମ ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଆକାଶବାଣୀ ଜୟପୁର କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ କରାଯାଇଛି।

---

■ ଇନ୍‌ସ୍ୟୁରାନ୍ସ, ଫାଇନାନ୍ସ କିସ୍ତି ଫାଙ୍କିବାକୁ ଚଞ୍ଚକତା

# ଦୁଇ ବୋଲେରୋ, ଗୋଟିଏ ନମ୍ବର







■ ରେଲୱେ ମୁଖ୍ୟାଳୟରେ ଭଡ଼ାରେ ଲାଗିଥିଲା ଗାଡ଼ି
■ ଧରାଇଦେଲା ଠାକୁରଙ୍କ ଭିନ୍ନ ଭିନ୍ନ ଷ୍ଟିକର
■ ମାଲିକ, ଡ୍ରାଇଭର ଅଟକ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଦୁଇଟି ବୋଲେରୋ, ହେଲେ ଲାଗିଥିଲା ଗୋଟିଏ ନମ୍ବର (ଓଡ଼ି୩୪ଇ୫୫୭୮)। ଗାଡ଼ିର ରଙ୍ଗ ଓ ସମ୍ମୁଖ ଭାଗରେ ସମାନ ଭାବେ 'ସୁବର୍ଣ୍ଣମୁଖୀ' ଲେଖାଥିଲା। କେହି ବି ଅଲଗା ଅଲଗା ଗାଡ଼ି ବୋଲି ଜାଣିବା କଷ୍ଟକର ଥିଲା। ଏଭଳି ଚଞ୍ଚକତା କରି ଇନ୍‌ସ୍ୟୁରାନ୍ସ, ଫାଇନାନ୍ସ କିସ୍ତି ଫାଙ୍କି ଚାଲିଥିଲେ ଗାଡ଼ି ମାଲିକ। ଏପରିକି ଚନ୍ଦ୍ରଶେଖରପୁରସ୍ଥିତ ଇଷ୍ଟ୍‌କୋଷ୍ଟ ରେଲ୍‌ୱେ ମୁଖ୍ୟାଳୟରେ ମଧ୍ୟ ଦୁଇ ଗାଡ଼ିକୁ ଦୀର୍ଘଦିନ ହେବ ଭଡ଼ାରେ ଲଗାଇଥିଲେ। ଶେଷରେ ଗାଡ଼ି ପଛପାର୍ଶ୍ୱ କାଚରେ ଲାଗିଥିବା ହନୁମାନ ଓ ଜଗନ୍ନାଥଙ୍କ ଦୁଇ ଭିନ୍ନ ଷ୍ଟିକର ଯୋଗୁ କାର୍‌ସାଦି ଧରାପଡିଗଲା। ଏବେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦୁଇ ଗାଡ଼ିକୁ ଜବତ କରିବା ସହ ଗାଡିର କାଗଜପତ୍ର ଯାଞ୍ଚ କରିଛି। ମାଲିକ କୃଷ୍ଣଚନ୍ଦ୍ର ବାରିକ ଓ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, କୃଷ୍ଣଚନ୍ଦ୍ରଙ୍କ ଗୋଟିଏ ବୋଲେରୋ ଥିଲା। ପରେ ଆଉଗୋଟିଏ ଗାଡ଼ିକୁ ଫାଇନାନ୍ସରେ କିଣିଥିଲେ। ମାସିକିଆ ଭଡ଼ାରେ ଲଗାଇଥିଲେ ମଧ୍ୟ ଫାଇନାନ୍ସ କିସ୍ତି ଦେଉ ନ ଥିଲେ। ଠକିବା ପାଇଁ ପୂର୍ବରୁ ରହିଥିବା ଗାଡ଼ି ନମ୍ବରକୁ ଫାଇନାନ୍ସରେ ଆଣିଥିବା ବୋଲେରୋରେ ବ୍ୟବହାର କରୁଥିଲେ। ଏନେଇ ଫାଇନାନ୍ସ ସଂସ୍ଥା ବାରମ୍ବାର ନୋଟିସ କରି ବିଫଳ ହେବା ପରେ ଗାଡ଼ି ଜବତ ପାଇଁ ଉଦ୍ୟମ ହୋଇଥିଲା। କର୍ମଚାରୀମାନେ ଗାଡ଼ିକୁ ଖୋଜି ଖୋଜି କରି ଶେଷରେ ରବିବାର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଉକ୍ତ ଗାଡ଼ିକୁ ପିଛା କରିଥିଲେ। ଗାଡ଼ିଟି ରେଲ୍‌ୱେ କାର୍ଯ୍ୟାଳୟ ଅଭିମୁଖେ ଯିବାର ଆଉ କିଛି ସମୟ ପରେ ସମାନ ନମ୍ବର ଓ ରଙ୍ଗର ଆଉ ଏକ ବୋଲେରୋ ସେହିବାଟେ ପ୍ରବେଶ କରିଥିଲା। ଫଳରେ ଫାଇନାନ୍ସ କର୍ମଚାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। କିନ୍ତୁ ଉଭୟ ଗାଡି ପଛ କାଚରେ ଲାଗିଥିବା ଠାକୁରଙ୍କ ଷ୍ଟିକରରୁ ସେମାନେ ଜାଲିଆତି ନେଇ ସ୍ପଷ୍ଟ ହୋଇଥିଲେ। ଏହାପରେ ରେଲ୍‌ୱେ କାର୍ଯ୍ୟାଳୟ ନିକଟରେ ଦୁଇ ଗାଡ଼ିକୁ ଅଟକାଇ ସେମାନେ ପୋଲିସକୁ ଫୋନ୍ କରିଥିଲେ।

ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି ଯେ, ଗାଡ଼ି ମାଲିକ ଫାଇନାନ୍ସ ସଂସ୍ଥାକୁ କିସ୍ତି ଟଙ୍କା ନ ଦେଇ ଏଭଳି ଗୋଟିଏ ନମ୍ବର ପ୍ଲେଟ ବ୍ୟବହାର କରିଛନ୍ତି। ତଦନ୍ତ ଚାଲିଛି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଅଣପାରମ୍ପରିକ ହେବ ଆଗାମୀ ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଣିବାକୁ ଯାଉଛନ୍ତି। ହେଲେ ଏହାକୁ ପୂର୍ବପରି ପାରମ୍ପରିକ ବଦଳରେ ସମ୍ପୂର୍ଣ୍ଣଭାବେ ସମଯୋଜନ(ଆଡ୍‌ଜଷ୍ଟମେଣ୍ଟ) ବଜେଟ୍ କରିବା ପାଇଁ ଅର୍ଥ ବିଭାଗ ପରାମର୍ଶ ଦେଇଛି। ବିଶ୍ୱବ୍ୟାପୀ ଦେଖାଦେଇଥିବା ମାନ୍ଦାବସ୍ଥା ପ୍ରଭାବରେ ଏପରି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ଗତ ୨୭ରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କେ.କେ. ମୀନାଙ୍କ ପକ୍ଷରୁ ଏନେଇ ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, କମିଶନର ତଥା ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ରୁଟିନ୍ ପ୍ରକ୍ରିୟା ଦ୍ୱାରା ଅତିରିକ୍ତ ବଜେଟ୍ ପ୍ରସ୍ତୁତ କରା ନ ଯାଉ। ଯଥାସମ୍ଭବ ଖର୍ଚ୍ଚ କାଟ କରାଯାଉ, ଅନାବଶ୍ୟକ ଭାବେ ଅର୍ଥ ବିଭାଗକୁ ଅନୁଦାନ ମାଗନ୍ତୁ ନାହିଁ। ଅନ୍ୟ ଯୋଜନା ଖର୍ଚ୍ଚ ହୋଇ ନ ପାରି ରହିଥିବା ବଳକା ଅର୍ଥକୁ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ପ୍ରଶାସନିକ ବ୍ୟୟ ସମ୍ପର୍କିତ ପ୍ରସ୍ତାବକୁ ଆସନ୍ତା ମାସ ୨୨ ସୁଦ୍ଧା ଅର୍ଥ ବିଭାଗରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏହି ପ୍ରସ୍ତାବ ଯୋଜନା ଓ ସଂଯୋଜନା ବିଭାଗକୁ ପଠାଯିବ। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବ୍ୟୟବରାଦ ସେପ୍ଟେମ୍ବର ଶେଷସୁଦ୍ଧା ପୂର୍ବ ବ୍ୟୟବରାଦର ୪୦ ପ୍ରତିଶତ ଖର୍ଚ୍ଚ ହୋଇ ନ ଥିଲେ ଅତିରିକ୍ତ ବ୍ୟୟବରାଦ କରାଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ହେଲେ ରାଜ୍ୟ ସରକାର ଅତ୍ୟାବଶ୍ୟକ ଯୋଜନାକୁ ନିଶ୍ଚିତ ଗୁରୁତ୍ୱ ଦେବେ ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

## ୨ରୁ ଭାଜପାର ରାଜ୍ୟବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର,୨୯।୯(ବ୍ୟୁରୋ)

**କଟକରୁ ଆରମ୍ଭ କରିବେ ଧର୍ମେନ୍ଦ୍ର**

ଭାଜପା ପକ୍ଷରୁ ଆସନ୍ତା ୨ ତାରିଖରେ ୧୫୦ତମ ଗାନ୍ଧୀ ଜୟନ୍ତୀରୁ ଦେଶବ୍ୟାପୀ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ ହେବ। ରାଜ୍ୟରେ ସମସ୍ତ ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ଏହି ପଦଯାତ୍ରା ୧୫ ଦିନ ଧରି ଚାଲିବ। ଗାନ୍ଧିଜୀଙ୍କ ବାର୍ତ୍ତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ବିଶ୍ୱରେ ଆଗେଇ ନେବାସହ ସଚେତନତା ସୃଷ୍ଟି କରୁଛନ୍ତି । ଏହି ପଦଯାତ୍ରା ଅବସରରେ ଗାନ୍ଧୀଙ୍କ ବାର୍ତ୍ତା ସ୍ୱଦେଶୀ, ସ୍ୱଚ୍ଛତା, ସ୍ୱରାଜ, ସ୍ୱାବଲମ୍ବୀ, ସାଧାରଣ ଓ ସରଳ ଜୀବନଯାପନ, ଜଳ ସଂରକ୍ଷଣ, ନିଶା ନିବାରଣ, ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ ବର୍ଜନ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ ଓ ସଚେତନତା କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨ ତାରିଖ ଦିନ କଟକ ଜିଲା ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରୁ ଏହି ପଦଯାତ୍ରା ଆରମ୍ଭ କରିବେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସାଧାରଣ ଜନତାଙ୍କୁ ଭେଟିବା ସହ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ। ପବିତ୍ର ଦୁର୍ଗାପୂଜା ଯୋଗୁ ଏହି ପଦଯାତ୍ରା ୨ରୁ ଆରମ୍ଭ ହୋଇ ସାମୟିକ ଭାବେ ସ୍ଥଗିତ ରଖାଯିବ । ଏହାପରେ ୧୧ତାରିଖରୁ ପଦଯାତ୍ରା ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେବ ବୋଲି ସମୀର କହିଛନ୍ତି।

## ଆଇଆଇଏସ୍‌ଇଆର୍ ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ(ଆଇଆଇଏସ୍‌ଇଆର) ସ୍ଥାୟୀ କ୍ୟାମ୍ପସକୁ ରାସ୍ତା, ଜଳ ଏବଂ ବିଦ୍ୟୁତ ଯୋଗାଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡାଯାଇଛି। ସଂସ୍ଥାନର ଆବଶ୍ୟକତାକୁ ଅନୁଭବ କରି ରାଜ୍ୟ ପ୍ରଶାସନ ପକ୍ଷରୁ ପୂର୍ତ୍ତ ବିଭାଗକୁ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହା ପରେ ପୂର୍ତ୍ତ ବିଭାଗ ମଧ୍ୟ ମୁଖ୍ୟ ଯନ୍ତ୍ରୀ(ଡିପିଆଇ ଏବଂ ରାସ୍ତା)/କୋଠାବାଡିଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ ନେଇ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ସଂସ୍ଥାନକୁ ଯାଇଥିବା ରାସ୍ତା ଉନ୍ନତୀକରଣ ସହ ପୂର୍ଣ୍ଣ ସଂଯୋଗୀକରଣ କରାଯିବାର ଆବଶ୍ୟକତା ରହିଛି। ହେଲେ ଦୀର୍ଘଦିନ ଧରି ଏହି କାର୍ଯ୍ୟ ହୋଇପାରିନାହିଁ। ସ୍ଥାନୀୟ କୋରାପାଲି-ମାର୍କଣ୍ଡି-ଲାଉଡିଗ୍ରାମରୁ ସ୍ଥାୟୀ କ୍ୟାମ୍ପସକୁ ଯାଇଥିବା ରାସ୍ତାର ଉନ୍ନତି କରାଯିବାର ଆବଶ୍ୟକତା ରହିଛି। ଗୋଟିଏ ପଟେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଦ୍ରୁତଗତିରେ ଚାଲୁଛି, ହେଲେ ସେହି ସ୍ଥାନକୁ ଯୋଗାଯୋଗ କରୁଥିବା ରାସ୍ତା ନିମ୍ନମାନର ରହିଛି। ସେହିପରି ଋଷିକୁଲ୍ୟାରୁ କ୍ୟାମ୍ପସକୁ ସିଧାସଳଖ ପାଇପଲାଇନ ପ୍ରକଳ୍ପ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଆବଶ୍ୟକ ଡିପିଆର କ୍ୟାବିନେଟ୍‌ର ମଞ୍ଜୁରୀ ପାଇଥିବା ଜଣାପଡିଛି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ବିଦ୍ୟୁତ ବ୍ୟବସ୍ଥା ପାଇଁ ୭.୬୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। କନିଷି ସବ୍‌ଷ୍ଟେଶନରୁ ୩୩ କେ.ଭି ଲାଇନ ଦ୍ୱାରା କ୍ୟାମ୍ପସକୁ ଶକ୍ତି ଯୋଗାଯିବ। ଏହା ସ୍ଥାୟୀ କ୍ୟାମ୍ପସଠାରୁ ୧୨.୫ କି.ମି.ଦୂରରେ ଅବସ୍ଥିତ। ହେଲେ କ୍ୟାମ୍ପସ ପାଇଁ ନିକଟସ୍ଥ ନରେନ୍ଦ୍ରପୁର ଗ୍ରୀଡ୍‌ରୁ ଏକ ସ୍ୱତନ୍ତ୍ର ୩୩ କେ.ଭି. ବିଦ୍ୟୁତ ବ୍ୟବସ୍ଥା ଦରକାର ହେଉଥିବା କୁହାଯାଇଛି। ଏହି ପ୍ରସଙ୍ଗରେ ଗତ ୨୦ରେ ଆଇଆଇଏସ୍‌ଇଆର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖାଯାଇଥିଲା।

## ଆର୍ଥିକ ସହାୟତା ଲୋଡ଼ିଲା କଂଗ୍ରେସ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନରେ ନିର୍ବାଚନୀ ଖର୍ଚ୍ଚକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ଆର୍ଥିକ ଅନୁଦାନ ଆହ୍ୱାନ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ନେଇ ଗଣମାଧ୍ୟମକୁ ଅବଗତ କରିଛନ୍ତି। ନିର୍ବାଚନୀ ଖର୍ଚ୍ଚ ପାଇଁ ଉତ୍ସୁକ ବ୍ୟକ୍ତିବିଶେଷ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସିଣ୍ଡିକେଟ୍ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୮୦୦୧୨୨୦୦୦୧୬୦୪୮, ଆଇଏଫ୍‌ଏସ୍‌ସି କୋଡ୍ - ଏସ୍‌ୱାଇଏନ୍‌ବି୦୦୦୮୦୦୧ ରେ ଜମା କରିପାରିବେ ଅଥବା ଚେକ୍ ଆକାରରେ ପ୍ରଦାନ କରିବାକୁ କୁହାଯାଇଛି। ପିସିସି ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଦଳ ଦିଲ୍ଲୀପ ପଣ୍ଡାଙ୍କୁ ବିଜେପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଥିବା ଜଣାପଡିଛି।

## ଶହୀଦନଗର ବିଏମ୍‌ସି, ଓଏସ୍‌ଆର୍‌ଟିସିରେ ଖୋଲିବ କ୍ୟାମ୍ପ ଅଫିସ

**ସୁବିଧାରେ ମିଳିବ ଲର୍ନିଂ ଲାଇସେନ୍ସ**

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ସାଧାରଣ ଲୋକଙ୍କୁ ଲର୍ନିଂ ଲାଇସେନ୍ସ ସୁବିଧାର ମିଳିବା ପାଇଁ ସରକାରଙ୍କ ପକ୍ଷରୁ ଆହୁରି ସରଳୀକରଣ କରାଯାଇଛି। ଏଣିକି କୌଣସି ବ୍ୟକ୍ତିବିଶେଷଙ୍କୁ ଆରଟିଓ ଅଫିସର ଧାଁ ଦୌଡ କରିବାକୁ ପଡିବ ନାହିଁ। ସେମାନେ ଆରଟିଓ ପକ୍ଷରୁ ଖୋଲାଯାଉଥିବା କ୍ୟାମ୍ପ ଅଫିସରେ ସହଜରେ ଲର୍ନିଂ ଲାଇସେନ୍ସ ପାଇପାରିବେ। ସୋମବାର ଠାରୁ ଆରଟିଓଙ୍କ ପକ୍ଷରୁ ଶହୀଦନଗର ବିଏମ୍‌ସି କାର୍ଯ୍ୟାଳୟ ଏବଂ ଓଏସ୍‌ଆରଟିସି କାର୍ଯ୍ୟାଳୟରେ କ୍ୟାମ୍ପ ଅଫିସ ଖୋଲିବ। ଏଥିପାଇଁ ଦୁଇଟି କ୍ୟାମ୍ପ ଅଫିସରେ ୫ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ରହିବ ବୋଲି ଆରଟିଓ ପକ୍ଷରୁ କୁହାଯାଇଛି। ଅକ୍ଟୋବର ୪ ଯାଏ ଏହି କାର୍ଯ୍ୟାଳୟ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କ୍ୟାମ୍ପ ଅଫିସରେ ଲୋକଙ୍କ ସହଯୋଗ କରିବା ପାଇଁ ଏକ ହେଲ୍ପ ଡେସ୍କ ଖୋଲାଯିବ ବୋଲି ଜଣାପଡିଛି। ୭ ଦିନ ପୂର୍ବରୁ ଆରଟିଓ-୧ ପକ୍ଷରୁ ଶହୀଦନଗର ବିଏମ୍‌ସି ଅଫିସ ଏବଂ କଳ୍ପନା ମୁଖ୍ୟ ବିଏମ୍‌ସି ଅଫିସରେ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିଲା। ସେହିପରି ଆରଟିଓ-୨ ପକ୍ଷରୁ ନାଲକୋ ଛକ ନିକଟ ବିଏମ୍‌ସି ଅଫିସରେ ଖୋଲାଯାଇଥିଲା।

## ୫ ହଜାର ରେଳ ଷ୍ଟେଶନ ଛୁଇଁଲା ମାଗଣା ୱାଇଫାଇ ସେବା

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

■ ପଶ୍ଚିମବଙ୍ଗ ମେଦିନାପୁର ଷ୍ଟେଶନରେ ଉପଲବ୍ଧ ହେଲା
■ ଓଡ଼ିଶାର ୧୬୩ ରେଳ ଷ୍ଟେଶନରେ ମିଳୁଛି

ଭାରତୀୟ ରେଳପଥ ଦେଶର ୫ ହଜାର ଷ୍ଟେଶନରେ ମାଗଣା ୱାଇଫାଇ ସେବାକୁ ଉପଲବ୍ଧ କରାଇଛି। ଶନିବାର ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ପଶ୍ଚିମବଙ୍ଗର ମିଦନାପୁର ରେଳଷ୍ଟେଶନରେ ମାଗଣା ୱାଇଫାଇ ବ୍ୟବସ୍ଥା ହେବା ପରେ ଏହା ତାଲିକାର ଶେଷତମ ସ୍ଥାନରେ ରହିଛି। ଏ ସମ୍ପର୍କରେ ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ୨୦୧୬ ଜାନୁୟାରୀରେ ଆରମ୍ଭ ହୋଇଥିବା ଏହି ଯୋଜନା ତିନିବର୍ଷ ଭିତରେ ଦେଶର ୫ ହଜାର ଷ୍ଟେଶନକୁ ଛୁଇଁପାରିଛି ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୁମ୍ବାଇ ସେଣ୍ଟ୍ରାଲ ରେଲ୍‌ୱେ ଷ୍ଟେଶନରୁ ଶୁଭାରମ୍ଭ ହୋଇଥିଲା ମାଗଣା ୱାଇଫାଇ ସେବା। ରେଲ୍‌ୱେ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଓଡ଼ିଶାର ୧୬୩ରୁ ଊର୍ଦ୍ଧ୍ୱ ଷ୍ଟେଶନରେ ମାଗଣା ୱାଇଫାଇ ସୁବିଧା ଉପଲବ୍ଧ କରାଯାଇଛି। ଏଥିରେ କାଟେଗୋରି-ବି, ସି, ଡି, ଇ ଷ୍ଟେଶନଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ଯାତ୍ରୀମାନେ ଷ୍ଟେଶନରେ ଅଧଘଣ୍ଟା ପର୍ଯ୍ୟନ୍ତ ଏହି ୱାଇଫାଇ ସେବାକୁ ବ୍ୟବହାର କରିପାରିବେ। ୱାଇଫାଇ ଅନ୍ କରି ମୋବାଇଲ ନମ୍ବର ସହ ସାଇନ ଅପ୍ କଲେ ସେବା ଆପେ ଯୋଡି ହୋଇଯିବ। ଅଧଘଣ୍ଟା ପରେ ଆଉ ଅଧଘଣ୍ଟା ସେବା ପାଇବାକୁ ହେଲେ ଗୁଗଲ୍‌ର ଏକ ବିଜ୍ଞାପନ ଭିଡିଓ ଦେଖିବାକୁ ପଡିବ। ଏହାପରେ ଆପେ ଅତିରିକ୍ତ ଅଧଘଣ୍ଟା ୱାଇଫାଇ ସେବା ବ୍ୟବହାର କରିବା ପାଇଁ ଅନୁରୋଧ ଆସିବ।

■ ନର୍ସ ନୀହାରିକା ହତ୍ୟା ଘଟଣା

## ହତ୍ୟାକାଣ୍ଡ ଘଟିଥିବା କୋଠରି ସିଲ୍

କଟକ ଅଫିସ, ୨୯।୯

ନର୍ସ ନୀହାରିକା ପାତ୍ର ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରେମିକ ରାଜା ଓରଫ କିଶୋର ଚନ୍ଦ୍ର ଆଞ୍ଚଲଙ୍କୁ ଗିରଫ କରିଛି। ହେଲେ ଏହି ହତ୍ୟା ଘଟଣା ଉପରୁ ସମ୍ପୂର୍ଣ୍ଣ ପରଦା ଉଠାଇ ପାରିନାହିଁ। ଅଧିକ ତଦନ୍ତ ପାଇଁ ରବିବାର ବିଡ଼ିଡି ପୋଲିସ ହତ୍ୟାକାଣ୍ଡ ଘଟିଥିବା ଚାଉଳିଆଗଞ୍ଜ ଅପର୍ଣ୍ଣାନଗରସ୍ଥିତ ଘରର କୋଠରିକୁ ସିଲ୍ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅପର୍ଣ୍ଣାନଗରରେ ରାଜାଙ୍କ ବନ୍ଧୁ ସୁନୀଲ ସାହୁ ଘର ଭଡା ନେଇ ରହୁଥିଲେ। ସେହି ଘରକୁ ରାଜା ନିଜ ପ୍ରେମିକା ନୀହାରିକାଙ୍କୁ ନେବା ସହ ସେଠାରେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ କହିଥିଲେ। ଗତ ୨୪ରେ ଫୋରେନ୍‌ସିକ ଟିମ୍ ଏହି ଘରକୁ ଯାଞ୍ଚ କରିବା ସମୟରେ କାନ୍ଥ ଓ ବେଡରୁ ରକ୍ତ ଛିଟା ପାଇଥିଲା। ରାଜା ନୀହାରିକାଙ୍କ ତଣ୍ଟିଚିପି ହତ୍ୟା କରିଥିବା କଥା ପୋଲିସ ଆଗରେ ମାନିଥିବା ବେଳେ କାନ୍ଥରେ ଲାଗିଥିବା ରକ୍ତଛିଟାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହତ୍ୟା ସମ୍ବନ୍ଧରେ ରାଜାଙ୍କ ବୟାନ ଏବଂ ପାରିପାର୍ଶ୍ୱିକ ଚିତ୍ର ଖାପ ଖାଉ ନ ଥିବାରୁ ହତ୍ୟା ଘଟଣାଟି ସନ୍ଦେହ ଘେରକୁ ଠେଲି ହୋଇଯାଇଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଞ୍ଚଳର ନର୍ସ ନୀହାରିକା ଓ ବିଡ଼ିଡି ଅଞ୍ଚଳର ରାଜାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ରାଜା ବେରୋଜଗାର ଥିବାରୁ ବିବାହକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା। ଗତ ୮ ତାରିଖରେ ନୀହାରିକା ନର୍ସିଂହୋମ୍‌ରୁ ରାଜାଙ୍କ ସହ ଯାଇଥିଲେ। ମାତ୍ର ଆଉ ଫେରି ନ ଥିଲେ। ଗତ ୧୯ରେ ବିଡ଼ିଡି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାରୁ ନୀହାରିକାଙ୍କ ମୃତଦେହ ମିଳିଥିଲା।

■ ୫୨ କି.ମି. ଦୂରତାରେ ପାଣିକୋଇଲି-ମଙ୍ଗୁଳି ଟୋଲଗେଟ୍

# ବେଆଇନ ଭାବେ କୋଟି କୋଟି ଟଙ୍କା ଆଦାୟ

ଯାଜପୁର ଅଫିସ,୨୯।୯



■ ପରିବହନ ବିଭାଗରେ ୫-ଟିକୁ ନେଇ ପ୍ରଶ୍ନବାଚୀ
■ ନୂଆ ପରିବହନ ଆଇନକୁ କଡ଼ାକଡ଼ି, ବେଆଇନ ଟୋଲପ୍ଲାଜାକୁ ପ୍ରଶ୍ରୟ

ସମ୍ପ୍ରତି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପାଳନ କରିବାକୁ ଯାଇ ରାଜ୍ୟ ସରକାର ନୂଆ ପରିବହନ ଆଇନକୁ କଡାକଡ଼ି କରିଛନ୍ତି। ଆରଟିଓରେ ନିୟୋଜିତ ଦଲାଲଙ୍କୁ ଗିରଫ କରାଯାଉଛି। କିନ୍ତୁ ରାଜ୍ୟ ପରିବହନ ବିଭାଗ କମିଶନରଙ୍କ ନିଷ୍ପତ୍ତିକୁ ୩ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ବି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଇତିମଧ୍ୟରେ ବିନା ଅଟୋମେଟିକ ବୁମରେ ପାଣିକୋଇଲି ଓ ଶ୍ରୀରାମପୁର ଟୋଲଗେଟରୁ ସମ୍ପୃକ୍ତ ଠିକାସଂସ୍ଥା ଗାଡ଼ି ମୋଟରରୁ ଦୈନିକ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି । ରାଜ୍ୟ ସରକାର ୫-ଟି ଉପରେ ଅଧିକ ମନୋଯୋଗ କରୁଥିଲେ ହେଁ ଟୋଲଗେଟ ମାଧ୍ୟମରେ ଏହି ବ୍ୟାପକ ବେଆଇନ କାରବାରକୁ ରୋକିବାରେ ବିଫଳ ହୋଇଛନ୍ତି। ଫଳରେ ଲକ୍ଷାଧିକ ଗାଡ଼ି ମାଲିକ ଅସନ୍ତୁଷ୍ଟ ହେଉଛନ୍ତି। ଏପରିକି ବିଭିନ୍ନ ସମୟରେ ସେଠାରେ ଟୋଲ ପ୍ଲାଜା କର୍ତ୍ତୃପକ୍ଷ ଓ ଗାଡ଼ି ମାଲିକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଉଥିବା ନଜିର ରହିଛି।

୬ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କି.ମି. ୬ ଲେନ ସମ୍ପ୍ରସାରଣ ସମୟରେ ପାଣିକୋଇଲି ଟୋଲପ୍ଲାଜା ଭଦ୍ରକ ଜିଲାର ଆଖୁଆପଦାକୁ ସ୍ଥାନାନ୍ତରଣ ହେବ ବୋଲି ୨୦୧୮ ନଭେମ୍ବରରେ ଏନ୍‌ଏଚ୍‌ଆଇ ପକ୍ଷରୁ ସୂଚନା ମିଳିଥିଲା। ତେବେ ଟୋଲପ୍ଲାଜା ଠିକାସଂସ୍ଥାର ଅର୍ଥ ଓ ରାଜନୈତିକ କ୍ଷମତା ବଳରେ ଏନ୍‌ଏଚ୍‌ଆଇର ଏହି ନିଷ୍ପତ୍ତି ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଅନ୍ୟପକ୍ଷେ ଟୋଲପ୍ଲାଜା ପାଇଁ ଆଖୁଆପଦାରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି ଏବଂ ୬ ଲେନ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଲେ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ ହେବ ବୋଲି ଏନ୍‌ଏଚ୍‌ଆଇ ପକ୍ଷରୁ ଗତ ମେ ମାସରେ କୁହାଯାଇଥିଲା। କିନ୍ତୁ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ ନେଇ ଏଯାଏ କୌଣସି ଅଗ୍ରଗତି ହୋଇପାରି ନାହିଁ। ସୂଚନାଯୋଗ୍ୟ ଯେ, ଏନ୍‌ଏଚ୍‌ଆଇର ଗାଇଡଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟରୁ ଅନ୍ୟ ଟୋଲଗେଟର ଦୂରତା ଅତିକମ୍‌ରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୬ ନମ୍ବର ଜାତୀୟ ରାଜପଥ, ଚଣ୍ଡୀଖୋଲ-ପାରାଦୀପ ୫୩ ନମ୍ବର ଏବଂ ପାଣିକୋଇଲି-କେନ୍ଦୁଝର ୨୦ନମ୍ବର ଜାତୀୟ ରାଜପଥର ୧୦୦ କି.ମି. ଦୂରତା ମଧ୍ୟରେ ୪ଟି ଟୋଲପ୍ଲାଜା ରହିଛି । ସେଥିମଧ୍ୟରୁ ଯାଜପୁର ଜିଲାରେ ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାର୍ଯ୍ୟ କରୁଛି। କେବଳ ୬ ନମ୍ବର ଏନଏଚ୍‌ରେ ୫୨ କି.ମି. ଦୂରତା ମଧ୍ୟରେ ପାଣିକୋଇଲି ଓ ମଙ୍ଗୁଳି ଟୋଲପ୍ଲାଜାରୁ ଦୈନିକ ଲକ୍ଷାଧିକ ଟଙ୍କା ଟୋଲ୍ ଫି' ଆଦାୟ ଚାଲିଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଆଇ) ପକ୍ଷରୁ ମଙ୍ଗୁଳି ଟୋଲପ୍ଲାଜାକୁ ବନ୍ଧାଳୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତରଣ କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା । ଏହି ତିନି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କର୍ସ ସେକ୍ରେଟାରୀଙ୍କୁ ପତ୍ର ଲେଖିଥିଲେ। ହେଲେ ପତ୍ର ଜାରି ହେବାର ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣକୁ ନେଇ ସନ୍ଦୀହାନ ଦେଖାଦେଇଛି । ଏ ସଂକ୍ରାନ୍ତରେ ବାଲେଶ୍ୱର ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ପଚାରିବାରୁ, ବର୍ଷା ପରେ ଆଖୁଆପଦା ଟୋଲପ୍ଲାଜା କାର୍ଯ୍ୟ ଆରମ୍ଭ ହେବ। ବର୍ଷକ ପରେ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ କରାଯିବ ବୋଲି ସେ କହିଛନ୍ତି। ତେବେ ଏଭଳି ଭାବେ ଦିନ ଗଡି ଚାଲିଥିବାବେଳେ ପାଣିକୋଇଲି ଟୋଲାପ୍ଲାଜା ସ୍ଥାନାନ୍ତରଣକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଉଛି।

■ ସରକାରୀ ହସ୍ପିଟାଲ, ଆର୍‌ଟିଓରେ ଚଢ଼ାଉ

## ୮ ଜିଲାରୁ ଗିରଫ ହେଲେ ଆଉ ୧୬ ଦଲାଲ

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ସରକାରୀ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟକୁ ଦଲାଲଙ୍କ କବଳରୁ ମୁକ୍ତ କରିବା ପାଇଁ ଆରମ୍ଭ ହୋଇଛି ସ୍ପେଶାଲ ଡ୍ରାଇଭ୍। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ଡାକ୍ତରଖାନା, ମେଡିକାଲ କଲେଜ, ରକ୍ତଭଣ୍ଡାର ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ଚଢ଼ାଉ ଜାରି ରହିଛି। ଶନିବାର ସୁଦ୍ଧା ୧୫୪ ଦଲାଲ ଧରାପଡିଥିବାବେଳେ ରବିବାର ୮ ଜିଲାରୁ ଆଉ ୧୬ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଯାଜପୁର ଆର୍‌ଟିଓରୁ ୨ଜଣ ଓ ନୂଆପଡ଼ା ଆର୍‌ଟିଓରୁ ୨ଜଣ, ନୟାଗଡ଼ ହସ୍ପିଟାଲରୁ ୧, ବୌଦ୍ଧରୁ ୧, କଳାହାଣ୍ଡିରୁ ୨, କେନ୍ଦୁଝରରୁ ୨, ମୟୂରଭଞ୍ଜରୁ ୧ ଓ ମେଡିକାଲ କଲେଜ ପରିସରରୁ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚଢ଼ାଉ ଓ ପଦକ୍ଷେପକୁ ଜୋର୍‌ଦାର କରିବା ପାଇଁ ଡିଜିପି ବି.କେ. ଶର୍ମା ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନର ସ୍ଥିତି ସମ୍ପର୍କରେ ପୋଲିସ ମୁଖ୍ୟାଳୟକୁ ରିପୋର୍ଟ ଦେବାକୁ କୁହାଯାଇଛି।



## ଚାଇନାରେ ଦୁର୍ଘଟଣା: ୩୬ ମୃତ

ଚାଇନାର ଜିଆଙ୍ଗସୁ ପ୍ରଦେଶରେ ସଡ଼କ ଦୁର୍ଘଟଣାରେ ୩୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୬ ଆହତ ହୋଇଛନ୍ତି। ୬୯ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ କୋଚ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। କୋଚ୍‌ର ଫ୍ଲାଟ ଟାୟାର ପାଇଁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ପ୍ଲାଷ୍ଟିକ୍ ମୁକ୍ତ ଭାରତ ପାଇଁ ଶପଥ ନେବା

ନୂଆଦିଲ୍ଲୀ,୨୯।୯(ପି.ଟି.)




ସ୍ୱଚ୍ଛ ଭାରତ ଅଭିଯାନ, ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାରତରେ ପ୍ଲଗିଙ୍ଗ୍ ଅଭିଯାନ ଆରମ୍ଭ କରିବା ଲାଗି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ଭାରତର ପ୍ରଥମ ପ୍ଲଗର ରିପୁଦମନ ବେଲ୍‌ଭି ଏହି ପ୍ଲଗିଙ୍ଗ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଛନ୍ତି। ପ୍ଲଗିଙ୍ଗ୍ ହେଉଛି ରାସ୍ତାରେ ଜଗିଙ୍ଗ୍ କରିବା ସହିତ ଅଳିଆ ଉଠାଇବା। ଏହା ଆମକୁ ଫିଟ୍ ରଖିବା ସହ ପ୍ରଦୂଷଣ ରୋକିବାରେ ସହାୟକ ହୋଇପାରିବ। ୨୦୧୬ରେ ସ୍ୱିଡେନ୍‌ରେ ପ୍ରଥମେ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ ଅଭିଯାନ ହେଉଥିବାବେଳେ ଏଥିରୁ ମୁକ୍ତି ପାଇଁ ୧୩୦ କୋଟି ଦେଶବାସୀଙ୍କୁ ଶପଥ ନେବାକୁ ହେବ। ଅକ୍ଟୋବର ୨ରେ କ୍ରୀଡା ମନ୍ତ୍ରଣାଳୟ 'ଫିଟ୍ ଇଣ୍ଡିଆ ପ୍ଲଗିଙ୍ଗ୍ ରନ୍' ଆୟୋଜନ କରିବ। ଏଥିରେ ସାରା ଦେଶରୁ ଲୋକେ ଭାଗ ନେଇ ୨ କିଲୋମିଟର ଦୌଡିବା ସହ ଅଳିଆ ସଂଗ୍ରହ କରିବେ।

ତମାଖୁ ବର୍ଜନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଇ-ସିଗାରେଟ ନିଷିଦ୍ଧ କରାଯାଇଥିବାରୁ ଏହା ଯୁବସମାଜକୁ ନୂଆ ବଦଭ୍ୟାସରେ ପଡିବାରୁ ରୋକିପାରିବ ବୋଲି କହିଛନ୍ତି। କ୍ୟାନସର, ମଧୁମେହ ଓ ରକ୍ତଚାପ ଭଳି ତମାଖୁ ସେବନ ଅତ୍ୟନ୍ତ ହାନିକାରକ। ଇ-ସିଗାରେଟ ମଧ୍ୟ ଅନୁରୂପ କ୍ଷତିକାରକ ହୋଇଥିବାରୁ ଏହାର ଉତ୍ପାଦନ ଓ ବିକ୍ରିକୁ ବନ୍ଦ କରିବା ଲାଗି ସରକାର ଅଧ୍ୟାଦେଶ ଆଣିଛନ୍ତି। ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ଏହି ଅଧ୍ୟାଦେଶ ଆଇନରେ ପରିଣତ ହେବାକୁ ଯାଉଛି।

### ଗାନ୍ଧୀ ଜୟନ୍ତୀରେ ଫିଟ୍ ଇଣ୍ଡିଆ ପ୍ଲଗିଙ୍ଗ୍ ରନ୍

ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ଜନସାଧାରଣ ପରସ୍ପର ମଧ୍ୟରେ ଆନନ୍ଦ ବାଣ୍ଟିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନବରାତ୍ର ଉତ୍ସବ ଆରମ୍ଭ ହୋଇଥିବାବେଳେ ଏହା ଲୋକଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଦେବ। ଏଥର ଦିୱାଲି ପାଳନ ବେଳେ ରାଷ୍ଟ୍ର ନାରୀଶକ୍ତିର ଦକ୍ଷତା ଓ ସାମର୍ଥ୍ୟର ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଝିଅମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କ୍ରୀଡା ଓ ଖେଳୱାଡ ମନୋଭାବ ସମ୍ପର୍କରେ କହିବା ବେଳେ ୟୁଏସ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟ ତାଙ୍କୁ ପ୍ରଭାବିତ କରିଥିବା ସୂଚନା ଦେଇଥିଲେ। ଖେଳୱାଡ ମନୋଭାବ ରଖି ଲୋକଙ୍କ ହୃଦୟ ଜିଣିବାକୁ ସେ ପରାମର୍ଶ ଦେଇଥିଲେ। ଅକ୍ଟୋବର ୩୧ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ। 'ଏକ ଭାରତ ଶ୍ରେଷ୍ଠ ଭାରତ' ଆମର ଲକ୍ଷ୍ୟ ହୋଇଥିବାରୁ ଏହି ଦିନ ବହୁସଂଖ୍ୟାରେ 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପାର୍ବଣ ଋତୁରେ ଭାରତ ଭ୍ରମଣ ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ଚାରି ବର୍ଣ୍ଣରେ ରଜା**
**ବାଳିଆ ମାଛ ଥାଇ ବୋଇଲା**
**ମୁଁ ମାଛଙ୍କ ଭିତରେ ରଜା ।**

ଜ୍ୟୋତିଷ ଶାସ୍ତ୍ରରେ ୧୨ଗୋଟି ରାଶିକୁ ୪ଟି ବର୍ଣ୍ଣ ଯଥା ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରୁ ବିପ୍ର ବର୍ଣ୍ଣକୁ ପ୍ରଥମ ବର୍ଣ୍ଣର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ବାଳିଆ ମାଛର ଆକାର ଅନ୍ୟ ମାଛ ତୁଳନାରେ ବହୁତ ବଡ଼ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଇଗଣ ଝଟେଇ**
**ଏଠା କଥା ସେଠେଇ କହେ**
**ନାଲ୍‌ବାଇ ଖେଣ୍ଟେଇ ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦପ୍ରକୃତି ହୋଇଥାଏ। ୟା'କଥା ତା' ଆଗରେ ତା'କଥା ୟା' ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୁଣି ହିଂସ୍ର ହେଲା ହଂକଂ

**ହଂକଂ,୨୯।୯(ଏଏଫ୍‌ପି):** ଚାଇନାର ୭୦ତମ ପ୍ରତିଷ୍ଠା ଦିବସର ଅବ୍ୟବହିତ ପୂର୍ବରୁ ହଂକଂରେ ପୁଣି ହିଂସା ଦେଖାଦେଇଛି। ସରକାର ବିରୋଧୀ ବିକ୍ଷୋଭକାରୀ ଓ ଦଙ୍ଗା ନିରୋଧୀ ପୋଲିସ ମଧ୍ୟରେ ରବିବାର ସଂଘର୍ଷ ଘଟିଛି। ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ପୋଲିସ ବ୍ୟାରିକେଡ୍‌ରେ ନିଆଁ ଲଗାଇ ଚାଇନା ବେଜିଂ ପକ୍ଷରୁ ଲଗାଯାଇଥିବା ବ୍ୟାନର ପୋଷ୍ଟରଗୁଡ଼ିକୁ ଚିରି ଦେଇଛନ୍ତି।

## ସଂକ୍ଷେପରେ

### ମିର୍ଜା-ମୁକୁଲଙ୍କୁ ମୁହାଁମୁହିଁ ଜେରା

**କୋଲକାତା,୨୯।୯(ପି.ଟି.):** ନାରଦା ଟେପ୍ ଦୁର୍ନୀତି ମାମଲାରେ ସିବିଆଇ ରବିବାର ବରିଷ୍ଠ ଭାଜପା ନେତା ମୁକୁଲ ରାୟଙ୍କୁ ଗିରଫ ଆଇପିଏସ୍ ଅଫିସର ଏସ୍.ଏମ୍.ଏଚ୍. ମିର୍ଜାଙ୍କ ସହ ମୁହାଁମୁହିଁ ଜେରା କରିଛି। ମିର୍ଜାଙ୍କୁ ସିବିଆଇ ଅଧିକାରୀମାନେ ମୁକୁଲଙ୍କ ବାସଭବନକୁ ନେଇ ୩ ଘଣ୍ଟା ଜେରା କରିଥିଲେ। ୨୦୧୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଟେପ୍ ଲୋକଲୋଚନକୁ ଆସିଥିଲା। ଏକ କମ୍ପାନୀକୁ ଅନୁକମ୍ପା ଦେଖାଇବା ପାଇଁ ଏହାର ପ୍ରତିନିଧିଙ୍କଠାରୁ ମିର୍ଜା ଓ ତୃଣମୂଳ କଂଗ୍ରେସର କେତେଜଣ ବରିଷ୍ଠ ନେତା ଟଙ୍କା ନେଉଥିବା ଟେପ୍‌ରେ ଦେଖିବାକୁ ମିଳିଥିଲା। ସେତେବେଳେ ମୁକୁଲ ଟିଏମ୍‌ସି ଏମ୍‌ପି ଥିଲେ। ନାରଦା ନ୍ୟୁଜ୍‌ର ମୁଖ୍ୟ ମାଥ୍ୟୁ ସାମୁଏଲ୍ ବ୍ୟବସାୟୀ ପରିଚୟ ଦେଇ ଷ୍ଟିଙ୍ଗ୍ ଅପରେଶନ କରାଇଥିବାବେଳେ ତାଙ୍କ ସହ ମୁକୁଲ କଥା ହେଉଥିବା ଦେଖାଯାଇଥିଲା। ମିର୍ଜା ଜଣେ ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ସେ ମୁକୁଲଙ୍କ ପରାମର୍ଶକ୍ରମେ ଏହି ଟଙ୍କା ଗ୍ରହଣ କରିଥିଲେ ବୋଲି କହିଥିଲେ।

### ପଣ୍ଡିତ ଯଶରାଜଙ୍କ ନାଁରେ କ୍ଷୁଦ୍ର ଗ୍ରହ

**ନୂଆଦିଲ୍ଲୀ,୨୯।୯ :** ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଥିବା ଏକ କ୍ଷୁଦ୍ର ଗ୍ରହକୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକାର ପଣ୍ଡିତ ଯଶରାଜଙ୍କ ନାଁରେ ନାମିତ କରାଯାଇଛି। ଅନ୍ତର୍ଜାତୀୟ ମହାକାଶ ବିଜ୍ଞାନ ସଂଘ (ଆଇଏୟୁ) ଏଭଳି ନାମକରଣ ନିଷ୍ପତ୍ତି ନେଇଛି। ୨୦୦୬ ନଭେମ୍ବର ୧୧ରେ ଏହି କ୍ଷୁଦ୍ର ଗ୍ରହକୁ ଆବିଷ୍କାର କରାଯାଇଥିଲା। ଏଭଳି ସମ୍ମାନ ପାଇଁ ଅତ୍ୟନ୍ତ ଆନନ୍ଦିତ ବୋଲି ଯଶରାଜ କହିଛନ୍ତି।

### ପାକ୍ ସେନା ଗୁଳିରେ ୬ ଆହତ

**ଜମ୍ମୁ,୨୯।୯(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ସୀମାନ୍ତ ଗ୍ରାମକୁ ଲକ୍ଷ୍ୟ କରି ପାକ୍ ସେନା ଗୁଳିଗୋଳା ମାଡ଼ କରିବାରୁ ଜଣେ ୧୨ ବର୍ଷର ବାଳକ ସମେତ ୬ ଆହତ ହୋଇଛନ୍ତି। ଏଲ୍‌ଓସି ଆରପଟୁ ଗୁଳି ଓ ସେଲ୍ ମାଡ଼ କରାଯାଇଥିବାବେଳେ ଯବାନମାନେ ଏହାର ଠିକଣା ଜବାବ ଦେଇଛନ୍ତି।

### ମହାରାଣୀଙ୍କୁ କ୍ଷମା ମାଗିଲେ ବୋରିସ୍

**ଲଣ୍ଡନ,୨୯।୯(ପି.ଟି.):** ବ୍ରିଟେନ ପାର୍ଲାମେଣ୍ଟକୁ ୫ ସପ୍ତାହ ପାଇଁ ନିଲମ୍ବନ କରିବା ଅବୈଧ ବୋଲି ମଙ୍ଗଳବାର ସେଠାକାର ସୁପ୍ରିମକୋର୍ଟ ରାୟ ଦେବା ପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କୁ କ୍ଷମାମାଗିଛନ୍ତି। ସଣ୍ଡେ ଟାଇମ୍ସ ରିପୋର୍ଟ ଅନୁସାରେ ୧୦ ଡାଉନିଂ ଷ୍ଟ୍ରିଟ୍ ସୂତ୍ରରୁ ଏହା ଜଣାପଡ଼ିଛି। ପାର୍ଲାମେଣ୍ଟକୁ ସେପ୍ଟେମ୍ବର ମଧ୍ୟଭାଗରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ନିଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିବାରୁ ମହାରାଣୀଙ୍କ ବକିଂହାମ୍ ପ୍ୟାଲେସ୍‌ର ବରିଷ୍ଠ ପରାମର୍ଶଦାତାମାନେ ବୋରିସ୍‌ଙ୍କ ଉପରେ କ୍ଷୁବ୍ଧ ଥିଲେ। ଅକ୍ଟୋବର ୩୧ ବ୍ରେକ୍‌ଜିଟ୍ ତାରିଖ ପୂର୍ବରୁ ଏସମ୍ପର୍କିତ ବିତର୍କର ସମୟକୁ ହ୍ରାସ କରିବା ପାଇଁ ବୋରିସ୍ ପାର୍ଲାମେଣ୍ଟକୁ ସ୍ଥଗିତ କରିଥିବା ନେଇ ଚ୍ୟାଲେଞ୍ଜ କରାଯିବା ପରେ ଗତ ୨୪ ତାରିଖରେ ସୁପ୍ରିମକୋର୍ଟ ଅଧ୍ୟକ୍ଷ ଲେଡି ବ୍ରେଣ୍ଡା ହାଲେ ଭର୍ତ୍ସନା କରିଥିଲେ। ରାୟ ଆସିବା ମାତ୍ରେ ବୋରିସ୍ ମହାରାଣୀଙ୍କୁ ଫୋନ୍ କରି ଦୁଃଖିତ ବୋଲି କହିଥିଲେ।



### ଇତିହାସର ଆଇନାରେ

### ସେପ୍ଟେମ୍ବର ୩୦ରେ ପ୍ରମୁଖ ଘଟଣା

୧୯୪୭ ସେପ୍ଟେମ୍ବର ୩୦ରେ ପାକିସ୍ତାନ ଆନୁଷ୍ଠାନିକ ଭାବେ ଜାତିସଂଘରେ ଯୋଗଦେଇଥିଲା। ଏବେ ଏହା ଏକ ଚାର୍ଟର ସଦସ୍ୟ। ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦକୁ ୭ ଥର ନିର୍ବାଚିତ ହୋଇଛି।

୨୦୦୯ ସେପ୍ଟେମ୍ବର ୩୦ରେ ସୁମାତ୍ରାରେ ଭୂକମ୍ପରେ ୧୧୧୫ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୧୨୧୪ ଜଣ ଗୁରୁତର ଆହତ ହୋଇଥିଲେ। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ଥିଲା ୭.୬। ଭୂମିକମ୍ପରେ ୨,୫୦,୦୦୦ ପରିବାର ପ୍ରଭାବିତ ହୋଇଥିଲେ।

# ୧୦୦ ବିଲିୟନ ଡଲାର ନିବେଶ କରିବ ସୌଦି

ନୂଆଦିଲ୍ଲୀ,୨୯।୯(ପି.ଟି.)

### ଭାରତ ସହ ବାଣିଜ୍ୟିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ବିଶ୍ୱର ସର୍ବବୃହତ ତୈଳ ରପ୍ତାନିକାରୀ ରାଷ୍ଟ୍ର ସୌଦି ଆରବ ଭାରତର ପେଟ୍ରୋକେମିକାଲ, ଭିତ୍ତିଭୂମି ଓ ଖଣି ସେକ୍ଟରରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ମନସ୍ଥ କରିଛି। ସୌଦି ପାଇଁ ଭାରତ ପୁଞ୍ଜି ବିନିଯୋଗର ଆକର୍ଷଣୀୟ ସ୍ଥାନ ବୋଲି ସୌଦି ରାଷ୍ଟ୍ରଦୂତ ଡ. ସୌଦ ବିନ୍ ମହମ୍ମଦ ଅଲ୍ ସାଟି କହିଛନ୍ତି। ତୈଳ, ଗ୍ୟାସ, ମାଇନିଂ ଭଳି ପ୍ରମୁଖ ସେକ୍ଟରରେ ସୌଦି ଆରବ ନୂଆଦିଲ୍ଲୀ ସହ ଦୀର୍ଘମିଆଦୀ ଭାଗିଦାରିତାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ସହ ସୌଦିର ବୃହତ୍ ତୈଳ କମ୍ପାନୀ ଆରାମକୋ ଅଂଶୀଦାର ହେବାକୁ ପ୍ରସ୍ତାବ ଦେଇଥିବା ଅଲ୍ ସାଟି କହିଛନ୍ତି। ଆରାମକୋ ପଶ୍ଚିମ ଉପକୂଳରେ ଥିବା ରିଲାଏନ୍ସର ତୈଳ ବିଶୋଧନାଗାର ଓ ପେଟ୍ରୋକେମିକାଲ ପ୍ରୋଜେକ୍ଟରେ ୪୪ ବିଲିୟନ ଡଲାର ନିବେଶ କରିବ। ସୌଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ଭିଜନ ୨୦୩୦ ଯୋଜନାରେ ଭାରତ ସହ ବ୍ୟବସାୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

# ବେଅନ୍ତ ସିଂ ହତ୍ୟାକାରୀଙ୍କ ଦଣ୍ଡ କୋହଳ

ନୂଆଦିଲ୍ଲୀ,୨୯।୯(ପି.ଟି.)

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବେଅନ୍ତ ସିଂ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ବଲୱନ୍ତ ସିଂ ରାଜୋଆନାଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପଞ୍ଜାବରୁ ଆତଙ୍କବାଦର ମୂଳୋତ୍ପାଟନ କରିବାର ଶ୍ରେୟ ନେଇଥିବା ବେଅନ୍ତ ସିଂଙ୍କୁ ୧୯୯୫ ଅଗଷ୍ଟ ୩୧ରେ ହତ୍ୟା କରାଯାଇଥିଲା। ଏଥିରେ ଅନ୍ୟ ୧୬ ଜଣ ନିହତ ହୋଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣରେ ପଞ୍ଜାବ ପୋଲିସ କର୍ମଚାରୀ ଦିଲୱର ସିଂଙ୍କୁ ମାନବବୋମା ଭାବେ ବ୍ୟବହାର କରାଯାଇଥିଲା। ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ଅବସରରେ ବିଭିନ୍ନ ଜେଲ୍‌ରେ ଥିବା ପଞ୍ଜାବ ଆତଙ୍କବାଦ ସମୟର ୮ ଶିଖ୍ ଅପରାଧୀଙ୍କୁ ମୁକ୍ତକରିବା ଲାଗି ସରକାର ନିଷ୍ପତ୍ତି ନେଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖପାତ୍ର ସୂଚନା ଦେଇଛନ୍ତି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୨୨.୦ |
| ଚାନ୍ଦବାଲି | ୩୦.୭ | ୨୩.୯ |
| କଟକ | ୩୧.୮ | ୨୧.୨ |
| ପାରାଦ୍ୱୀପ | ୩୦.୫ | ୨୪.୨ |
| ଭୁବନେଶ୍ୱର | ୩୧.୭ | ୨୩.୮ |
| ଗୋପାଳପୁର | ୩୧.୦ | ୨୪.୦ |
| ପୁରୀ | ୩୧.୨ | ୨୩.୪ |
| ଅନୁଗୋଳ | ୨୯.୭ | ୧୭.୬ |
| ବାରିପଦା | --- | -- |
| ଝାରସୁଗୁଡ଼ା | ୨୮.୦ | ୨୨.୨ |
| କେନ୍ଦୁଝର | ୨୯.୦ | ୨୨.୦ |
| ସମ୍ବଲପୁର | ୨୯.୪ | ୨୧.୯ |
| ସୁନ୍ଦରଗଡ଼ | ୨୫.୦ | ୨୦.୦ |
| ହୀରାକୁଦ | ୨୮.୨ | ୨୨.୭ |
| ତାଳଚେର | ୩୧.୨ | ୨୩.୬ |
| ଭବାନୀପାଟଣା | ୩୨.୪ | ୨୪.୫ |
| ବଲାଙ୍ଗୀର | ୩୦.୦ | ୨୨.୫ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | ୨୭.୬ | --- |
| ଟିଟିଲାଗଡ଼ | --- | ୨୦.୬ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୨୯.୪ | ୧୮.୦ |
| ଦାରିଙ୍ଗିବାଡ଼ି | ୨୪.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS

ASTROLOGY

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଆପଣଙ୍କ ଅତି ନିକଟର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DHARITRI Career appointment Every Wednesday and Saturday

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନଦୀରେ ଭାସିଗଲେ ୨ ବୃଦ୍ଧା ଭଉଣୀ

**ଦଶମନ୍ତପୁର,୨୯।୯(ଡି.ଏନ୍.ଏ.):** ଦୁଇଦିନ ତଳେ ଡଙ୍ଗରରୁ ବାଉଁଶ କରଡ଼ି ସଂଗ୍ରହ କରିବାକୁ ଯାଇଥିବା ୨ ଜଣ ବୃଦ୍ଧା ଭଉଣୀ ନଦୀ ପାର ହେବା ବେଳେ ଭାସିଯାଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ତାଳଗୁଡ଼ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ରବିବାର ଉଭୟଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ତାଳଗୁଡ଼ ଗାଁର ବୃଦ୍ଧା କୋପେ ମାଝି ଓ ମନ୍ତ୍ରୀ ମାଝୀଙ୍କ ସ୍ତ୍ରୀ ଦଇମ ଦୁଇ ଭଉଣୀ ଅଟନ୍ତି। ଉଭୟ ବୟସ ୬୦ରୁ ଅଧିକ ହେବ। ଦୁହେଁ ଗତ ଶୁକ୍ରବାର ସକାଳେ ଗାଁ ନିକଟସ୍ଥ ଡଙ୍ଗରକୁ ବାଉଁଶ କରଡ଼ି ସଂଗ୍ରହ କରିବା ପାଇଁ ପୋଡ଼ଗାଡ଼ ନଦୀ ଡେଇଁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ସେମାନେ ଫେରି ନଥିଲେ। ଦୁଇଦିନ ପରେ ମଧ ସେମାନଙ୍କ ପତା ନ ମିଳିବାରୁ ରବିବାର ପରିବାର ଓ ଗାଁଲୋକେ ଉଭୟଙ୍କୁ ଖୋଜିବା ପାଇଁ ନଦୀପାଖକୁ ଯାଇଥିଲେ। ପୋଡ଼ଗାଡ଼ ନଦୀର ଚାଅଁଡ଼ା ନିକଟରୁ କୋପେଙ୍କ ମୃତଦେହ ମିଳିଥିବା ବେଳେ ସେଠାରୁ ଅଳ୍ପଦୂରରେ ଦଇମଙ୍କ ମୃତଦେହ ସନ୍ଧ୍ୟାରେ ଠାବ କରାଯାଇଛି।

# ଏସ୍ଏଚ୍‌ଜିଙ୍କୁ ଅଗ୍ରାଧିକାର ମିଳିବା ନେଇ ପ୍ରଶ୍ନବାଚୀ

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର,୨୯।୯**

**ପିଡିଏସ୍ ଲାଇସେନ୍ସ**

ପିଡିଏସ୍ (ସାଧାରଣ ବଣ୍ଟନ ବ୍ୟବସ୍ଥା)ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)କୁ ଲାଇସେନ୍ସ ଦେବା କ୍ଷେତ୍ରରେ ଅଗ୍ରାଧିକାର ମିଳିବ। ଏହାପରେ ଗ୍ରାମପଞ୍ଚାୟତ ଏବଂ ପୌରାଞ୍ଚଳ ସଂସ୍ଥାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ପୂର୍ବରୁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ ୨୦୧୬ର ଧାରା-୪(୩) ଅନୁସାରେ ଗ୍ରାମପଞ୍ଚାୟତ, ପୌରାଞ୍ଚଳ ସଂସ୍ଥା ଏବଂ ଶେଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଲାଇସେନ୍ସ ପ୍ରାପ୍ତି ପାଇଁ ଅଗ୍ରାଧିକାର ଦିଆଯାଉଥିଲା। ରାଜ୍ୟ ସରକାର ବର୍ତ୍ତମାନ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି। ଯେଉଁ ମହିଳା ଗ୍ରୁପ ବ୍ୟାଙ୍କରୁ ଋଣ ନେଇ ଠିକ୍ ଭାବରେ କାର୍ଯ୍ୟ ଚଳାଇଥିବେ ସେମାନଙ୍କୁ ବିଶେଷ ପ୍ରାଧାନ୍ୟ ମିଳିବ। ଏହାଛଡ଼ା ଯଦି ପିଡିଏସ୍ ଲାଇସେନ୍ସ ପାଇଁ ଆବେଦନ କରୁଥିବା କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭଲ ବାଣିଜ୍ୟ ବେପାର କରୁଥିବ ସେଠାରେ ମଧ ଗୁରୁତ୍ୱ ଦିଆଯିବ। ଏଭଳି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସେପ୍ଟେମ୍ବର ୨୧ ତାରିଖରେ ମୋହର ମାରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ ଏବଂ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏପରିକି ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିବା ଦିନ ହିଁ ସବୁ ଜିଲାପାଳଙ୍କ ନିକଟକୁ ନିର୍ଦ୍ଦେଶ ପଠାଇ ଦିଆଯାଇଛି। କିନ୍ତୁ ପ୍ରାୟତଃ ରାଜ୍ୟର ସବୁ ସ୍ଥାନରେ ଅର୍ଥାତ୍ ୫ ହଜାର ସରକାରୀ କିମ୍ବା ୭ ହଜାର ଘରୋଇ ଡିଲର ରହିଛନ୍ତି। ଏଭଳି ସ୍ଥିତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କେଉଁ ସ୍ଥାନରେ ପ୍ରାଧାନ୍ୟ ମିଳିବ ସେନେଇ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଯାଇନାହିଁ। ଜଣେ ସରକାରୀ ଅଧିକାରୀଙ୍କ କହିବା କଥା, ଯଦି କୌଣସି ସ୍ଥାନରେ ଡିଲର ନ ଥିବେ ସେହି ସ୍ଥାନରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଅନ୍ୟପଟେ ଯଦି କୌଣସି ଡିଲର ବିରୋଧରେ ଅନିୟମିତତା ଅଭିଯୋଗ ପ୍ରମାଣିତ ହୁଏ, ସେହି ସ୍ଥାନରେ ମଧ ଅଗ୍ରାଧିକାର ମିଳିବ। କିନ୍ତୁ ଯାହା ମନେ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଗ୍ରାଧିକାର ମିଳିବା ଭଳି ଦେଖାଯାଉନାହିଁ। କାରଣ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ସରକାର ଘରୋଇ ଡିଲରଙ୍କୁ ନ ହଟାଇ ସେମାନଙ୍କ କାର୍ଯ୍ୟ ଅବଧି ବଢ଼ାଇ ଚାଲିଥିବାରୁ ଉପରୋକ୍ତ ନିଷ୍ପତ୍ତି କିପରି କାର୍ଯ୍ୟକାରୀ ହେବ ତାହା ସରକାରୀ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ପିଡିଏସ୍ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକରେ ନିମ୍ନମାନର ଚାଉଳ ପ୍ରଦାନ କରାଯାଉଥିବା ଅଭିଯୋଗ କ୍ରମେ ଘରୋଇ ଡିଲରମାନଙ୍କୁ ହଟାଇବା ପାଇଁ ଫେବୃୟାରୀ ୨୦୧୮ରେ ସବୁ ଜିଲାପାଳଙ୍କୁ ତତ୍କାଳୀନ ରାଜ୍ୟ ଖାଦ୍ୟ କମିଶନର ରଙ୍ଗଲାଲ ଜାମୁଡା ଚିଠି କରିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଖୋଦ୍ ସରକାର ରାଜି ହେଲେନାହିଁ। ଘରୋଇ ଡିଲରଙ୍କୁ ହଟାଇବା ଲାଗି ୨୦୧୮ ମାର୍ଚ୍ଚ ୧୫ ଶେଷ ତାରିଖ ଥିଲା। କିନ୍ତୁ ଠିକ୍ ଏହାର ଦିନକ ଆଗରୁ ଅର୍ଥାତ୍ ୧୪ ମାର୍ଚ୍ଚ ୨୦୧୮ରେ ସରକାର କ୍ୟାବିନେଟ୍ ବୈଠକ ଡକାଇ ଘରୋଇ ଡିଲରଙ୍କ ସମୟ ଅବଧି ଗୋଟିଏ ବର୍ଷ ବଢାଇ ଦେଇଥିଲେ। ତଦନୁଯାୟୀ ୧୫ ମାର୍ଚ୍ଚ ୨୦୧୯ ଶେଷ ତାରିଖ ହୋଇଥିବାବେଳେ ସାଧାରଣ ନିର୍ବାଚନ ନିକଟତର ଥିଲା। ତେଣୁ ଦୁଇମାସ ପୂର୍ବରୁ ଅର୍ଥାତ୍ ୫ ଜାନୁୟାରୀ ୨୦୧୯ରେ ସରକାରଙ୍କ ପକ୍ଷରୁ ପୁଣି କ୍ୟାବିନେଟ୍ ବୈଠକ ବସି ଉକ୍ତ ସମୟ ଅବଧିକୁ ୧୫ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେଣୁ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରାୟତଃ ଶାସକ ଦଳର କର୍ମୀମାନେ ଘରୋଇ ଡିଲର ହୋଇଥିବାରୁ ସେମାନଙ୍କୁ କାଢ଼ି ଅସନ୍ତୁଷ୍ଟ କରିବାକୁ ସରକାର ଚାହୁଁ ନ ଥିବା କଂଗ୍ରେସ ନେତା ଶରତ ରାଉତ କହିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ଘରୋଇ ଡିଲରମାନେ ଦୁର୍ନୀତି କରୁଥିବା ଖୋଦ୍ ଖାଦ୍ୟ କମିଶନର ଅଭିଯୋଗ କରିଛନ୍ତି, ତେବେ ରାଜ୍ୟ ସରକାର ଏହାକୁ କାହିଁକି ପ୍ରୋତ୍ସାହନ ଯୋଗାଉଛନ୍ତି। ଏହି ସଂସ୍ଥାଗୁଡ଼ିକ ସାଧାରଣ ଲୋକଙ୍କ ସହିତ ଜଡ଼ିତ। ତେଣୁ ଏଠାରେ କାହିଁକି ସରକାର ଦୁର୍ନୀତିଖୋର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ସେମାନଙ୍କୁ ସୁଯୋଗ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।



ଦେଖନ୍ତୁ ଭିଡିଓ
YouTube /dharitrilive

## ପାରାଦୀପରେ ମତ୍ସ୍ୟଜୀବୀଙ୍କୁ ନିଆଁ ଚେଙ୍କ

**ବାସୁଦେବପୁର, ୨୯।୯ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଖରିଦା ବିନାୟକପୁର ଗ୍ରାମର ଅଗଣୀ ମଳିକ ନାମକ ଜଣେ ମତ୍ସ୍ୟଜୀବୀଙ୍କୁ ପାରାଦୀପରେ ଜଣେ ଲଞ୍ଚ ଡ୍ରାଇଭର ନିଆଁ ଚେଙ୍କ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଅଗଣୀ ଗୁରୁତର ହୋଇଛନ୍ତି। ଉକ୍ତ ଲଞ୍ଚ ଡ୍ରାଇଭରଙ୍କ ଘର ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ଗ୍ରାମରେ। ଅଗଣୀ ଶନିବାର ଘରେ ପହଞ୍ଚିବା ପରେ ଏହି ଘଟଣା ପଦାକୁ ଆସିଛି। ଲଞ୍ଚ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି ଆହତ ଅଗଣୀ ଓ ତାଙ୍କ ପରିବାର। ଅଗଣୀଙ୍କ ଦେହର ବିଭିନ୍ନ ଅଂଶରେ ନିଆଁ ଚେଙ୍କର ସଦ୍ୟଦାଗରୁ ଘା ସୃଷ୍ଟି ହୋଇଛି। ତାଙ୍କ ମଳଦ୍ୱାରରେ ରଡ୍ ପୂରାଯାଇଥିବା ଓ ଯୌନାଙ୍ଗରେ ମଧ ଚେଙ୍କ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

### ■ ମମତା ବାନାର୍ଜୀଙ୍କୁ ଶ୍ରୀଜଗନ୍ନାଥ ସେନାର ଦାବିପତ୍ର

# ଓଡ଼ିଶା ଆସୁ ଡାକୋଟା ବିମାନ

**ପୁରୀ ଅଫିସ, ୨୯।୯**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଦୁଇଟି ଦାବି ଜଣାଇଛି ପୁରୀର ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୨୧ ତାରିଖରେ ମମତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନକୁ ଓଡ଼ିଶା ଫେରାଇ ଆଣିବାରେ ସହଯୋଗ କରିବା ଏବଂ ଗଙ୍ଗାନଦୀର ଜଗନ୍ନାଥ ଘାଟରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇବା ଲାଗି ମମତାଙ୍କୁ ଅନୁରୋଧ କରାଯାଇଛି।

**ଜଗନ୍ନାଥ ଘାଟରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଜଣାଇଲେ**



ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ। କଲିକତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବିଜୁବାବୁଙ୍କ ପ୍ରିୟ ଡାକୋଟା-ଡିସି-୩କୁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ସ୍କ୍ରାପ୍ ଦରରେ ବିକ୍ରି କରିବାକୁ ଯୋଜନା କରୁଛନ୍ତି, ଯାହାକି ପ୍ରତିଟି ଓଡ଼ିଆଙ୍କ ପାଇଁ ଯନ୍ତ୍ରଣାଦାୟକ। ଏହି ବିମାନରେ ଦୁଃସାହସିକତାର ସହ ଉଡ଼ି ଓଡ଼ିଆ ପୁଅ ବିଜୁବାବୁ ଦିନେ ବିଶ୍ୱବାସୀଙ୍କୁ ଚମକାଇ ଦେଇଥିଲେ। ଡାକୋଟା ବିମାନ ମାଧ୍ୟମରେ ଅତ୍ୟନ୍ତ ଦୁଃସାହସିକ ଅଭିଯାନ ଚଳାଇ ୧୯୪୭ ଜୁଲାଇ ୨୨ ତାରିଖରେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିରଙ୍କୁ ଜାଭା ଦ୍ୱୀପରୁ ଡଚ୍ ସେନା କବଳରୁ ମୁକ୍ତ କରି ନେଇଆସିଥିଲେ। ତେଣୁ ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଏହି ଡାକୋଟା ବିମାନକୁ ଓଡ଼ିଶା ଫେରାଇ ନେବାରେ ସହଯୋଗ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଓଡ଼ିଶା ସରକାର ଯଦି ଏହି ବିମାନ ଆଣିବାରେ ଆଗ୍ରହ ନ ରଖନ୍ତି ତେବେ ଜଗନ୍ନାଥ ସେନା ଏହାକୁ ଆଣିବାକୁ ଚେଷ୍ଟା କରିବ। ଏଥିପାଇଁ ଆସନ୍ତା ୩ ତାରିଖରେ ଦିଲ୍ଲୀରେ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ କଳାପାହାଡ ଦାରୁବିଗ୍ରହମାନଙ୍କୁ ନେଇ ପଶ୍ଚିମବଙ୍ଗ ହୁଗୁଳି (ବର୍ତ୍ତମାନର ଗଙ୍ଗାନଦୀ) କୂଳରେ ପୋଡିଦେବାକୁ ତାଙ୍କ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଆଁ ଲଗାଇବା ପରେ ତିନିଠାକୁରଙ୍କୁ ସେଠାରେ ପକାଇ ସୈନ୍ୟମାନେ ଚାଲି ଯାଇଥିଲେ। ତେବେ ଅଧାପୋଡ଼ା ଠାକୁରଙ୍କୁ ପାଣିରେ ବୁଡ଼ାଇ ବ୍ରହ୍ମଗୁଡ଼ିକୁ ଉଦ୍ଧାର କରିଥିଲେ ବିଶର ମହାନ୍ତି। ସେଠାରୁ ମୃଦଙ୍ଗରେ ବ୍ରହ୍ମଙ୍କୁ ଧରି ଓଡ଼ିଶା ଫେରିଥିଲେ। ବିଶର ମହାନ୍ତି ଯେଉଁ ସ୍ଥାନରୁ ବ୍ରହ୍ମ ଉଦ୍ଧାର କରିଥିଲେ ତାହା ଏବେ ଜଗନ୍ନାଥ ଘାଟ ଭାବେ ପରିଚିତ। ତେଣୁ ଏଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାକୁ ସେନା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛି। ୧୫ ଦିନ ମଧ୍ୟରେ ମମତା ଦାବିଦ୍ୱୟ ସମ୍ପର୍କରେ ନିଷ୍ପତ୍ତି ନେଇ ଅବଗତ କରାଇବେ ବୋଲି ଆଶ୍ୱାସନା ଦେଇଥିବା ସେନାର ଆବାହକ ପଟ୍ଟନାୟକ କହିଛନ୍ତି।

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

**ଜଗତ୍‌ସିଂହପୁର ଅଫିସ, ୨୯।୯**

ଜଗତ୍‌ସିଂହପୁର ପୌରପରିଷଦ ଅଧୀନ ସୁଜଙ୍ଗ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ନବନିର୍ମିତ ପାଇଖାନା ଟାଙ୍କିର ଛାତ ସେଣ୍ଟ୍ରିଂ ଖୋଲିବାକୁଯାଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସ୍ଥାନୀୟ ମରିଚାପଦାର ବାବାଜୀ ଭୋଇଙ୍କ ପୁଅ ରାଜୁ(୨୮) ଓ ମଣ୍ଡାସାହିର ରାଧେଶ୍ୟାମ ବାରିକଙ୍କ ପୁଅ ପ୍ରକାଶ(୩୫)। ପାଇଖାନା ଟାଙ୍କି ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଜଗତ୍‌ସିଂହପୁର ପୋଲିସ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


ପାଇଖାନା ଟାଙ୍କି

ସୂଚନା ଅନୁଯାୟୀ, ଗ୍ରାମର ବଳରାମ ପତିଙ୍କ ପାଇଖାନା ଟାଙ୍କି ଛାତ ପକାଇବାକୁ ରାଜୁ ଓ ପ୍ରକାଶ ସେଣ୍ଟ୍ରିଂ ପକାଇଥିଲେ। ୩/୪ ମାସ ତଳେ ଟାଙ୍କି ଛାତ ପଡ଼ିଥିଲା। ତେବେ ସେଣ୍ଟ୍ରିଂ ଖୋଲାଯାଇ ନ ଥିଲା। ରବିବାର ମଧ୍ୟାହ୍ନରେ ରାଜୁ ଓ ପ୍ରକାଶ ଆସି ସେଣ୍ଟ୍ରିଂ ଖୋଲିବାକୁ କହିଥିଲେ। ତେବେ ଏହି ସମୟରେ ବଳରାମ ନ ଥିବାରୁ ତାଙ୍କ ସ୍ତ୍ରୀ କାମ କରିବାକୁ ବାରଣ କରିଥିଲେ। କିନ୍ତୁ ଯେହେତୁ ରାଜୁ ଓ ପ୍ରକାଶ ଉକ୍ତ ସେଣ୍ଟ୍ରିଂ ପକାଇଥିଲେ, ତେଣୁ ଖୋଲିବାରେ କିଛି ଅସୁବିଧା ହେବ ନାହିଁ ବୋଲି କହି ଶିଢ଼ି ଯୋଗେ ଜଣକ ପରେ ଜଣେ ଟାଙ୍କି ଭିତରକୁ ପଶିଥିଲେ। ବର୍ଷା ଯୋଗୁ ଉକ୍ତ ଟାଙ୍କିରେ ପାଖାପାଖି ଅଣ୍ଟାଏ ପାଣି ଜମି ରହିଥିଲା। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ପାଇଖାନା ଟାଙ୍କିରେ ପଶିବାର କିଛି ସମୟ ପରେ ଭିତରୁ ଆଉ କାହାର ପାଟି ଶୁଣାଯାଇ ନ ଥିଲା। ତେଣୁ ମରିଚାପଦାର ଜଣେ ବ୍ୟକ୍ତି ସାହସ ଜୁଟାଇ ଟାଙ୍କି ଭିତରେ ପଶିଥିଲେ। ତାଙ୍କ ଅଣ୍ଟାରେ ଗାମୁଛା ବନ୍ଧାଯାଇଥିଲା ଓ ବାହାରୁ ଲୋକମାନେ ଉକ୍ତ ଗାମୁଛା ଭିଡ଼ି ଧରିଥିଲେ। ସେ ପ୍ରଥମେ ରାଜୁ ଓ ପରେ ପ୍ରକାଶଙ୍କୁ ବହୁ କଷ୍ଟରେ ଟାଙ୍କି ଭିତରୁ ବାହାର କରିଥିଲେ। ଏ ଭିତରେ ସେ ମଧ ଅଣନିଃଶ୍ୱାସୀ ହୋଇଯାଇଥିଲେ। ଉଦ୍ଧାର ପରେ ରାଜୁ ଓ ପ୍ରକାଶଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଉଭୟଙ୍କ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉଭୟ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ସେମାନଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

## ଜିଲା ଚିଠି ଢେଙ୍କାନାଳ



# ଆବାହନ ପୂର୍ବରୁ ବିସର୍ଜନ ଚିନ୍ତା

ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ଆଉ ଦିନ କେଇଟା ବାକି। ପରମ୍ପରା, ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ଗଣପର୍ବ ରାଜ୍ୟ ତଥା ଦେଶରେ ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ। ଏସବୁ ଭିତରେ ଚଳିତବର୍ଷ ପୂଜା ଉତ୍ସବକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ବିଭିନ୍ନସ୍ତରରେ ଆରମ୍ଭ ହୋଇଛି ଉଦ୍ୟମ। ହେଲେ ୭୬ବର୍ଷର ଏହି ପୁରୁଣା ଲକ୍ଷ୍ମୀପୂଜାର ଗୁରୁତ୍ୱକୁ ଉପଲବ୍ଧି କରିପାରି ନାହାନ୍ତି ପ୍ରଶାସନିକ ଅଧିକାରୀ, ଯାହା ବାରି ହୋଇପଡ଼ିଛି ପ୍ରାରମ୍ଭିକ ପ୍ରସ୍ତୁତିରୁ। ଚଳିତବର୍ଷ ଅକ୍ଟୋବର ୧୩ରୁ ୨୪ ତାରିଖ ଯାଏ ଧନଦାତ୍ରୀଙ୍କ ଆବାହନ କରାଯିବ। ଏଥିଲାଗି ଗତ ୧୯ ତାରିଖରେ ଜିଲା ପ୍ରଶାସନ, ପୂଜା ପ୍ରତିଷ୍ଠାନ ଏବଂ ସହରର ବୁଦ୍ଧିଜୀବୀଙ୍କୁ ନେଇ ଶେଷ ହୋଇଛି ପ୍ରସ୍ତୁତି ବୈଠକ। ପରମ୍ପରାକୁ ସମ୍ମାନ ଦେବା, ଶୃଙ୍ଖଳିତ ଭାବେ ପୂଜା ସମ୍ପନ୍ନ କରିବାକୁ ଏଥିରେ ଦିଆଯାଇଛି ଗୁରୁତ୍ୱ। ହେଲେ ପ୍ରସ୍ତୁତି ବୈଠକରୁ ହିଁ ଝୁଣ୍ଟିଛନ୍ତି ପ୍ରଶାସନିକ ଅଧିକାରୀ। ନୂତନ ଭାବେ ଦାୟିତ୍ୱଗ୍ରହଣ କରିଥିବା ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ପଦସ୍ଥ ଅଧିକାରୀଙ୍କ ପାଇଁ ଚଳିତ ଲକ୍ଷ୍ମୀପୂଜା ସମ୍ପୂର୍ଣ୍ଣ ନୂଆ ଅନୁଭୂତି। ସେହି ଦୃଷ୍ଟିରୁ ପୂଜାକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହେବାକୁ ଯାଉଛି। ସବୁବର୍ଷ ପୂଜା ସମୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସମାଲୋଚନାର ଶିକାର ହୁଏ ପ୍ରଶାସନ। ବେଳ ଥାଉ ଥାଉ ଏହାର ସମାଧାନ ଚିନ୍ତା ନ କଲେ ପରିସ୍ଥିତି ଜଟିଳ ହୋଇପଡ଼ିବା ଆଶଙ୍କା ଅଧିକ। ହେଲେ ପ୍ରସ୍ତୁତି ବୈଠକରେ ଏଥିରୁ କାଣିଚାଏ ମଧ ଦେଖିବାକୁ ମିଳିନାହିଁ। ପୂଜାକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ପର୍କରେ ସର୍ବାଧିକ ଗୁରୁତ୍ୱ ଦେଇ ଆଲୋଚନା କରିବା ବଦଳରେ ଓଲଟି ପ୍ରଶାସନିକ ଅଧିକାରୀମାନେ ଭସାଣି ଚିନ୍ତା କରିଥିଲେ, ଯାହା ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିଥିଲା। ଆବାହନ ପୂର୍ବରୁ ବିସର୍ଜନ ଚିନ୍ତା ପଡ଼ିଛି ବୋଲି ଅନେକେ ଖୋଲାଖୋଲି ମତ ରଖିଥିଲେ। ପୂଜା ଆୟୋଜନ ସମ୍ପର୍କରେ ନିଜକୁ ଠିକ୍ ଭାବେ ପ୍ରସ୍ତୁତ କରି ନ ଥିବାରୁ ପ୍ରଶାସନିକସ୍ତରରେ ଏପରି ଅବ୍ୟବସ୍ଥା ଦେଖାଦେଇଥିବା ଚର୍ଚ୍ଚା ହେଉଛି। ବୈଠକରେ ପୂଜା ପୂର୍ବରୁ ରାସ୍ତାଘାଟ ମରାମତି, ବିଦ୍ୟୁତ୍, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ଖାଉଟି ସାମଗ୍ରୀ ଦର ନିୟନ୍ତ୍ରଣ ବିଷୟ ସେତେଟା ଗୁରୁତ୍ୱ ଦିଆଯାଇ ନ ଥିଲା। କେବଳ ଅଧିକାରୀଙ୍କୁ ମରାମତି ଦାୟିତ୍ୱ ଦେଇ ବୈଠକ ସାରିଦିଆଯାଇଥିଲା। ଅନ୍ୟପଟେ ଭସାଣିକୁ ଶୃଙ୍ଖଳିତ କରିବା, ଶବ୍ଦ ପ୍ରଦୂଷଣକୁ ରୋକିବା, ମଦ ଦୋକାନ ବନ୍ଦ କରାଯିବା ଉପରେ ସରଗରମ ଆଲୋଚନା ହୋଇଥିଲା। ପୂଜା ଉପଲକ୍ଷେ ଆୟୋଜିତ ହେବାକୁ ଥିବା 'ସରସ ମେଳା' ପ୍ରସ୍ତୁତି ବିଷୟରେ ଅଧିକ ଆଲୋଚନା ହୋଇଥିଲା, ହେଲେ ମା'ଙ୍କ ଆବାହନକୁ ଆକର୍ଷଣୀୟ କରିବା ପାଇଁ ସେତିକି ତତ୍ପରତା ଦେଖିବାକୁ ମିଳି ନ ଥିଲା, ଯାହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ।

– ରତନ ନାୟାର

# ନାବାଳିକାଙ୍କୁ ଗଣବଳାତ୍କାର, ୩ ଗିରଫ

**ରାଉରକେଲା ଅଫିସ, ୨୯।୯**

ରାଉରକେଲା ସହରରେ ପୁଣି ଏକ ଗଣବଳାତ୍କାର ମାମଲା ପଦାକୁ ଆସିଛି। ଚଳିତ ମାସରେ ପ୍ଲାଣ୍ଟସାଇଟ ଥାନା, ରଘୁନାଥପାଲି, ଟାଙ୍ଗରପାଲି ଓ ବିଶ୍ରା ଥାନା ଅଞ୍ଚଳରେ ବଳାତ୍କାର ପରେ ଏବେ ପୁଣି ଏହି ଗଣବଳାତ୍କାର ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ଏ ନେଇ ସେକ୍ଟର-୭ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେକ୍ଟର-୬ ଅଞ୍ଚଳରେ ରବିବାର ଚଢ଼ାଉ କରି ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ୩ ଜଣ ଯୁବକ ହେଲେ ସେକ୍ଟର-୬ସ୍ଥିତ ଆନନ୍ଦମାର୍ଗ ବସ୍ତିର ନାରାୟଣ ନାଏକ, ମହିମା ଆଶ୍ରମର ଅମର ସିଂ ଓ ସୁବାସ ପାଲି ବସ୍ତିର ଭୋଲା ଯାଦବ। ସୋମବାର ଏମାନଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯିବ। ସେହିଭଳି ନାବାଳିକାଙ୍କର ମଧ ଡାକ୍ତରୀ ମାଇନା କରାଯିବ। ଗଣବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କ ଏତଲାକୁ ଭିତ୍ତିକରି ଆଇପିସିର ଦଫା ୩୭୬, ଡି(ଏ) ଓ ପୋକ୍‌ସୋ ଆଇନ ଅନୁସାରେ ପୋଲିସ ଏକ ମାମଲା (ନଂ-୧୧୮/୧୯) ରୁଜୁ କରିଛି। ପୋଲିସ କହିଛି ଯେ, ସେକ୍ଟର-୬ରେ ନିଜ ପରିବାର ସହ ରହୁଥିବା ଉକ୍ତ ନାବାଳିକାଙ୍କୁ ଗତ ୨୨ ତାରିଖ ରାତିରେ ଅଭିଯୁକ୍ତ ନାରାୟଣ, ଭୋଲା ଓ ଅମର ତାଙ୍କୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ଶନିବାର ସେକ୍ଟର-୭ ଥାନାରେ ଗଣବାଳାତ୍କାରର ଶିକାର ହୋଇଥିବା ନେଇ ଲିଖିତ ଏତାଲା ଦେବା ପରେ ପୋଲିସ ମାମଲା ରୁଜୁ କରିଛି।

# ଭିନ୍ନକ୍ଷମଙ୍କୁ ମିଳିବ ଏକତ୍ରୀକରଣ ସାର୍ଟିଫିକେଟ୍

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ମାନସିକ ଭିନ୍ନକ୍ଷମ ଅଭିଭାବକ ସଂଘର ୧୫ତମ ସାଧାରଣ ସଭା ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ସାରା ଦେଶରେ ଗ୍ରହଣଯୋଗ୍ୟ ଭିନ୍ନକ୍ଷମ ଏକତ୍ରୀକରଣ ସାର୍ଟିଫିକେଟ୍ ତୁରନ୍ତ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ମାନସିକ ଭିନ୍ନକ୍ଷମଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସଂଘର ସଭାପତି ବ୍ରଜକିଶୋର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ, ସୋସିଆଲ ୱେଲ୍‌ଫେୟାର ବୋର୍ଡର ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ରାଜ୍ୟ ପରିବାରର ସଭାପତି ଅଜୟ କୁମାର ଜେନା ଓ ସନ୍ନ୍ୟାସ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ପାଇଁ ଜମି ଓ ଗାଡ଼ି ଯୋଗାଇବା ନିମନ୍ତେ ପରିବାରର ସଭାପତି ଅଜୟ କୁମାର ଜେନା ଦେଇଥିବା ପ୍ରସ୍ତାବକୁ ବିଚାର କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ସଭାରେ ଆସନ୍ତା ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା।



ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ବୈଠକରେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

# ଭୋଟ ପୂର୍ବରୁ ଚାଲିଲାଣି ବାକ୍‌ଯୁଦ୍ଧ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ନେଇ ୩ ପ୍ରମୁଖ ଦଳର ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛି। ଶନିବାର ବିଜେଡି ପକ୍ଷରୁ ପୂର୍ବତନ ବିଧାୟିକା ରୀତା ସାହୁଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହାର ଦିନକ ପରେ ସ୍ଥାନୀୟ ନେତା ସନତ ଗଡତିଆଙ୍କୁ ଭାଜପା ପ୍ରାର୍ଥୀ କରିଛି। ସେହିପରି ଯଥେଷ୍ଟ ପୂର୍ବରୁ କଂଗ୍ରେସ ଦିଲୀପ ପଣ୍ଡାଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ସୋମବାର ନାମାଙ୍କନପତ୍ର ଦାଖଲର ଶେଷଦିନ ହୋଇଥିବାରୁ ଉପରୋକ୍ତ ୩ ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଲଢେଇରେ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ଏଯାବତ୍ ଜଣାପଡ଼ି ନାହିଁ। ହେଲେ ଉପନିର୍ବାଚନରେ ମୁଖ୍ୟ ଲଢେଇ ଭାଜପା ଏବଂ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ହେବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ଏହି ନିର୍ବାଚନରେ ଆସନ ବଜାୟ ରଖିବା ବିଜେଡି ପାଇଁ ଚ୍ୟାଲେଞ୍ଜ ହୋଇଛି। ଅନୁରୂପ ଭାବେ ପଶ୍ଚିମ ଓଡ଼ିଶାର ସଂସଦୀୟ ଆସନରେ ଦଳ ପାଇଥିବା ସଫଳତା ବିଧାନସଭା ଆସନରେ ପ୍ରତିଫଳିତ କରିବାକୁ ଭାଜପା ଚେଷ୍ଟା କରିବ। କଂଗ୍ରେସ ସ୍ଥିତି ସୁଧାରି ଅଧିକରୁ ଅଧିକ ଭୋଟ୍ ହାତେଇବାକୁ ଚେଷ୍ଟା କରିବ ବୋଲି କୁହାଯାଉଛି।




ନିର୍ବାଚନ ରାଜନୀତିରେ କିଏ ବିଜୟ ମୁକୁଟ ପିନ୍ଧିବ, ସେ କଥା ଫଳାଫଳ ପରେ ଜଣାପଡ଼ିବ। ହେଲେ ତା'ପୂର୍ବରୁ ପ୍ରମୁଖ ଦଳ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ବରଗଡ ଭାଜପା ଏମ୍‌ପି ସୁରେଶ ପୂଜାରୀ ବିଜେଡି ଏବଂ ଏହାର ସଭାପତି ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ରବିବାର ଗଣମାଧ୍ୟମକୁ ସୁରେଶ କହିଛନ୍ତି ଯେ, ନବୀନ ବାବୁ ବିଜେପୁର ଆସନରୁ ଲଢି ପୁଣି ଛାଡିଲେ କାହିଁକି। ନିଜେ ବିଜେପୁର ଦାୟିତ୍ୱ ନେଇଥିଲେ, ଏହି ସମୟରେ ସେହି ଅଞ୍ଚଳର କେତେ ବିକାଶ ହୋଇଛି। ପ୍ରାୟ ବହୁ କୋଟି ଟଙ୍କା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ସ୍ଥିତି କ'ଣ। ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ଦେବା ପ୍ରତିଶ୍ରୁତି କୁଆଡେ ଗଲା। ଗତ ନିର୍ବାଚନ ସମୟରେ ପୂରଣ ହୋଇଥିବା ବିଜେପୁରରେ ସବୁ ଡାକ୍ତର/ଶିକ୍ଷକ ପଦବୀ ବର୍ତ୍ତମାନ ଖାଲି କ'ଣ ପାଇଁ ବୋଲି ପୂଜାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ଯେ, ପୂଜାରୀ ମହୋଦୟ ସ୍ଥାନୀୟ ଅଞ୍ଚଳର ଏମ୍‌ପି ଅଛନ୍ତି। ଗଙ୍ଗାଧର ଜଳସେଚନ ପ୍ରକଳ୍ପ ଅଗ୍ରଗତି ନେଇ ନିଜେ ସମୀକ୍ଷା କରିପାରିବେ। ଏକାଧିକ ଆସନରେ ଲଢିବା ପରମ୍ପରା କ'ଣ ଭାଜପାରେ ନାହିଁ। ବିଗତ ଦୁଇ ବର୍ଷରେ ବିଜେପୁର ବିକାଶଧାରା ଦ୍ରୁତଗତିରେ ହୋଇଛି। ତେଣୁ ଭୋଟ ସମୟରେ ବାକ୍ୟ ଆକ୍ରମଣରୁ ଭାଜପା ନେତାମାନେ ଦୂରେଇ ରୁହନ୍ତୁ ବୋଲି ଦେବେଶ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ନେତା ସୁର ରାଉତରାୟ ଉଭୟ ବିଜେଡି, ଭାଜପାକୁ ସମାଲୋଚନା କରିଛନ୍ତି। ସୁର କହିଛନ୍ତି ଯେ, ବିଜେପୁରବାସୀଙ୍କୁ ବିଜେଡି ପ୍ରତାରିତ କରିବା ଛଡା ଆଉ କିଛି ଦେଇନାହିଁ। ଦୀର୍ଘଦିନର ଶାସନ ସତ୍ତ୍ୱେ ସେଠାକାର ବିକାଶ ହୋଇନାହିଁ। ସେହିଭଳି ଭାଜପା ନେତାମାନେ ବଡ ବଡ କଥା କହୁଛନ୍ତି, ହେଲେ ସ୍ଥାନୀୟ ଅଞ୍ଚଳରେ କୌଣସି ଉଲ୍ଲେଖନୀୟ ଅବଦାନ ନାହିଁ। ତେଣୁ ବିଜେଡି-ଭାଜପାର କଂଗ୍ରେସ ହିଁ ପ୍ରକୃତ ବିକଳ୍ପ ବୋଲି ସୁର କହିଛନ୍ତି।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱର୍ଡ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଳିଙ୍ଗ ଷ୍ଟୁଡେଣ୍ଟ ଫେଡେରେସନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ସଫେଇ, ଗାନ୍ଧୀ ପାର୍କ, ଜନତା ମଇଦାନ, ସକାଳ ୭ଟା।
- ଭବନସ୍ ସେଣ୍ଟର ଫର୍ କମ୍ୟୁନିକେଶନ ଆଣ୍ଡ ମ୍ୟାନେଜମେଣ୍ଟର ସମାବର୍ତ୍ତନ ଉତ୍ସବ, ଭାରତୀୟ ବିଦ୍ୟାଭବନ, କେଏମ୍ ମୁନସି ହଲ୍, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ, ଗ୍ରୀଡକୋ, ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ, ଜନପଥ, ପୂର୍ବାହ୍ନ ୧୧ଟା ୩୦।
- ଆଇପିଇ ଗ୍ଲୋବାଲ ପକ୍ଷରୁ 'କ୍ଲୋଜ୍ ଦି ଗ୍ୟାପ୍' ଚିତ୍ରକଳା ପ୍ରଦର୍ଶନୀ, ହୋଟେଲ ଟ୍ରାଇଡେଣ୍ଟ, ଅପରାହ୍ନ ୪ଟା।
- ଦୀକ୍ଷା ସମ୍ମାନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୫ଟା।
- ଓଡ଼ିଶା ବନ ଉନ୍ନୟନ ନିଗମର ୫୮ତମ ପ୍ରତିଷ୍ଠା ଦିବସ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ଆଦିବାସୀ ପ୍ରଦର୍ଶନ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ପୁରୀ**

- ନୀଳାଚଳ ନାରାୟଣ ଆୟୁର୍ବେଦ ଚତୁପାର୍ଟି ସଂସ୍କୃତ କଲେଜ ପକ୍ଷରୁ ସେବା ଶିବିର, କଲେଜ ପରିସର, ଲୋକନାଥ ରୋଡ, ମଧ୍ୟାହ୍ନ ୧୨ଟା ୩୦।

# ଡାଣ୍ଡିଆ କ୍ରେଜ୍

## ଏଥର କେଉଁଠି ଖେଳିବେ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଆସିଛି ମା' ଜଗଜ୍ଜନନୀଙ୍କ ଆବାହନର ସମୟ। ମା'ଙ୍କ ଧରାବତରଣ ପାଇଁ ପୁରପଲ୍ଲୀ ହୋଇଉଠିଛି ଉତ୍ସବମୁଖର। କେଉଁଠି ଘୋଡ଼ାନାଚ, ଷଣ୍ଢଲଢ଼େଇ ଭଳି ପାରମ୍ପରିକ ଓଡ଼ିଆ ଶୈଳୀରେ ଦେବୀଙ୍କ ସ୍ୱାଗତ ପାଇଁ ସଜବାଜ ଚାଲିଛି ତ କେଉଁଠି ଟିକେ ଭିନ୍ନ ଅନୁଭୂତି ପାଇଁ ନବରାତ୍ରି ପୂଜା ଢାଞ୍ଚାରେ ପ୍ରସ୍ତୁତି କରାଯାଉଛି। କିଛି ବର୍ଷ ହେଲା ନବରାତ୍ରି ଉତ୍ସବ ରାଜଧାନୀବାସୀଙ୍କ ପାଇଁ ସାଜିଛି ପାର୍ବଣର ଅନ୍ୟତମ ଆକର୍ଷଣ। ରାଉରକେଲା ପରେ ଏବେ ଭୁବନେଶ୍ୱରରେ ନବରାତ୍ରି ପାଳନର କ୍ରେଜ୍ ଦେଖିବାକୁ ମିଳୁଛି। ବିଭିନ୍ନ ତାରକା ହୋଟେଲ, ଗୁଜରାଟୀ ସମାଜ ଏବଂ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନବରାତ୍ରିକୁ ମହାଆଡ଼ମ୍ବରରେ ପାଳନ କରାଯାଉଛି। ବିଶେଷକରି ଡାଣ୍ଡିଆ ନୃତ୍ୟକୁ ନେଇ ଯୁବପିଢ଼ିଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ରହିଛି ବିଶେଷ ଆଗ୍ରହ।

ଭୁବନେଶ୍ୱରରେ ଏବେ ସବୁ ବର୍ଗର ବ୍ୟକ୍ତିଙ୍କୁ ଡାଣ୍ଡିଆ ନୃତ୍ୟ ଆକର୍ଷିତ କରୁଛି। ଭଜନ ଓ ଆଧୁନିକ ହିନ୍ଦୀ ଚଳଚ୍ଚିତ୍ର ଗୀତରେ ଡାଣ୍ଡିଆ ରାସ୍ କେବଳ ଗୁଜରାଟୀ ନୁହେଁ, ଓଡ଼ିଆଙ୍କ ମଧ୍ୟ ପ୍ରଥମ ପସନ୍ଦ ପାଲଟିଛି। ସେହିଭଳି ରେନ୍ ଡାଣ୍ଡିଆ ଓ ସେଲିବ୍ରିଟି ଡାଣ୍ଡିଆ ଭଳି ନୂଆ କନ୍‌ସେପ୍ଟ ପାର୍ବଣ ଋତୁର ମଜାକୁ ଦ୍ୱିଗୁଣିତ କରୁଛି। 'ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର' ପକ୍ଷରୁ ଆସନ୍ତା ଅକ୍ଟୋବର ୩ରୁ ୮ ପର୍ଯ୍ୟନ୍ତ ୬ଦିନ ଧରି ନବରାତ୍ରି ପୂଜା ଏବଂ ଡାଣ୍ଡିଆ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଜନତା ମଇଦାନ ପରିବର୍ତ୍ତେ କଳିଙ୍ଗ ଷ୍ଟାଡିୟମ୍ ଟ୍ରାଫିକ୍ ଛକ ନିକଟସ୍ଥ ଲକ୍ଷ୍ମୀପୂଜା ପଡ଼ିଆରେ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ କଳାକାର ଯୋଗଦେଇ ଡାଣ୍ଡିଆ ପରିବେଷଣ କରିବେ। ମହାଷ୍ଟମୀରେ ନିଶା ରାକ୍ଷସ ପୋଡ଼ି ଏଠାକାର ଅନ୍ୟତମ ଆକର୍ଷଣ ରହିବ ବୋଲି ମହୋତ୍ସବ ସଂଯୋଜକ ପ୍ରତାପ ମିଶ୍ର କହିଛନ୍ତି। ଏହାଛଡ଼ା ଆର୍.ଆର୍. ଇଭେଣ୍ଟସ ପକ୍ଷରୁ ୪ରୁ ୮ତାରିଖ ପର୍ଯ୍ୟନ୍ତ ପଟିଆସ୍ଥିତ ଡଲ୍‌ଫିନ୍ ଗାର୍ଡେନରେ ଡାଣ୍ଡିଆ ମହୋତ୍ସବ ୨୦୧୯ର ଆୟୋଜନ କରାଯିବ। ଭିମ୍‌ନାନ୍ ବ୍ୟାଣ୍ଡ୍ ସହିତ ନଭ୍ୟା, ବର୍ଣ୍ଣାଳୀ ହୋତା, ଜ୍ୟୋତି ନାୟକ ଓ ଅନନ୍ୟାଙ୍କ ଭଳି କଣ୍ଠଶିଳ୍ପୀ ଏଠାକାର ଆକର୍ଷଣ ରହିବେ। ଲାଇଭ୍ ବ୍ୟାଣ୍ଡ୍, ଲକି ଡ୍ର, ଫୁଡ୍ କୋର୍ଟ ସହ ମଜାଦାର ଗେମ୍ ଶୋ' ଏବଂ ଡାଣ୍ଡିଆ ନୃତ୍ୟ ପାଇଁ ରାଜସ୍ଥାନରୁ ସ୍ୱତନ୍ତ୍ର କଳାକାର ଆସିବେ ବୋଲି ଆୟୋଜକ ରମେଶ ବାରିକ କହିଛନ୍ତି। ଅନ୍ୟପକ୍ଷରେ 'ପ୍ରୟାସ' ପକ୍ଷରୁ ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ୮ମ ପ୍ରୟାସ ନବରାତ୍ରି ଡାଣ୍ଡିଆ ନୃତ୍ୟ ମହୋତ୍ସବ ଆୟୋଜିତ ହେବ। ଆସନ୍ତା ୪ରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବରେ ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ତତ୍ତ୍ୱାବଧାନରେ ଡାଣ୍ଡିଆ ନୃତ୍ୟ ସହ ଲାଇଭ୍ ବ୍ୟାଣ୍ଡ୍, ନୃତ୍ୟଶିଳ୍ପୀ ଓ ସାଧାରଣ ଲୋକଙ୍କ ପାଇଁ ସ୍ୱତନ୍ତ୍ର ମଞ୍ଚ, ସୁସ୍ୱାଦୁ ଖାଦ୍ୟ ଆଦି ରହିବ। ସେହିଭଳି ସେବା ପ୍ରୟାସ ଫାଉଣ୍ଡେଶନ୍ ପକ୍ଷରୁ ଚଳିତବର୍ଷ ପ୍ରଥମଥର ପାଇଁ ଜନତା ମଇଦାନଠାରେ 'ଡାଣ୍ଡିଆ ନାଇଟ୍ସ'ର ଆୟୋଜନ କରାଯିବ। ୪ରୁ ଆରମ୍ଭ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଶୀ ସହ ଦୁର୍ଗାବନ୍ଦନା ଗର୍‌ବା, ନନ୍‌ଷ୍ଟପ୍ ଡିଜେ ନାଇଟ୍, ମେହେନ୍ଦି ଓ ଟାଟୁର ବ୍ୟବସ୍ଥା କରାଯିବ। ଉତ୍ସବରୁ ଯେଉଁ ଅର୍ଥ ଆଦାୟ ହେବ ସେହି ଅର୍ଥକୁ ପୁଲଓ୍ୱାମାର ୨ଶହୀଦ୍ ପରିବାର, ଦିବ୍ୟାଙ୍ଗ, ଫନୀ ବାତ୍ୟା ପ୍ରଭାବିତ ଓ ଜଣେ କ୍ୟାନ୍‌ସର ରୋଗୀଙ୍କୁ ପ୍ରଦାନ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମେ'ଫେୟାର ପକ୍ଷରୁ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ୧୦ଦିନ ବ୍ୟାପୀ 'ଡାଣ୍ଡିଆ ରାସ୍' କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଉଭୟ ମେ'ଫେୟାର ଲାଗୁନ୍ ଏବଂ କନ୍‌ଭେନ୍‌ଶନରେ ଡାଣ୍ଡିଆ ରାସ୍ ସହ ଛୋଟପିଲାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ।



## ୭୫ ମିଟର ଉଚ୍ଛେଦ ପ୍ରସଙ୍ଗ
# ଆଜିଠୁ ଆରମ୍ଭ ହେବ ଏସ୍‌ଆଇଏ ସର୍ଭେ

**ପୁରୀ ଅଫିସ, ୨୯।୯:** ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ସୁରକ୍ଷା ଜୋନରେ ଉଚ୍ଛେଦ କରାଯିବ। ଏହି ପରିସୀମା ମଧ୍ୟରେ ଥିବା ଜମି ଅଧିଗ୍ରହଣ ପୂର୍ବରୁ ହେବାକୁ ଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ)ର ସର୍ଭେ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ। ତେବେ ପ୍ରଶାସନ କୌଣସି ପ୍ରକାର ଅଡୁଆରେ ପଡ଼ିଥିବାରୁ ସର୍ଭେ ପାଇଁ ଦିନ ଗଡୁଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିବ। ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୬ ତାରିଖଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଇତିମଧ୍ୟରେ ୪ ଦିନ ବିତିଯିବାରୁ ନାନା ପ୍ରକାର ଆଲୋଚନା ହେଉଥିଲା। ତେବେ ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୋମବାରଠାରୁ ଏସ୍‌ଆଇଏ ସର୍ଭେ ଆରମ୍ଭ କରାଯିବ। ପ୍ରଥମେ ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱରେ ଏହି ସର୍ଭେ ହେବ। ସର୍ଭେ ଦାୟିତ୍ୱରେ ଥିବା ନବକୃଷ୍ଣ ଚୌଧୁରୀ ବିକାଶ ଶିକ୍ଷା କେନ୍ଦ୍ରର ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସର୍ଭେ କରାଯିବ। ସୂଚନାଥାଉ କି, ୭୫ ମିଟର ସୁରକ୍ଷା ଜୋନ ମଧ୍ୟରେ ବାସେଳିସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିର ୧୫.୧୯୧ ଏକର ଜମିରେ ସର୍ଭେ ହେବ। ପ୍ରତ୍ୟେକ ପ୍ଲଟରେ ଥିବା ଘର ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏଥିଲାଗି ୫ଟି ଟିମ୍ ଗଠନ କରାଯାଇଛି।

**ହର୍ପିସ ହରର୍**

# ଆଜି ନନ୍ଦନକାନନ ଆସିବେ କେରଳ ହାତୀ ବିଶାରଦ

ବାରଙ୍ଗ, ୨୯।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହର୍ପିସ ଆକ୍ରାନ୍ତରେ ହାତୀ ମୃତ୍ୟୁ ଘଟଣାକୁ ନେଇ ଗତ କିଛିଦିନ ତଳେ କେନ୍ଦ୍ରୀୟ ଟିମର ଦୁଇଜଣିଆ ଦଳ ଆସି ଅନୁଧ୍ୟାନ କରିଥିଲେ। ଏହାପରେ ସୋମବାର କେରଳ ସରକାରଙ୍କ ହାତୀ ବିଶାରଦ ଡା. ଜାକରିଆ ଦିନିକିଆ ଗସ୍ତରେ ନନ୍ଦନକାନନ ଆସୁଛନ୍ତି। ସେ ରବିବାର ଭୁବନେଶ୍ୱରରେ ଆସି ପହଞ୍ଚିଥିବାବେଳେ ସୋମବାର ନନ୍ଦନକାନନକୁ ଆସିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତ ଏକ ମାସ ମଧ୍ୟର ହର୍ପିସ ଭାଇରସ ଯୋଗୁ ଲଗାତର ହାତୀଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ଏହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ନାନା ଆଶଙ୍କାରେ ଥିବାବେଳେ ବୁଧବାର କେନ୍ଦ୍ରୀୟ ଟିମ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ ଓ ଅଧିକାରୀମାନଙ୍କ ସହ ଆଲୋଚନା କରି ଫେରିଥିଲେ। ସେହିଭଳି କେରଳ ଡା.ଜାକରିଆ ମଧ୍ୟ ସୋମବାର ହାତୀସଫାରିର ହାତୀଶାଳରେ ଥିବା ବଡ଼ ହାତୀ ପ୍ରେମା, ବାସନ୍ତୀ ଓ ହୀରା ସହ ଡାକ୍ତରଖାନାରେ ଥିବା ମାମାର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିବା ସହ ଏବେ କିଭଳି ସ୍ଥିତି ରହିଛି ପରଖିବେ। ଏହାସହ ଡାକ୍ତରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଉପରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ଅପରପକ୍ଷେ ହର୍ପିସ ଭୂତାଣୁକୁ ନେଇ ଅକ୍ଟୋବରରେ ଆସାମରେ ଅନ୍ତର୍ଜାତୀୟ ହର୍ପିସ କର୍ମଶାଳା ହେବାକୁ ଯାଉଛି। ଏଥିରେ ନନ୍ଦନକାନନ ସମେତ ବଡ ବଡ଼ ଚିଡ଼ିଆଖାନାର କର୍ତ୍ତୃପକ୍ଷ ଓ ଭାରତ ତଥା ଭାରତ ବାହାରୁ ବିଶେଷଜ୍ଞମାନେ ଯୋଗଦେଇ ଏହାର ନିରାକରଣ ଉପରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି।



## ଆରମ୍ଭ ହେଲା ବାଘ ମିଳନ

**ବାରଙ୍ଗ, ୨୯।୯(ଡି.ଏନ୍.ଏ.):** ଚଳିତବର୍ଷର ଦ୍ୱିତୀୟଥର ପାଇଁ ନନ୍ଦନକାନନରେ ଆରମ୍ଭ ହୋଇଛି ବାଘ ମିଳନ। ପ୍ରଥମ ଯୋଡ଼ିରେ ସ୍ନେହା ଓ ସେଫ୍‌ର ମିଳନ ଆରମ୍ଭ ହୋଇଛି। ଏନକ୍ଲୋଜର ୨୧ ସି ଓ ଡି'ରେ ଏହି ଯୋଡି ରହୁଛନ୍ତି। ନିଶାନ ଓ କୁସୁମ ଔରସରୁ ୧ ମାର୍ଚ୍ଚ ୨୦୧୦ରେ ଜନ୍ମଗ୍ରହଣ କରିଥିବା ଧଳା ବାଘୁଣୀ ସ୍ନେହା ସହ ହାଇଦ୍ରାବାଦରୁ ୭ ଡିସେମ୍ବର ୨୦୧୬ରେ ଆସିଥିବା ମହାବଳ ବାଘ ସେଫ୍‌ର ମିଳନ ହୋଇଛି। ଏହି ମିଳନ ସଫଳ ହେଲେ ସ୍ନେହା ତା'ର ତୃତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେବ। ସେହିଭଳି ଦ୍ୱିତୀୟ ଯୋଡ଼ିରେ ନନ୍ଦନ ଓ ସାରାର ମିଳନ ଖୁବଶୀଘ୍ର ହେବାକୁ ଯାଉଛି। ୭ ଜୁଲାଇ ୨୦୧୩ରେ ପ୍ରେମପାଗଳ ମହାବଳ ବାଘ ନନ୍ଦନ ସାତକୋଶିଆରୁ ଆସି ନନ୍ଦନକାନନକୁ ପଶିଥିଲା। ୧୮ଏପ୍ରିଲ ୨୦୦୯ରେ ହାଇଦ୍ରାବାଦରୁ ଜଙ୍ଗଲ ବାଘୁଣୀ ସାରାକୁ ନନ୍ଦନକାନନକୁ ଅଣାଯାଇଥିଲା। ନନ୍ଦନ ସହ ମେଘାର ପ୍ରଥମ ମିଳନରୁ ବାହୁବଳୀ, କୁନ୍ଦନ ଜନ୍ମଗ୍ରହଣ କରିଥିଲେ। ତେବେ ନନ୍ଦନ ଓ ସାରା ଜଙ୍ଗଲୀ ବାଘଙ୍କର ମିଳନ ନନ୍ଦନକାନନ ପାଇଁ ଗୁରୁତ୍ୱ ବହନ କରୁଛି।

## ଦିଲ୍ଲୀ ଗଲେ ନନ୍ଦନକାନନ କର୍ତ୍ତୃପକ୍ଷ

ବାରଙ୍ଗ, ୨୯।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପକ୍ଷରୁ ଖୁବଶୀଘ୍ର ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋସେନ୍ସିଟିଭ ଜୋନ) ଘୋଷଣା ହେବାକୁ ଯାଉଛି। ଏଥିନିମନ୍ତେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ରବିବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସୋମବାର ଦିଲ୍ଲୀରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେବେ। ସେଠାରେ ନନ୍ଦନକାନନ ପକ୍ଷରୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରିଯିବାକୁ ପ୍ରସ୍ତାବ ଦିଆଯିବ। ଏଥିନିମନ୍ତେ ଗତ କିଛିଦିନ ତଳେ ନନ୍ଦନକାନନ ପକ୍ଷରୁ ଆଖପାଖ ଗ୍ରାମବାସୀଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଆସିଥିବା ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାପାଇଁ ଅଭିଯୋଗ, ପ୍ରସ୍ତାବ, ନିବେଦନ, ଆବେଦନ ଉପରେ ଲିଖିତଭାବେ ନନ୍ଦନକାନନକୁ ଜଣାଇବାକୁ ଚିଠି କରାଯାଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ପକ୍ଷରୁ ମିଳିଥିବା ଉତ୍ତର ସହ ନନ୍ଦନକାନନର ପ୍ରସ୍ତାବ ଦିଲ୍ଲୀରେ ଉପସ୍ଥାପିତ ସହ ନନ୍ଦନକାନନର ଚତୁଃପାର୍ଶ୍ୱର ଭିନ୍ନଭିନ୍ନ ଦୂରତାକୁ ନେଇ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରିବାକୁ ପ୍ରସ୍ତାବ ରଖିବେ ବୋଲି ଜଣାପଡିଛି।




# ଦି ସ୍କାଏ ଇଜ୍ ପିଙ୍କ୍

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଅକ୍ଟୋବରରେ ରିଲିଜ ହେବାକୁ ଯାଉଛି ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'। ଫିଲ୍ମର ମୁଖ୍ୟ ଚରିତ୍ରରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଫରହାନ୍ ଅଖ୍‌ତର ରହିଥିବା ବେଳେ ଜାଇରା ୱାସିମ୍ ଏବଂ ରୋହିତ ସୁରେଶ ସରାଫ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ହିନ୍ଦୀ ବାୟୋଗ୍ରାଫିକାଲ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୋନାଲୀ ବୋଷ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ୩ବର୍ଷର ବ୍ୟବଧାନ ପରେ ବଲିଉଡ଼ର ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଏହି ଫିଲ୍ମ ମାଧ୍ୟମରେ ହଲିଉଡ୍‌ରୁ ନିଜ ଇଣ୍ଡଷ୍ଟ୍ରିକୁ ଫେରିଛନ୍ତି। ଏକ ନିଆରା ପ୍ରେମକାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ପ୍ରିୟଙ୍କା ଓ ଫରହାନ୍‌ଙ୍କ ଝିଅ ଭୂମିକାରେ ଜାଇରାଙ୍କୁ ଦେଖିବାକୁ ମିଳିବ। ଇତିମଧ୍ୟରେ ଫିଲ୍ମର ଟ୍ରେଲର ରିଲିଜ୍ ହୋଇସାରିଛି।

**ଫିଲ୍ମ ପ୍ରିଭ୍ୟୁ ଦେଖନ୍ତୁ**
YouTube /dharitrilive

# ଦଧିନଉତି ବିପଦ ଶୂନ୍ୟ: ଏଏସ୍‌ଆଇ

## ଶ୍ରୀଲିଙ୍ଗରାଜ ମନ୍ଦିର



**ପୁରୁଣା ଭୁବନେଶ୍ୱର, ୨୯।୯ (ଡି.ଏନ.ଏ.):** ଦେବୋତ୍ତର କମିଶନରଙ୍କ ପକ୍ଷରୁ ଏଏସ୍‌ଆଇକୁ ଶ୍ରୀଲିଙ୍ଗରାଜ ମନ୍ଦିର ଦଧିନଉତିରେ ଫାଟ ଥିବା ନେଇ ଚିଠି କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲ ସହ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଶନିବାର ଏଏସ୍‌ଆଇ ପକ୍ଷରୁ ବିଶେଷଜ୍ଞ ଟିମ୍ ମନ୍ଦିରର ଉପରି ଭାଗକୁ ଡ୍ରୋନ କ୍ୟାମେରା ସହାୟତାରେ ଦଧିନଉତିର ଟିକି ନିଖି ଫୋଟ ଉତ୍ତୋଳନ କରି ସମୀକ୍ଷା କରାଯାଇଥିଲା। ଏଥିରେ ମନ୍ଦିରକୁ ଦଧିନଉତିରେ କୌଣସି ବିପଦ କିମ୍ବା ଫାଟ ନ ଥିବା ସ୍ପଷ୍ଟ ହୋଇଛି। ବିଶେଷଜ୍ଞଙ୍କ ମତରେ ଦେବୋତ୍ତର ବିଭାଗ କୌଣସି ଭିତ୍ତି ନ ଥାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଅତ୍ୟନ୍ତ ନିନ୍ଦନୀୟ। ଏ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଏଏସ୍‌ଆଇ ଅଧୀକ୍ଷକ ଅରୁଣ ମଲ୍ଲିକଙ୍କୁ ପଚାରିବାରେ ଏଏସ୍‌ଆଇର ସ୍ପଷ୍ଟ ମତ ଯେ ଦଧିନଉତିରେ କୌଣସି ଫାଟ ନାହିଁ। ଏଣୁ ଏଏସ୍‌ଆଇ ବିଶେଷଜ୍ଞଙ୍କ ମତକୁ ସନ୍ଦେହ ଚକ୍ଷୁରେ ଦେଖିବା ଅନୁଚିତ। ମନ୍ଦିରରେ ପାଣି ଗଳିବା ପ୍ରଶ୍ନରେ ସେ କହିଛନ୍ତି, ଯଦି କୌଣସି କାରଣରୁ ମନ୍ଦିରରେ ପାଣି ଝରେ, ତାହା ହେଲେ ତାହା ମଶ୍ଟର ଯୋଗୁ ହୋଇଥାଇ ପାରେ। ତଥାପି ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିରରେ କୌଣସି ପ୍ରକାର ତ୍ରୁଟି ସହ ବିପଦ ନାହିଁ। ତାହାକୁ ଦେବୋତ୍ତର ବିଭାଗ ପ୍ରମାଣ ସହ ଆମ ନଜରକୁ ଆଣିଲେ ତୁରନ୍ତ ପଦକ୍ଷେପ ନିଆଯିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


ଦେବାଶିଷ


ସୌରଭ


ସୁଦର୍ଶନ


ପ୍ରସନ୍ନ


ତ୍ରିଲୋଚନ


ସନ୍ତୋଷ


ବିଜୟ


ସ୍ମୃତି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ମା'ଙ୍କ ମଥାରେ ଝଟକିବ ଚାନ୍ଦି ମୁକୁଟ

**ପ୍ରଶାନ୍ତି ବିହାର ଦୁର୍ଗାପୂଜା କମିଟି**

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଭୁବନେଶ୍ୱରର ୱାର୍ଡ ନଂ. ୧ ଅନ୍ତର୍ଗତ ପ୍ରଶାନ୍ତିବିହାର ଦୁର୍ଗାପୂଜା କମିଟି ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ ପୂଜା ଆୟୋଜନ କରୁଛି। ୨୦ ବର୍ଷ ହେବ ଦୁର୍ଗାପୂଜା କରି ଆସୁଥିବା ଏହି କମିଟି ପ୍ରଥମଥର ଲାଗି ମା'ଙ୍କୁ ଚାନ୍ଦି ମୁକୁଟ ଭେଟି ଦେବ। ମୃଣ୍ମୟୀ ମୂର୍ତ୍ତି ତିଆରିରେ ଏପରି ଭିନ୍ନକିଛି କରାଯାଉଥିବାବେଳେ ମା'ଙ୍କ ମଥାରେ ଚାନ୍ଦି ମୁକୁଟ ଝଟକିବ ବୋଲି



କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୌନ୍ଦର୍ଯ୍ୟଭରା ସୁଉଚ୍ଚ ତୋରଣ ପୂଜାର ଶୋଭା ବଢାଇବ। ସେହିଭଳି ରଙ୍ଗବେରଙ୍ଗ ଆଲୋକମାଳା ଓ ଶିଳ୍ପୀଙ୍କ ଦ୍ୱାରା ନୂଆ କାରୁକାର୍ଯ୍ୟ ଅନ୍ୟତମ ଆକର୍ଷଣ ହେବ। ପୂଜା ୪ଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। କଲୋନୀରେ ଏକ ସୁସ୍ଥ ପରିବେଶ ସହ ବାସିନ୍ଦାଙ୍କ ଭାଇଚାରା ମଧ୍ୟରେ ଏହି ପୂଜା ଆୟୋଜିତ ହେଉଛି ବୋଲି କମିଟି ସଦସ୍ୟମାନେ କହିଛନ୍ତି।

### ବିଜୟା ଦଶମୀରେ ଦହି ପାଖାଳ



ମହାଅଷ୍ଟମୀ ଦିନ ମା'ଙ୍କ ପାଇଁ ଖେଚୁଡ଼ି ଭୋଗ ଓ ଦଶମୀରେ ଦହି ପଖାଳ ଭୋଗ କରାଯାଇଥାଏ। ଗତ ୫ବର୍ଷ ହେବ ମା'ଙ୍କ ବିଜୟା ଦଶମୀ ଦିନ ସାର୍ବଜନୀନ ଦହି ପଖାଳ ଭୋଗ କରାଯାଇଥାଏ। ଏହାକୁ ସମସ୍ତେ ସେବନ କରିବା ସହିତ ମା'ଙ୍କ ଆଶୀର୍ବାଦ ଲାଭ କରିଥାନ୍ତି। କମିଟି ପକ୍ଷରୁ କେବଳ ଦୁର୍ଗାପୂଜା ନୁହେଁ, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା ମଧ କରାଯାଉଛି। ଆଗାମୀ ଦିନରେ ସମସ୍ତ ପୂଜା ଉତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ।

**- ନିରଞ୍ଜନ ବାରିକ, ସଭାପତି**

### ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ



ପୂଜାକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କମିଟି ପକ୍ଷରୁ ଭଲ୍ୟୁଣ୍ଟର ବ୍ୟବସ୍ଥା କରାଯାଇଛି। କଲୋନୀର ଯୁବକମାନେ ମୁଖ୍ୟ ଭୂମିକା ନିର୍ବାହ କରିବେ। ଏହାସହିତ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରି ମା'ଙ୍କ ଭସାଣି ଉତ୍ସବକୁ ଖୁବ୍ ଶୃଙ୍ଖଳିତ ଭାବେ ପାଳନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

**- ସିତାଂଶୁ ଦାସ, ସମ୍ପାଦକ**

# ମହାବୀରଙ୍କ ଦଶାବତାର ରୂପ ଶୋଭା ପାଇବ

**ନୂଆସାହି ମହାବୀର ପୂଜା କମିଟି**





ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଧରାବତରଣ କରିବେ ଜଗତ ଜନନୀ ମା' ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହେଲାଣି ଭୁବନେଶ୍ୱର। ପୂଜା କମିଟିମାନେ ପ୍ରସ୍ତୁତିକୁ ଜୋର୍‌ଦାର କରିଥିବାବେଳେ ତୋରଣ ବନ୍ଧା ଓ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପୂଜାକୁ ନେଇ ପ୍ରତିଯୋଗିତା ଚାଲିଥିବାରୁ ପୂଜାକମିଟିମାନେ କିଛି ନିଆରା କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ନୟାପଲ୍ଲୀର ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ଚଳିତବର୍ଷ ୧୫ ଫୁଟ ଉଚ୍ଚର ମହାବୀରଙ୍କ ଦଶାବତାର ମୂର୍ତ୍ତି ଆକର୍ଷଣ ସାଜିବ। ୱାର୍ଡ଼ ନମ୍ବର ୩୯ ଅନ୍ତର୍ଗତ ନୂଆସାହିର ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣରେ ପୂଜା ପାଇଁ ବିଶେଷ ଆୟୋଜନ କରାଯାଇଛି। ସେହିଭଳି ୬୦ ଫୁଟ ଓସାର ଓ ୫୦ ଫୁଟ ଉଚ୍ଚର ତୋରଣ ଅନ୍ୟତମ ଆକର୍ଷଣ ସାଜିବ। ଏଥିସହିତ ୟୁନିଟ୍ ୮ କଲ୍ୟାଣ ମଣ୍ଡପରୁ ନୂଆସାହି ଆଖଣ୍ଡଳମଣି ମଣ୍ଡପ ଯାଏ ୮ ଲାଇଟ୍ ଗେଟ୍, ୩୦ରୁ ଊର୍ଦ୍ଧ୍ୱ ବୋର୍ଡ଼ ଗେଟ୍ ଓ ସିଲିଙ୍ଗ୍ କାର୍ଯ୍ୟ ଆଗେଇ ଚାଲିଛି।

### ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ



ଦୁର୍ଗାପୂଜାର ଶେଷ ୪ଦିନ ଭଜନ, ମେଲୋଡ଼ି, କୁନି କୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯିବ। ଶେଷ ଦିନରେ ସମ୍ବଲପୁରୀ ବାଦ୍ୟ ନୃତ୍ୟ, ସପ୍ତମୀ, ଅଷ୍ଟମୀ ଓ ନବମୀରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖେଚୁଡ଼ି ଭୋଗ କରାଯିବ। ଦଶମୀ ଦିନ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

**- ମିଳନ ପାଇକ୍‌ରାୟ, କାର୍ଯ୍ୟକାରୀ ସଭାପତି**

### ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯିବ



ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ମହାବୀର ପୂଜା ମଣ୍ଡପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନୟାପଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ବିଭିନ୍ନ ଅନୁଷ୍ଠାନର ସଫଳ ବ୍ୟକ୍ତିତ୍ୱଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଭସାଣି ଦିନ ସମ୍ବଲପୁରୀ ବାଜାରେ ଦୁଲୁକିବ ଶୋଭାଯାତ୍ରା ପଥ। ଶାନ୍ତିଶୃଙ୍ଖଳାରେ ଭସାଣି ଉତ୍ସବ କରାଯିବ।

**- ରମେଶଚନ୍ଦ୍ର ବେହେରା, କର୍ତ୍ତା**

## ବାଙ୍କୋଇଦେଶର ଛତ୍ରୀ ଯାତ୍ରା

# ନବରାତ୍ରରୁ ଆରମ୍ଭ ଦଶହରାରେ ହୁଏ ଶେଷ

**ଭିନ୍ନ ଏକ ପରମ୍ପରା ଛତ୍ରୀଯାତ୍ରା, ଯାହାକି ୫୦୬ ବର୍ଷରୁ ଊର୍ଦ୍ଧ୍ୱ ହେବ ବାଙ୍କୋଇରେ ଅନୁଷ୍ଠିତ ହୋଇଆସୁଛି। ଛତ୍ରୀ ସଂଖ୍ୟା କମିବାକୁ ଲାଗିଥିବାବେଳେ ଦିନକୁଦିନ ଯାତ୍ରା ଆକର୍ଷଣୀୟ ହେବାରେ ଲାଗିଛି। ଛୋଟ ଛୋଟ ଛତ୍ରୀଠାରୁ ବଡ ଛତ୍ରୀ ଯାତ୍ରାରେ ଶୋଭାପାଏ। ଛୋଟ ପିଲାମାନେ ନିଜ ନିଜ ଘର ସମ୍ମୁଖରେ ଛତ୍ରୀଧରି ଅପେକ୍ଷାରତ ଥାନ୍ତି। ଶୋଭାଯାତ୍ରା ଦ୍ୱାର ଦେଶରେ ପହଞ୍ଚିଲେ ଛତ୍ରୀ ଧରି ଶୋଭାଯାତ୍ରାରେ ଅଂଶଗ୍ରହଣ କରି ପର୍ବର ମଜା ଉଠାନ୍ତି। ପୁଣି ନିଜ ଛତ୍ରୀର ପରାକାଷ୍ଠା ଦେଖାଇ ମା'ଙ୍କୁ ସନ୍ତୁଷ୍ଟ କରିବା ସହ ପ୍ରତିଯୋଗିତାରେ ବିଜୟୀ ହେବାକୁ ଲାଗି ପଡିଥାନ୍ତି।**



ଖୋର୍ଦ୍ଧା ଅଫିସ/ବୋଲଗଡ,୨୯।୯(ଡି.ଏନ.ଏ.)

ବାଙ୍କୋଇ ଦେଶର ଛତ୍ରୀଯାତ୍ରାରେ ପିଲାମାନେ ଛତ୍ରୀଧରି ଗ୍ରାମ୍ୟ ପରିକ୍ରମା କରିବାର ଦୃଶ୍ୟ ନିଆରା। ଏହି ଯାତ୍ରାରେ ଶ୍ରେଷ୍ଠ ଛତ୍ରୀ ହିଁ ପୁରସ୍କୃତ ହୋଇଥାଏ। ଏଣୁ ପୁରସ୍କାରକୁ ହାତେଇବା ପାଇଁ ଯାତ୍ରାରେ ବିଭିନ୍ନ କିସମର ଓ ରଙ୍ଗବେରଙ୍ଗର ଛତ୍ରୀ ସୁନ୍ଦର ଆଲୋକସଜ୍ଜା ମଧ୍ୟରେ ଦେଖିବାକୁ ମିଳିଥାଏ। ନବରାତ୍ର ପ୍ରାରମ୍ଭରୁ ଆରମ୍ଭ ହୋଇଥିବା ଛତ୍ରୀଯାତ୍ରା ଦଶହରାରେ ଉଦ୍‌ଯାପିତ ହେବାର ପରମ୍ପରା ରହିଛି। ଛତ୍ରୀଗୁଡିକ ବାଉଁଶ ପାତିରେ ତିଆରି ହୋଇଥାଏ। ଛତ୍ରୀ ଉପରେ ଦୁହୁଡି ପରି ଅଗ୍ନି ସଂଯୋଗର ବ୍ୟବସ୍ଥା ଏହାର ଅନ୍ୟତମ ଆକର୍ଷଣ। ଏହି ଦୁହୁଡିର ନିଆଁ ସାଧାରଣତଃ ଲିଭି ନ ଥାଏ। ଗ୍ରାମ୍ୟ ପରିକ୍ରମା ପରେ ଠାକୁରାଣୀ ଯେଉଁଠି ଆଶ୍ରୟ ନିଅନ୍ତି ସେଠାରେ ଛତ୍ରୀ ନିଆଁ ଲିଭିବା ଏକ ବିଚିତ୍ର ମହିମା। ବୋଲଗଡ ବ୍ଲକ ବାଙ୍କୋଇଦେଶର ପ୍ରସିଦ୍ଧ ଠାକୁରାଣୀ ରାମଚଣ୍ଡୀଙ୍କ ପୀଠରେ କାହିଁ କେଉଁ କାଳରୁ ପାଳିତ ହୋଇଆସୁଛି ପ୍ରସିଦ୍ଧ ପର୍ବ। ରବିବାର ରାତ୍ରି ପ୍ରାୟ ସାଢେ ୧୧ଟାରେ ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଦୁଇ ଭଉଣୀ ଜଟେଇଶୁଣି ଓ ଫୁଲକାଶୁଣି ଶୋଭାଯାତ୍ରାରେ ବାଙ୍କୋଇଦେଶ ପଞ୍ଚାୟତର ବିଭିନ୍ନ ଗ୍ରାମ୍ୟ ପରିକ୍ରମା କରନ୍ତି। ପରେ ମା'ଙ୍କ ଚଳନ୍ତି ପ୍ରତିମା ଝଣ୍ଡାଙ୍କ ସହ ଦୁଇ ଭଉଣୀ ଏକ ଆଟପ ଶୋଭାଯାତ୍ରାରେ କଚେରିବର ଅଞ୍ଚଳକୁ ଯାଇଥିଲେ। ପରିକ୍ରମା ସମୟରେ ମା' ପିଲାମାନଙ୍କ ସହ ଧୂଳି ଖେଳ, କବାଡି, ଡୁଡୁ ଖେଳ ଖେଳନ୍ତି। ପୁଣି ଦ୍ୱାର ଦ୍ୱାର ବୁଲି ପୋଡ ପିଠାର ଭୋଗ ଖାଆନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ନବରାତ୍ରଠାରୁ ଦଶହରା ପର୍ଯ୍ୟନ୍ତ ହୁଏ। ବୋଲଗଡ ବ୍ଲକ ଅଞ୍ଚଳରେ ଗ୍ରାମ୍ୟ ଖେଳ ଲୋପ ପାଇ ଯିବାକୁ ବସିଥିବାବେଳେ ଏଠାର କବାଡି, ଡୁଡୁ ଖେଳ ପୁରୁଣା ସ୍ମୃତିକୁ ବଞ୍ଚାଇ ରଖିଛି। ଅନ୍ୟପକ୍ଷରେ ଠାକୁରାଣୀ ଶୋଭାଯାତ୍ରାରେ ଆସୁଥିବାବେଳେ ଛୋଟ ପିଲାମାନେ ସେମାନଙ୍କର ପାଇକ ଖେଳ ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତି। ଏଣୁ ଯାତ୍ରାରେ ପାଇକ ଖେଳ ପ୍ରଦର୍ଶନ ପାଇଁ ସେମାନଙ୍କୁ ତାଲିମ ନେବାକୁ ପଡେ। ସଂକୀର୍ତ୍ତନର ଆସର ମଧ ଜମି ରହିଥାଏ। ଆଧୁନିକ ଗୀତ ବଜାଇ ତାଳେ ତାଳେ ଯୁବ ସମାଜ ନାଚଗୀତରେ ମସ୍‌ଗୁଲ ହୁଅନ୍ତି। ପରେ ରାତି ପ୍ରାୟ ସାଢ଼େ ୧ଟାରେ ଶୋଭାଯାତ୍ରା ଆସି କଚେରିବର ଅଞ୍ଚଳରେ ପହଞ୍ଚିଥାଏ। ଠାକୁରାଣୀ ଦୁଇଭଉଣୀଙ୍କ ସହ କଚେରିବରରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରୁହେ। ଦଶହରା ଦିନ ଶୋଭାଯାତ୍ରାରେ ଠାକୁରାଣୀ ୪୮ ପାଇକ ଓ ୧୮ ଗଡକାଜି ସହଯୋଗରେ ଦଳେଇ ସେମାନଙ୍କୁ ଦଳବେହେରାଙ୍କ ଦ୍ୱାରକୁ ନେଇଥାନ୍ତି। ସେଠାରେ ପାଇକ ବନ୍ଦାଣ ହୁଏ। ବନ୍ଦାଣ ପରେ କଚେରୀବରକୁ ଶୋଭାଯାତ୍ରା ଫେରେ। ପରେ ଏହି ଆଟପ ପଟୁଆର ପୁଣି କଚେରିବରଠାରୁ ବାହାରି ଠାକୁରାଣୀମାନଙ୍କ ନିଜ ନିଜ ମନ୍ଦିରକୁ ନେଇ ପାଛୋଟି ଆସନ୍ତି। କଚେରିବରଠାରେ ଠାକୁରାଣୀ ୧୦ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି। ଏହି ରହଣି ସମୟରେ ପ୍ରତ୍ୟହ ଠାକୁରାଣୀଙ୍କୁ ଷୋଡଶ ଉପଚାରରେ ପୂଜା କରାଯାଇଥାଏ। ପର୍ବର ଦ୍ୱିତୀୟା ଓ ଅଷ୍ଟମୀ ତିଥିରେ ପ୍ରତିବର୍ଷ ଛାଗ ବଳିପଡେ। ତେବେ ପ୍ରାୟ ୪୧ ବର୍ଷ ହେବ ଏହି ବଳି ବନ୍ଦ ହୋଇ ପାଣି କଖାରୁ ବଳି ପକାଯାଉଛି।



**ରାଜ୍ୟସ୍ତରୀୟ ନବମାତୃକା ପୂଜା**

# ୯ ମା'ଙ୍କୁ ସମ୍ମାନ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)



ନବରାତ୍ରି ଉପଲକ୍ଷେ ଆର୍ଯ୍ୟସମାଜ ପକ୍ଷରୁ ଏହା ପରିସରରେ ରବିବାର ରାଜ୍ୟସ୍ତରୀୟ ନବମାତୃକା ପୂଜା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ନବମାତୃକା ପୂଜା ଅଭ୍ୟର୍ଥନା କମିଟି, ଯୁଗଶ୍ରୀ ଯୁଗନାରୀ ଏବଂ ବାଲେଶ୍ୱର କଳାକେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଇଂ ପ୍ରିୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମା'ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ନବମାତୃକା ପୂଜାରେ ୯ଜଣ ମାତୃମଣ୍ଡଳୀ ଯଥା ସାମାଜିକ କର୍ମୀ ବାସନ୍ତୀ ପାଣି, ଶିକ୍ଷାବିତ୍ କ୍ଷୀରୋଦ୍ରା ପରିଜା, ଚିକିତ୍ସିକା ନାରାୟଣୀ ପଣ୍ଡା, କଳାକାର ଝରଣା ଦାସ, ଗୃହିଣୀ କୁନ୍ତଳା କୁମାରୀ ସାମନ୍ତରାୟ, କୃଷି ଶାନ୍ତିଲତା ରାଉଳ, ଶିଳ୍ପୀ କନକଲତା ମହାନ୍ତି ଓ ସାହିତ୍ୟ ସାଧିକା ଡ. ଇନ୍ଦିରା ପଟ୍ଟନାୟକଙ୍କୁ ଆର୍ଯ୍ୟସମାଜ ପରିସରରେ ଅଭିନନ୍ଦିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନବମାତୃକା ପୂଜା ଅଭ୍ୟର୍ଥନା କମିଟିର ସଭାପତି ସାତକଡି ହୋତା ଶୁଭାରମ୍ଭ କରିଥିବାବେଳେ ପ୍ରାରମ୍ଭରେ କମିଟିର ଆବାହିକା ଶକୁନ୍ତଳା ବଳିଆରସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ଅଭିନନ୍ଦିତ ମା'ମାନଙ୍କ ବିଷୟରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଚିତ୍ତରଞ୍ଜନ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂଜା ପୂର୍ବରୁ ପୂଜା କମିଟିକୁ ସେସୁର ଚେତାବନୀ

# ହୁକ ପକାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

- **ବେଆଇନ ବିଦ୍ୟୁତ୍ ନେଉଥିବା କମିଟିକୁ ଜଗିବ 'ଡି-ହୁକିଂ' ସ୍କ୍ୱାଡ୍**
- **ଆଇନ୍ ସମ୍ମତ ବିଦ୍ୟୁତ୍ ସଂଯୋଗ ନିଅ: ସେସୁ**

ବିଭିନ୍ନ ପୂଜାପର୍ବରେ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନିଆଯାଉଥିବା ଅଭିଯୋଗ ଆସୁଛି। ଆଗକୁ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ରହିଥିବାବେଳେ ଏହାପୂର୍ବରୁ ସେସୁ ପୂଜା କମିଟିଗୁଡିକୁ ସତର୍କ କରାଇବା ସହ ଚେତାବନୀ ଦେଇଛି। ବେଆଇନ ଭାବେ ହୁକ ପକାଇ ବିଦ୍ୟୁତ ସଂଯୋଗ ନେଉଥିବା ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ନିର୍ଦ୍ଦେଶନାମା ଜାରି କରିଛି। ଏହାର ତଦାରଖ କରିବା ଲାଗି ସେସୁ ପକ୍ଷରୁ ଡି-ହୁକିଂ ସ୍କ୍ୱାଡ୍ ଗଠନ କରାଯାଇଛି। କୌଣସି ବିଦ୍ୟୁତ୍ ଜନିତ ଦୁର୍ଘଟଣାକୁ ଏଡ଼ାଇବା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସେସୁ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆଇନ ସମ୍ମତ ସଂଯୋଗ ନେବାକୁ ପୂଜା ମଣ୍ଡପଗୁଡ଼ିକ ସେସୁର ସହାୟତା ନେବା ସହ ପୂଜାକୁ ଠିକ୍ ଢଙ୍ଗରେ ପରିଚାଳନା କରନ୍ତୁ ବୋଲି ସେସୁ ଅନୁରୋଧ କରିଛି।

ଉଲ୍ଲେଖଥାଉ କି, ପୂଜାବେଳେ ଆଲୋକ ସଜ୍ଜା ପାଇଁ ମଣ୍ଡପଗୁଡ଼ିକ ହୁକ ପକାଇ ବିଦ୍ୟୁତ୍ ଚୋରି କରିଥାନ୍ତି। ଏଥିରେ ନିଆଁ ଲାଗିଯିବା, ଟ୍ରାନ୍ସଫର୍ମର ପୋଡିଯିବା ଭଳି ଘଟଣା ଘଟିଥାଏ। ଏଥିପାଇଁ ଏବେ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରିଥିଲେ ବିଦ୍ୟୁତ୍ ଆଇନ୍ ୨୦୦୩, ଧାରା ୧୩୫ ଓ ୧୪୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା ସମୟରେ ଅସ୍ଥାୟୀ ବିଦ୍ୟୁତ୍ ସେବା ନେବା ଲାଗି ପୂଜାମଣ୍ଡପଗୁଡ଼ିକୁ ନିକଟସ୍ଥ ବିଦ୍ୟୁତ୍ ସେକ୍ସନ ଓ ସବ୍‌ଡିଭିଜନରେ ଆବେଦନ କରିବାକୁ କୁହାଯାଇଛି। ଏହି ସମୟରେ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ତେଣୁ ସେସୁ ପକ୍ଷରୁ ଆଗୁଆ ପଦକ୍ଷେପମାନ ଗ୍ରହଣ କରାଯାଇଛି। ସବ୍‌ଷ୍ଟେଶନ ଲାଇନ ଗୁଡିକର ମରାମତି ସହ ଅତ୍ୟାବଶ୍ୟକ ବିଦ୍ୟୁତ୍ ସାମଗ୍ରୀ ଗଚ୍ଛିତ ରଖାଯାଇଛି। ପୂଜା ସମୟରେ ବିଦ୍ୟୁତ୍ ଖର୍ଚ୍ଚ କାଟ କରିବା ଲାଗି ଏଲ୍‌ଇଡି ଲାଇଟ ଓ ଏନର୍ଜି ସେଭିଙ୍ଗ ଲାଇଟ୍ ବ୍ୟବହାର କରିବାକୁ ସେସୁ ପକ୍ଷରୁ କମିଟିଗୁଡ଼ିକୁ ନିବେଦନ କରାଯାଇଛି।

**କଟକ**



ମା'ଗଡ଼ଚଣ୍ଡୀଙ୍କ ବନଦୁର୍ଗା ବେଶ।



ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ବଗଳାମୁଖୀ ବେଶ।



ମା'ଝାଞ୍ଜିରୀମଙ୍ଗଳାଙ୍କ ଗାୟତ୍ରୀ ବେଶ।



ହରିପୁର ଦୋଳମୁଣ୍ଡାଇର ମା'ବିମଳାଙ୍କ ଗାୟତ୍ରୀ ବେଶ।



ମା'କଟକଚଣ୍ଡୀଙ୍କ ଉଗ୍ରତାରା ବେଶ।



ମଙ୍ଗଳାବାଗର ମା'ବାସନ୍ତୀଦୁର୍ଗାଙ୍କ ଜଗଦ୍ଧାତ୍ରୀ ବେଶ।



ଦୋଳମୁଣ୍ଡାଇସ୍ଥିତ ମା'ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### 'କଳାଭୂମି'ରେ ନଡ଼ିଆ କତା ହସ୍ତଶିଳ୍ପ କର୍ମଶାଳା

ଭୁବନେଶ୍ୱର, ୨୯।୯(ବ୍ୟୁରୋ): ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ରବିବାର ନଡ଼ିଆ କତା ହସ୍ତଶିଳ୍ପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କଳାଭୂମି ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କ ସହ କୁନି କୁନି ପିଲା ଏବଂ ବୟସ୍କମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଅଂଶଗ୍ରହଣକାରୀମାନେ କତାରେ ଆକର୍ଷଣୀୟ ଘୋଡ଼ା ପ୍ରସ୍ତୁତ କରିଥିବା ଦେଖିବାକୁ ମିଳିଥିଲା। ନିଜେ ପ୍ରସ୍ତୁତ କରିଥିବା ଘୋଡ଼ାକୁ ସ୍ମାରକୀ ଆକାରରେ ନିଜ ଘରକୁ ନେଇଥିଲେ। ସାକ୍ଷୀଗୋପାଳର ଡଲି ଦାସଙ୍କ ତତ୍ତ୍ୱାବଧାନରେ ଏହି ନଡ଼ିଆ କତା କର୍ମଶାଳାଟି ଅନୁଷ୍ଠିତ ହୋଇଥିଲା।

### ମହିଳା ବସ୍ କଣ୍ଡକ୍ଟରଙ୍କୁ ଅସଦାଚାରଣ, ଅଭିଯୁକ୍ତ ଯାତ୍ରୀ ଗିରଫ

ଭୁବନେଶ୍ୱର,୨୯।୯(ବ୍ୟୁରୋ): ମୋ ବସ୍‌ରେ କାର୍ଯ୍ୟରତ ଜଣେ ମହିଳା କଣ୍ଡକ୍ଟରଙ୍କୁ ଅସଦାଚାଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତ ଯାତ୍ରୀଙ୍କୁ ଗିରଫ କରିଛି। ସେ ହେଲେ ପଟିଆ ହାଉସିଂବୋର୍ଡ କଲୋନୀ ଅଞ୍ଚଳରେ ରହୁଥିବା ସୂର୍ଯ୍ୟମଣୀ ସାହୁ। ସୂଚନା ମୁତାବକ, ଜୟଦେବ ବିହାର ଦେଇ ବସ୍‌ଟି ନନ୍ଦନକାନ ଯାଉଥିବାବେଳେ ଅଭିଯୁକ୍ତ ସୂର୍ଯ୍ୟମଣୀ ନାଲ୍‌କୋ ଛକରୁ ଚଢ଼ିଥିଲେ। ସେ କିଟ୍ ଯିବାକୁ ଥିବାବେଳେ ବସ୍ ମୁଖ୍ୟ ରାସ୍ତାରେ ମାଗ୍ନେଟିକ୍ ଛକ ଦେଇ ନନ୍ଦନକାନନ ଅଭିମୁଖେ ବାହାରି ଯାଇଥିଲା। ମାତ୍ର କିଟ ଛକରେ ତାଙ୍କୁ ଛାଡିବା ପାଇଁ ସୂର୍ଯ୍ୟମଣୀ ଯିଦ୍ ଧରିଥିଲେ। ବିନା ରୁଟ୍‌ରେ ବସ୍ ଯାଇପାରିବ ନାହିଁ ବୋଲି ମହିଳା କଣ୍ଡକ୍ଟର ଜଣକ କହିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସୂର୍ଯ୍ୟମଣୀ ଉକ୍ତ ମହିଳା କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିବା ସହ ଧକ୍କାମାରି ଟିକେଟ ମେଶିନ ଛଡ଼ାଇ ନେଇ ତଳେ କଚାଡ଼ି ଭାଙ୍ଗି ଦେଇଥିଲେ। ଏ ନେଇ ମହିଳା କଣ୍ଡକ୍ଟର ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୭୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୂର୍ଯ୍ୟମଣୀଙ୍କୁ ଗିରଫ କରିଛି।

### ପୁରୀ ରେଲଓ୍ୱେ ଷ୍ଟେଶନରୁ ୫ନାବାଳକ ଉଦ୍ଧାର

ପୁରୀ ଅଫିସ, ୨୯।୯: ପୁରୀ ରେଲୱେ ଷ୍ଟେଶନରୁ ଆରପିଏଫ୍ ରବିବାର ୫ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ନାବାଳକଙ୍କୁ ଆର୍‌ପିଏଫ୍ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ରବିବାର ସକାଳ ୯ଟାରେ ଆର୍‌ପିଏଫ୍ ଏସ୍‌ଆଇ ପାଣ୍ଡବ ନାୟକ, ଏଏସ୍‌ଆଇ ଏସ୍‌ଏସ୍ ପଣ୍ଡା ଷ୍ଟେଶନରେ ଡ୍ୟୁଟି କରୁଥିଲେ। ୭ନମ୍ବର ପ୍ଲାଟଫର୍ମରେ ନାବାଳକମାନେ ବୁଲୁଥିବା ଦେଖି ସେମାନଙ୍କୁ ପଚରାଉଚୁରା ଲାଗି ଥାନାକୁ ନେଇଥିଲେ। ଉଦ୍ଧାର ନାବାଳକମାନେ ମୟୁରଭଞ୍ଜ ଏବଂ ବାଲେଶ୍ୱର ଅଞ୍ଚଳର ହୋଇଥିବା ଆର୍‌ପିଏଫ୍ ଜାଣିବାକୁ ପାଇଥିଲା। ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ କୁହନ୍ତି, ଏହି ନାବାଳକମାନେ ସେମାନଙ୍କ ପରିବାର ଲୋକଙ୍କ ଅଜାଣତରେ ବାହାର ରାଜ୍ୟକୁ ଯିବାକୁ ଯୋଜନା କରି ପୁରୀ ଚାଲି ଆସିଥିଲେ। ଉଦ୍ଧାର ନାବାଳକଙ୍କୁ ପରେ ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରାଯାଇଥିବା ଥାନା ଅଧିକାରୀ ସିଂ କହିଛନ୍ତି।

## ■ ତେଲିପଡ଼ିଆ ଫାଙ୍କା ଗୁଳିଚାଳନା ଘଟଣା

# ମୁଖ୍ୟ ଅଭିଯୁକ୍ତ ନାରାୟଣ ସହ ଜେଲ୍ ଗଲେ ୪





■ ୫ମୋବାଇଲ୍ ଫୋନ, ୨ବନ୍ଧୁକ ଓ ଗୁଳି ଜବତ

■ ରିମାଣ୍ଡରେ ଆଣିବ ପୁରୀ ପୋଲିସ

ପୁରୀ ଅଫିସ, ୨୯।୯

ପୁରୀର ବହୁଚର୍ଚ୍ଚିତ ତେଲିପଡିଆ ଫାଙ୍କା ଗୁଳିଚାଳନା ଘଟଣାରେ ରବିବାର ୪ଜଣଙ୍କୁ ଜେଲ୍ ପଠାଯାଇଛି। ଟାଉନ ଥାନା ପୋଲିସ ଦ୍ୱାରା ମୁଖ୍ୟ ଅଭିଯୁକ୍ତ ବାଲିସାହିର ମଦ ବ୍ୟବସାୟୀ ତଥା ବିଜେଡି ନେତା ନାରାୟଣ ସାହୁ ଓରଫ ନାରୁଆଙ୍କ ସମେତ ତାଙ୍କର ୩ ଅଙ୍ଗରକ୍ଷୀ ଉତ୍ତରପ୍ରଦେଶର ବବଲୁ କୁମାର, ଦେବେନ୍ଦ୍ର କୁମାର ଓ ବରୁଣ କୁମାର ମୋଟଲା ଶନିବାର ଅଟକଥିଲେ। ପୋଲିସ ରବିବାର ସେମାନଙ୍କୁ ଗିରଫ କରିଥିବା ଦର୍ଶାଇ ପୁରୀ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା। ପୋଲିସ ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ, ୨ ବନ୍ଧୁକ ଏବଂ ଗୁଳି ଜବତ କରିଛି। ଏନେଇ ଥାନାରେ ଆଇପିସି ଦଫା ୫୦୪, ୫୦୬, ୩୮୭, ୩୪, ଆର୍ମ୍ସ ଆକ୍ଟ ୨୫,୨୭, ପୋଲିସ ଆକ୍ଟ ୩୦, ସିଆରଏଲଏ ଆକ୍ଟ ୭, ଓଡ଼ିଶା ଫାଏର ଆଣ୍ଡ ଲାଉଡସ୍ପିକର ଆକ୍ଟ ୫ ଅନୁଯାୟୀ ୧୭୮/୧୯ନମ୍ବରରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

ଗତ ଅଗଷ୍ଟ ୪ରେ ଟାଉନ ଥାନା ଅଧୀନ ତେଲିପଡିଆରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ତାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ନାରୁଆ ଏବଂ ତାଙ୍କ ଅଙ୍ଗରକ୍ଷୀମାନେ ବନ୍ଧୁକ ଧରି ନାଚିଥିଲେ। ପ୍ରଥମେ ଦୁଇଜଣ ଅଙ୍ଗରକ୍ଷୀ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ପରେ ନାରୁଆ ମଧ୍ୟ ଅଙ୍ଗରକ୍ଷୀଙ୍କ ହାତରୁ ବନ୍ଧୁକ ନେଇ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ଦୁଇଟି ବନ୍ଧୁକରୁ ପ୍ରାୟ ୬ରୁ ୮ରାଉଣ୍ଡ ଗୁଳିଚାଳନା ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରଥମରୁ ଏହି ଘଟଣାକୁ ପୋଲିସ ଏଡ଼ାଇ ଦେଇଥିଲା। କିନ୍ତୁ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୁରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଘଟଣା ପ୍ରଘଟ ହେବା ପରେ ନାରୁଆ ଏବଂ ତାଙ୍କ ଅଙ୍ଗରକ୍ଷୀ ଫେରାର ହୋଇଯାଇଥିଲେ। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ କ୍ଷୀରସାଗର ନାୟକଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଦୁଇଟି ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ନାରୁଆଙ୍କ ବାସଭବନ ଏବଂ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ନାରୁଆ ନିଜକୁ ଅସୁସ୍ଥ ଥିବା ଦର୍ଶାଇ ମୋଟିସାହିସ୍ଥିତ ଇ-୨୪ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅଙ୍ଗରକ୍ଷୀମାନେ ବାହାର ରାଜ୍ୟକୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଦୁଇଦିନ ତଳେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ କାବୁ କରିଥିଲା। ପରେ ସେମାନଙ୍କୁ ଏକ ଗୁପ୍ତ ସ୍ଥାନରେ ରଖି ଭାଇରାଲ ହୋଇଥିବା ଭିଡିଓ ସମ୍ପର୍କରେ ପଚରାଯାଇଥିଲା। ପୂର୍ବରୁ ନାରୁଆ କଂଗ୍ରେସରେ ଥିବାବେଳେ ସକ୍ରିୟ ସଦସ୍ୟ ରହିଥିଲେ। ପୌର ନିର୍ବାଚନରେ ତାଙ୍କ ସକ୍ରିୟ ଭୂମିକା ରହୁଥିଲା। ଚଳିତ ନିର୍ବାଚନରେ ସେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଥିଲେ।

### ବନ୍ଧୁକ ସମ୍ପର୍କରେ ତଥ୍ୟ ଦେଲାନି ପୋଲିସ

ନାରୁଆଙ୍କ ଅଙ୍ଗରକ୍ଷୀ ବନ୍ଧୁକ ରଖିବା ନେଇ ପୋଲିସଠାରୁ ଅନୁମତି ନେଇଥିଲେ କି, ସେମାନଙ୍କ ନିକଟରେ ବନ୍ଧୁକ ଲାଇସେନ୍ସ ରହିଥିଲା କି, ବନ୍ଧୁକ କେଉଁଠାରୁ ଆଣିଥିଲେ, ଏନେଇ ପୋଲିସ ନିକଟରେ ଆଗରୁ ଖବର ରହିଥିଲା କି ପ୍ରଶ୍ନରେ ଏସ୍‌ପି ଦାଶ କୌଣସି ଉତ୍ତର ଦେଇ ନ ଥିଲେ। କେବଳ ଘଟଣାର ତଦନ୍ତ ଜାରି ରହିଛି କହି ଏଡାଇ ଯାଇଥିଲେ।

### ଅନ୍ୟ ଗୋଷ୍ଠୀ ସହ ଥିଲା ଶତ୍ରୁତା

ପ୍ରାୟ ୩୦ବର୍ଷ ଧରି ନାରୁଆ ବହୁ ଅପରାଧ ଘଟଣାର ଅଭିଯୁକ୍ତ ରହିଛନ୍ତି। ତାଙ୍କ ନାମରେ ପୁରୀର ଦୁଇ ଥାନାରେ ୨୯ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେଥିରୁ ଟାଉନ ଥାନାରେ ୨୦ଟି କେସ୍ ରହିଥିବାବେଳେ ସମୁଦ୍ରକୂଳ ଥାନାରେ ୯ଟି ରହିଛି। ପୁରୀ ସହରରେ ସେ ମଦ ବ୍ୟବସାୟ କରିଆସୁଥିଲେ। ଏକ ଗ୍ୟାଙ୍ଗ ଗଠନ କରି ଟାଉନ ଥାନା ଏବଂ ସମୁଦ୍ରକୂଳ ଥାନା ଇଲାକାରେ ନିଜ ଆଧିପତ୍ୟ ବିସ୍ତାର କରିବା ସହ ବାଲିସାହି ଏବଂ ସମୁଦ୍ରକୂଳ ଅଞ୍ଚଳରେ ନିଜ ଆଡ୍ଡା ଜମାଇଥିଲେ। ଗତ କିଛିଦିନ ଧରି ବାଲିସାହିର ଅନ୍ୟ ଏକ ଗୋଷ୍ଠୀ ସହ ତାଙ୍କ ଶତ୍ରୁତା ଲାଗି ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ୧୦ଫୁଟର ଅଜଗର, ୫ଫୁଟର ନାଗ ଉଦ୍ଧାର

ପୁରୀ ଅଫିସ, ୨୯।୯



ଜାଲରେ ପଡ଼ିଥିବା ଅଜଗର।

ପୁରୀ ସଦର ବ୍ଲକ ଅନ୍ତର୍ଗତ ଦୋବନ୍ଧା ସ୍ଥିତ ଭାର୍ଗବୀ ନଦୀରୁ ରବିବାର ୧୦ଫୁଟର ଅଜଗର ଉଦ୍ଧାର ହୋଇଛି। ପୁରୀ ସ୍ନେକ୍ ହେଲପ୍ ଲାଇନ କର୍ମୀ ସଂଗ୍ରାମ କେଶରୀ ଦାଶ ଏବଂ ତାଙ୍କ ସହଯୋଗୀ ବିକ୍ରମ ପ୍ରଧାନ ଏହି ଅଜଗରକୁ ଉଦ୍ଧାର କରିଛନ୍ତି। ଦୋବନ୍ଧା ସ୍ଥିତ ଭାର୍ଗବୀ ନଦୀରେ ମାଛ ଧରିବା ଲାଗି କେତେଜଣ ଗ୍ରାମବାସୀ ଜାଲ ବିଛାଇଥିଲେ। ଏହି ଜାଲରେ ଅଜଗର ଫସି ଯାଇଥିଲା। ସକାଳ ୮ଟା ସମୟରେ ମାଛ ଧରିବାକୁ ଯାଇଥିବା କେତେଜଣ ଯୁବକ ଏହାକୁ ଦେଖି ସଂଗ୍ରାମଙ୍କ ସହ ଯୋଗାଯୋଗ କରିଥିଲେ। ଖବରପାଇ ସଂଗ୍ରାମ ଏବଂ ତାଙ୍କ ସହଯୋଗୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସେ ଜାଲକୁ ବାହାର କରି କୂଳକୁ ଆଣିଥିଲେ।

ସେହିପରି ବାଟ ମଙ୍ଗଳା ମନ୍ଦିର ନିକଟ ଏକ ଭୋଗ ଦୋକାନ ପରିସରରୁ ୫ଫୁଟର ନାଗ ସାପକୁ ସଂଗ୍ରାମ ଓ ତାଙ୍କ ସହଯୋଗୀ ମାଧ୍ୟମରେ ଉଦ୍ଧାର କରିଥିଲେ। ଭୋର ସମୟରେ ଜନୈକ ଦୋକାନୀ ଦୋକାନ ଖୋଲିବା ସମୟରେ ଭୋଗ ସାମଗ୍ରୀ ଉପରେ ଏକ ନାଗସାପ ଗୁଡାଇ ହୋଇ ରହିଥିବା ଦେଖିବାକୁ ପାଇଥିଲେ। ପରେ ସେ ସଂଗ୍ରାମଙ୍କୁ ଖବରଦେଇଥିଲେ। ଉଦ୍ଧାର ଦୁଇଟି ସାପକୁ ସଂଗ୍ରାମ ବନବିଭାଗକୁ ହସ୍ତାନ୍ତ କରିଛନ୍ତି।

## ଓଡ଼ିଶା ସ୍କାଉଟ୍ ଗାଇଡ୍‌ର ରୋଭର ରେଞ୍ଜରଙ୍କ ୫ଦିନିଆ ଆଲୋଚନାଚକ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ ଉପଲକ୍ଷେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସର ରାଜ୍ୟ ଶାଖା ପକ୍ଷରୁ ରୋଭର ରେଞ୍ଜରମାନଙ୍କ ଏକ ଆଲୋଚନାଚକ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ପୂର୍ବ ରେଳପଥ, ଦକ୍ଷିଣ ରେଳପଥ, ଛତିଶଗଡ଼, ପୂର୍ବତଟ ରେଳପଥ ଆଦି ରାଜ୍ୟରୁ ଅନ୍ୟୁନ ୨୦୦ରୁ ଊର୍ଦ୍ଧ୍ୱ ରୋଭର ରେଞ୍ଜର ଯୋଗଦେଇଛନ୍ତି। ସମାରୋହରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବା ପାଇଁ ରୋଭର ରେଞ୍ଜରମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ଗାଇଡ୍ ସଙ୍ଗଠନ କମିଶନର ଅନାମିକା ଦାସ ଅତିଥିମାନଙ୍କୁ ସ୍ୱାଗତ କରି ଆଲୋଚନାଚକ୍ରର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପରେ ପରେ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ତଥା ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଆଞ୍ଚଳିକ ଶାଖା କାର୍ଯ୍ୟାଳୟର ସାଙ୍ଗଠନିକ କମିଶନର ବବଲୁ ଗୋସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଆଲୋଚନାଚକ୍ର ୫ଦିନ ଧରି ସମାହିତ ହେବ।



ପୁରୀରେ ଅନୁଷ୍ଠିତ ନୀଳାଦ୍ରି ଭକ୍ତ ଉତ୍ସବରେ ରାମଲୀଳା ପରିବେଷଣ କରାଯାଉଛି।

### ୫ରୁ ବନ୍ଦେ ଭାରତ ଏକ୍ସପ୍ରେସ ଯିବ ବୈଷ୍ଣୋଦେବୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ): ବୈଷ୍ଣୋଦେବୀ ତୀର୍ଥ ଯାତ୍ରା ପାଇଁ ୫ ଅକ୍ଟୋବରରୁ ଆରମ୍ଭ ହେବ ବନ୍ଦେ ଭାରତ ଟ୍ରେନ ସେବା। ଏଥିପାଇଁ ରବିବାରଠାରୁ ଟିକେଟ୍ ବୁକିଂ ଆରମ୍ଭ ହୋଇଥିବା ରେଳ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରୁ ବୈଷ୍ଣୋଦେବୀ କଟରା ଯିବାକୁ ଅନ୍‌ଲାଇନରେ ଟିକଟ ବୁକ୍ ହେବ। ପୂର୍ବରୁ ଏହି ଯାତ୍ରା ପାଇଁ ୧୨ଘଣ୍ଟା ସମୟ ଲାଗୁଥିବାବେଳେ ଏବେ ବନ୍ଦେ ଭାରତ ଏକ୍ସପ୍ରେସରେ ମାତ୍ର ୮ଘଣ୍ଟା ଲାଗିବ। ଏହି ଟ୍ରେନ ଅମ୍ବାଲା କ୍ୟାଣ୍ଟ, ଲୁଧିଆନା ଓ ଜମ୍ମୁରେ ରହଣି କରିବ।

# ଆକର୍ଷଣ ସାଜିଲା ରାମଲୀଳା

## ଚଢେୟା ନୃତ୍ୟରେ ସ୍ୱଚ୍ଛତାର ବାର୍ତ୍ତା

ପୁରୀ ଅଫିସ, ୨୯।୯

**ନୀଳାଦ୍ରି ଭକ୍ତ ଉତ୍ସବ**

ପୂର୍ବଭଳି ଆଉ ମଞ୍ଚସ୍ଥ ହେଉନି ରାମଲୀଳା। ସମୟ ଥିଲା ରାତି ରାତି ଅନିଦ୍ରା ହୋଇ ଲୋକେ ରାମଲୀଳା ଦେଖୁଥିଲେ। କାଁ ଭାଁ କେଉଁଠି ବଞ୍ଚି ରହିବାକୁ ସଂଘର୍ଷ କରୁଥିବାବେଳେ ରବିବାର ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା ରାମଲୀଳା। ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶଧାରୀ ୪ ଯୁବକଙ୍କ ନିଚ୍ଛକ ଅଭିନୟ ଦେଖଣାହାରୀଙ୍କୁ ବେଶ୍ ତାଜୁବ କରି ଦେଇଥିଲା। ଦେଖଣାହାରୀଙ୍କ ଅନୁରୋଧକ୍ରମେ ରାମାୟଣର ଗୋଟିଏ ଗୋଟିଏ ବିଷୟବସ୍ତୁ ଅଭିନୟ ମାଧ୍ୟମରେ ଏମାନେ ଦର୍ଶାଇଥିଲେ। ରାମାୟଣର ସଙ୍ଗୀତ ରୂପକ ପରିବେଷଣ କରିଥିଲେ ପିପିଲିର ମା' ସର୍ବମଙ୍ଗଳା ରାମଲୀଳା ଗଣନାଟ୍ୟ। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ପ୍ରତି ରବିବାର ସକାଳେ ଚାଲିଛି ନୀଳାଦ୍ରି ଭକ୍ତ ଉତ୍ସବ। ରବିବାର ଏହି ଆଧାତ୍ମିକ କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା ରାମଲୀଳା। ସେହିପରି ନିମାପଡ଼ା ଦୁଲାଦେଇ ନାଟ୍ୟ ଅନୁଷ୍ଠାନର ଚଢେୟା ନୃତ୍ୟ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲା। ଅନୁଷ୍ଠାର କଳାକାରମାନେ ପରିମଳକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଲାଗି ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ସଚେତନ କରିଥିଲେ। ବାହାରକୁ ଶୌଚ ପାଇଁ ଗଲେ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇ ଡାକ୍ତରଙ୍କୁ ଟଙ୍କା ଗଣିବାକୁ ହେବ। ତେଣୁ ଘରେ ଘରେ ପାଇଖାନା ତିଆରି କରିବାକୁ ଅଭିନୟ ମାଧ୍ୟମରେ କଳାକାରମାନେ ସଚେତନ କରିଥିଲେ।

ପୁରୀ ସଦରର ମା' ଭଗବତୀ ପାଲା ପ୍ରତିଷ୍ଠାନ ପକ୍ଷରୁ ଏମାର ମଠ ଚକଡ଼ାରେ ପାଲା ପରିବେଷଣ କରାଯାଇଥିଲା। ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ ପ୍ରତିଷ୍ଠାନର କୁନି କୁନି ପିଲାମାନେ ଯୋଗ ପ୍ରଦର୍ଶନ କରିଥିଲେ। ସତ୍ୟବାଦୀର ଗାଦିବ୍ରହ୍ମ ସଂକୀର୍ତ୍ତନମଣ୍ଡଳୀ ଓ ନାରାୟଣୀ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଶିଳ୍ପୀମାନେ ଚିତ୍ରକଳା, ସାକ୍ଷୀଗୋପାଳର ଭ୍ରମର ଦାସ କେନ୍ଦେରା, ବାଲିସାହିର ନବଦୁର୍ଗା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବସନ୍ତ ମଞ୍ଜରୀ ନାୟକ ରଙ୍ଗୋଲି ଏବଂ ପ୍ରତାପ ପ୍ରଧାନ ଚିତ୍ରକଳା କରିଥିଲେ।

## ■ ବେପରୁଆ ଗାଡ଼ିଚାଳକ ସାବଧାନ

# ପୋଲିସକୁ ମିଳିଲା ୬୦ ପିଓଏସ୍ ମେଶିନ

■ ପଞ୍ଜୀକରଣ ନମ୍ବରରୁ ଜଣାପଡ଼ିବ ଗାଡ଼ିର ବିବରଣୀ

■ ପ୍ରଶିକ୍ଷଣ ଦେଲେ ଆର୍‌ଟିଓ ଅଧିକାରୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବେପରୁଆ ଗାଡିଚାଳକ ସାବଧାନ। କାରଣ ଅଭ୍ୟାସଗତ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ଓ ତଦନୁଯାୟୀ ଜରିମାନା ଆଦାୟ କରିବା ପାଇଁ କମିଶନରେଟ୍ ପୋଲିସକୁ ପରିବହନ ବିଭାଗ ଯୋଗାଇଛି ୬୦ଟି ପିଓଏସ୍ ମେଶିନ। ଏହି ମେଶିନ ମାଧ୍ୟମରେ ଗାଡ଼ିର ନମ୍ବର ଯାଞ୍ଚ କଲେ ଗାଡ଼ିର ବିବରଣୀ ସହ ଚାଳକଙ୍କ ଫଟୋ ଦେଖାଯିବ। ଏପରି କି ମେଶିନ ହିଁ ଜଣାଇଦେବ ଗାଡ଼ିଚାଳକ ଜଣକ କେତେ ଟଙ୍କା ଜରିମାନା ଦେବେ। ଏମ୍-ପରିବହନ ଆପ୍ ଓ ବାହନ ୱେବ୍‌ସାଇଟ୍ ସହ ଉକ୍ତ ମେଶିନଗୁଡ଼ିକର ଇଣ୍ଟରନେଟ୍‌ରେ ସଂଯୋଗ ରହିଛି। କମିଶନରେଟ ପୋଲିସ ଏଭଳି ଏକ ହଜାର ମେଶିନ୍ ଦାବି କରିଥିବାବେଳେ ପର୍ଯ୍ୟାୟ କ୍ରମେ ୫ଶହ ମେଶିନ ମିଳିବ ବୋଲି ଜଣାପଡିଛି। ପୋଲିସ ଖୁବ୍‌ଶୀଘ୍ର ଏହି ମେଶିନ ଜରିଆରେ ଜରିମାନା ଆଦାୟ କରିବ। ଉକ୍ତ ମେଶିନ କିଭଳି ପରିଚାଳିତ ହେବ ସେନେଇ ଆରଟିଓ ଅଧିକାରୀମାନେ ୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଫିସରଙ୍କୁ କମିଶନରେଟ ପୋଲିସ ମୁଖ୍ୟାଳୟରେ ପ୍ରଶିକ୍ଷଣ ଦେଇଛନ୍ତି। ପୂର୍ବରୁ ପୋଲିସକୁ ଇ-ଚାଲାଣ ମେଶିନ ଦିଆଯାଇଥିଲେ ମଧ୍ୟ ତାହା ଏମ୍-ପରିବହନ ଆପ୍ ସହ ସଂଯୋଗ ହୋଇ ନ ଥିଲା। କେବଳ ପୋଲିସ ଅନ୍‌ଲାଇନରେ ଫାଇନ କାଟୁଥିଲା। ଗାଡ଼ିର ବିବରଣୀ ଓ ପୂର୍ବରୁ ହୋଇଥିବା ଜରିମାନା ସମ୍ପର୍କରେ ଜାଣିବା ପାଇଁ ବ୍ୟବସ୍ଥା ନ ଥିଲା। କିନ୍ତୁ ଏବେ ଜଣେ ଗାଡିଚାଳକ କେତେଥର ନିୟମ ଉଲ୍ଲଂଘନ କରିଛି, କେଉଁ ନିୟମ ଉଲ୍ଲଂଘନ କରି କେତେ ଜରିମାନା ଦେଇଛନ୍ତି, ଚାଳକଙ୍କ କେଉଁ କାଗଜପତ୍ର ଅବୈଧ ରହିଛି, ଚାଳକ ନିଜେ ନା ଆଉ କାହାର ଲାଇସେନ୍ସ ବ୍ୟବହାର କରି ଗାଡ଼ି ଚଲାଉଛନ୍ତି ତାହା ପିଓଏସ୍ ମେଶିନ୍ ଦ୍ୱାରା ଜଣାପଡିଯିବ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆରଟିଓ-୧ ପ୍ରଦୀପ ମହାନ୍ତି, ଆରଟିଓ-୨ ସଞ୍ଜୟ ବେହେରା, ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ, ଅତିରିକ୍ତ ଡିସିପି(ଟ୍ରାଫିକ) ଅମରେଶ ପଣ୍ଡା, ଏନ୍‌ଆଇସିର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ବିମଳକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫଟୋରେ ଖବର



ରାଜ୍ୟ ଶ୍ରୀସତ୍ୟସାଇ ସଙ୍ଗଠନ(ଭାରତ) ପକ୍ଷରୁ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ସାଇଜନନୀଠାରେ ଚାଲିଥିବା ଅତିରୁଦ୍ର ମହାଯଜ୍ଞର ଦ୍ୱିତୀୟ ଦିବସ ରବିବାରରେ ଯୋଗଦେଇଥିବା ମହିଳା।





ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟି ଅଡିଟୋରିୟମଠାରେ ରବିବାର ରାଷ୍ଟ୍ରୀୟ ବୃନ୍ଦଗାନ ପ୍ରତିଯୋଗିତାରେ ସଙ୍ଗୀତ ପରିବେଷଣ କରାଯାଉଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଖଦି ଏକ୍ସପୋ ମଞ୍ଚରେ ନୟାଗଡ଼ର ସତ୍ୟାନନ୍ଦ ନାୟକ ଓ ନବକିଶୋର ବେହେରା ଦାସକାଠିଆ ପରିବେଷଣ କରୁଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ଏଆଇଡିଏସ୍‌ଓ ପକ୍ଷରୁ ଜାତୀୟ କନ୍‌ଭେନ୍‌ସନ

**କଟକ ଅଫିସ, ୨୯।୯:** ଜାତୀୟ ଶିକ୍ଷାନୀତି-୨୦୧୯ ବିରୁଦ୍ଧରେ ଏଆଇଡିଏସ୍‌ଓ ସର୍ବଭାରତୀୟ କେନ୍ଦ୍ରୀୟ କମିଟି ଉଦ୍ୟୋଗରେ ଜାତୀୟ କନ୍‌ଭେନ୍‌ସନ ରବିବାର ଅହମ୍ମଦାବାଦର ଗୁଜରାଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାବିତ୍ ପ୍ରଫେସର ପ୍ରକାଶ ଭାଇ ସାହା ଉଦ୍‌ଘାଟନ କରିଥିଲେ। ଏଆଇଡିଏସ୍‌ଓ ସର୍ବଭାରତୀୟ କମିଟି ସଭାପତି କମଲ ସାଇଁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କନ୍‌ଭେନ୍‌ସନ୍‌ରେ ଏସ୍‌ୟୁସିଆଇ ଗୁଜରାଡ ରାଜ୍ୟ ସମ୍ପାଦିକା ମିନାକ୍ଷୀ ଜୋଷୀ ଯୋଗଦେଇ ଜାତୀୟ ଶିକ୍ଷାନୀତି ବିରୁଦ୍ଧରେ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। କନ୍‌ଭେନ୍‌ସନ୍‌ର ମୁଖ୍ୟ ଚିଠା ପ୍ରସ୍ତାବ ଏଆଇଡିଏସ୍‌ଓ କୋଷାଧ୍ୟକ୍ଷ ସୌରଭ ବୋଷ ଆଗତ କରିବା ପରେ ସର୍ବଭାରତୀୟ ଉପସଭାପତି ଶେଖର ବକ୍ତବ୍ୟ ଦେଇଥିଲେ। ଏହାପରେ ସ୍କୁଲ ଶିକ୍ଷା ଉପରେ ଓଡ଼ିଶା ରାଜ୍ୟ ସମ୍ପାଦକ ସୁବାସ ନାୟକ, ଉଚ୍ଚତର ଶିକ୍ଷା ଉପରେ ଏଆଇଡିଏସ୍‌ଓ ସର୍ବଭାରତୀୟ ଅଫିସ ସମ୍ପାଦକ ଶିବାଶିଷ ପ୍ରହରାଜ, ଶିକ୍ଷାର ସାମ୍ପ୍ରଦାୟିକତା ଉପରେ ରିମି ଚାପେଲା, ଶିକ୍ଷାର ସ୍ୱତନ୍ତ୍ରତା ଉପରେ ଦିଲ୍ଲୀ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର, ଜାତୀୟ ମେଡିକାଲ କମିଶନ ବିଲ୍ ଉପରେ ସର୍ବଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମୃଦୁଲ ସରକାର ଆଲୋଚନା କରିଥିଲେ। ଏହି କନ୍‌ଭେନ୍‌ସନ୍‌ରେ ୨୨ଟି ରାଜ୍ୟରୁ ଶତାଧିକ ଛାତ୍ର ପ୍ରତିନିଧି ଯୋଗଦେଇଥିଲେ। ସର୍ବଭାରତୀୟ ଉପସଭାପତି ଭାବିକ ରାଜା ଧନ୍ୟବାଦ ଦେଇଥିଲେ।

### ସମ୍ବର୍ଦ୍ଧନା, ସାଂସ୍କୃତିକ ସମାରୋହ

**କଟକ ଅଫିସ, ୨୯।୯:** କଟକ ସାରଳା ଭବନରେ ସାହିତ୍ୟାନୁଷ୍ଠାନ କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଓ ସାଂସ୍କୃତିକ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ କବି ସମ୍ମିଳନୀ ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଭଦ୍ରକର ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ, ସାହିତ୍ୟିକା ସୋହାଗିନୀ ବେହେରା, କାଞ୍ଚନବାଳା ମିଶ୍ର, ଡ. ନରେନ୍ଦ୍ର ପ୍ରସାଦ ନାୟକ, ସାହିତ୍ୟିକ ପରୀକ୍ଷିତ ମିଶ୍ର, ନିରୁପମା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମନୋଜ ମଞ୍ଜରୀ ଦେଓ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରେମାନନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନକୁ ଜୟଭାରତ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ରାଜସ୍ୱ କମିଶନର ଡ. ଅଲେଖ ଚନ୍ଦ୍ର ପଢ଼ିହାରୀ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଇଂ. ପ୍ରଭାକର ସ୍ୱାଇଁ, ଡା. ପ୍ରସନ୍ନ କୁମାର ରାଠୋର, କୃପାସିନ୍ଧୁ ପଣ୍ଡା, ରମେଶ ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା କଳ୍ପନାର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା।

### ପ୍ରତିଭା ମହୋତ୍ସବ

**କଟକ ଅଫିସ, ୨୯।୯:** ଦୋଳମୁଣ୍ଡାଇସ୍ଥିତ ବାବାସାଗର ମଣ୍ଡପଠାରେ ଯୁବ ସଂସଦ ଓଡ଼ିଶା ଶାଖା ଆନୁକୂଲ୍ୟରେ ପୂଜ୍ୟପୂଜା ଓ ପ୍ରତିଭା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂସଦ ଓଡ଼ିଶା ଆବାହକ ବିଶ୍ୱନାଥ ଦାସ, ମୁଖ୍ୟ ସଞ୍ଚାଳକ ସୁବ୍ରତ ଲେଙ୍କାଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସାମାଜିକ କାର୍ଯ୍ୟକର୍ତ୍ତା ଓ ୫୦ରୁ ଊର୍ଦ୍ଧ୍ୱ ସାମାଜିକ ସଙ୍ଗଠନର କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ହାଇକୋର୍ଟର ପୂର୍ବତନ ନ୍ୟାୟାଧୀଶ ଦୁର୍ଗାପ୍ରସନ୍ନ ଚୌଧୁରୀ ମୁଖ୍ୟଅତିଥି, ବିଶିଷ୍ଟ ଚିକିତ୍ସକ କୃପାସିନ୍ଧୁ ପଣ୍ଡା ସମ୍ମାନିତ ଅତିଥି, ଯୁବ ସଂସଦ ଆବାହକ ବିଶ୍ୱନାଥ ଦାସ ମୁଖ୍ୟବକ୍ତା, ଓଡ଼ିଶା କର୍ମଚାରୀ ସଂଘ ସଭାପତି ପ୍ରଭାତ ଦେବତା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଖାଲି ଆଶା ଦେଖାଇଛି ଗୋପଦ ଅଭିଯାନ

**ରାଜୀବ ଲୋଚନ ପଣ୍ଡା**
**କଟକ ଅଫିସ, ୨୯।୯**

ଜୁନ୍ ୨୪ରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଭାବେ ଅନନ୍ୟା ଦାସ କାର୍ଯ୍ୟରେ ଯୋଗଦେଇଥିଲେ। ସହରର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ୨୫ ତାରିଖଠାରୁ ଆରମ୍ଭ ହୋଇଥିଲା ଗୋପଦ ଅଭିଯାନ। ଏହାର ଆଭିମୁଖ୍ୟ ହେଲା ଉଭୟ ଜିଲାପାଳ ଏବଂ କମିଶନର ସକାଳୁ ସହରର ବିଭିନ୍ନ ଅଞ୍ଚଳକୁ ଚାଲିଚାଲି ଯିବେ। ସେଠାକାର ଅସୁବିଧାର ସହ ଲୋକଙ୍କ ସମସ୍ୟା ବୁଝି ସମାଧାନ ଦିଗରେ ପଦକ୍ଷେପ ନେବେ। ପ୍ରଥମ ଦିନରେ ବାଦାମବାଡ଼ି ଅଞ୍ଚଳଠାରୁ ମଧୁପାଟଣା ଛକ ପର୍ଯ୍ୟନ୍ତ ଚାଲିଚାଲି ଯାଇଥିଲେ। ସେଠାକାର ପରିସ୍ଥିତି ଦେଖି କ୍ଷୁବ୍ଧ ହେବା ସହ ସାଙ୍ଗରେ ଯାଇଥିବା ଅଧିକାରୀଙ୍କୁ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହିପରିଭାବେ ଭିନ୍ନ ଭିନ୍ନ ଦିବସରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ନିମନ୍ତେ ଆଶ୍ୱାସନା ଦେଲେ। ସହରବାସୀ ମଧ୍ୟ ଜିଲାପାଳଙ୍କ ଏହି ଗୋପଦ ଅଭିଯାନକୁ ପ୍ରଶଂସା କଲେ। ଏଥର ସହରର ଉନ୍ନତି ହେବ ବୋଲି ଆଶା ରଖିଥିଲେ। କିନ୍ତୁ ଏହି ଅଭିଯାନ ଏବେ ପ୍ରହସନ ପାଲଟିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯାନକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସହରରେ ଲାଗି ରହିଥିବା ସମସ୍ୟାରୁ ମୁକୁଳିପାରି ନାହାନ୍ତି କଟକବାସୀ। ଉକ୍ତ ଅଭିଯାନ ଆରମ୍ଭ ହେବାର କିଛିଦିନ ଧରି ପରିଦର୍ଶନ କରାଯାଉଥିବା



"ସିଏମ୍‌ସି ୫୭ ନଂ. ୱାର୍ଡସ୍ଥିତ ଗୋପାଳପୁର, ଜଗନ୍ନାଥ ବିହାର, ପାଇକସାହି ଅଞ୍ଚଳର ପୂର୍ବତନ କାଉନସିଲର କହିଛନ୍ତି, ଆମ ଅଞ୍ଚଳରେ ଡ୍ରେନେଜ୍ ମୁଖ୍ୟ ସମସ୍ୟା। ଏଥିରେ ସୁଧାର ଆଣିବା ପାଇଁ ଗୋପଦ ଅଭିଯାନରେ ସକାଳୁ ଦୁଇ ଥର କମିଶନର ଅନନ୍ୟା ଦାଶ ଆସି ତଦାରଖ କରି ଯାଇଛନ୍ତି। ଏଥିସହ ଡି.ପି.ଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କିଛି ଫଳପ୍ରଦ ହେଇନାହିଁ।
**– ଲଳିତ ଶେଖର ନାୟକ, ପୂର୍ବତନ କର୍ପୋରେଟର**



"ଗୋପଦ ଅଭିଯାନରେ ସମସ୍ତ କାର୍ଯ୍ୟ ହେଉଛି। ଛୋଟ ସମସ୍ୟା ଶୀଘ୍ର ସମାଧାନ ହୋଇଯାଉଛି କିନ୍ତୁ ବଡ ସମସ୍ୟା ସମାଧାନ ପାଇଁ ଟିକେ ସମୟ ଲାଗିବ। ଖୁବ୍‌ଶୀଘ୍ର ସହରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ।
**– ଅନନ୍ୟା ଦାଶ,ସିଏମ୍‌ସି କମିଶନର**



"୫୩ନଂ. ୱାର୍ଡରେ ପରିମଳ ସାଙ୍ଗକୁ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଜିଲାପାଳ ଓ କମିଶନର ଆସି ସମସ୍ୟା ଉପରେ ଅବଗତ ହୋଇଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କିଛି ବି ସମସ୍ୟା ସମାଧାନ ହୋଇପାରିନି।
**– ଅଭୟ ପଟ୍ଟନାୟକ,ସାମାଜିକ କର୍ମୀ ତଥା କଲ୍ୟାଣନଗର ବାସିନ୍ଦା**



"ପୂର୍ବରୁ ସହରର ସ୍ଥିତି ଯେମିତି ଥିଲା ଏବେ ବି ସେମିତି ରହିଛି। ନୂତନ ଭାବେ ଜିଲାପାଳ ଓ କମିଶନର ଯୋଗଦେଇଥିଲେ ମଧ୍ୟ ସହରର କୌଣସି ପରିବର୍ତ୍ତନ ହୋଇପାରିଲା ନାହିଁ। ସେମାନଙ୍କ ଗୋପଦ ଅଭିଯାନ ଏକ ନାଟକରେ ପରିଣତ ହୋଇଛି। ଆଗକୁ ଆସୁଛି ପୌର ନିର୍ବାଚନ। ଏଥିରେ ଶାସକ ଦଳ ହାତରୁ ମେୟର ପଦ ଚାଲିଯିବା ଆଶାରେ ସରକାରଙ୍କ ପକ୍ଷରୁ ନିୟୋଜିତ ହୋଇଛନ୍ତି ଜିଲାପାଳ ଓ କମିଶନର। ସେମାନେ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛନ୍ତି। କେଉଁ ୱାର୍ଡରେ କିଏ ପ୍ରତିନିଧି ହେଲେ ବିଜୟ ହାସଲ କରିବେ ସେଥିପାଇଁ ଏହି ଦୁଇ ଅଫିସରଙ୍କୁ ନିୟୋଜିତ କରାଯାଇଛି।
**– ସମୀର ଦେ, ପୂର୍ବତନ ମନ୍ତ୍ରୀ**



"ଗୋପଦ ଅଭିଯାନ କେବଳ ସିଏମ୍‌ସିରେ ନୁହେଁ ଜିଲାର ବିଭିନ୍ନ ସ୍ଥାନରେ କରାଯାଉଛି। ଏହି ଅଭିଯାନ ପରଠାରୁ ସହରରେ ଆବର୍ଜନା ଉଠୁଛି। ଏହି ସମୟ ମଧ୍ୟରେ ପ୍ରଶାସନକୁ କିଛିଟା ସୁଫଳ ମିଳିଛି। ଲୋକେ ଜବରଦଖଲ କରିଥିବା ଜମିକୁ ଉଚ୍ଛେଦ କରାଯାଉଛି। ପରେ ଯୋଜନା ପ୍ରସ୍ତୁତ କରାଯାଇ ସହରର ଉନ୍ନତି କିପରି ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ସରକାରଙ୍କ ୫-ଟି ଓ ମୋ' ଯୋଜନାକୁ କାର୍ଯ୍ୟକାରୀ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିଗୋପଦଅଭିଯାନରାଜନୈତିକଉଦ୍ଦେଶ୍ୟ ନ ରଖି ସହରର ଉନ୍ନତି ନିମନ୍ତେ କାର୍ଯ୍ୟ କରାଯାଉଛି।
**– ଭବାନୀ ଶଙ୍କର ଚୟନୀ, ଜିଲାପାଳ**

### ୩ ମାସ ବିତିଲା, ସମସ୍ୟା ସାମାଧାନ ହେଲାନି

ଅଞ୍ଚଳଗୁଡ଼ିକର ଅଳ୍ପ କିଛି କାମ ହୋଇଛି। ହେଲେ ବହୁ କାମ ଏବେ ବି ଅଧୁରା ରହିଛି। ଓଏମ୍‌ପିଠାରୁ ବାଦାମବାଡ଼ି ଲିଙ୍କ୍‌ରୋଡ ମୁଖ୍ୟରାସ୍ତା ଏବେ ମରଣଯନ୍ତା ପାଲଟିଛି। କଟକର ବିଭିନ୍ନ ଅଞ୍ଚଳର ଲୋକେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇପାରୁ ନ ଥିବାବେଳେ ରାସ୍ତା ଅବସ୍ଥା ନ କହିବା ଭଲ। ଖାନ୍‌ନଗର ଶବଦାହ ଚୁଲା ଏବେ ବି ଅକାମୀ ହୋଇ ପଡ଼ିରହିଛି। ସହରରେ ଥିବା ଡ୍ରେନେଜ୍ ମରାମତି ହୋଇପାରିନାହିଁ। ସେହିପରି ବିଭିନ୍ନ ପାର୍କର ଲାଇଟ୍ ଫନୀରେ ନଷ୍ଟ ହୋଇଯାଇଥିଲେ ଏପର୍ଯ୍ୟନ୍ତ ଏହାର ମରାମତି ହୋଇପାରିନାହିଁ। ଫଳରେ ବହୁ ପାର୍କ ଅନ୍ଧକାରରେ ରହିଛି। ସହରର ବିଭିନ୍ନ ଅଞ୍ଚଳରେ ଆବର୍ଜନା ଉଠାଯାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି।

### ସମବାୟ ବିନା ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧି ଅସମ୍ଭବ

**କଟକ ଅଫିସ, ୨୯।୯**

ସମବାୟ ବିନା ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧି ଅସମ୍ଭବ। ସମବାୟ ଅନୁଷ୍ଠାନଗୁଡ଼ିକ ଜନସାଧାରଣଙ୍କୁ ଠିକ୍ ଓ ଶୀଘ୍ର ସେବା ଯୋଗାଇଥାନ୍ତି। କ୍ରେଡିଟ୍‌କୋ ଅନୁଷ୍ଠାନ ଏହାର ଏକ ଉଦାହରଣ ବୋଲି ରବିବାର ଲିଙ୍କ୍‌ରୋଡସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କଟକ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଲିଃର ବାର୍ଷିକ ସାଧାରଣ ପରିଷଦ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଏହା କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ, କ୍ରେଡିଟ୍‌କୋ ୨୧ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛି। ପ୍ରତିବର୍ଷ ଲାଭକରି ଅଂଶୀଦାରମାନଙ୍କୁ ଲାଭାଂଶ ବଣ୍ଟନ କରୁଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ହିସାବ ନିରୀକ୍ଷକ ରବୀନ୍ଦ୍ର କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ଅଂଶୀଦାରମାନଙ୍କୁ ୧୨ ପ୍ରତିଶତ ଲାଭାଂଶ ବଣ୍ଟନ କରାଯିବା ସହିତ ଶ୍ରେଷ୍ଠ ଜମାକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।




ବିଶ୍ୱ ହୃତ୍‌ପିଣ୍ଡ ଦିବସ ଅବସରରେ ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ରବିବାର କଟକ ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣ କୁଟୀର ପରିସରରୁ ବାହାରିଥିବା ଶୋଭାଯାତ୍ରା।

## ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ

**କଟକ ଅଫିସ, ୨୯।୯**

ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟିରଠାରେ ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ରବିବାର ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସଭାପତି ବିଦ୍ୟୁତ୍ କୁମାରୀ ଲାଲା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୁଟିର ଅନ୍ତେବାସୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

## ବାଛୁରିକୁ ଝୁଣି ଖାଇଲା କୁକୁର

**କଟକ ଅଫିସ, ୨୯।୯**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ସେମିନାରୀ ଛକଠାରୁ ରାଉସାପାଟଣା ମଧ୍ୟବର୍ତ୍ତୀ ଏକ ଶୌଚାଳୟ ନିକଟ ଆବର୍ଜନାସ୍ଥଳିରେ ରବିବାର ଗୋଟିଏ ବାଛୁରି ମୃତଦେହକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ଅନୁଯାୟୀ, ବହୁ ଦିନ ଧରି ସେହି ସ୍ଥାନରେ ବର୍ଜ୍ୟବସ୍ତୁ ଜମି ରହିଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ ସଫା କରାଯାଉ ନାହିଁ। ଏହା ସହରର ପ୍ରମୁଖ ରାସ୍ତା ହୋଇଥିବାରୁ ପ୍ରତିଦିନ ବହୁସଂଖ୍ୟାରେ ଲୋକେ ଯାତାୟାତ କରିଥାନ୍ତି। ହେଲେ ରାସ୍ତାପାର୍ଶ୍ୱରେ ଏଭଳି ଦୃଶ୍ୟ ଲୋକଙ୍କ ମନରେ କଷ୍ଟ ଦେଇଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଚନ୍ଦନ ସେନ୍ କହିଛନ୍ତି, ସିଏମ୍‌ସି ଉକ୍ତ ସ୍ଥାନରୁ ଆବର୍ଜନା ଉଠାଉ ନାହିଁ। ଫଳରେ କେହି ଦୁର୍ବୃତ୍ତ ଏକ ମୃତ ବାଛୁରିକୁ ଆଣି ଏଠାରେ ଫିଙ୍ଗି ଦେଇଛନ୍ତି। ଉକ୍ତ ବାଛୁରିକୁ କୁକୁର ଝୁଣି ଖାଇବାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦାୟକ ଥିଲା। ଏଭଳି ଘଟଣା ଏହି ଅଞ୍ଚଳରେ ବହୁବାର ଘଟୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନାହିଁ। ଏ ନେଇ ଗୋ'ସୁରକ୍ଷା ବାହିନୀର ରାଜ୍ୟ ସଭାପତି ସୁରେଶ ପଣ୍ଡା କହିଛନ୍ତି, ଏହା ଏକ ଦୁଃଖଦ ଘଟଣା। ସହରରେ ଏଭଳି ଘଟଣା ଆଗରୁ ଘଟି ନ ଥିଲା। ଆଗକୁ ଯେପରି ଏହି ଘଟଣା ନ ଘଟିବ ସେ ନେଇ ଗୋ'ସୁରକ୍ଷା ବାହିନୀ ପକ୍ଷରୁ ଜିଲାପାଳ, ସିଏମ୍‌ସି, ପୋଲିସ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯିବ। ଏ ନେଇ ମତାମତ ନେବା ପାଇଁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା।

## ଡ. କେଶବ ଚନ୍ଦ୍ର ସାହୁଙ୍କ ସ୍ମୃତି ସମାରୋହ

**କଟକ ଅଫିସ, ୨୯।୯**

ପ୍ରଫେସରପଡାସ୍ଥିତ କେଶବ ଚନ୍ଦ୍ର ସାହୁ ମହିଳା ମହାବିଦ୍ୟାଳୟରେ ଚିକିତ୍ସାବିଜ୍ଞାନୀ ପ୍ରଫେସର ଡ. କେଶବ ଚନ୍ଦ୍ର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତି ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ଏମ୍‌ପି ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରି ଡ. ସାହୁଙ୍କ ସମୟାନୁବର୍ତ୍ତିତା ଓ ସାଧାରଣ ମଣିଷ ପ୍ରତି ଥିବା କର୍ତ୍ତବ୍ୟବୋଧ ବିଷୟରେ କହିଥିଲେ। ସେହିପରି ମୁଖ୍ୟଅତିଥି ଚିକିତ୍ସାବିଜ୍ଞାନୀ ଡ. ସୁଦର୍ଶନ ପଟ୍ଟନାୟକ କହିଥିଲେ, ଜଣେ ସଫଳ ଚିକିତ୍ସାବିଜ୍ଞାନୀ ଭାବେ ଡ. ସାହୁ ଭାରତ ବର୍ଷରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଏପରି କି ଏସସିବି ମେଡିକାଲ କଲେଜ ଉନ୍ନତିରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଏଥିରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋରଞ୍ଜନ ଦାସ, ପ୍ରଶାନ୍ତ ଦାସ, ଚନ୍ଦ୍ରାଂଶୁ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଖବରଦାତା ପ୍ରସନ୍ନ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ଉଷାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବି ମେଡିକାଲରୁ ୫ ଦଲାଲ ଗିରଫ

**କଟକ ଅଫିସ, ୨୯।୯**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ମେଡିକାଲକୁ ଦଲାଲମୁକ୍ତ କରିବା ପାଇଁ ପୋଲିସ ବିଭିନ୍ନ ପଦକ୍ଷେପ ନେଉଛି। ଏ ନେଇ ମଙ୍ଗଳାବାଗ ପୋଲିସ ରବିବାର ଏସ୍‌ସିବି ମେଡିକାଲରେ ଚଢାଉ କରି ୫ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ଆୟତପୁରର କାଲିମ ମହମ୍ମଦ ଖାନ୍, ବଡମ୍ବା ଥାନା ଅଧୀନ ଶଙ୍ଖମରିର ସୁକାନ୍ତ ନାୟକ, ମଙ୍ଗଳାବାଗ ଅଞ୍ଚଳର ସୁଶାନ୍ତ ମହାପାତ୍ର, ମଙ୍ଗଳାବାଗ ଥାନା ଅନ୍ତର୍ଗତ ସୁଇପର କଲୋନୀର ସୁନୀଲ ନାଏକ ଓ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ନାରଣ ରାମ। ସେମାନଙ୍କ ମଧ୍ୟରୁ ୪ଜଣ ଆମ୍ବୁଲାନ୍ସ ଚଳାଉଥିବାବେଳେ ନାରଣ ବ୍ଲଡବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ଏ ନେଇ ଥାନାରେ ୩ଟି ମାମଲା(ନଂ. ୨୨୪,୨୨୫,୨୨୬/୧୯) ରୁଜୁ ହୋଇଛି। ସରକାରୀ ଡାକ୍ତରଖାନାରେ ଡାକ୍ତର ଭଲରେ ଚିକିତ୍ସା କରନ୍ତି ନାହିଁ। ଏଠି ରହିଲେ ରୋଗୀଙ୍କ ଜୀବନ ପ୍ରତି ବିପଦ ଅଛି। ପାଖରେ ବହୁତ ଭଲ କ୍ଲିନିକ ଅଛି, ଯେଉଁଠି ଉନ୍ନତ ମାନର ଚିକିତ୍ସା କରାଯାଉଛି। ଏସ୍‌ସିବିକୁ ଆସୁଥିବା ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ଏପରି କହିବା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ଅଭିଯୁକ୍ତମାନେ ସେମାନଙ୍କୁ ନିକଟସ୍ଥ ଘରୋଇ କ୍ଲିନିକକୁ ନେଇଯାଉଥିଲେ। ଏ ସମ୍ପର୍କରେ ଖବରପାଇ ଥାନା ଅଧିକାରୀ ଅମିତାଭ ମହାପାତ୍ର ଓ ମେଡିକାଲ ଫାଣ୍ଡି କର୍ମଚାରୀ ସାଦା ପୋଷାକରେ ଯାଇ ସେମାନଙ୍କୁ କାବୁ କରିଥିଲେ।



ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ଅନୁଷ୍ଠିତ ଶାରଦୀୟ ବନ୍ଧୁମିଳନରେ ବିଧାୟକ, ପୋଲିସ କମିଶନର ଓ ଅନ୍ୟମାନେ।

## ବୈଠକକୁ ବିଧାୟକ ମୋକିମଙ୍କୁ ନ ଡକାଯିବା ଭୁଲ୍ ବୁଝାମଣା ଥିଲା: ସିପି

**କଟକ ଅଫିସ,୨୯।୯**

କଟକ ସାରଳା ଭବନରେ ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ଏଭଳି ଏକ ମନ୍ତବ୍ୟ ଦେଇଛନ୍ତି, ଯାହା ପାର୍ବଣ ପୂର୍ବରୁ ସହରର ଏକ ଅନ୍ତର୍ଦ୍ୱନ୍ଦ୍ୱରେ ପୂର୍ଣ୍ଣଚ୍ଛେଦ ପକାଇଛି। କମିଶନର କହିଥିଲେ, ପୂର୍ବରୁ କେତେକ ବୈଠକରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ଡକା ନ ଯିବା ଏକ ଭୁଲ ବୁଝାମଣାର ପରିଣାମ। ଯାହା ଘଟି ସାରିଛି ସେ ବିଷୟରେ ଆଲୋଚନା ନ କରି ଆଗାମୀ ଦିନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରାଯିବ। ଆଗକୁ ସହରରେ ଶାନ୍ତି କମିଟି ଦ୍ୱାରା କିମ୍ବା ସହରର ଉନ୍ନତି ପାଇଁ ଯେ କୌଣସି ବୈଠକ ବସିବ ସେଥିରେ ବିଧାୟକ ମୋକିମଙ୍କୁ ଲୋଡ଼ାଯିବ। ସୂଚନାଯୋଗ୍ୟ, ପୋଲିସ ପ୍ରଶାସନ ପକ୍ଷରୁ ଗତ ଗଣେଶ ପୂଜା ଓ ଦୁର୍ଗାପୂଜା ପ୍ରଭୃତି ବୈଠକରେ ବିଧାୟକ ମୋକିମଙ୍କୁ ଡକା ନ ଯିବା ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ପୋଲିସ ପ୍ରଶାସନ ସହରର ଭାଇଚାରାକୁ ଭାଙ୍ଗୁଛି ବୋଲି ମୋକିମ୍ ମନ୍ତବ୍ୟ ଦେଇଥିଲେ। ରବିବାର କମିଶନର ଷଡ଼ଙ୍ଗୀଙ୍କ ମନ୍ତବ୍ୟ ପରେ ବିଧାୟକ ମୋକିମ କହିଛନ୍ତି, କଟକକୁ ଯେଉଁମାନେ ଚିହ୍ନିଛନ୍ତି ସେମାନେ ଏହାର ଭାଇଚାରା ରକ୍ଷା କରିବାକୁ ଚେଷ୍ଟା କରନ୍ତି। କମିଶନରଙ୍କ ମନ୍ତବ୍ୟ ସ୍ୱାଗତଯୋଗ୍ୟ ଓ ସହରର ଉନ୍ନତିପାଇଁହୋଇଛି। କଟକବାସୀ ଏକଜୁଟ ହୋଇ ସମସ୍ତ ପରିସ୍ଥିତିରେ କାର୍ଯ୍ୟ କରିବା ଶିଖିଛନ୍ତି। ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ଭକ୍ତବଲ୍ଲଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଲ ବିଭାଗ ଡିଜି ସତ୍ୟଜିତ ମହାନ୍ତି, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ବଣ ସମୟରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତି ଦାସ କହିଥିଲେ ଯେ, ଏବେ ଯେଉଁମାନେ ଅବସର ନେଇ ସାରିଲେଣି ସେମାନଙ୍କର ମଧ୍ୟ ଶୃଙ୍ଖଳା ବଜାୟ କ୍ଷେତ୍ରରେ ଭୂମିକା ରହିଛି। ସଂଯୋଜକ ଜିତେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ପୋଲିସ ପଦାଧିକାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

## ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ: ଦକ୍ଷତା ବିକାଶ ମନ୍ତ୍ରୀ

**କଟକ ଅଫିସ, ୨୯।୯**

ବିଭିନ୍ନ ଦାବି ନେଇ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ବାସଭବନରେ ଶନିବାର ଯୁବ ଛାତ୍ରନେତା ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଚାଲିଥିବା ନିଯୁକ୍ତିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ପ୍ରତିବର୍ଷ ବାହାରୁଥିବା ବହୁ ମେଧା ଇଞ୍ଜିନିୟରଙ୍କ ନିଯୁକ୍ତି କ୍ଷେତ୍ରରେ କିପରି ସରକାର ଦୃଷ୍ଟି ଦେବେ ସେ ଦିଗରେ ଆଲୋଚନା ହୋଇଥିଲା। ଯେଉଁ ନୂତନ କମ୍ପାନୀ ଓଡ଼ିଶାକୁ ଆସୁଛି, ସେଥିରେ ଓଡ଼ିଶା ଛାତ୍ରଙ୍କ ନିମନ୍ତେ ସଂରକ୍ଷଣ କରିବା ପାଇଁ ଦାବି କରିଥିଲେ। ଓଡ଼ିଶାର ଛାତ୍ରୀଛାତ୍ର ଯେପରି ଓଡ଼ିଶାରେ ରହି ଚାକିରି ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ଏଥିରେ ଡିପିଏସ୍‌ଓ ସଭାପତି ଭିଶାଳ ରାୟ, ଦି ହେଲ୍‌ପିଂ ହ୍ୟାଣ୍ଡର ଉପସଭାପତି ସୋଭନ କାନୁନ୍‌ଗୋ, ଛାତ୍ର ନେତା ସବ୍ୟସାଚୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ନାୟକ ଛାତ୍ରମାନଙ୍କ ଦାବିକୁ ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




ଭାଜପା ପକ୍ଷରୁ କଟକ ଶହୀଦ ଭବନରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଓ ୩୫(ଏ) ଉଚ୍ଛେଦ ସମ୍ପର୍କିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦ ପକ୍ଷରୁ ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ଅବସରରେ ଅତିଥିମାନେ ସଂଗ୍ରାମୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ଅକ୍ଟୋବର ୨୫ରେ ରିଲିଜ୍ ହେବାକୁ ଥିବା 'ହାଉସ୍‌ଫୁଲ ୪'ର ଟ୍ରେଲର୍ ଲଞ୍ଚ୍ ବେଳର ଏକ ଫଟୋକୁ ଅଭିନେତା ଚଙ୍କି ପାଣ୍ଡେ ଟୁଇଟର୍‌ରେ ଶେୟାର କରି ଅକ୍ଷୟ କୁମାରଙ୍କୁ ବ୍ୟଙ୍ଗ କରିଥିଲେ। ଏହି 'ବ୍ୟାଟ୍‌ମ୍ୟାନ୍ ଆଣ୍ଡ ଜୋକର୍' ଟୁଇଟ୍‌କୁ ନେଇ ଖିଲାଡ଼ି ଷ୍ଟାର ଅକ୍ଷୟ ତାଙ୍କୁ ଟ୍ରୋଲ୍ କରିଛନ୍ତି।





# ବିବାହ ପୂର୍ବରୁ ମା' ହେବାକୁ ଯାଉଛନ୍ତି କଲ୍‌କୀ କୋଚଲିନ୍

## ୫ ମାସର ଗର୍ଭବତୀ ଥିବା ସ୍ୱୀକାର କଲେ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କଲ୍‌କୀ କୋଚଲିନ୍ ବିବାହ ପୂର୍ବରୁ ମା' ହେବାକୁ ଯାଉଛନ୍ତି। ଏହା ସେ ନିଜେ ସ୍ୱୀକାର କରିଛନ୍ତି। ଏବେ ସେ ୫ ମାସର ଗର୍ଭବତୀ ବୋଲି ସୂଚନା ଦେଇଛନ୍ତି। ତାଙ୍କ ବୟଫ୍ରେଣ୍ଡ ଗେ ହେର୍ସବର୍ଗ ଇସ୍ରାଏଲର ଜଣେ କ୍ଲାସିକାଲ ପିୟାନିଷ୍ଟ। ନିଜର ପ୍ରଥମ ସନ୍ତାନକୁ କୋଚଲିନ ୱାଟର ବାର୍ଥ ଦେବାକୁ ଚାହୁଁଛନ୍ତି। ସୂଚନାଯୋଗ୍ୟ, କୋଚଲିନ ୨୦୧୧ରେ ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପଙ୍କୁ ବିବାହ କରିଥିଲେ। ତେବେ ୨୦୧୩ରେ ଦୁହେଁ ପରସ୍ପରଠାରୁ ଅଲଗା ରହୁଥିଲେ। ଏହାପରେ ୨୦୧୫ରେ ସେ ଅନୁରାଗଙ୍କଠାରୁ ଛାଡ଼ପତ୍ର ନେଇଥିଲେ।

# ରନ୍‌ୱେରେ ପ୍ରଥମ ଦିବ୍ୟାଙ୍ଗ ନାବାଳିକା

## ପ୍ୟାରିସ୍ ଫ୍ୟାଶନ ୱିକ୍




**ପ୍ୟାରିସ୍:** ପ୍ୟାରିସ୍ ଫ୍ୟାଶନ ୱିକ୍‌ରେ ରନ୍‌ୱେରେ ଚାଲିଛନ୍ତି ପ୍ରଥମ ଦିବ୍ୟାଙ୍ଗ ନାବାଳିକା ଡେଜି ମେ ଡେମିଟ୍ରି। ଆଇଫିଲ୍ ଟାୱାରରେ ଶୁକ୍ରବାର ପିଲାମାନଙ୍କ ପୋଷାକ ପ୍ରଦର୍ଶନ ପାଇଁ ଆୟୋଜିତ ଲେବଲ ଲୁଲୁ ଲିଟି ଏଟ୍ ଗିଗିରେ ୯ ବର୍ଷୀୟା ଡେଜି ମେ ମଡେଲ୍ ଭାବେ ରନ୍‌ୱେରେ ଚାଲିଛନ୍ତି। ବ୍ରିଟେନ୍‌ର ବର୍ମିଂହାମ୍‌ରେ ଜନ୍ମିତ ଡେଜି ମେ ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କର ଦୁଇଟି ଯାକ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେତେବେଳେ ସେ ମାତ୍ର ୧୮ ମାସର ହୋଇଥିଲେ ଫାଇବ୍ୟୁଲର ହେମିମେଲିୟା କିମ୍ବା କାଫ୍ ବୋନ୍ କମ୍ ପଡ଼ିବା ଯୋଗୁ ତାଙ୍କ ଦୁଇ ଗୋଡର ତଳପାର୍ଶ୍ୱ ନଷ୍ଟ ହୋଇଯାଇଥିଲା। ସେ ବର୍ଷକ ପୂର୍ବରୁ ବ୍ରିଟେନ୍‌ର ଏକ କପଡ଼ା ବ୍ରାଣ୍ଡ ପାଇଁ ମଡେଲିଂ ଆରମ୍ଭ କରିଥିଲେ। ଏଥିସହ ଗତ ଫେବୃୟାରୀରେ ଆୟୋଜିତ ଲଣ୍ଡନ କିଡ୍‌ସ୍ ଫେଶନ ଉଇକ୍ ଓ ଚଳିତ ମାସ ଆରମ୍ଭରେ ନ୍ୟୁୟର୍କ ଫେଶନ ୱିକ୍‌ରେ ର‍୍ୟାମ୍ପରେ ଚାଲିଥିଲେ। କ୍ୟାଟ୍ ୱକ୍ କିମ୍ବା ଦୌଡ଼ିବା ପାଇଁ ଡେଜି ମେ କାର୍ବନ ପେପର ବ୍ୟବହାର କରିଥାନ୍ତି। ଲଣ୍ଡନରେ ସେ କ୍ୟାଟ୍‌ୱିଲ୍ ମଧ୍ୟ କରିଥିଲେ। କିନ୍ତୁ ସ୍କୁଲ ଯିବାବେଳେ ସେ କୃତ୍ରିମ ଗୋଡ଼ର ବ୍ୟବହାର କରନ୍ତି। ସୁନ୍ଦର ଡ୍ରେସ୍ ପିନ୍ଧି କ୍ୟାମେରା ଆଗରେ ପୋଜ୍ ଦେବାକୁ ଭଲ ଲାଗେ ବୋଲି ଡେଜି ମେ କୁହନ୍ତି। ସେ ଆହୁରି କହିଛନ୍ତି, ମୁଁ ଚୁଟି ସଜାଏ, ମେକ୍‌ଅପ୍ ନିଏ, ଡ୍ରେସ୍ ଓ ନକଲି ଗୋଡ଼ ପିନ୍ଧି କ୍ୟାଟୱାକ କରେ। ମୁଁ କେବେ ନିଜକୁ ଅନ୍ୟମାନଙ୍କଠୁ ଭିନ୍ନ ବୋଲି ଭାବେନି। ଫ୍ୟାଶନ ଉପରେ ହେଉଥିବା ଏକ ଟିଭି ଶୋ' ଦେଖିବା ପରେ ମଡେଲିଂ କରିବା ପାଇଁ ସେ ମନ ବଳାଇଥିଲେ। ଏ ପର୍ଯ୍ୟନ୍ତ ସେ ବ୍ରିଟେନ୍‌ର ଅନେକ ବ୍ରାଣ୍ଡରେ ମଡେଲ ଭାବେ କାମ କରିଥିବାବେଳେ ସ୍ପୋର୍ଟ୍ସ କମ୍ପାନୀ 'ନାଇକ୍ ଆଇଏନ୍‌ସି' ସହ ମଧ୍ୟ କାମ କରିଛନ୍ତି। ଡେଜି ମେଙ୍କ ସମ୍ପର୍କରେ ତାଙ୍କ ବାପା କୁହନ୍ତି, ତାଙ୍କ ଶାରୀରିକ ଅସାମର୍ଥ୍ୟ କେବେ ବି ତାଙ୍କ ସଫଳତାର ରାସ୍ତାରେ ଆସିନି। ସେ ନିଜ ଦୁର୍ବଳତାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳତାର ସୋପାନ ଅତିକ୍ରମ କରିବାରେ ଲାଗିଛନ୍ତି।

# ଅନୁବାଦ ବିକାଶ, ସମ୍ପର୍କର ସେତୁ




ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଆନ୍ତର୍ଜାତିକ ଅନୁବାଦ ଦିବସ ପବିତ୍ର ଗ୍ରନ୍ଥ ବାଇବେଲ୍‌ର ଅନୁବାଦକ ସେଣ୍ଟ ଜେରୋମ୍‌ଙ୍କ ସ୍ମୃତିରେ ପାଳନ କରାଯାଉଛି। ସେଣ୍ଟ ଜେରୋମ୍‌ଙ୍କୁ ଅନୁବାଦକର ସଂରକ୍ଷଣ ସନ୍ଥ ବୋଲି କୁହାଯାଏ ଓ ୩୦ ସେପ୍ଟେମ୍ବରରେ ଜେରୋମଙ୍କ ଜନ୍ମ ସମାରୋହ ମଧ୍ୟ ପାଳନ କରାଯାଏ। ୧୯୫୩ରେ ପ୍ରତିଷ୍ଠା ହୋଇଥିବା ଏଫ୍‌ଆଇଟି ବା ଆନ୍ତର୍ଜାତିକ ଅନୁବାଦକ ସଂଘ ଦ୍ୱାରା ଏହି ଦିବସ ପାଳନ କରାଯାଉଛି। ଏପରିକି ବିଶ୍ୱରେ ଅନୁବାଦକ ସମୁଦାୟକୁ ଏକାଠି କରିବା ଓ ବିଭିନ୍ନ ଦେଶରେ ଅନୁବାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧୯୯୧ରେ ଏଫ୍‌ଆଇଟି ଆଧିକାରିକ ସ୍ତରରେ ଆନ୍ତର୍ଜାତିକ ଅନୁବାଦ ଦିବସକୁ ସ୍ୱୀକୃତି ଦେବାକୁ ବିଚାର କରିଥିଲା। ପରେ ୨୦୧୭ ମସିହା ମେ ୨୪ରେ ଜାତିସଂଘ ସାଧାରଣ ପରିଷଦ ଆନ୍ତର୍ଜାତିକ ଅନୁବାଦ ଦିବସ ପାଳନ କରିବାକୁ ଘୋଷଣା କରିବା ପରେ ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଏହା ପାଳନ କରାଯାଉଛି। ଏହାକୁ ଏଫ୍‌ଆଇଟି ଓ ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ମଧ୍ୟ ସମର୍ଥନ କରିବା ଦ୍ୱାରା ଅନୁବାଦକଙ୍କୁ ଏକ ପ୍ରକାର ପ୍ରୋତ୍ସାହନ ମିଳିଛି ଓ ସେମାନେ ଅନୁବାଦ ପ୍ରତି ଉତ୍ସାହିତ ହୋଇପାରିଛନ୍ତି।

ବିଭିନ୍ନ ଦେଶରେ ଅନୁବାଦର ମହତ୍ତ୍ୱ ପ୍ରଦର୍ଶନ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଜଗତୀକରଣର ପ୍ରଗତି ଯୁଗରେ ଅନୁବାଦର ଭୂମିକା ବି ରହିଛି ଓ ଏହି କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଆଗକୁ ବଢୁଛି। ଅନୁବାଦକୁ ଆୟୁଧ କରି ସମାଜିକ,ସାଂସ୍କୃତିକ ଓ ପାରସ୍ପରିକ ସମ୍ପର୍କରେ ଅନେକ ପରିବର୍ତ୍ତନ ଆଣାଯାଇପାରୁଛି। ଅନୁବାଦକ, ଉପସ୍ଥାପକ ତଥା ଭାଷାଗତ ସେବାରେ ଜଡିତ ବ୍ୟକ୍ତିଙ୍କର ଭାଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସେବାକୁ ଲୋକଲୋଚନକୁ ଆଣିବାରେ ଏହା ଏକ ସୁଯୋଗ ବୋଲି ବିଚାର କରାଯାଏ। ଅନୁବାଦକମାନେ ଭାଷା କ୍ଷେତ୍ରରେ ରହିଥିବା ବାଧା ଦୂରକରି ବିଶ୍ୱକୁ ଏକାଠି କରିବାକୁ ସକ୍ଷମ ହେଉଛନ୍ତି । ଶାନ୍ତି, ବୁଝାମଣା ଓ ବିକାଶରେ ଏହାର ଯୋଗଦାନ ମଧ୍ୟ ଉଲ୍ଲେଖନୀୟ। ଉପସ୍ଥାପକ ଓ ଅନୁବାଦକ ଏହି ଦୁଇ ବୃତ୍ତିଧାରୀ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ବ୍ୟବସାୟ,ବିଜ୍ଞାନ,ଚିକିତ୍ସା,ଜ୍ଞାନକୌଶଳ, ଆଇନ ,ରାଜନୀତି ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ବିକାଶରେ ଏହାର ସକାରାତ୍ମକ ପ୍ରଭାବ ରହିଛି। ଏହାଦ୍ୱାରା ବିଶ୍ୱର ସବୁ ଅଞ୍ଚଳର ଲୋକମାନେ ପରସ୍ପରକୁ ଜାଣିବାରେ ସକ୍ଷମ ହୋଇପାରୁଛନ୍ତି। ଭାରତ ଯେଉଁଠାରେ ବିଭିନ୍ନ ଭାଷା ଓ ବର୍ଗର ଲୋକେ ବସବାସ କରୁଛନ୍ତି ସେମାନଙ୍କ ମଧ୍ୟରେ ଭାଷାଗତ ବିଭେଦତା ଦୂର କରିବାରେ ଅନୁବାଦକମାନେ ମୁଖ୍ୟ ଭୂମିକା ନିଭାଉଛନ୍ତି। ପରିବର୍ତ୍ତିତ ବିଶ୍ୱରେ ଏହି ଦିବସ ବିଶ୍ୱ ଲାଗି ଯେତିକି ଗୁରୁତ୍ୱ ବହନ କରେ ଆମ ଦେଶରେ ଏହାର ଆବଶ୍ୟକତା ତା'ଠାରୁ ଅଧିକ ବୋଲି କୁହାଯାଇପାରେ। ଅନୁବାଦକଙ୍କ ବିନା ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ସମାଧାନ ମଧ୍ୟ ଅସମ୍ଭବ ମନେହୁଏ। ଏଣୁ ଏହି ଦିବସର ତାତ୍ପର୍ଯ୍ୟ ତଥା ଅନୁବାଦର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ବିଭିନ୍ନ ସଂଗଠନ, ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମ ଓ ସେମିନାର ଅନୁଷ୍ଠିତ ହୋଇଥାଏ।

# ସନ୍ଥ ଘୋଷିତ ହେବେ ସିଷ୍ଟର ମରିୟମ୍ ଥ୍ରେସିୟା



## ମୃତ୍ୟୁର ୯୩ ବର୍ଷ ପରେ ମିଳିବ ସମ୍ମାନ

**ନୂଆଦିଲ୍ଲୀ:** ସିଷ୍ଟର୍ ମରିୟମ୍ ଥ୍ରେସିଆଙ୍କୁ ଅକ୍ଟୋବର ୧୩ରେ ଭାଟିକାନ୍ ସିଟିରେ ସମ୍ମାନିତ କରାଯିବ। ପୋପ୍ ଫ୍ରାନ୍ସିସ୍ ତାଙ୍କୁ ସନ୍ଥ ଘୋଷଣା କରିବେ। କେରଳରେ ସାମାଜିକ ଅଭିବୃଦ୍ଧି ପାଇଁ ସିଷ୍ଟର୍ ମରିୟମ୍‌ଙ୍କ ଅନେକ ଅବଦାନ ରହିଛି। କେରଳରେ ତାଙ୍କୁ ମଦର୍ ଟେରେସାଙ୍କ ଭଳି ଲୋକେ ମାନିଥାନ୍ତି। ତେବେ ସିଷ୍ଟର୍ ମରିୟମ୍‌ଙ୍କୁ ତାଙ୍କ ଦେହାନ୍ତର ପ୍ରାୟ ୯୩ ବର୍ଷ ପରେ ସମ୍ମାନିତ କରାଯିବ। ୧୮୭୬ ଏପ୍ରିଲ ୨୬ରେ କେରଳର ତ୍ରିଶୂର ଜିଲାରେ ଜନ୍ମଲାଭ କରି ୧୯୨୬ ଜୁନ ୮ରେ ୫୦ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କରିଥିଲେ। ସିଷ୍ଟର୍ ମରିୟମ୍ 'ହୋଲି ଫ୍ୟାମିଲି' ନାମକ ଏକ ଧାର୍ମିକ ସଂସ୍ଥା ପ୍ରତିଷ୍ଠା କରିଥିଲେ। ୧୯୧୪ରୁ ସ୍ଥାପିତ ଏହି ସଂସ୍ଥାରେ ବର୍ତ୍ତମାନ ପ୍ରାୟ ୨୦୦୦ ନନ୍ ଅଛନ୍ତି। ସେ ନାରୀ ଶିକ୍ଷା, ନାରୀ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଥିଲେ। ଭାଟିକାନ୍ ସିଟିରେ ସିଷ୍ଟର ମରିୟମ୍‌ଙ୍କୁ ନେଇ ଅନେକ ଦସ୍ତାବିଜ୍ ରହିଛି। ଯେଉଁଥିରେ ସେ ଅନେକ ସ୍କୁଲ, ହଷ୍ଟେଲ, ଅନାଥାଳୟ ଓ କନ୍‌ଭେଣ୍ଟ ପ୍ରତିଷ୍ଠା କରି ସାମାଜିକ ଉନ୍ନତି, ଅଭିବୃଦ୍ଧି ଓ ବିକାଶ ଦିଗରେ ଆଜୀବନ କାମ କରିଥିବା ଉଲ୍ଲେଖ ରହିଛି। ୨୦୦୦ ମସିହାରେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ତାଙ୍କୁ ଧନ୍ୟ ଘୋଷଣ କରିଥିଲେ। ସନ୍ଥ ଘୋଷଣା ପୂର୍ବରୁ ଏହି ଉପାଧି ଖ୍ରୀଷ୍ଟିଆନ ସମୁଦାୟ ପକ୍ଷରୁ ଦିଆଯାଇଥାଏ। ଏବେ ସିଷ୍ଟର୍ ମରିୟମ୍‌ଙ୍କ ମୃତ୍ୟୁର ୯୩ ବର୍ଷ ପରେ ତାଙ୍କୁ ଭାଟିକାନରେ ସନ୍ଥ ଘୋଷଣା କରାଯିବ। ଭାଟିକାନ ଦ୍ୱାରା ସନ୍ଥ ଘୋଷିତ ହେବାରେ ମଦର ଟେରେସାଙ୍କ ପରେ ମରିୟମ୍ ହେଉଛନ୍ତି ଦ୍ୱିତୀୟ ଭାରତୀୟ ନାଗରିକ। ଏହା ସମଗ୍ର ଭାରତ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। ଏପରି କେତେଜଣ ଅସାଧାରଣ ବ୍ୟକ୍ତି ଭାରତରେ ଜନ୍ମ ନେଇଛନ୍ତି, ଯେଉଁମାନେ ନିଜ ପାଇଁ ନୁହେଁ, ବରଂ ଅନ୍ୟ ପାଇଁ ବଞ୍ଚିଥାନ୍ତି। ଏଭଳି ଭାରତୀୟଙ୍କ ପାଇଁ ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ସ୍ମୃତିଚାରଣ କରିଛନ୍ତି।

# ଭଗବାନଙ୍କୁ ଚିଠି ଲେଖି ମନ୍ଦିରରୁ ଲୁଟିନେଲେ

**ଭୋପାଳ** ଜଣେ ଚୋର ଅଭିନବ ଉପାୟରେ ଚୋରି କରିଛନ୍ତି। ଯାହା ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ଚୋର ଜଣକ ମାନବିକତା ସହକାରେ ଚୋରି କରିଛନ୍ତି। ତାହା ପୁଣି କୌଣସି ବ୍ୟକ୍ତିଙ୍କ ନିକଟକୁ ଯାଇ ନୁହେଁ, ମନ୍ଦିରରେ ଠାକୁରଙ୍କ ମୂର୍ତ୍ତିଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇ ଚୋରି କରିଛନ୍ତି। ମଧ୍ୟପ୍ରଦେଶର ବୈତୁଲ ଜିଲାରେ ଏପରି ଭିନ୍ନ ଧରଣର ଚୋରି ନଜରକୁ ଆସିଛି। ମନ୍ଦିର ଭିତରରେ ପ୍ରବେଶ କରି ଚୋର ଭଗବାନଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି ଦାନବାକ୍ସରୁ ନଗଦ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ବୈତୁଲ ଜିଲାର ସାରଣୀସ୍ଥିତ ରାଧାକୃଷ୍ଣ ୱାର୍ଡର ସିଦ୍ଧେଶ୍ୱର ହନୁମାନ ମନ୍ଦିରରେ ଚୋର ହନୁମାନଜୀଙ୍କୁ ଚିଠି ଲେଖି ଦାନବାକ୍ସରୁ ନଗଦ ୪୦ରୁ ୫୦ ହଜାର ଟଙ୍କା ନେଇ ପଳାଇଛନ୍ତି। ସେ ପରିସ୍ଥିତିରେ ପଡ଼ି ଏପରି ଚୋରି କରୁଛନ୍ତି। ତାଙ୍କର ସବୁ ଦୋଷ କ୍ଷମା କରିବାକୁ ଭଗବାନଙ୍କୁ ଲେଖିଛନ୍ତି। ଚିଠିଟି ଦାନବାକ୍ସ ଉପରେ ରଖି ଚାଲିଯାଇଥିଲେ ସେ। ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସି ଦାନବାକ୍ସ ଖୋଲା ଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ କୁହନ୍ତି, ୩ ବର୍ଷ ଧରି ଏହି ଦାନବାକ୍ସ ଖୋଲା ଯାଇ ନ ଥିଲା। ତେଣୁ ଏଥିରେ ୪୦ରୁ ୫୦ ହଜାର ଟଙ୍କା ଥିବା ଅନୁମାନ କରାଯାଉଛି। ଚୋରି ସମ୍ପର୍କରେ ଗ୍ରାମବାସୀ ପୋଲିସରେ ଖବର ଦେବାରୁ ପୋଲିସ ଚିଠିଟିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

# ସୁହାନାଙ୍କ ଡେବ୍ୟୁ ଫିଲ୍ମର ଟିଜର୍ ରିଲିଜ



**ମୁମ୍ବାଇ:** ପ୍ରତୀକ୍ଷାର ଅନ୍ତ ଘଟିଛି। ଆଉ ଜଣେ ଷ୍ଟାର୍ କିଡ୍ସ ବଲିଉଡରେ ପାଦ ଥାପିବାକୁ ଯାଉଛନ୍ତି। ବଲିଉଡ ବାଦଶାହ ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଶେଷରେ ବଲିଉଡ୍‌ରେ ଏଣ୍ଟ୍ରି ମାରିଛନ୍ତି। ତାଙ୍କ ଡେବ୍ୟୁ ଫିଲ୍ମ 'ଦି ଗ୍ରେ ପାର୍ଟ ଅଫ୍ ବ୍ଲୁ'ର ଟିଜର୍ ରବିବାର ରିଲିଜ୍ ହୋଇଛି। ଟିଜର୍‌ରେ ସୁହାନା ଅଭିନୟ ବେଶ ଦମଦାର୍ ହୋଇଛି। ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଆଗକୁ ବଲିଉଡର ଆଗଧାଡିର ଅଭିନେତ୍ରୀମାନଙ୍କୁ ଟକ୍କର ଦେବାର କ୍ଷମତା ତାଙ୍କ ପାଖରେ ରହିଛି ବୋଲି ଚଳଚ୍ଚିତ୍ର ସମୀକ୍ଷକମାନେ ମତ ଦେଇଛନ୍ତି। ସ୍କୁଲରେ ପଢୁଥିବାବେଳେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରି ବହୁ ପୁରସ୍କାର ମଧ୍ୟ ଜିତିଛନ୍ତି ସୁହାନା। ଲଣ୍ଡନରେ ପଢ଼ା ଶେଷ କରିବା ପରେ ସେ ଏବେ ନ୍ୟୁୟର୍କରେ ଆକ୍ଟିଂ କୋର୍ସ କରୁଛନ୍ତି।

# ଭିନ୍ନ ଚିତ୍ରକଳା 'ଜଳ ସାଞ୍ଝି'



**ଉଦୟପୁର:** ପେଣ୍ଟିଂ। ସୃଜନଶୀଳତାକୁ ସାଉଁଟାଯାଉଥିବା କଳା। ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ବି ଏ କ୍ଷେତ୍ରରେ ଗୋଟିଏ ପାଦ ଆଗରେ। ସାଧାରଣତଃ ଚିତ୍ର କଥା ଉଠିଲେ ମନକୁ ଆସିଯାଏ ଭଳିକିଭଳି ରଙ୍ଗ, ତୂଳୀ, କାନଭାସ। ଶିଳ୍ପୀଟିଏ କାନ୍‌ଭାସ ଉପରେ ଚିତ୍ର ଆଙ୍କିବା ଅତି ସାଧାରଣ କଥା। ହେଲେ ଯଦି କୁହାଯାଏ ପାଣି ଉପରେ ନିଖୁଣ ପେଣ୍ଟିଂ, ତାହା ପୁଣି ଆଧ୍ୟାତ୍ମିକ ବିଷୟବସ୍ତୁକୁ ନେଇ ; ତାହେଲେ କଥାଟା ଜଣକୁ ଆଶ୍ଚର୍ଯ୍ୟଚକିତ କରିଦେବା ସ୍ୱାଭାବିକ। ଦୀର୍ଘ ୩୦୦ଶହ ବର୍ଷ ଧରି ଏପରି ଚିତ୍ରକଳା ବଞ୍ଚି ରହିଛି ରାଜସ୍ଥାନର ଉଦୟପୁରରେ, ଯାହାର ନାଁ 'ଜଳ ସାଞ୍ଝି'।

ରାଜସ୍ଥାନ। 'ଲ୍ୟାଣ୍ଡ ଅଫ୍ ମହାରାଜାସ୍'। ଏହି ରାଜ୍ୟ କଥା ପଡ଼ିଲେ ଆଖି ଆଗରେ ଭାସିଉଠେ ବିସ୍ତୀର୍ଣ୍ଣ ମରୁଭୂମି। କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ସର୍ବୋପରି ଲୋକନୃତ୍ୟ ପାଇଁ ରାଜସ୍ଥାନ ପାଲଟିଛି ଆକର୍ଷଣ। ଆଉ ଯାହା ଲୋକଲୋଚନଠୁ ଦୂରରେ ରହିଯାଇଛି ତାହା ହେଉଛି 'ଜଳ ସାଞ୍ଝି'।

'ଜଳ ସାଞ୍ଝି' ହେଉଛି ପାଣି ଉପରେ କରାଯାଉଥିବା ସ୍ୱତନ୍ତ୍ର ଧରଣର ଆର୍ଟ। କୃଷ୍ଣଲୀଳା ଉପରେ ଆଧାରିତ ପ୍ରାୟ ୩୫୦ ବର୍ଷ ପୁରୁଣା ଏହି ନିଆରା ଚିତ୍ରକଳା ଦେଖିବାକୁ ଯେତିକି ଆକର୍ଷଣୀୟ, ସେତିକି ବିଚିତ୍ର ମଧ୍ୟ। ସ୍ଥାନୀୟ ଗୋବର୍ଦ୍ଧନଜୀ ମନ୍ଦିରରେ ଦୀର୍ଘ ବର୍ଷ ଧରି 'ଜଳ ସାଞ୍ଝି' ତିଆରି କରି ଆସୁଥିବା ୬୦ ବର୍ଷୀୟ ରାଜେଶ ବୈଷ୍ଣବ କୁହନ୍ତି, ଏହି ଚିତ୍ର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଉତ୍ସର୍ଗୀକୃତ। ଏହି ପେଣ୍ଟିଂ କରିବା ସହଜ ନୁହେଁ। ପାଣିକୁ ସ୍ଥିର ରଖି ଚିତ୍ର ଆଙ୍କିବାକୁ ପଡ଼େ। ଯଦି କୌଣସି କାରଣରୁ ପାଣି ଚହଲିଯାଏ ତେବେ ଘଣ୍ଟା ଘଣ୍ଟା ଧରି କରାଯାଇଥିବା ପରିଶ୍ରମ ବୃଥା ହୋଇଯାଏ। ଜଳସାଞ୍ଝି ପ୍ରସ୍ତୁତ କରିବା ପୂର୍ବରୁ ମନ୍ଦିରର ସମସ୍ତ ଝରକା, କବାଟ ବନ୍ଦ କରିଦିଆଯାଏ। ଯେପରି ପବନ ନ ଆସିବ ସେଥିଲାଗି ପରଦା ଟଙ୍ଗାଇ ଦିଆଯାଏ। ଏହାପରେ କୋଇଲା ଏବଂ ଅନ୍ୟ ଶୁଖିଲା ରଙ୍ଗକୁ ପାଣି ଉପରେ ପରସ୍ତ ପରସ୍ତ କରି ପେଣ୍ଟିଂ ପ୍ରସ୍ତୁତ ହୁଏ। ଗୋଟିଏ ଚିତ୍ର ପାଇଁ ୬ରୁ ୧୦ ଘଣ୍ଟା ଯାଏ ସମୟ ଲାଗେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୫ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ଖଣ୍ଡଗିରି ଥାନା ଅଧୀନ ଭରତପୁର ଅଞ୍ଚଳରେ ଜୁଆ ଆଡ୍ଡାରେ ଚଢାଉ କରି ପୋଲିସ ୧୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୨ଟି ଅଟୋ, ୭ଟି ବାଇକ୍ ଏବଂ ୩ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ଭରତପୁର ଅଞ୍ଚଳର ଶାନ୍ତନୁ ପୃଷ୍ଟି, ବାପି ଦାସ, ସନ୍ତୋଷ ଦାସ, ଭୀମ ରାଜ, ଅନୀଲ କୁମାର ,ପ୍ରକାଶ ପ୍ରଧାନ, ଏ. ରବି. ଏ. ଭୀମରାଜ, ବିଜୟ ଗୁରୁ, ଏ ବଲରାମ ରେଡ୍ଡି, ସନ୍ତୋଷ ଦାସ, କୃଷ୍ଣ ଚନ୍ଦ୍ର ଦାସ, ନରେନ୍ଦ୍ର ସାହୁ, ସନ୍ତୋଷ ନାୟକ ଏବଂ ନୂଆଗାଁ ଅଞ୍ଚଳର ସନ୍ତୋଷ କୁମାର ନାୟକ ଓ ଡୁମଡୁମା ଅଞ୍ଚଳର ପ୍ରତ୍ୟୁଷ ଶତପଥୀଙ୍କୁ ପୋଲିସ ଶନିବାର ରାତି ୧୦ଟା ବେଳେ ଗିରଫ କରିଛି। ପୋଲିସ ଚଢାଉ ଦେଖି ଘଟଣାସ୍ଥଳରୁ ୧୦୯ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ମାତ୍ର ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ପୋଲିସ କୋର୍ଟ ଚାଲାଣ କରିଥିଲା।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ଜଣକହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ଭଗବତୀନଗର ବସ୍ତି ଅଞ୍ଚଳରେ ରହୁଥିବା ସୋନୋଜ ବାରିକ (୩୪)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ସୋନୋଜ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ମନଲୋଭା ଉପହାର ଦେଉଥିଲେ। ନାବାଳିକାଙ୍କୁ ବିବାହ କରିବାର ପ୍ରଲୋଭନ ଦେଖାଇ ତାଙ୍କୁ ସାଙ୍ଗରେ ଧରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଅଭିଯୁକ୍ତଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ସହ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ସେ ଥାନାରେ ବୟାନ ଦେଇଥିଲେ। ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଚୋରି ସୁନାଗହଣା ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରୁ ଚୋରି ସୁନା ଗହଣାକୁ ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦୀନପୁର ଅଞ୍ଚଳର ତମାଣ୍ଡ ନାରୋଗୋଦା ବସ୍ତି ଅଞ୍ଚଳରେ ରହୁଥିବା ଶେକ ଆଜମେୟର ଓ ଶେକ ଆଲାମଜି। ଜୟଦେବବିହାର ଅଞ୍ଚଳରେ ରହୁଥିବା ଗିରିଶ ପ୍ରସାଦ ମଲ୍ଲିକଙ୍କ ଘରୁ ଜୁଲାଇ ୨୪ ରାତିରେ ୫୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୩୭/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଶନିବାର ବିଳମ୍ବିତ ରାତିରେ ତମାଣ୍ଡ ଅଞ୍ଚଳରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ସୁନା କାନଫୁଲ ଓ ଚୁଡି ଜବତ କରିବା ସହ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ପୁରୁଣା ଭୁବନେଶ୍ୱର,୨୯।୯(ଡି.ଏନ.ଏ.):** ପୂର୍ବ ଶତ୍ରୁତାରୁ ଏୟାରଫିଲ୍ଡ ଥାନା ଅଧୀନ ପାଞ୍ଚଗାଁର ଜନୈକ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ମୁକ୍ତିରାଜ ଗୁରୁ। ସୂଚନା ମୁତାବକ ମୁକ୍ତିରାଜ ଏବଂ ଗାଁର କେତେଜଣ ଯୁବକଙ୍କ ମଧରେ ଗତ ବର୍ଷରୁ ତିକ୍ତତା ଲାଗି ରହିଥିଲା। ଶନିବାର ରାତିରେ ମୁକ୍ତିରାଜ ଏକୁଟିଆ ଛକରେ ଥିବାବେଳେ ଭୁଜାଲି ଏବଂ କଟୁରିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ନଂ. ୧୭୨, ୧୭୩/୧୯ରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

■ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ କମିଶନରେଟ ପୋଲିସର ଗୁରୁତ୍ୱ

# ପ୍ରତି ରବିବାର ୪ଟାରେ ଥାନାଧିକାରୀ ଶୁଣିବେ ସମସ୍ୟା

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**




■ ସହାୟତା ଦେବ ମୋବାଇଲ୍ ଆପ୍ 'ସହାୟତା'

■ ବାହାରକୁ ଗଲେ ଘର ଉପରେ ନଜର ରଖିବ କଣ୍ଟ୍ରୋଲ ରୁମ୍

ଅନେକ ସମୟରେ ବରିଷ୍ଠ ନାଗରିକଙ୍କୁ ଅପରାଧୀମାନେ ଟାର୍ଗେଟ କରି ଲୁଟ୍, ଡକାୟତିଠାରୁ ଆରମ୍ଭ କରି ଆକ୍ରମଣ ଓ ହତ୍ୟା କରିଥିବା ନଜିର ରହିଛି। ଦିନକୁ ଦିନ ଏହି ଘଟଣା ବଢୁଥିବାବେଳେ ବରିଷ୍ଠ ନାଗରିକମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏବେ ଏହାକୁ ଗୁରୁତ୍ୱର ସହ ନେଇଛି କମିଶନରେଟ ପୋଲିସ। ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ସହ ଦୃଢ଼ ପଦକ୍ଷେପ ପାଇଁ ନୂଆ ନିଷ୍ପତ୍ତି ହୋଇଛି। ପ୍ରତି ରବିବାର ଅପରାହ୍ନ ୪ଟାରେ ଥାନା ଅଧିକାରୀମାନେ ବରିଷ୍ଠ ନାଗରିକଙ୍କୁ ସମୟ ଦେବେ। ଥାନା ପରିସରରେ ସେମାନଙ୍କ ସହ ଆଲୋଚନା କରି ସୁରକ୍ଷା ଜନିତ ସମସ୍ୟାର ସମାଧାନ କରିବେ ବୋଲି ରବୀନ୍ଦ୍ର ମଣ୍ଡପରେ ବରିଷ୍ଠ ନାଗରିକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ସେ କହିଲେ, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ମୋବାଇଲ୍ ଆପ୍ 'ସହାୟତା' କାର୍ଯ୍ୟକାରୀ କରାଯାଇଛି। ଏହି ଆପ୍ ଖୋଲିଲେ ପ୍ରଥମେ ଉପର ଭାଗରେ ଏସ୍‌ଓଏସ୍ ଲେଖାଥିବା ଏକ ନାଲି ବଟମ୍ ଦେଖାଯିବ। ଏହାକୁ ଛୁଇଁବା ମାତ୍ରେ ଜଣେ ବରିଷ୍ଠ ନାଗରିକ ଓଡିଶାର କେଉଁ ଥାନାଞ୍ଚଳରେ ରହିଛନ୍ତି ତାହା ଜାଣିପାରିବେ। ଏହାସହ ଉକ୍ତ ଥାନାର ଫୋନ୍ ନମ୍ବର ମିଳିବ। ଏହି ବଟମ ତଳକୁ ଅନ୍ୟ ଏକ ଚିହ୍ନ ରହିଛି ଏହାକୁ ଛୁଇଁଲେ ଥାନାକୁ ଯିବା ପାଇଁ ବାଟ ବତାଇଦେବ ଏହି ଆପ୍। ଏହି ଆପ୍‌କୁ ମୋବାଇଲ୍‌ର ପ୍ଲେ ଷ୍ଟୋରରୁ ଡାଉନ୍‌ଲୋନ କରି ରହିଥିବା ସୁବିଧା ସୁଯୋଗର ଲାଭ ଉଠାଇବାକୁ କମିଶନର ବରିଷ୍ଠ ନାଗରିକଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଜଣେ ବରିଷ୍ଠ ନାଗରିକ ବ୍ୟସ୍ତତା କିମ୍ବା ଭୟଭୀତ ଅବସ୍ଥାରେ ଥିଲେ ହଠାତ୍ ଫୋନ୍ ନମ୍ବର ପାଇପାରନ୍ତି ନାହିଁ। ତେଣୁ ଏହି ବଟମକୁ ଚିପିଦେଲେ ଥାନାକୁ ଫୋନ୍ ଲାଗିଯିବ। ଏଥିରେ ଏସ୍‌ଏମ୍‌ଏସ୍ ଚିହ୍ନ ଉପରେ କ୍ଲିକ୍ କଲେ ଜଣେ ବରିଷ୍ଠ ନାଗରିକ କେଉଁଠି ଅଛନ୍ତି ତାହା ପୋଲିସ ନିକଟକୁ ମେସେଜ ପଳାଇଯିବ। ସହରର ଅନେକ ଘରେ ବରିଷ୍ଠ ନାଗରିକ ଏକୁଟିଆ ରହିଥାନ୍ତି। ସେମାନଙ୍କୁ ଅପରାଧୀମାନେ ଟାର୍ଗେଟ କରିବା ସହ ଘର ଭଡ଼ା ନେଇ ନାନା ଅପରାଧ ଘଟାଇଥାନ୍ତି। ତେଣୁ ଘର ମାଲିକ ଭଡାଟିଆ ଓ କାମ କରିବାକୁ ଆସୁଥିବା ଶ୍ରମିକଙ୍କ ଭେରିଫିକେଶନ କରିବା ଆବଶ୍ୟକ। ଏହି ଆପ୍‌ରେ ରହିଥିବା 'ଟେନାଣ୍ଟ ଭେରିଫିକେଶନ' ଅପ୍‌ଶନକୁ କ୍ଲିକ୍ କରି ଭଡାଟିଆ ତାଲିକା ଦେଲେ ପୋଲିସ ତାଙ୍କ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ସୂଚାଇ ଦେବ। ସେଥିପାଇଁ ୫୦ ଟଙ୍କା ଦେୟ ରଖାଯାଇଛି। ସେହିପରି 'ଡୋମେଷ୍ଟିକ୍ ଭେରିଫିକେଶନ' ଅପ୍‌ଶନକୁ କ୍ଲିକ କରି ଶ୍ରମିକଙ୍କ ତଥ୍ୟ ଦେଲେ ପୋଲିସ ଉକ୍ତ ଶ୍ରମିକଙ୍କ ବିଷୟରେ ସବୁ ସୂଚନା ଦେବ। ଏହାସହ ବରିଷ୍ଠ ନାଗରିକ ରହୁଥିବା ଘରେ ସିସିଟିଭି ଲଗାଇବାକୁ କମିଶନର ପରାମର୍ଶ ଦେଇଛନ୍ତି। ଯେଉଁମାନେ ଘରେ ସିସିଟିଭି ଲଗାଇ ଇଣ୍ଟରନେଟ୍ ସହ ଯୋଡିହୋଇଛନ୍ତି, ସେମାନେ ବାହାରକୁ ଗଲେ ଘରର ଆଇପି ଆଡ୍ରେସ୍ ଦେଲେ ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ଘର ଉପରେ ନଜର ରଖି ପାରିବ। କେହି ଦୁର୍ବୃତ୍ତ ଘରେ ପଶିଲେ ପୋଲିସ ତୁରନ୍ତ ସେଠାରେ ପହଞ୍ଚିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

ବୈଠକ ପରେ ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡିସିପି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଲିଙ୍ଗରାଜ ମନ୍ଦିରକୁ 'ମୋ' ବସ୍ ଗଡ଼ିବ

## ରୁଟ୍ ପରିବର୍ତ୍ତନ ପାଇଁ ଦାବି

**ପୁରୁଣା ଭୁବନେଶ୍ୱର,୨୯।୯ (ଡି.ଏନ.ଏ.)**

ପୁରୁଣା ଭୁବନେଶ୍ୱର ବାସିନ୍ଦା ତଥା ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନରେ ଆସୁଥିବା ହଜାର, ହଜାର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଅଭିଳାଷ ତଥା ଦାବି ମୋ ବସ ଚାଲିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୪ଟି ମୋ ବସ ସେବା ଶ୍ରୀଲିଙ୍ଗରାଜ ମନ୍ଦିରକୁ ଚାଲିବ। ହେଲେ କଳ୍ପନାଠାରୁ ରବି ଟକିଜ, ଗ୍ୟାରେଜ ଛକଠାରୁ ମନ୍ଦିର ରାସ୍ତାରେ ମନ୍ଦିର ପାଖରେ ପହଞ୍ଚିବାକୁ ରୁଟ ପ୍ରସ୍ତୁତ ହୋଇଛି। ମାତ୍ର ଏହାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ନାପସନ୍ଦ କରିଛନ୍ତି। ମୋ ବସ କଳ୍ପନାରୁ ବାହାରି ଭାୟା ମାଉସୀ ମା' ଛକ, ବାରିକ ସାହି, ଗୋସାଗୋରେଶ୍ୱର ଛକ, ତିନିମୁଣ୍ଡିଆ ଛକ, ବଡେଇବାଙ୍କ ଆଦି ଛକ ଦେଇ ରଥଦାଣ୍ଡରେ ରଥଖଳାରେ ପହଞ୍ଚିବାକୁ ଦାବି ହେଉଛି। ସାମାଜିକ କର୍ମୀ ନୀଳମଣି ମିଶ୍ର, ଭୀଷ୍ମ ନରାୟଣ ନାୟକ, ବନଜ ମହାରଣା, ପ୍ରସନ୍ନ ମହାସୁଆର, ସନ୍ତୋଷ ସାହୁ, ଲିଙ୍ଗରାଜ ବେହେରା ପ୍ରମୁଖ ଦାବି କରିଛନ୍ତି।



ଓଏଏସ୍ ଭବନରେ ରବିବାର ମହିଳା ଓ ଶିଶୁ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

■ କୋଣାର୍କ, ଚନ୍ଦ୍ରଭାଗା, ରାମଚଣ୍ଡୀ ଅଞ୍ଚଳ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

## ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

**କୋଣାର୍କ ଅର୍ବାନ ହାଟ, ରାମଚଣ୍ଡୀ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ**

ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର କୋଣାର୍କ, ରାମଚଣ୍ଡୀ ଏବଂ ଚନ୍ଦ୍ରଭାଗା ଅଞ୍ଚଳ ପରିଦର୍ଶନ କରି ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏନେଇ ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ ଏବଂ ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂହଙ୍କ ସହ ମନ୍ତ୍ରୀ ଆଲୋଚନା ମଧ୍ୟ କରିଛନ୍ତି। ଗସ୍ତ ଅବସରରେ ମନ୍ତ୍ରୀ ବେହେରା ରାମଚଣ୍ଡୀଠାରେ ସ୍ଥାନୀୟ ବୋଟିଂ ଆସୋସିଏଶନର କର୍ମକର୍ତ୍ତା ଏବଂ ଲୋକମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପିଇବା ପାଣି, ଶୌଚାଳୟ ନିର୍ମାଣ ଏବଂ ପର୍ଯ୍ୟଟକଙ୍କ ବସିବା ପାଇଁ ସେଡ୍ ନିର୍ମାଣ କରିବାକୁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ୧୦ବର୍ଷ ହେବ ଏଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ପର୍ଯ୍ୟଟନ ଋତୁରେ କୋଣାର୍କରେ ଟେଣ୍ଟ ସିଟି ନିର୍ମାଣ କରାଯିବାର ଯୋଜନା ରହିଥିବାରୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ରାମଚଣ୍ଡୀ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ତ୍ୱରିତ ବିକାଶ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପର୍ଯ୍ୟଟନ ସଚିବ ଓ ପୁରୀ ଜିଲାପାଳଙ୍କୁ କହିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଭାଗା ଅଞ୍ଚଳରେ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା ସହ କୋଣାର୍କରେ ଇଡ୍‌କୋ ପକ୍ଷରୁ ନିର୍ମିତ ହୋଇଥିବା ଅର୍ବାନ ହାଟକୁ ଚାଲୁ କରିବା ଲାଗି ମଧ୍ୟ ସେ ଆଲୋଚନା କରିଥିଲେ। ଏହି ଅବସରରେ ବିଶାଳ ଦେବ ମନ୍ତ୍ରୀଙ୍କୁ କୋଣାର୍କଠାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଥିବା ବିଭିନ୍ନ ପ୍ରସ୍ତାବ ଉପରେ ଅବଗତ କରାଇଥିଲେ। କୋଣାର୍କ, ରାମଚଣ୍ଡୀ ଓ ଚନ୍ଦ୍ରଭାଗା ଅଞ୍ଚଳରେ ପର୍ଯ୍ୟଟନ ଓ ସାମଗ୍ରିକ ବିକାଶ ଲାଗି ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପର୍ଯ୍ୟଟନ ସଚିବ ଏବଂ ପୁରୀ ଜିଲାପାଳ କହିଥିଲେ।

■ ଜୁନାଗଡ଼ ବଳାତ୍କାର ଘଟଣା

## ଶାସକ ଦଳର ସମ୍ପୃକ୍ତି ଆଣିଲା ଭାଜପା

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଶାସକ ଦଳ ଚାପରେ ଜୁନାଗଡ ବଳାତ୍କାର ଘଟଣାକୁ ଚପେଇବା ଲାଗି ଷଡ଼ଯନ୍ତ୍ର କରାଯାଉଛି। ଏଥିରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି ରହିଛି । ଶାସକ ଦଳ ଇଙ୍ଗିତରେ ପ୍ରଥମେ ଏସ୍‌ପି ମୁଖ୍ୟ ଅଭିଯୁକ୍ତଙ୍କୁ ରାଜସାକ୍ଷୀ କରି ଖସେଇ ଦେବାର ଯୋଜନା କରିଥିଲେ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ବର୍ତ୍ତମାନ ପୀଡିତାଙ୍କ ବୟାନ ପରେ ମୁଖ୍ୟ ଅଭିଯୁକ୍ତ ଲଳିନ୍ଦ୍ର ଶବରକୁ ଗିରଫ କରାଯାଇଛି। ଏବେ ଶାସକ ଦଳ ନିର୍ଦ୍ଦେଶରେ ପୋଲିସ ଘଟଣାକୁ ଗୁରୁତର ସହ ନ ନେଇ ମାମଲା ରଫାଦଫା କରିବା ପାଇଁ ଯୋଜନା କରୁଛି। ଏହି ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ଶାସକ ଦଳର ଦୁଇଜଣ ନେତାଙ୍କୁ ଫୋନ୍ କରିଥିଲେ। ଅନ୍ୟପକ୍ଷରେ ପୀଡିତା କିପରି ଲଳିନ୍ଦ୍ର ଶବରକୁ ଚିହ୍ନିବା ସହ ଘଟଣା ଦିନ ଉକ୍ତ ଅଭାବନୀୟ କାଣ୍ଡ ଘଟାଇବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ତା'ର ତଦନ୍ତ ହେବା ଆବଶ୍ୟକ। ଘଟଣା ଘଟିବା ଆଗରୁ ଅଭିଯୁକ୍ତ କାହା ସହିତ କଥା ହୋଇଛି ତାହା ଦେଖିବା ଦରକାର। ଏହି ଘଟଣା ସମ୍ପର୍କରେ ଗତ ୨୭ରେ ଶାସକ ଦଳର କିଛି ନେତା ସ୍ଥାନୀୟ ପୋଲିସ ସହିତ କଥା ହୋଇଥିଲେ। ଏନେଇ ଥାନାରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇ ଘଟଣାର ସତ୍ୟାସତ୍ୟକୁ ଲୋକଲୋଚନକୁ ଅଣାଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି ।

## ଓଭରବ୍ରିଜ୍‌ରୁ ଖସିପଡ଼ିଲେ ଯୁବକ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଶହୀଦନଗର ଥାନା ବାଣୀବିହାର ଓଭରବ୍ରିଜ୍‌ରୁ ଗନ୍ଦର ମୁଣ୍ଡା (୩୫) ନାମକ ଯୁବକ ରବିବାର ରାତି ୧୦ଟାରେ ଖସିପଡ଼ିଥିଲେ। ସୌଭାଗ୍ୟବଶତଃ ବର୍ତ୍ତିଯାଇଛନ୍ତି। ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ନିଶାଗ୍ରସ୍ତ ଥିବାରୁ ଖସିପଡ଼ିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଗନ୍ଦରଙ୍କ ଘର ମୟୂରଭଞ୍ଜ ଜିଲାରେ। ସେ ଶହୀଦନଗର ଥାନା ଅଞ୍ଚଳରେ ରହି ଶ୍ରମିକଭାବେ କାର୍ଯ୍ୟ କରନ୍ତି। ରବିବାର ରାତି ପ୍ରାୟ ୧୦ରେ ସେ ଚାଲିଚାଲି ସତ୍‌ସଙ୍ଗ ବିହାରରୁ ଓଭରବ୍ରିଜ୍ ଦେଇ ଆଚାର୍ଯ୍ୟବିହାର ଅଭିମୁଖେ ଯାଉଥିବା ସମୟରେ ବାଣୀବିହାର ଛକ ନିକଟରେ ତଳକୁ ଖସିପଡିଥିଲେ। କିନ୍ତୁ ସେ ରାସ୍ତା ଉପରେ ନ ପଡ଼ି ଫୁଟ୍‌ପାଥରେ ପଡ଼ିଥିଲେ।

## ରେଳଷ୍ଟେଶନରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଙ୍ଗୀତ ମାଧ୍ୟମରେ ସଚେତନତା

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

**ଅକ୍ଟୋବର ୨ ପରେ ଜରିମାନା**

ପ୍ରକୃତି ଓ ପ୍ରାଣୀଜଗତ ଉପରେ ପ୍ଲାଷ୍ଟିକ ଅନେକ କ୍ଷତି ପହଞ୍ଚାଇଥାଏ। ମନୁଷ୍ୟର ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ଏକ ଅଭିନ୍ନ ଅଙ୍ଗ ଭାବେ ସ୍ଥାନ ନେଇସାରିଥିବାବେଳେ ଏବେ ସମୟ ଆସିଛି ପ୍ଲାଷ୍ଟିକ୍‌କୁ ନା କହିବାର। ଏଥିପାଇଁ ସଙ୍ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛି ରେଳ ମନ୍ତ୍ରଣାଳୟ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞାପନ ଭିଡିଓ ଟୁଇଟରରେ ପୋଷ୍ଟ କରାଯାଇଛି। 'ନୋ ବୋଲୋ ପ୍ଲାଷ୍ଟିକ କୋ ନୋ ବୋଲୋ' ଭିଡିଓଟି ଏବେ ଟୁଇଟରରେ ବେଶ୍ ଲୋକପ୍ରିୟ ହେଉଛି। ଭିଡିଓରେ ରେଳଷ୍ଟେଶନ ପରିସରରେ ପ୍ଲାଷ୍ଟିକ ପଦାର୍ଥର ବହୁଳ ବ୍ୟବହାର ଦ୍ୱାରା ପରିବେଶ ଉପରେ କିଭଳି କ୍ଷତି ପହୁଁଚୁଛି ଦେଖିବାକୁ ମିଳିଛି। ଏହାସହ ଷ୍ଟେଶନରେ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର ନ କରି ବିକଳ୍ପକୁ ଆପଣାଇବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଶନଗୁଡିକରେ ଥିବା ପ୍ଲାଷ୍ଟିକ ବୋତଲ କ୍ରସିଂ ମେଶିନ୍ ବ୍ୟବହାର କରିବାକୁ ବାର୍ତ୍ତା ଦିଆଯାଉଛି। ଏହି ବିଜ୍ଞାପନ ଭିଡିଓଟି ପଶ୍ଚିମତଟ ରେଳବାଇ ପ୍ରସ୍ତୁତ କରିଛି। ଏହି ଭିଡିଓଟିକୁ ଅନ୍ୟ ରେଳଷ୍ଟେଶନଗୁଡିକରେ ମଧ୍ୟ ପ୍ରଦର୍ଶିତ କରିବାକୁ ଯୋଜନା କରାଯାଉଛି ବୋଲି ଜଣାପଡିଛି। ଏହାର ପ୍ରଥମ ଛନ୍ଦ 'ନୋ ବୋଲେ ନୋ ବୋଲୋ' ବେଶ୍ ଶ୍ରୁତି ମଧୁର ହୋଇଥିବାବେଳେ ଲୋକେ ଏହାକୁ ପସନ୍ଦ ମଧ୍ୟ କରୁଛନ୍ତି। ବର୍ତ୍ତମାନ ଷ୍ଟେଶନରେ 'ସ୍ୱଚ୍ଛ ଭାରତ କା ଇରାଦା' ଗୀତ ବଜାଇ ଯାତ୍ରୀମାନଙ୍କୁ ରେଳ ପରିସର ସଫା ରଖିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି। ଗାନ୍ଧୀ ଜୟନ୍ତୀ ପରଠାରୁ ପ୍ଲାଷ୍ଟିକ ଜିନିଷ ଷ୍ଟେଶନରେ ବ୍ୟବହାର କରୁଥିଲେ ଜରିମାନା ଆଦାୟ କରାଯିବ।

## ଇ-ଶିକ୍ଷା ଉପକରଣ ବାଣ୍ଟିଲା ରୋଟାରୀ

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ଭାରତକୁ ସମ୍ପୂର୍ଣ୍ଣ ସ୍ୱାକ୍ଷରରେ ପରିବର୍ତ୍ତନ କରିବାକୁ ରୋଟାରୀ ଜିଲା ୩୨୬୨ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହି ଉଦ୍ଦେଶ୍ୟରେ ରଖିବା ପାଇଁ 'ଟିଚ' ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ରୋଟାରୀୟାନମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଶୁକ୍ରବାର ସଙ୍ଗଠନ ପକ୍ଷରୁ ୪୦ଟି ସରକାରୀ ସ୍କୁଲକୁ ଇ-ଶିକ୍ଷା ପାଠ୍ୟକ୍ରମ ପାଇଁ ଆବଶ୍ୟକ ହେଉଥିବା ୯ ଲକ୍ଷ ଟଙ୍କାର ଉପକରଣ ମାଗଣାରେ ପ୍ରଦାନ କରାଯାଇଛି। ଚଳିତବର୍ଷ ଆହୁରି ୧୦୦ଟି ସ୍କୁଲକୁ ଏହିପରି ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯିବ ବୋଲି ଏହି ଅବସରରେ କୁହାଯାଇଛି। କାର୍ଯ୍ୟକ୍ରମରେ ରୋଟାରୀ ଗଭର୍ନର ଦେବାଶିଷ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ଗଭର୍ନର ଏବଂ ଜୋନାଲ ଚେୟାର ଅଶ୍ୱିନୀ କର, ପୂର୍ବତନ ଗଭର୍ନର ରବିନାରାୟଣ ନନ୍ଦ, ଶିବବ୍ରତ ଦାଶ, ଭବାନୀ ପ୍ରସାଦ ଚୌଧୁରୀ, ରୋଟାରିୟାନ ଅନିଲ କୁମାର ସାମଲ ଉପସ୍ଥିତ ଥିଲେ। ଦେଶରେ 'ପୋଲିଓ' ନିରାକରଣରେ ରୋଟାରୀୟାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ସଫଳତା ପରେ ରୋଟାରିୟାନମାନେ ଦେଶରୁ ନିରକ୍ଷରତା ଦୂର କରିବା ସହ ଗୁଣାତ୍ମକ ଶିକ୍ଷାର ପ୍ରଚଳନ କାର୍ଯ୍ୟରେ ନିୟୋଜିତ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ 'ରୋଟାରୀ ଇଣ୍ଡିଆ ଲିଟେରାସୀ ମିଶନ' ଜନ୍ମ ନେଇଛି। ଏହି ମିଶନରେ ବିଭିନ୍ନ ପାଠ୍ୟକ୍ରମର ଖସଡା ବିଦ୍ୟାଳୟଗୁଡିକରେ ଦିଆଯାଇଛି। ସେହି ପାଠ୍ୟକ୍ରମ ମଧ୍ୟରେ 'ଇ-ଶିକ୍ଷା' ଅତ୍ୟନ୍ତ ଉପଯୋଗୀ କାର୍ଯ୍ୟକ୍ରମ, ଯେଉଁଥିରେ କି ପିଲାମାନେ ଏକ ସାଙ୍ଗରେ ଦେଖିବା ଏବଂ ଶୁଣିବା ମାଧ୍ୟମରେ ଶିକ୍ଷା ଗ୍ରହଣ କରିଥାନ୍ତି। ଏହାଦ୍ୱାରା ପିଲାମାନେ ଅଧିକ ମନ ଲଗାଇ ପାଠ ପଢନ୍ତି। ସ୍କୁଲ ଯିବାକୁ କୁଣ୍ଠିତ ହୁଅନ୍ତି ନାହିଁ। ସେଥିପାଇଁ ରୋଟାରୀ ପକ୍ଷରୁ ଏହି ଉପକରଣ ବଣ୍ଟନ କରାଯାଇଛି ବୋଲି ଜଣାପଡିଛି।



■ ଶ୍ରୀଲିଙ୍ଗରାଜଙ୍କ ସୈରାତ, ଦୋକାନ ଘର ଭାଗବଣ୍ଟା ଛିଡୁନି

# ଦେବୋତ୍ତର ବିଭାଗ ନୀରବଦ୍ରଷ୍ଟା

**ପୁରୁଣା ଭୁବନେଶ୍ୱର,୨୯।୯(ଡି.ଏନ.ଏ.)**



ଶ୍ରୀ ଲିଙ୍ଗରାଜଙ୍କ ଜମିରେ ନିର୍ମିତ ନ୍ୟୁ ମାର୍କେଟ କମ୍ପ୍ଲେକ୍ସ।

ଅନେକ ସମୟରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ବିଭିନ୍ନ ଜମିଜମା ଜବରଦଖଲ ବିକ୍ରିବଟା ନେଇ ବିବାଦ ଦେଖାଦେଉଥିଲେ ହେଁ ସରକାରୀ ସ୍ତରରେ ଠାକୁରଙ୍କ ସମ୍ପତ୍ତି ଭାଗବଣ୍ଟା ନେଇ ବିବାଦ ଉପୁଜିବା ଦେବୋତ୍ତର ବିଭାଗ ପାରିବାପଣିଆ ପଦାରେ ପକାଇଛି। ଦେଶର ବିଭିନ୍ନ ମଠ ଓ ମନ୍ଦିରଗୁଡ଼ିକର ପରିଚାଳନା ଦାୟିତ୍ୱରେ ସରକାରଙ୍କ ଦ୍ୱାରା ଅଧିକୃତ ସରକାରୀ କର୍ମଚାରୀ ରହିଥିଲେ ହେଁ ବିଭ୍ରାଟ ଥମୁ ନାହିଁ। ଠାକୁରଙ୍କ ସମ୍ପତ୍ତି ସୁରକ୍ଷିତ ରହୁନାହିଁ। ଏଥିସହ ଶ୍ରଦ୍ଧାଳୁ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ଏହି ମର୍ମରେ ଶ୍ରୀମନ୍ଦିରକୁ ନେଇ ସର୍ବୋଚ୍ଚ ଅଦାଲତଙ୍କ ନ୍ୟାୟାଧୀଶ ବୋବଡ଼େଙ୍କ ମନ୍ତବ୍ୟ କେଉଁଥି ପାଇଁ ସରକାରୀ କର୍ମଚାରୀ ମନ୍ଦିର ପରିଚାଳନା ଦାୟିତ୍ୱରେ ରହିବେ ବୋଲି ପ୍ରଶ୍ନ କରିଥିଲେ। ବିଭିନ୍ନ ମନ୍ଦିର ଯଥା ତାମିଲନାଡୁ ମନ୍ଦିର ମୂର୍ତ୍ତି ଚୋରି ସହ କେରଳ ସାବରୀମାଳ ସମେତ ଅନେକ ମନ୍ଦିର ସରକାରଙ୍କ ଦ୍ୱାରା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ରହିବା ପରେ ମଧ୍ୟ ଦେଶରେ ମନ୍ଦିରଗୁଡ଼ିକର ସମ୍ପତ୍ତିଗୁଡିକ ସୁରକ୍ଷିତ ନ ରହିବା ମର୍ମରେ ନ୍ୟାୟାଧୀଶ ବୋବଡେଙ୍କ ଟିପ୍ପଣୀ କରିଥିଲେ। ଏହା ବର୍ତ୍ତମାନ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଦେବୋତ୍ତର ବିଭାଗ କାର୍ଯ୍ୟଧାରା ଦେଖିଲେ ପ୍ରଯୁକ୍ତ ବୋଲି ବୁଝାପଡୁଛି। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଟିଡ଼ିସି ମାଧ୍ୟମରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଗୌତମନଗର ମୌଜାରେ ୩ ଏକର ୨୭୪ ଡ଼ିସିମିଲ ଜମି ଉପରେ ନୂତନ ମାର୍କେଟ, ଯାତ୍ରୀନିବାସ ଓ ପାର୍କିଂ ଇତ୍ୟାଦିର ନିର୍ମାଣକୁ ସେତେବେଳେ ସମସ୍ତ ସେବାୟତ ଗୋଷ୍ଠୀ ସ୍ୱାଗତ କରିଥିଲେ। ଏହା ଯେ କେବଳ ଠାକୁରଙ୍କ ଆୟ ବଢାଇବ ତାହା ନୁହେଁ ଯାତ୍ରୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ହୋଇପାରିବ ସମସ୍ତଙ୍କ ଧାରଣା ରହିଥିଲା। ଠାକୁରଙ୍କ ସମ୍ପତ୍ତିରେ ନିର୍ମାଣ ପରେ କିଭଳି ସୁରକ୍ଷିତ ଓ ଆୟର ପନ୍ଥା ସ୍ଥିର ହେବ ଏ ନେଇ ୨୬।୧୦।୧୮ରେ ଟ୍ରଷ୍ଟବୋର୍ଡ ବୈଠକରେ ନ୍ୟାସି ମାନସ ରଞ୍ଜନ ମହାପାତ୍ର ମହାପ୍ରଭୁଙ୍କ ଏକର ଏକର ସମ୍ପତ୍ତି ଉପରେ ଗଢି ଉଠିଥିବା ପ୍ରକଳ୍ପ ଆୟ ମନ୍ଦିର ପାଣ୍ଠିକୁ ଅଣାଯିବାକୁ ଦୃଢ ଭାବେ ଦାବି କରିଥିଲେ। ମାତ୍ର ଧୀରେ ଧୀରେ ଏହି ଦାବି ମୁତାବକ କୌଣସି କାମ ନ ହେବା ଏବଂ ଦେବୋତ୍ତର ବିଭାଗ ନୀରବଦ୍ରଷ୍ଟା ସାଜିବା ଏକ ବିରାଟ ଷଡ଼ଯନ୍ତ୍ରକୁ ଅଙ୍ଗୁଳି ନିର୍ଦ୍ଦେଶ କଲା। ସେବେକାର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ଏହି ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ଯାତ୍ରୀନିବାସ ଇତ୍ୟାଦି ଉନ୍ନତୀକରଣ ଆଳରେ ଭାଗ ବସିବା ନେଇ କାହାର ଧାରଣା ନ ଥିଲା। ୫୮ଟି ଦୋକାନ ଗୃହରୁ ମାତ୍ର ୬ଟିକୁ ଆବଣ୍ଟନ ନିମନ୍ତେ ବିଏମ୍‌ସି ଓ ପର୍ଯ୍ୟଟନ ବିଭାଗକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯିବା ନେଇ ନିଷ୍ପତ୍ତିକୁ ସାଧାରଣରେ ବିଶ୍ୱାସ କରିପାରୁନାହାନ୍ତି। ନିର୍ମାଣ ଓ ଉନ୍ନତି କରଣ ନାମରେ ପର୍ଯ୍ୟଟନ ବିଭାଗ ଓ ବିଏମ୍‌ସିର ଭାଗ ବସିବା ବିରୋଧ କରି ସମସ୍ତ ଆୟର ୧୦୦ ପ୍ରତିଶତ ଶ୍ରୀଲିଙ୍ଗରାଜ ମନ୍ଦିର ପାଣ୍ଠିକୁ ସେବାୟତ ଓ ଶ୍ରଦ୍ଧାଳୁ ମହଲରେ ଦାବି ହେଉଛି। ଯେପରି ଏତେ ଦିନ ପରେ ଏଏସଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦେବୋତ୍ତର ବିଭାଗ ମନ୍ଦିର ସୁରକ୍ଷା ଓ ପରିବେଶ ସମ୍ବନ୍ଧରେ ଚିଠି ଲେଖିଛନ୍ତି। ସେହିଭଳି ପ୍ରକଳ୍ପଗୁଡ଼ିକର ଆବଣ୍ଟନ ଓ ଶତପ୍ରତିଶତ ଆୟ ମନ୍ଦିର ପାଣ୍ଠିକୁ ଆଣିବାକୁ ଦାବି ଜଣାଇବା ଆବଶ୍ୟକ ବୋଲି ବିଭିନ୍ନ ସେବାୟତ ଜଣାଇଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର ସଭାପତି ତଥା ଏଡିଏମ୍ ଅରୁଣ କୁମାର ବେହେରାଙ୍କୁ ପଚାରିବାରେ କୌଣସି ଆବଣ୍ଟନ ମୋ ନଜରକୁ ଆସିନାହିଁ। ତେବେ କିଛିଟା ଭାଗବଣ୍ଟା ଦ୍ୱନ୍ଦ୍ୱ ରହିଛି। ଏଣୁ ପରବର୍ତ୍ତୀ ବୈଠକରେ ଏ ସବୁ ସମାସ୍ୟା ଦୂର ହେବ ପୂର୍ବ ବୈଠକଗୁଡିକରେ ହୋଇଥିବା ଭାଗ ବଣ୍ଟାରେ କିଛି ସେବାୟତ ଓ ନ୍ୟାସି ମଣ୍ଡଳୀ ଅସନ୍ତୁଷ୍ଟ ରହିଛନ୍ତି।

# ପୃଥୁଳତା ଓ ବ୍ୟାକ୍ଟେରିଆ



ପୃଥୁଳତା ବା ମେଦ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅଧିକ ତେଲଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଖାଇଲେ ତାହା ଓଜନ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଏହି ତାଲିକାରେ ଆଉ ଏକ କାରଣକୁ ନିକଟରେ ଯୋଡ଼ାଯାଇଛି। ଏକ ବ୍ୟାକ୍ଟେରିଆକୁ ନେଇ ଗବେଷଣା କରିବା ସମୟରେ ଏଭଳି ଚାଞ୍ଚଲ୍ୟକର କଥା ଜଣାପଡ଼ିଛି। 'ଫ୍ଲୋରା' ନାମକ ବ୍ୟାକ୍ଟେରିଆ ପୃଥୁଳତା ପାଇଁ ଦାୟୀ। ଏହି ବ୍ୟାକ୍ଟେରିଆର କାର୍ଯ୍ୟ ଉପରେ ପରୀକ୍ଷା କରିବା ସମୟରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଥିଲେ ଯେ ପୃଥୁଳତା ବଢ଼ାଇବାର କେତେକ ତତ୍ତ୍ୱ ଏଥିରେ ଲୁଚି ରହିଛି। ତେବେ ଏଭଳି ତଥ୍ୟ ପଛରେ ସତ୍ୟତା ନାହିଁ ବୋଲି କେତେକ ଦେଶର ବିଶେଷଜ୍ଞ ଯୁକ୍ତି ବାଢ଼ିଥିବା ବେଳେ ନିଜ ଉକ୍ତି ଠିକ୍ ବୋଲି ପ୍ରମାଣିତ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା ଜାରି ରଖିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା



- ଯଦି ଅସୁସ୍ଥ ଅଛନ୍ତି, ତେବେ ବ୍ୟାୟାମରୁ କିଛି ଦିନ ବିରତି ନିଅନ୍ତୁ। କାରଣ ଅସୁସ୍ଥତାରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।
- କେତେକ ବ୍ୟକ୍ତି ଏକାଥରେ ପୁଳାଏ ଖାଇବାକୁ ଅଭ୍ୟାସରେ ପରିଣତ କରିଥାଆନ୍ତି। ଏପରି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ବ୍ଲଡ ପ୍ରେସର, ଡାଇବେଟିସ୍ ପରି ସମସ୍ୟା ସହ ଜଡିତ ଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୁଷମ ତଥା ସୁପାଚ୍ୟ ଖାଦ୍ୟ ପ୍ରତିଦିନ ଖାଆନ୍ତୁ।
- ନିଜର ଦକ୍ଷତା ଅନୁସାରେ ହିଁ କାମ କରନ୍ତୁ। ନ ହେଲେ ଏହାଦ୍ୱାରା ଟେନସନଗ୍ରସ୍ତ ହେବାର ଆଶଙ୍କା ରହିଛି।

# ନୀରବ ବିକ୍ରମ



"ବିକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ କରିବା। ବିଗତ ଅଭିଯାନ ସବୁରୁ ସୂଚନା ମିଳେ ଯେ, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଏଭଳି କିଛି ଗହ୍ୱରମାନ ଅଛି ଯେଉଁଠି ସୂର୍ଯ୍ୟାଲୋକ ଆଦୌ ପଡ଼ି ନ ପାରି ସର୍ବଦା ଛାୟାଚ୍ଛନ୍ନ ରହିଥାଏ। ବିକ୍ରମ ଚନ୍ଦ୍ରପୃଷ୍ଠର ଏଭଳି ଅଭାବନୀୟ ଅଞ୍ଚଳରେ ଅବତରଣ କରି ସେଠାକାର ଗଠନ ଅନୁଧ୍ୟାନ କରିବା ସହିତ ବରଫ ଅବସ୍ଥାରେ ଗଚ୍ଛିତ ଜଳର ପରିମାଣ ଆକଳନ କରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଥିଲେ।"



ନିକୁଞ୍ଜ ବିହାରୀ ସାହୁ

ସେପ୍ଟେମ୍ବର ୭ ତାରିଖ ମଧ୍ୟରାତ୍ର। ବେଙ୍ଗାଲୁରୁ ସ୍ଥିତ ଇସ୍ରୋର ନିୟନ୍ତ୍ରଣ କକ୍ଷରେ ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। ଭାରତୀୟ ସମୟ ରାତି ୧ଟା ୩୦ରୁ ୨ଟା ୩୦ ମଧ୍ୟରେ ଚନ୍ଦ୍ରଯାନ-୨ରେ ସ୍ଥାନିତ ବିକ୍ରମ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ଆଉ ସେଥିରୁ ବାହାରି ଚନ୍ଦ୍ରପୃଷ୍ଠରେ ଗଡ଼ିଯିବ ଏକ ପରିଭ୍ରମଣଶୀଳ ଯନ୍ତ୍ରଯାନ ପ୍ରଜ୍ଞା। ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ କେନ୍ଦ୍ରଠାରେ ଦେଶର ବଛାବଛା ୬୦ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଥାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅବତରଣ ସମୟ ପାଖେଇ ଆସୁଥାଏ ଏବଂ ବୈଜ୍ଞାନିକମାନେ ଅପଲକ ନୟନରେ କମ୍ପ୍ୟୁଟରର ପର୍ଦ୍ଦାକୁ ଚାହିଁ ରହିଥାନ୍ତି। ବିକ୍ରମ ଧୀର ମନ୍ଥର ଗତିରେ ଚନ୍ଦ୍ର ଆଡ଼କୁ ଖସି ଯାଉଥାଏ। ବେଳେବେଳେ ନିର୍ଦ୍ଧାରିତ ପଥରୁ ସାମାନ୍ୟ ବିଚ୍ୟୁତ ହୋଇ ପୁଣି ଠିକ୍ ରାସ୍ତାକୁ ଫେରି ଆସୁଥାଏ। ୧୫ ମିନିଟ୍ କାଳର ଏହି ଅବତରଣର ପ୍ରଥମ ଦୁଇଟି ପର୍ଯ୍ୟାୟ ବିକ୍ରମ ସଫଳତାର ସହିତ ସମାପ୍ତ କରି ତୃତୀୟ ଓ ଶେଷ ପର୍ଯ୍ୟାୟରେ ପ୍ରବେଶ କରିଗଲା। ଅବତରଣ ପାଇଁ ବାକି ମାତ୍ର କେଇ ମିନିଟ୍। ଏହା ସମ୍ଭବ ହେଲେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହେବ। ମାତ୍ର ହାୟ! ହଠାତ୍ ବିକ୍ରମରୁ ଆସୁଥିବା ସଙ୍କେତ ବନ୍ଦ ହୋଇଯାଇ ବିକ୍ରମ ସବୁଦିନ ପାଇଁ ନୀରବ ହୋଇଗଲା। ସମସ୍ତଙ୍କ ହୃଦୟରେ ସତେ ଯେପରି ବଜ୍ରପାତ ହେଲା।

ଚନ୍ଦ୍ରଯାନ-୨ ଭାରତର ଦ୍ୱିତୀୟ ଚନ୍ଦ୍ର ଅଭିଯାନ। ଏଥିରେ ନିଜସ୍ୱ ଜ୍ଞାନକୌଶଳରେ ବିକଶିତ ସମୁଦାୟ ତିନୋଟି ଅଂଶ ସ୍ଥାନିତ ଥିଲା। ସେଗୁଡ଼ିକ ହେଲା: ଚନ୍ଦ୍ର ପରିକ୍ରମାକାରୀ ଯାନ, ବିକ୍ରମ ଅବତରକ ଏବଂ ପ୍ରଜ୍ଞା ପରିଭ୍ରମଣଶୀଳ ଯାନ। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ଚନ୍ଦ୍ରପୃଷ୍ଠର ଗଠନ ଅନୁଧ୍ୟାନ କରି ବରଫ ଅବସ୍ଥାରେ ଗଚ୍ଛିତ ଜଳର ସନ୍ଧାନ କରିବା।

ଏହି ଅଭିଯାନ ଗତ ଜୁଲାଇ ୨୨ ତାରିଖ ଦିନ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି ଏମ୍‌କେ-୩ ରକେଟ୍ ଦ୍ୱାରା ଅନ୍ତରୀକ୍ଷକୁ ଉତ୍କ୍ଷେପଣ ହୋଇଥିଲା। ଏହା ଅଗଷ୍ଟ ୨୦ ତାରିଖରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ବିକ୍ରମ ଅବତରକର ଚନ୍ଦ୍ରପୃଷ୍ଠରେ ଅବତରଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ଗୋଟିଏ ଚାନ୍ଦ୍ର ଦିନ (ପୃଥିବୀର ଦୁଇ ସପ୍ତାହ) ପାଇଁ କାର୍ଯ୍ୟ କରିବା କଥା। ମାତ୍ର ମୂଳଯାନରୁ ଅଲଗା ହୋଇ ବିକ୍ରମ ଚନ୍ଦ୍ରପୃଷ୍ଠ ଆଡ଼କୁ ଯୋଜନା ମତେ ଆଗେଇ ଯାଉଥିଲା ବେଳେ ଚନ୍ଦ୍ରପୃଷ୍ଠରୁ ୨.୧ କି.ମି. ଉଚ୍ଚତାରେ ଅକସ୍ମାତ ଅବତରଣର କେଇ ମିନିଟ୍ ପୂର୍ବରୁ ନିଜ ଗତିପଥରୁ ବିଚ୍ୟୁତ ହୋଇ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା।

ବିକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚନ୍ଦ୍ରର ଦକ୍ଷିଣ ମେରୁଠାରେ ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ କରିବା। ବିଗତ ଅଭିଯାନ ସବୁରୁ ସୂଚନା ମିଳେ ଯେ, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଏଭଳି କିଛି ଗହ୍ୱରମାନ ଅଛି ଯେଉଁଠି ସୂର୍ଯ୍ୟାଲୋକ ଆଦୌ ପଡ଼ି ନ ପାରି ସର୍ବଦା ଛାୟାଚ୍ଛନ୍ନ ରହିଥାଏ। ବିକ୍ରମ ଚନ୍ଦ୍ରପୃଷ୍ଠର ଏଭଳି ଅଭାବନୀୟ ଅଞ୍ଚଳରେ ଅବତରଣ କରି ସେଠାକାର ଗଠନ ଅନୁଧ୍ୟାନ କରିବା ସହିତ ବରଫ ଅବସ୍ଥାରେ ଗଚ୍ଛିତ ଜଳର ପରିମାଣ ଆକଳନ କରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଥିଲେ।

ଚନ୍ଦ୍ରପୃଷ୍ଠରେ ବିକ୍ରମର ସ୍ଥିତି ସମ୍ପର୍କରେ ଘୋର ସନ୍ଦେହ ପ୍ରକାଶ ପାଇଥିଲାବେଳେ ଚନ୍ଦ୍ରଯାନ-୨ର ଚନ୍ଦ୍ର ପରିକ୍ରମାକାରୀ ଯାନ ବିକ୍ରମକୁ ଚନ୍ଦ୍ରପୃଷ୍ଠରେ ଠାବ କରିବାକୁ ସକ୍ଷମ ହୋଇଛି। ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଭୂମିରେ ଅଣେଇ ହୋଇ ପଡ଼ିଥିବାର ସନ୍ଧାନ ମିଳିଛି। ଇସ୍ରୋ ନିଜର ପ୍ରଚେଷ୍ଟା ସତ୍ତ୍ୱେ ବିକ୍ରମ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ସକ୍ଷମ ହୋଇନାହିଁ।

ବିକ୍ରମର ଆୟୁଷ ମାତ୍ର ୧ ଚାନ୍ଦ୍ର ଦିନ ଅର୍ଥାତ୍ ପୃଥିବୀର ଦୁଇ ସପ୍ତାହ ହୋଇଥିବାରୁ ଇସ୍ରୋ ନିକଟରେ ବିକ୍ରମ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ସମୟ ସୀମିତ ଥିଲା। ଚଳିତ ଚାନ୍ଦ୍ର ଦିନ ସେପ୍ଟେମ୍ବର ୨୧ ତାରିଖରେ ସମାପ୍ତ ହୋଇଥିବାରୁ ତା'ପରେ ଚନ୍ଦ୍ରପୃଷ୍ଠରେ ରାତି ଘୋଟି ଆସିଛି ଏବଂ ସୂର୍ଯ୍ୟାଲୋକର ଅନୁପସ୍ଥିତିରେ ବିକ୍ରମର ସୌରଫଳକର ଶକ୍ତି ଆହରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୁତରାଂ ସେପ୍ଟେମ୍ବର ୨୧ ତାରଖ ପରେ ବିକ୍ରମ ସହିତ ଯୋଗାଯୋଗ ସ୍ଥାପନ ଅସମ୍ଭବ ହୋଇପଡ଼ିଛି।

ଚନ୍ଦ୍ରପୃଷ୍ଠରେ ବିକ୍ରମ ଅଣେଇ ହୋଇ ପଡ଼ିଥିବା ଘଟଣାରୁ ସୂଚନା ମିଳୁଛି ଯେ, ଯାନଟି ଧୀର ଅବତରଣ ପରିବର୍ତ୍ତେ ଗତିଶୀଳ ଅବସ୍ଥାରେ ଖସିଛି। ଫଳରେ ଏହା ଚନ୍ଦ୍ରପୃଷ୍ଠରେ ପିଟି ହୋଇ ସଂଲଗ୍ନ ଯୋଗାଯୋଗ ବ୍ୟବସ୍ଥା ନଷ୍ଟ ହୋଇଯାଇଛି ବୋଲି ବିଶ୍ୱାସ କରାଯାଏ।

ଯଦିଓ ୧୯୬୦ ମସିହା ପରଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଦ୍ୱାରା ଚନ୍ଦ୍ରପୃଷ୍ଠକୁ ଅନେକ ଅଭିଯାନ ପ୍ରେରଣ କରାଯାଇଛି। ଚନ୍ଦ୍ରପୃଷ୍ଠରେ ଅବତରଣ ଏକ କଷ୍ଟକର କାର୍ଯ୍ୟ ରୂପେ ସାବ୍ୟସ୍ତ ହୋଇଛି। ଅବତରଣ ସମୟରେ ଯାନରେ ଖଞ୍ଜାଥିବା ପ୍ରତି ରକେଟ୍ ସବୁ ଠିକ୍ ସମୟରେ କାର୍ଯ୍ୟ କରି ଗତିଶୀଳ ଯାନର ଅଗ୍ରଗାମୀ ଗତିକୁ ଯଥେଷ୍ଟ ମନ୍ଦିତ କଲେ ଯାଇ ଯାନଟି ନିରାପଦ ଅବସ୍ଥାରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରିବ। ଏକ ମତବାଦ ଅନୁଯାୟୀ, ବିକ୍ରମ ଅବତରଣ ସମୟରେ ଭାରସାମ୍ୟ ହରେଇ ହଠାତ୍ ଓଲଟି ପଡ଼ିବାରୁ ଏହାର ପ୍ରତି ରକେଟ ସବୁର ଦିଗ ଉପରକୁ ହୋଇଯାଇଥିଲା। ଫଳରେ ଯାନର ବେଗ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବାରୁ ତାହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବାକୁ ସକ୍ଷମ ହୋଇ ନ ଥିଲା।

ବିକ୍ରମର ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ଅଭିଯାନର ଅଧିକାଂଶ ଯନ୍ତ୍ରପାତି ବହନ କରୁଥିବା ଚନ୍ଦ୍ର ପରିକ୍ରମାକାରୀ ଯାନ ଏବେ ବି ସକ୍ରିୟ ଅବସ୍ଥାରେ ଅଛି। ଏହା ଚନ୍ଦ୍ର ଚାରିପଟେ ଘୂରି ଘୂରି ପୃଷ୍ଠଦେଶର ତ୍ରିବିମୀୟ ନକ୍ସା ପ୍ରସ୍ତୁତ କରିବା ସହିତ ବିଭିନ୍ନ ଖଣିଜ ପଦାର୍ଥ ଏବଂ ବିଶେଷକରି ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ ଦେବ। ପୁନଶ୍ଚ ଉତ୍କ୍ଷେପଣ ସମୟରେ କିଛି ଇନ୍ଧନ ସଞ୍ଚୟ ହୋଇପାରିଥିବାରୁ ଏହି ପରିକ୍ରମାକାରୀ ଯାନର କାର୍ଯ୍ୟକାଳକୁ ଅଧିକ ଅନୁସନ୍ଧାନ ନିମନ୍ତେ ୧ ବର୍ଷରୁ ବଢ଼ାଇ ୭ ବର୍ଷ କରାଯାଇଛି।

ଆଗାମୀ ଦିନରେ ଇସ୍ରୋ ସୂର୍ଯ୍ୟ ଓ ଶୁକ୍ରକୁ ଯାନ ପଠାଇବା ସହିତ ଅନ୍ତରୀକ୍ଷରେ ଏକ ସ୍ଥାୟୀ ଷ୍ଟେଶନ ସ୍ଥାପନ କରିବାକୁ ଯୋଜନା ରଖିଛି। ଇସ୍ରୋ ମଧ୍ୟ ଆଗାମୀ ୨୦୨୨ ମସିହା ବେଳକୁ ନିଜର ଗଗନଯାନ ଅଭିଯାନ ଜରିଆରେ ମହାକାଶକୁ ମନୁଷ୍ୟ ପ୍ରେରଣ କରିବାକୁ ଆଶା ବାନ୍ଧିଛି। ଚନ୍ଦ୍ରଯାନ-୨ର ଅନେକ ସଫଳତା ସତ୍ତ୍ୱେ ବିକ୍ରମର ଧୀର ଅବତରଣ କ୍ଷେତ୍ରରେ ବିଫଳତା ଏବଂ ପ୍ରଜ୍ଞା ପରିଭ୍ରମଣଶୀଳ ଯାନ କାର୍ଯ୍ୟକାରୀ ନ ହୋଇ ପାରିବା ଘଟଣା ଇସ୍ରୋର ଅନ୍ତରୀକ୍ଷରେ ପରାକାଷ୍ଠା ପ୍ରଦର୍ଶନ କ୍ଷେତ୍ରରେ କିଛିଟା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ମାତ୍ର ଆଗାମୀ ଦିନରେ ଆମର ବୈଜ୍ଞାନିକମାନେ ଏହି ପ୍ରତିବନ୍ଧକକୁ ଅତିକ୍ରମ କରି ଅନ୍ତରୀକ୍ଷରେ ନିଜର ଜୟଯାତ୍ରା ଅବ୍ୟାହତ ରଖିବେ ବୋଲି ଆଶା।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୭୦୮୮୫୮

# ମଳକଣ୍ଟକର ହୋମିଓ ଉପଚାର




ଡା. ବସୁଦେବ ମହାନ୍ତି

ମଳଦ୍ୱାର ସହିତ ସଂଲଗ୍ନ ଥିବା ଶିରାର ପ୍ରସାରଣ ହେତୁ କିମ୍ବା ତାହା କ୍ଷତ ହେବା କାରଣରୁ ମଳଦ୍ୱାର ଦେଇ ରକ୍ତସ୍ରାବ ହେବାକୁ ଅର୍ଶ କୁହାଯାଏ। ସେହିଭଳି ମଳଦ୍ୱାରରେ କଣ୍ଟା ଫୋଡ଼ିହେବା ଭଳି କଷ୍ଟ ଅନୁଭବ କରିବା ଓ ମଳଦ୍ୱାର କାଟି ହେବା ଭଳି ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ମଧ୍ୟ ମଳଦ୍ୱାର ସମ୍ପର୍କିତ ଆଉ ଏକ ସମସ୍ୟା, ଯାହାକୁ ମଳକଣ୍ଟକ(ଫିସର) କୁହାଯାଏ। ସେହିଭଳି ଅର୍ଶ ବା ମଳକଣ୍ଟକ କ୍ଷତଯୁକ୍ତ ହୋଇ ଦୀର୍ଘଦିନ ରହିବା ପରେ ସେହି ସ୍ଥାନରୁ ପୂଯ, ରକ୍ତ ମିଶ୍ରିତ ଅଠାଳିଆସ୍ରାବ ହେଲେ ଏହାକୁ ଭଗନ୍ଦର(ଫିଷ୍ଟୁଲା) ବୋଲି କୁହାଯାଏ। ଏହି ଭଗନ୍ଦର ସବୁଠୁ ଭୟାନକ। କାରଣ ପରବର୍ତ୍ତୀ ସମୟରେ ଏହା କ୍ୟାନସର ଆଡ଼କୁ ଗତି କରିଥାଏ। ତେଣୁ ଅର୍ଶ ବା ମଳକଣ୍ଟକ ହେଲେ ଆଦୌ ଅବହେଳା ନ କରି ଠିକ୍ ଚିକିତ୍ସା କରାଇନେବା ଉଚିତ। ମଳତ୍ୟାଗ ସମୟରେ ମଳ କଠିନ ହେଲେ ଶିରା ଉପରେ ଚାପପଡ଼ି ମଳଦ୍ୱାର ଫାଟିଯାଏ ଏବଂ ଏଥିରେ ସାମାନ୍ୟ ରକ୍ତ ମଳ ସହିତ ସୂତାଭଳି କିମ୍ବା ଟୋପା ଟୋପା ମଧ୍ୟ ପଡ଼ିଥାଏ। ପ୍ରଥମେ ପ୍ରଥମେ ମଳଦ୍ୱାରରେ ଫାଟ ହେବା ଦ୍ୱାରା ବେଶି କଷ୍ଟଦାୟକ ହୋଇ ନ ଥାଏ। ପରମୁହୂର୍ତ୍ତରେ ଯଦି ମଳ ନରମ ହୋଇଯାଏ ତେବେ ଏହି ଫାଟ କୌଣସି ସମସ୍ୟା ସୃଷ୍ଟି କରି ନ ଥାଏ। କିନ୍ତୁ ଯଦି ଏହା ବୃଦ୍ଧି ପାଇ କ୍ଷତ ଗଭୀର ହୁଏ, ତେବେ ଯନ୍ତ୍ରଣା ଆରମ୍ଭ ହୋଇଥାଏ। ଏହିଭଳି ଯନ୍ତ୍ରଣା ଲାଗିରହିଲେ ଶିରା ଉପରେ ଚାପ ବୃଦ୍ଧି ପାଇ ମଳଦ୍ୱାର କଡ଼ରେ କଣ୍ଟା ସଦୃଶ ବଳି ସୃଷ୍ଟି ହୁଏ ଏବଂ ଏହା ବାରମ୍ବାର ପୋଡ଼ି ହେଲାଭଳି କଷ୍ଟ ଦେଇଥାଏ। ଏହାକୁ ସେଣ୍ଟିନାଲ ପାଇଲ୍‌ସ କୁହାଯାଏ। ସାଧାରଣତଃ ଏହାକୁ ଅର୍ଶ ବୋଲି କୁହାଯାଇଥାଏ। ମାତ୍ର ଏହା ଅର୍ଶଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ମଳଦ୍ୱାରରେ ଥିବା ଶିରାର ବୃଦ୍ଧି ନ ହୋଇ କେବଳ ବାହ୍ୟ ପତଳା ଚର୍ମର ବୃଦ୍ଧି ହେତୁ ଖୁବ୍ କମ୍ ରକ୍ତସ୍ରାବ ହୋଇଥାଏ କିମ୍ବା ରକ୍ତ ପଡ଼ି ନଥାଏ। କିନ୍ତୁ ରକ୍ତସ୍ରାବୀ ମଳକଣ୍ଟକ ଅଧିକ କ୍ଷତିକାରକ ହୋଇଥାଏ।

**କାରଣ:** ପୁରାତନ କୋଷ୍ଠବଦ୍ଧତା ସହ କୁନ୍ଥନ, ଅଧିକ ସମୟ ଧରି ବାଇକ୍ ଚାଳନା, ଗୁରୁପାକ ଖାଦ୍ୟ ଯଥା- ମାଂସ, ମାଛ, ମଦ, ମସଲା, ରାଗ, ଅମ୍ଳଜାତୀୟ ଖାଦ୍ୟ ସେବନ, ଯକୃତ୍ ଦୋଷ, ଅତ୍ୟଧିକ ଆଳସ୍ୟପୂର୍ଣ୍ଣ ଜୀବନଯାପନ, ମେଦବୃଦ୍ଧି, ବଂଶଗତ ରୋଗ ଆଦି ମଳକଣ୍ଟକ ଓ ଅର୍ଶର କାରଣ। ଏଥିସହିତ ଅର୍ଶର ଭୁଲ ଅସ୍ତ୍ରୋପଚାର ଫଳରେ ମଳଦ୍ୱାର ଛୋଟ ହୋଇ ଅଧିକ ଫାଟ ସୃଷ୍ଟି ହେବା, ସ୍ତ୍ରୀ ଲୋକମାନଙ୍କର ଗର୍ଭାବସ୍ଥା ଜନିତ କୁନ୍ଥନ, ସିଫିଲିସ୍ ଦୋଷ, ମଳାଶୟ କର୍କଟ ଏବଂ କ୍ରନିକ କୋଲାଇଟିସ୍ ଆଦି ମଧ୍ୟ ଅର୍ଶ ଓ ମଳକଣ୍ଟକର କାରଣ ହୋଇଥାଏ।

**ଲକ୍ଷଣ:** କୁନ୍ଥନ ସହ ମଳଦ୍ୱାର ପୀଡ଼ା ଲାଗିବା, ଲାଲ୍ ବର୍ଣ୍ଣର କିମ୍ବା କଳା ରଙ୍ଗର ରକ୍ତସ୍ରାବ ହେବା, ବିନା କଷ୍ଟରେ ରକ୍ତସ୍ରାବ, ମଳଦ୍ୱାର ଜଳାପୋଡ଼ା ହେବା, କଣ୍ଡୁୟନ, ଅର୍ଶର ବଳି ଫୁଲିବା, ମଳଦ୍ୱାରରେ ଛୋଟ ଫାଟ ସହ ଛୁଞ୍ଚି ଫୋଡ଼ିଲା ପରି ବେଦନା ହେବା, ଅଣ୍ଟା ବିନ୍ଧାହେବା, ରକ୍ତସ୍ରାବୀ ବଳି ଅଙ୍ଗୁର ଭଳି ତଳକୁ ବାହାରି ଆସିବା, ମଳଦ୍ୱାର (ଅର୍ଶପିଣ୍ଡ) ବାହାରକୁ ବାହାରି ପଡ଼ିବା (Prolapse of rectum), ମଳଦ୍ୱାର ଓଦା ରହି ଅଠାଳିଆ ଲାଗିବା ଏବଂ ପୂଯ ଆସିବା, ମଳତ୍ୟାଗ ପରେ ବହୁ ସମୟ ଧରି ଯନ୍ତ୍ରଣାହେବା, ପରିସ୍ରା କରିବାରେ ଯନ୍ତ୍ରଣା ଅନୁଭୂତ ହେବା ଇତ୍ୟାଦି।

**ଚିକିତ୍ସା:** ଅର୍ଶ, ମଳକଣ୍ଟକ ଏବଂ ଭଗନ୍ଦର ଆଦି ରୋଗର ହୋମିଓପ୍ୟାଥିକ୍ ଚିକିତ୍ସା କରାଯାଇ ରୋଗୀକୁ ସଂପୂର୍ଣ୍ଣ ସ୍ଥାୟୀଭାବେ ଯନ୍ତ୍ରଣାମୁକ୍ତ କରାଯାଇପାରୁଛି। ଏଥିରେ ରୋଗର ଲକ୍ଷଣ ଅନୁସାରେ, ରୋଗର କାରଣ, ହ୍ରାସବୃଦ୍ଧି, ଆବଶ୍ୟକମତେ ରକ୍ତପରୀକ୍ଷା ଆଦି କରାଯାଇ ଔଷଧ ନିର୍ଦ୍ଦିଷ୍ଟ ଅନୁପାତରେ ଶକ୍ତିଯୁକ୍ତ ଅଥବା ମୂଳ ଅର୍କ କିମ୍ବା ବାୟୋକେମିକ୍ ଔଷଧ ମଧ୍ୟ ପ୍ରଦାନ କରାଯାଇଥାଏ। ହାମାମେଲିସ୍, ମିଲିଫୋଲିୟମ୍, ଆଣ୍ଟିସକୃଡ୍, ଏସିଡ୍ ନାଇଟ୍ରିକ୍, ପାଓନିଆ, ଏଲୋସ୍, କଷ୍ଟିକମ୍, ଥୁଜା, ହାଇପେରିକମ୍, ଏସିଡ୍ ଫ୍ଲୋର୍, ପ୍ଲାଣ୍ଟାଗୋ, କ୍ୟାପ୍‌ସିକମ୍, ନିଗୁଣ୍ଡିୟମ୍



ଆମେରିକାନମ୍, ଜେରାନିୟମ୍ ମାକ୍ ଏବଂ ବାୟୋକେମିକ୍-୧୭, ୪ ସହିତ ବାହ୍ୟ ଔଷଧର ପ୍ରୟୋଗ କରାଯାଇପାରିବ। ଏଥିସହିତ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମ୍ପୂର୍ଣ୍ଣ ପଥ୍ୟରେ ରହିବାକୁ ପଡ଼େ। ମଳଦ୍ୱାରକୁ ସର୍ବଦା ପରିଷ୍କାର ରଖିବାକୁ ପଡ଼ିଥାଏ। ଏଥିସହିତ ଖାଦ୍ୟଶୈଳୀରେ ପରିବର୍ତ୍ତନ ଦରକାର ପଡ଼ିଥାଏ। ଯେପରି ମଳ ସର୍ବଦା ନରମ ରହିବ ସେଥିପ୍ରତି ଦୃଷ୍ଟି ଦେଇ ଖାଦ୍ୟ ଖାଇବାକୁ ପଡ଼ିଥାଏ। ରୋଗ ବହୁ ପୁରୁଣା ହେଲେ ଆବଶ୍ୟକସ୍ଥଳେ ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇଥାଏ। ତେଣୁ ପ୍ରଥମରୁ ସଚେତନ ରହି ଠିକ୍ ଚିକିତ୍ସା କରାଇନେଲେ ଭବିଷ୍ୟତରେ ଶଲ୍ୟ ଚିକିତ୍ସାର ଆଶ୍ରୟ ନେବାକୁ ପଡ଼େନାହିଁ। ଶଲ୍ୟ ଚିକିତ୍ସା ପରେ ମଧ୍ୟ ପୁନଃ ରୋଗ ହେଉଥିବାର ଦେଖିବାକୁ ମିଳିଥାଏ। କେବଳ ହୋମିଓପ୍ୟାଥିକ୍ ଚିକିତ୍ସା ଦ୍ୱାରା ହିଁ ରୋଗ ମୂଳରୁ ମରିଯାଏ।

-କଳିଙ୍ଗ ହୋମିଓ, ନୟାଗଡ଼
ମୋ: ୯୩୪୮୫୮୨୮୩୪

# ସ୍ମରଣ ଶକ୍ତି ବଢ଼ାଇବାର ସହଜ ଉପାୟ

ସ୍ମରଣ ଶକ୍ତି ବଢ଼ାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ଏହାକୁ ଆପଣେଇ ପାରିଲେ ସ୍ମରଣ ଶକ୍ତି ପୂର୍ବାପେକ୍ଷା ପ୍ରଖର ହୋଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନଙ୍କ ଦ୍ୱାରା ସଦ୍ୟ ସମାପିତ ଗବେଷଣାରୁ ଏ ସମ୍ପର୍କରେ ସୂଚନା ମିଳିଛି। ତାହା କ'ଣ ଜାଣନ୍ତି ? ସୁନିଦ୍ରା। ଆଜିକାଲିର ବ୍ୟସ୍ତମୟ ଜୀବନରେ ଅନେକ ଆବଶ୍ୟକ ମୁତାବକ ବିଶ୍ରାମ ନେଇ ପାରୁନାହାନ୍ତି। ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ଘଣ୍ଟା ଶୋଇବା ଆବଶ୍ୟକ। ଭଲ ନିଦ ହେବା ଦ୍ୱାରା ତାହାର ପ୍ରଭାବ ମସ୍ତିଷ୍କ ଉପରେ



ପଡ଼ିଥାଏ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ପ୍ରଖର ହୋଇଥାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ହୃଦ୍‌ରୋଗରୁ ଉପଶମ ଦେବ ଯୋଗ

ପ୍ରତିଦିନ ଯୋଗ, ପ୍ରାଣାୟମ କଲେ ତାହାର ସୁଫଳ କେତେ ମିଳେ ତାହା ଅନୁଭବୀ ହିଁ ଜାଣେ। ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଦୀର୍ଘ ଦିନର ଗବେଷଣା ପରେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ନିୟମିତ ଯୋଗ କରିବା ଦ୍ୱାରା ଜଣେ ହୃଦରୋଗୀ ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଏ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ



ରିପୋର୍ଟରୁ ଜଣାପଡିଛି। ଏହି ସମୟରେ ସେମାନେ କେତେକ ହୃଦରୋଗୀଙ୍କୁ ଏହି ସର୍ଭେରେ ସାମିଲ କରିଥିଲେ। ସେମାନଙ୍କୁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦିଆଯାଇ ଥିଲା। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ହାର୍ଟ ଉପରେ ପଡୁଛି ତାହାକୁ ସେମାନେ ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ରୋଗୀ ଯୋଗ କରିବା ଦ୍ୱାରା ହୃଦରୋଗରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡି ଥିଲା। ହେଲେ ଯୋଗ କରିବା ପୂର୍ବରୁ ଏବଂ ପରେ ସହ ଏହି ରୋଗୀ ନିୟମିତ ସମୟ ବ୍ୟବଧାନରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ପରାମର୍ଶ ଦେଇଛନ୍ତି।

ଧରିତ୍ରୀ
DHARITRI
Bhubaneswar, Monday, 30 September 2019



## ସଂକ୍ଷେପରେ

### ବିପିସିଏଲ୍‌ର ଘରୋଇକରଣ ନେଇ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୨୯-୯:** ଦେଶର ଦ୍ୱିତୀୟ ବୃହତ୍ତ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ଘରୋଇକରଣ ନେଇ ସରକାର ଯୋଜନା ରଖିଛନ୍ତି। ଏହି ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ବିଦେଶୀ ଏବଂ ଘରୋଇ ଫାର୍ମଗୁଡ଼ିକୁ ଏହାର ବିକ୍ରି ନେଇ ଯୋଜନା ରହିଥିବା ବେଳେ ଏଥି ଲାଗି ସଂସଦର ମଞ୍ଜୁରୀ ଆବଶ୍ୟକତା ରହିଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦେଶର ତୈଳ ବିପଣନ କ୍ଷେତ୍ରରେ ବିଦେଶୀ ସଂସ୍ଥାଙ୍କୁ ସୁଯୋଗ ପ୍ରଦାନ ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହନ ଦେବାକୁ ସରକାର ବିପିସିଏଲ୍‌ରେ ଥିବା ତାଙ୍କର ୫୩.୩% ଅଂଶଧନକୁ ଷ୍ଟ୍ରାଟେଜିକ ପାର୍ଟନରଶିପ ଦ୍ୱାରା ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ସେହିଭଳି ପୁଞ୍ଜି ପ୍ରତ୍ୟାହାର ଧାର୍ଯ୍ୟ ଲକ୍ଷ୍ୟର ଏକ ତୃତୀୟାଂଶ ଏଭଳି ଯୋଜନାରୁ ଲାଭ କରିବାକୁ ସରକାର ବିଚାର କରୁଛନ୍ତି।

### ଏଫ୍‌ପିଆଇ ନିବେଶରେ ଉନ୍ନତି



**ନୂଆଦିଲ୍ଲୀ,୨୯-୯:** ଲଗାତର ଭାବେ ଗତ ୨ ମାସ ଧରି ପୁଞ୍ଜିବଜାରରୁ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର (ଏଫ୍‌ପିଆଇ)ମାନେ ପୁଞ୍ଜି ପ୍ରତ୍ୟାହାର କରିଥିବାବେଳେ ସେପ୍ଟେମ୍ବରରେ ଏଥିରେ ସୁଧାର ଆସିଛି। ବିଦେଶୀ ନିବେଶମାନେ ସେପ୍ଟେମ୍ବର ମାସରେ ୭,୭୧୪ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି। ସରକାରଙ୍କ ଆର୍ଥିକ ସଂସ୍କାର ପରେ ପୁଞ୍ଜିବଜାରକୁ ଏଭଳି ନିବେଶ ଆସିଥିବା ଜଣାପଡ଼ିଛି। ସରକାର ଗତ ସପ୍ତାହରେ କର୍ପୋରେଟଗୁଡ଼ିକ ଉପରୁ ଟିକସ ହ୍ରାସ କରିଥିଲେ। ସେହିଭଳି ପୁଞ୍ଜିବଜାରର ସିକ୍ୟୁରିଟି ଏବଂ ଡେରିଭେଟିଭ୍ସ ବିକ୍ରିରୁ ବିଦେଶୀ ନିବେଶକମାନଙ୍କ କ୍ୟାପିଟାଲ ଗେନ୍ସ ଉପରେ ସରଚାର୍ଜ ଲାଗୁହେବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏହାବାଦ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ମଧ୍ୟ ବିଦେଶୀ ନିବେଶକଙ୍କ ଲାଗି କେୱାଇସି ନିୟମକୁ କୋହଳ କରିଛି। ଡିପୋଜିଟୋରୀ ତଥ୍ୟ ମୁତାବକ ବିଦେଶୀ ନିବେଶକମାନେ ୭,୮୪୯ କୋଟି ଟଙ୍କା ନେଟ୍ ନିବେଶ କରିଥିବା ବେଳେ ୧୩୫ କୋଟି ଟଙ୍କା ଉଠାଣ କରିଛନ୍ତି। ଏହା ପୂର୍ବରୁ ଅଗଷ୍ଟରେ ସେମାନେ ୫,୨୨୦ କୋଟି ଏବଂ ଜୁଲାଇରେ ୨,୯୮୫ କୋଟି ଟଙ୍କା କାଢ଼ି ନେଇଥିଲେ। ଏଫ୍‌ପିଆଇଙ୍କୁ ବଜାର ସହ ଜଡ଼ିତ କରି ରଖିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଫ୍‌ପିଆଇଙ୍କ ଲାଗି ନିୟମ କୋହଳ ଯୋଗୁ ଏହାର ପ୍ରଭାବ ବଜାର ଉପରେ ସକାରାତ୍ମକ ରହିବ ବୋଲି ଜିଓଜିତ ଫାଇନାନ୍‌ସିଆଲ ସର୍ଭିସେସର ମୁଖ୍ୟ ନିବେଶ ବିଶେଷଜ୍ଞ ଭି.କେ. ବିଜୟ କୁମାର କହିଛନ୍ତି।

### କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଗେଜେଟେଡ ଅଫିସର ସଂଘ ସମ୍ମିଳନୀ

**ଭୁବନେଶ୍ୱର,୨୯-୯:** ଅଲ୍ ଇଣ୍ଡିଆ ଆସୋସିଏଶନ ଅଫ୍ ସେଣ୍ଟ୍ରାଲ ଏକ୍ସାଇଜ ଗେଜେଟେଡ ଏକଜିକ୍ୟୁଟିଭ ଅଫିସର୍ସ ଭୁବନେଶ୍ୱର ୟୁନିଟ ପକ୍ଷରୁ ୨୪ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଏସ୍‌ଟି ଏବଂ ସୀମା ଶୁଳ୍କରେ ହୋଇଥିବା ପରିବର୍ତ୍ତନ ଏବଂ ଜିଏସ୍‌ଟି ପ୍ରଭାବ ଉପରେ ଆଲୋଚନା ହୋଇଥିଲା। କ୍ୟାଡର ଉପରେ ଏହାର ସମସ୍ୟା ଏବଂ ପ୍ରଭାବ ଉପରେ ମଧ୍ୟ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥି ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ମାନସ ମନ୍ଥନ, ଆଲୋଚନା ଏବଂ ନିଷ୍କର୍ଷକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନର ମୁଖ୍ୟ କମିଶନର ନରେଶ ପେନୁମାକା, ପ୍ରିନ୍ସିପାଲ କମିଶନର ବିଜୟ କୁମାର କର ଏବଂ କଷ୍ଟମ କମିଶନର ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ସର୍ବଭାରତୀୟ ସଂଘର ସାଧାରଣ ସମ୍ପାଦକ ଆର୍.ମହିମୋହନ, ସଭାପତି ଶିଶିର ଅଗ୍ନିହୋତ୍ରୀ ଯୋଗଦେଇ ଓଡ଼ିଶା ୟୁନିଟର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବା ଉପରେ ଏଠାରେ ମତ ପ୍ରକାଶ ପାଇଛି। ସାଧାରଣ ସମ୍ପାଦକ କେ.କେ. ଲେଙ୍କା, ସଭାପତି ଡି.କେ. ସାମନ୍ତରାୟ କ୍ୟାଡର ସମସ୍ୟା ଉପରେ ମତ ରଖିଥିଲେ। ଏଥିରେ ସଂଯୋଜକ ଜି.ସି. ନାଥ,କେନ୍ଦ୍ରୀୟ କମିଟି ସଦସ୍ୟ ଏସ୍.କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

---

" ଚଳିତ ବର୍ଷ ପାର୍ବଣରେ ଟିଭି ସେଗମେଣ୍ଟରେ ଦୃଢ଼ ଏବଂ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଆଶା ନେଇ ଆଶାବାଦୀ।
**– ରାଜୁ ପୁଲାନ, ସାମସଙ୍ଗ ଇଣ୍ଡିଆ ବରିଷ୍ଠ ଉପସଭାପତି**



" ମାନ୍ଦାବସ୍ଥା ସତ୍ତ୍ୱେ ଗୁଣବତ୍ତା ପ୍ରଡକ୍ଟ ଦ୍ୱାରା ବଜାରରେ ସ୍ଥିତି ମଜଭୁତ କରିବାକୁ ସକ୍ଷମ ହୋଇଛୁ। ଆଗାମୀ ୨ ବର୍ଷରେ ନେଟ୍ ଋଣ ପରିମାଣ ହ୍ରାସ କରିବା ଲାଗି ବିସ୍ତୃତ ଯୋଜନା ରହିଛି।
**– ନବୀନ ଜିନ୍ଦଲ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ**



# କଟକଣା ସତ୍ତ୍ୱେ ଶୀଘ୍ର ଖସିବନି ପିଆଜ ଦର

**ନୂଆଦିଲ୍ଲୀ,୨୯-୯**

- ପ୍ରଭାବିତ ସ୍ଥିତିରେ ଉତ୍ପାଦନ,ଯୋଗାଣ
- ଦର ନିୟନ୍ତ୍ରଣ ଲାଗି ଆଉ କିଛିଦିନ ଲାଗିବ
- ମହଜୁଦକାରୀଙ୍କ ଉପରେ ନଜର ରଖିବାକୁ ସରକାରଙ୍କୁ ପରାମର୍ଶ
- ବ୍ୟବସାୟୀଙ୍କ ମହଜୁଦ ସୀମା ନିର୍ଦ୍ଧାରଣ



ପିଆଜ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ସରକାର ରବିବାର ରପ୍ତାନି ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ପିଆଜ ଦର ଏତେ ଶୀଘ୍ର ଖସିବନି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଆଗାମୀ କିଛିଦିନ ଲାଗି ପିଆଜ ଦର ଉଚ୍ଚରେ ରହିବ। ଯୋଗାଣ ପ୍ରଭାବିତ ହୋଇଥିବାରୁ ଏଭଳି ସ୍ଥିତି ଆଉ କିଛିଦିନ ଲାଗି ରହିବ। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ପିଆଜ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ବନ୍ୟା ଯୋଗୁ ଉତ୍ପାଦନ ଏବଂ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ଯୋଗୁ ଦରରେ ଏଭଳି ସ୍ଥିତି ଲାଗି ରହିବ ଜଣାପଡ଼ିଛି। ଗତ କିଛି ସପ୍ତାହ ହେଲା ଦେଶର ପ୍ରମୁଖ ସହରଗୁଡ଼ିକରେ ପିଆଜ ଦର ମାତ୍ରାଧିକ ବୃଦ୍ଧି ଘଟିଛି। ଏହାକୁ ଧ୍ୟାନରେ ରଖି ସରକାର ଦର ନିୟନ୍ତ୍ରଣରେ ରଖିବା ଲାଗି ପଦକ୍ଷେପ ନେଇଛନ୍ତି। ସେହିଭଳି ଚଳିତବର୍ଷ କିଛି ରାଜ୍ୟରେ ନିର୍ବାଚନ ହେବାକୁ ଥିବାରୁ ଦରଦାମ ଉପରେ ସରକାର ନିୟନ୍ତ୍ରଣ ରଖିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ପିଆଜ ଦର ବଢ଼ିବାରୁ ଜୁନରେ ସରକାର ରପ୍ତାନି ପ୍ରୋତ୍ସାହନକୁ ବାଦ ଦେଇଥିଲେ। ରପ୍ତାନି ଉପରେ ନିଷେଧ ଲଗାଇବା ଲାଗି ଖାଉଟି ବ୍ୟାପାର ସଚିବ ଅବିନାଶ କେ. ଶ୍ରୀବାସ୍ତବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସେପ୍ଟେମ୍ବର ୧୩ରେ ପିଆଜ କ୍ୱିଣ୍ଟାଲ ପିଛା ରପ୍ତାନି ଉପରେ ସରକାର ନ୍ୟୂନତମ ରପ୍ତାନି ମୂଲ୍ୟ (ଏମ୍‌ଇପି) ଲାଗୁ କରିଥିଲେ। ଏହା ପରେ ରପ୍ତାନିରେ କିଛିଟା ହ୍ରାସ ଘଟିଛି। ମାତ୍ର ଲାଗୁ ହୋଇଥିବା ମୂଲ୍ୟଠାରୁ ଶ୍ରୀଲଙ୍କା ଏବଂ ବାଂଲାଦେଶରେ ମୂଲ୍ୟ ଅଧିକ ରହିଥିବାରୁ ସେହିସ୍ଥାନଗୁଡ଼ିକୁ ପିଆଜ ଏବେ ମଧ୍ୟ ରପ୍ତାନି ହେଉଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଭିତ୍ତିରେ ରପ୍ତାନି ଉପରେ ରୋକ ଏବଂ ଆଇନରେ ସଂଶୋଧନ ହୋଇଛି। ଉକ୍ତ ପଦକ୍ଷେପ ଦ୍ୱାରା ଦେଶ ମଧ୍ୟରେ ପିଆଜ ଯୋଗାଣ ବଢ଼ିବା ସହ ଦର ମଧ୍ୟ ହ୍ରାସ ହେବା ନେଇ ଆଶା କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏହାବାଦ୍ ଯେଉଁ ବ୍ୟବସାୟୀମାନେ ପିଆଜ ମହଜୁଦ କରି ଦର ବୃଦ୍ଧିକୁ ପ୍ରୋତ୍ସାହିତ କରୁଛନ୍ତି ସେମାନଙ୍କ ଉପରେ ଚଢ଼ାଉ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସାରା ଦେଶରେ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ତୁରନ୍ତ ଭିତ୍ତିରେ ମହଜୁଦ ଥିବା ଷ୍ଟକ ମଧ୍ୟରୁ ୫୦ ହଜାର ଟନ୍ ପ୍ରଦାନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ, ହରିୟାଣା, ଆନ୍ଧ୍ରପ୍ରଦେଶ ଭଳି ଅନ୍ୟ ସ୍ଥାନଗୁଡ଼ିକରେ ଏହି ଷ୍ଟକ ଉପଲବ୍ଧ ହେବ। ଏହାକୁ ନିୟନ୍ତ୍ରିତ ଦରରେ ବିକ୍ରି କରାଯିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ନୂଆଦିଲ୍ଲୀରେ ରାଷ୍ଟ୍ରାୟତ୍ତ ମଦର ଡେରୀ, ନାଫେଡ ଏବଂ ଏନ୍‌ସିସିଏଫ୍ ପକ୍ଷରୁ ବଫର ଷ୍ଟକ ମଧ୍ୟରୁ ଲୋକଙ୍କୁ ୨୩.୯୦ ଟଙ୍କାରେ ପିଆଜ ଯୋଗାଣ ହେଉଛି।

ଦେଶ ମଧ୍ୟରେ ପିଆଜ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଏକ ଟିମ୍ ମହାରାଷ୍ଟ୍ର ପଠାଯାଇଥିବା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି। ଏହି ଟିମ୍‌ରେ ୨ ଯୁଗ୍ମ ସଚିବ ସ୍ତରର ଅଧିକାରୀ ରହିଛନ୍ତି। ଏମାନେ ମହାରାଷ୍ଟ୍ରରେ କୃଷକ, ପରିବହନକରୀ ଏବଂ ବ୍ୟବସାୟୀଙ୍କ ସହ ଆଲୋଚନା କରିବେ। ପିଆଜର ଉପଲବ୍ଧତା ବୃଦ୍ଧି ସହ ବଜାରକୁ ଅଧିକ ପିଆଜ ଯୋଗାଣ ନେଇ ସେମାନଙ୍କୁ ପରାମର୍ଶ ଦେବେ ବୋଲି ପାଶ୍ୱାନ କହିଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ର ସରକାର ଗତ ସପ୍ତାହରେ ମହଜୁଦକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ନିର୍ଦ୍ଦେଶ ଦେଇଥିଲେ।

## ଟୋକିଓ ମୋଟର ଶୋ'ରେ ହୋଣ୍ଡା ପ୍ରଦର୍ଶନ କରିବ ଅତ୍ୟାଧୁନିକ ପ୍ରଡକ୍ଟ



**ନୂଆଦିଲ୍ଲୀ,୨୯-୯**

ଅକ୍ଟୋବର ୨୩ରୁ ଅନୁଷ୍ଠିତ ହେଉଥିବା ୪୬ ତମ ଟୋକିଓ ମୋଟର ଶୋ' ୨୦୧୯ରେ ହୋଣ୍ଡା ପକ୍ଷରୁ ଏହାର ବିଭିନ୍ନ ବର୍ଗର ମୋଟରସାଇକଲ, ଅଟୋମୋବାଇଲ ଏବଂ ଶକ୍ତି ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରାଯିବ। ସେଠାରେ ହୋଣ୍ଡା ପକ୍ଷରୁ ଏକ ସ୍ୱତନ୍ତ୍ର ବୁଥ୍ ସ୍ଥାପନ କରାଯିବ। ମୋଟର ଶୋ' ପରିଦର୍ଶନକାରୀଙ୍କୁ ଏହା ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ସେଠାରେ ବଡ଼ ଆକାର ସ୍କ୍ରିନ୍ ଲାଗିବ ଯେଉଁଥିରେ ବିଭିନ୍ନ ଉତ୍ପାଦର ଛବିକୁ ପ୍ରଦର୍ଶିତ କରାଯିବ। ବୁଥରେ ଇଣ୍ଟରାକ୍ଟିଭ କାର୍ଯ୍ୟକ୍ରମ ରହିବ ଯେଉଁଠାରେ ଲୋକମାନେ ସପରିବାର ପରିବେଶକୁ ଉପଭୋଗ କରିପାରିବେ। ଟୋକିଓ ମୋଟର ସୋ'ରେ କମ୍ପାନି ଏହାର ନୂଆ ସୁପର କବ୍ -ଭିତ୍ତିକ ମୋଟରସାଇକେଲ ସିଟି ୧୨୫ ଓ ସମ୍ପୂର୍ଣ୍ଣ ନୂଆ ଫିଟ୍‌କୁ ପ୍ରଦର୍ଶିତ କରିବ। ସୁପର କବ୍ ସିରିଜକୁ ନଜରରେ ରଖି ସିଟି ୧୨୫ କନ୍‌ସେପ୍ଟ ମଡେଲକୁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ଏହି ସୋ'ରେ ହୋଣ୍ଡା ତରଫରୁ ବ୍ୟବସାୟ ବ୍ୟବହାର ଉପଯୋଗୀ ଇଲେକ୍ଟ୍ରିକ ସ୍କୁଟର ବେନଲି-ଇ ଓ ତିନି ଚକିଆ ଇଲେକ୍ଟ୍ରିକ୍ ସ୍କୁଟର ଗାଇରୋ-ଇକୁ ପ୍ରଦର୍ଶିତ କରାଯିବ। ଏହି ଅବସରରେ ସିଆର୍‌ଏଫ୍ ୧୧୦୦ ଏଲ ଆଫ୍ରିକା ଟ୍ୱିନ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ, ସିଆରଏଫ ୧୧୦୦ଏଲ ଆଫ୍ରିକା ଆଡ୍‌ଭେଞ୍ଚର ସ୍ପୋର୍ଟସ ଇଏସ୍ ଡୁଆଲ କ୍ଲଚ ଟ୍ରାନ୍ସମିସନ ଏବଂ ଏଡିଭି ୧୫୦ ଆଦିକୁ ପ୍ରଦର୍ଶିତ କରାଯିବ।



## ଆମ୍ରି ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳନ

**ଭୁବନେଶ୍ୱର,୨୯-୯(ବ୍ୟୁରୋ)**

ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୋ ସାଇକେଲ ସହଯୋଗରେ ଏକ ସାଇକ୍ଲୋଥନ ଫିଟନେସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୮୦୦ରୁ ଅଧିକ ଉତ୍ସାହୀ ସାଇକେଲ ଚାଳକ ଏଥିରେ ଭାଗ ନେଇଥିଲେ। ସାଇକ୍ଲୋଥନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇ ୟୁନିଟ ୧ ଆଦିବାସୀ ପଡିଆଠାରେ ଶେଷ ହୋଇଥିଲା। ହୃତପିଣ୍ଡ ଉପରେ ଆଳସ୍ୟ ଭରା ଜୀବନଶୈଳୀର ପ୍ରଭାବ ଏବଂ ଭାରତରେ ବୃଦ୍ଧି ପାଉଥିବା କରୋନାରି ଅସୁସ୍ଥତା ଉପରେ ସଚେତନତା ସୃଷ୍ଟି ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୋଲିସ ଡେପୁଟି କମିଶନର ଅନୁପ କୁମାର ସାହୁ, ଓଡ଼ିଆ ସିନେମା ତାରକା ଆକାଶ ଦାସ ନାୟକ, ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଆମ୍ରି ଭୁବନେଶ୍ୱର ୟୁନିଟ ମୁଖ୍ୟ ଡକ୍ଟର ଅନୁଜ ତିୱାରୀ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ସାଇକ୍ଲୋଥନ ପ୍ରତି ସମର୍ଥନକୁ ଦେଖି ଅତ୍ୟନ୍ତ ଖୁସି ବୋଲି ଡା. ତିୱାରୀ କହିଛନ୍ତି।

## ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୯-୯(ବ୍ୟୁରୋ)**



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଉପଆଞ୍ଚଳିକ ପ୍ରବନ୍ଧକ ମୁରଲୀଧର ବେହେରା ଏବଂ ଏସ୍‌ବିଆଇର ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କ୍ଷେତ୍ରୀୟ କାର୍ଯ୍ୟାଳୟ ୨ର କ୍ଷେତ୍ରୀୟ ପ୍ରବନ୍ଧକ ଚନ୍ଦ୍ରକାନ୍ତ ଦାସ ମହାପାତ୍ର, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପ୍ରବନ୍ଧକ କାହ୍ନୁ ଚରଣ ବୁଡ଼ୁ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜଭାଷା ଅଧିକାରୀ ପୂଜା କୁମାରୀ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ମହାପ୍ରବନ୍ଧକ ଭେଙ୍କଟେଶ୍ୱରେଲୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନାଲ୍‌କୋରେ ନଗର ରାଜଭାଷା ସମିତି ବୈଠକ



**ଭୁବନେଶ୍ୱର,୨୯-୯(ବ୍ୟୁରୋ)**

ନାଲ୍‌କୋ ନିଗମ କାର୍ଯ୍ୟାଳୟଠାରେ ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଲୋକ ଉଦ୍ୟୋଗ)ର ଏକାଦଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ସିଏମ୍‌ଡି ତଥା ସମିତି ଅଧ୍ୟକ୍ଷ ତପନ କୁମାର ଚାନ୍ଦ ସଭାପତିତ୍ୱ କରିଥିଲେ। ଏଥିରେ ନାଲ୍‌କୋର ମାର୍କେଟିଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଦାଶିବ ସାମନ୍ତରାୟ, ଇଣ୍ଡିଆନ ଅଏଲର ସିଜିଏମ୍ ଶୁଭଜିତ ଘୋଷ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ.ର ଡିଜିଏମ୍ ପି.ପି. ମିଶ୍ର, ଇଏସ୍‌ଆଇସି ଅତିରିକ୍ତ କମିଶନର ଏଲ୍.ଜମୀର, ହିନ୍ଦୁସ୍ତାନ ପେଟ୍ରୋଲିୟମର ଆଞ୍ଚଳିକ ପ୍ରବନ୍ଧକ ସମୀର ପଟ୍ଟନାୟକ, ଆର୍‌ଆଇଏନ୍‌ଏଲ୍ ଏଜିଏମ୍ ଏମ୍.କେ.କେ.ଟପ୍ପୋ, ଏଫ୍‌ସିଆଇ ଏଜିଏମ୍ ଆଶିଷ କୁମାର, ଡିଭିଜନାଲ ମ୍ୟାନେଜର ଏ.କେ. ଆଦି, ରୁରାଲ ଇଲେକ୍ଟ୍ରିଫିକେଶନ କର୍ପୋରେଶନର ମୁଖ୍ୟ ପ୍ରବନ୍ଧକ ବି.କେ. ମହାନ୍ତି, ଏନ୍‌ସିଡିସି ଆଞ୍ଚଳିକ ନିର୍ଦ୍ଦେଶକ ନରେଶ ଗୋପାଳନ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୀର ପ୍ରଚାର ପ୍ରସାର ଦିଗରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। ଡ.ଚାନ୍ଦ ହିନ୍ଦୀ ଇ-ପତ୍ରିକା ଅନନ୍ତର ସପ୍ତମ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ସମିତିର ସଦସ୍ୟ ସଚିବ ତଥା ନାଲ୍‌କୋର ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ହରିରାମ ପଂସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତନିଷ୍କର ପାର୍ବଣ ଅଫର



**ଭୁବନେଶ୍ୱର,୨୯-୯**

ପାର୍ବଣ ଅବସରରେ ତନିଷ୍କ ପକ୍ଷରୁ ଅଫର ଘୋଷଣା କରାଯାଇଛି। ଏହି ସମୟରେ ସୁନା ଗହଣା ଗଢ଼ା ମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହାବାଦ ହୀରା ଗହଣା ମୋଟ୍ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ମିଳିପାରିବ। ଏହି ଅଫର ରାଜ୍ୟରେ ଥିବା କମ୍ପାନୀର ସମସ୍ତ ଷ୍ଟୋରରେ ଗ୍ରାହକ ପାଇ ପାରିବେ। ଅକ୍ଟୋବର ୭ ପର୍ଯ୍ୟନ୍ତ ଅଫରର ସୁବିଧା ଗ୍ରାହକ ନେଇ ପାରିବେ ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ଐଶାନି ଗହଣା ସମ୍ଭାର ଆରମ୍ଭ ହୋଇଛି। ପ୍ରଗତିଶୀଳ ଓଡ଼ିଆ ମହିଳାଙ୍କ ଦୃଢ଼ତା, ଭବନା ଏବଂ ଉଜ୍ଜ୍ୱଳତାକୁ ଏହି ନୂଆ ଗହଣା କଲେକ୍ସନ ପରିପ୍ରକାଶ କରୁଛି। କଲେକ୍ସନଗୁଡ଼ିକ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଅସଲପଣ ଏବଂ ଟାଟା ଗ୍ରୁପର ପ୍ରତିଶ୍ରୁତି ସହ ଗ୍ରାହକଙ୍କୁ ଶୁଦ୍ଧତା ବିଶିଷ୍ଟ ଗହଣା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ପ୍ରତିଟି କାରବାରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖୁଥିବା ଏହା ପ୍ରକାଶ କରିଛି। ନିୟୁତାଧିକ ଗ୍ରାହକଙ୍କ ବିଶ୍ୱାସ ସହ ଦେଶର ପ୍ରମୁଖ ଲୋକପ୍ରିୟ ଗହଣା ବ୍ରାଣ୍ଡ ହୋଇ ପାରିଥିବା ଏହା ସୂଚନା ଦେଇଛି। କମ୍ପାନୀ ପକ୍ଷରୁ ୫ ହଜାରରୁ ଅଧିକ ପାରମ୍ପରିକ, ପାଶ୍ଚାତ୍ୟ ଏବଂ ଫ୍ୟୁଜନ ଲୁକର ଗହଣା ସମ୍ଭାର ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି।

# ଆର୍‌ବିଆଇକୁ ୩୦ ହଜାର କୋଟି ମାଗିପାରନ୍ତି ସରକାର

**ନୂଆଦିଲ୍ଲୀ,୨୯-୯**

**ଅନ୍ତରୀଣ ଲାଭାଂଶ**



ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରକାର ରିଜର୍ଭ ବ୍ୟାଙ୍କକୁ ୩୦ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ମାଗି ପାରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ହୋଇଥିବା ୩.୩% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଆଧାରରେ ଏହି ପୁଞ୍ଜି ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଆଶା କରିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁ ରାଜସ୍ୱ ସଂଗ୍ରହ କମୁଛି। ଏହା ଫଳରେ ସରକାରଙ୍କ ଉପରେ ଚାପ ରହିଛି। ଆବଶ୍ୟକତା ଭିତ୍ତିରେ ସରକାର ରିଜର୍ଭ ବ୍ୟାଙ୍କକୁ ୨୫ରୁ ୩୦ ହଜାର କୋଟି ଟଙ୍କା ଦେବାକୁ ନିବେଦନ କରିପାରନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। କେତେ ପରିମାଣର ଲାଭାଂଶ ଲୋଡ଼ା ପଡ଼ିବ ତାହା ଜାନୁୟାରୀ ମାସରେ ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଥିଲା। ରିଜର୍ଭ ବ୍ୟାଙ୍କର ଲାଭାଂଶ ବାଦ୍ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ଲାଗି ନ୍ୟାଶନାଲ ସ୍ମଲ ସେଭିଂ ଫଣ୍ଡ, ପୁଞ୍ଜି ପ୍ରତ୍ୟାହାର ଉପରେ ନିର୍ଭର କରିବେ। ପୂର୍ବରୁ ମଧ୍ୟ ସରକାର କେନ୍ଦ୍ରୀୟ ବ୍ୟାଙ୍କର ଅନ୍ତରୀଣ ଲାଭାଂଶ ଉପରେ ନିର୍ଭର କରିଛନ୍ତି। ଗତ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଅନ୍ତରୀଣ ଲାଭାଂଶ ଭାବେ ୨୮,୦୦୦ କୋଟି ଟଙ୍କା ଦେଇଥିଲା। ୨୦୧୭-୧୮ରେ ଏହା ୧୦,୦୦୦ କୋଟି ଟଙ୍କା ରହିଥିଲା।

ଗତ ମାସରେ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦ୍ରୀୟ ବ୍ୟାଙ୍କର ବୋର୍ଡ ସରକାରଙ୍କୁ ୧.୭୬ ଲକ୍ଷ କୋଟି ପୁଞ୍ଜି ହସ୍ତାନ୍ତରଣ ନେଇ ମଞ୍ଜୁରୀ ଦେଇଥିଲେ। ୨୦୧୮-୧୯ରେ ରିଜର୍ଭ ବ୍ୟାଙ୍କ ଏହାର ମୋଟ ୧.୨୩ ଲକ୍ଷ କୋଟି ଟଙ୍କାର ନେଟ୍‌ଆୟ ମଧ୍ୟରୁ ଅନ୍ତରୀଣ ଲାଭାଂଶ ଭାବେ ୨୮ ହଜାର କୋଟି ଟଙ୍କା ସରକାରଙ୍କୁ ଦେଇଛି। ଚଳିତ ଆର୍ଥିକ ବର୍ଷ ସରକାର ଲାଭାଂଶ ବାବଦକୁ ୯୫,୪୧୪ କୋଟି ଟଙ୍କା ପାଇଛନ୍ତି। ୯୦ କୋଟି ଟଙ୍କା ପାଇବା ନେଇ ସରକାର ବଜେଟରେ ଆକଳନ କରିଥିଲେ। ଚଳିତ ଆର୍ଥିକ ବର୍ଷ ସରକାରଙ୍କ ମୋଟ ଋଣ ୭.୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ଏହା ପୂର୍ବ ଆର୍ଥିକ ବର୍ଷରେ ୫.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଘରୋଇ ନିବେଶ ବୃଦ୍ଧିକୁ ବର୍ତ୍ତମାନ ଗୁରୁତ୍ୱ ଦେଇଛନ୍ତି।

### ୪ରେ ଏମ୍‌ପିସି ବୈଠକ

ଅକ୍ଟୋବର ୪ରେ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ବୈଠକ(ଏମ୍‌ପିସି) ଅନୁଷ୍ଠିତ ହେବ। କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥନୀତିରେ ସୁଧାର ଲାଗି ଆଉ ୨୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହି ସମୟରେ ମୁଦ୍ରାସ୍ଫୀତି ୪% ସ୍ତରରେ ରହିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

ପତ୍ର ନଂ. ୧୮୮୧ / ୨୦୧୯ — ବିଜ୍ଞାପନ — ତା. ୨୬।୦୯।୨୦୧୯

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର, ମୁଖ୍ୟ ବଜାର ପ୍ରାଙ୍ଗଣ ନବରଙ୍ଗପୁରରେ ନୂତନ ଭାବେ ନିର୍ମିତ ହୋଇଥିବା ୯୬ (ଛୟାନବେ) ଗୋଟି ଦୋକାନଗୃହକୁ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଇଚ୍ଛୁକ ଦରଖାସ୍ତକାରୀ **www.nabarangpur.nic.in** ୱେବ୍‌ସାଇଟ୍‌କୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ ତା.୩୦।୦୯।୨୦୧୯ରିଖ ଠାରୁ ତା.୨୯।୧୦।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ଡାଉନ୍‌ଲୋଡ କରିପାରିବେ ନଚେତ୍ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/- (ପାଞ୍ଚ ଶହ) ଟଙ୍କା ଜମା କରି ତା.୩୦।୦୯।୨୦୧୯ରିଖ ଠାରୁ ତା.୨୯।୧୦।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ପାଇପାରିବେ। ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଆବେଦନ ଫର୍ମ ସହିତ ଆବଶ୍ୟକ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗ କରି ତା.୩୦।୦୯।୨୦୧୯ରିଖ ଠାରୁ ତା.୦୬।୧୧।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ କେବଳ ରେଜିଷ୍ଟ୍ରି ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ। ପ୍ରକାଶଥାଉ କି ଲଫାପା ଉପରେ ''ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ତଥା ଆବେଦନ କରିଥିବା ଦୋକାନଗୃହର କ୍ରମିକ ନଂ'' ଲେଖିବା ଅତ୍ୟନ୍ତ ଜରୁରୀ। ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ଗ୍ରହଣ କରାଯିବ ନାହିଁ। ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମଗୁଡ଼ିକୁ ତା.୦୭।୧୧।୨୦୧୯ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟିଙ୍କ ଦ୍ୱାରା ଚୟନ କରାଯିବ।

**ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

**MCL**
**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders. [Contact details: **Tel.-0663-2542264/2542230/2542695** (available during office hours only);email- **hlp-eproc.mcl@nic.in**

R- 4941

*Give a missed call on toll free number 1800 200 3004 to get our Apps.*

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩୦, ୨୦୧୯



## ସଂକ୍ଷେପରେ

■ ଜୁନିୟର ମହିଳା ହକି

### ସମ୍ଭାବ୍ୟ ଭାରତୀୟ ଦଳରେ ୩ ଓଡ଼ିଆ

**ବେଙ୍ଗାଲୁରୁ,୨୯।୯(ପି.ଟି.):** ଆଗାମୀ ଅଷ୍ଟ୍ରେଲିଆ ଗସ୍ତକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ଜୁନିୟର ମହିଳା ପ୍ରଶିକ୍ଷଣ ଶିବିର ପାଇଁ ଏକ ୩୩ ଜଣିଆ ସମ୍ଭାବ୍ୟ ତାଲିକା ଘୋଷଣା କରିଛି। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସୋମବାରଠାରୁ ଏହି ଶିବିର ଆରମ୍ଭ ହେବ। ଏଥିରେ ୩ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ମାରିଆନା କୁଜୁର, ଆଜମିନା କୁଜୁର ଓ ଫରୱାର୍ଡ ଜୀଓ୍ୱନ କିଶୋରୀ ଟପ୍ପୋ। ଖେଳାଳିମାନେ କୋଚ୍ ବଲଜିତ୍ ସିଂ ସଇନିଙ୍କୁ ରିପୋର୍ଟ କରିବେ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ପ୍ରଶିକ୍ଷଣ ଶିବିର ଅକ୍ଟୋବର ୨୬ ତାରିଖରେ ଶେଷ ହେବ। **ସମ୍ଭାବ୍ୟ ତାଲିକା:** ଗୋଲକିପର- ରାଶନପ୍ରୀତ କୌର, ଖୁଶବୁ ଓ ଏଫ୍. ରାମେଙ୍ଗାମାୱି। ଡିଫେଣ୍ଡର- ପ୍ରିୟଙ୍କା, ସିମରନ ସିଂ, ମାରିନା ଲାଲରାମଙ୍ଘାକି, ଗଗନଦୀପ କୌର, ଇଶିକା ଚୌଧୁରୀ, ଜୋତିକା କଲସି, ସୁମିତା, ଆକାଶନାଥ ଧେକେଲ, ଉଷା, ପରନିତ କୌର। ମିଡଫିଲ୍ଡସ- ବଳଜୀଦ କୌର, ମାରିଆନ କୁଜୁର, କିରନ ପ୍ରଭଲିନ କୌର, ପ୍ରୀତି, ଅଜମିନା କୁଜୁର, ବୈଷ୍ଣବୀ ଫାଲେକେ, କବିତା ବାଗଡି, ବଲଜିନ୍ଦର କୌର, ସୁଷମା କୁମାରୀ। ଫରୱାର୍ଡ୍ସ- ମମତାଜ ଖାଁ, ବିୟୁଟି ଡଙ୍ଗଡଙ୍ଗ, ଗୁରମେଲ କୌର, ଦୀପିକା, ଲାଲରିଣ୍ଡିଙ୍କି, ଜିଓ୍ୱାନ କିଶୋରୀ ଟୋପ୍ପୋ, ରୁତୁଜା ପିସାଲ, ସଙ୍ଗୀତା କୁମାରୀ, ଯୋଗିତା ବୋରା ଓ ଅନୁ।

### ଓସିଏ ସାଧାରଣ ପରିଷଦ ବୈଠକ ୨ରେ

**କଟକ ଅଫିସ,୨୯।୯:** ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପ୍ରଥମ ସାଧାରଣ ପରିଷଦ ବୈଠକ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଏବେ ଏଜେଣ୍ଡା ପ୍ରସ୍ତୁତି ଚାଲିଛି। ଓସିଏ ପରିଚାଳନା ପାଇଁ ଉକ୍ତ ବୈଠକ ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାଛଡ଼ା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିର୍ବାଚନ ନିମନ୍ତେ ଜଣେ ପ୍ରତିନିଧିଙ୍କ ନାମ ଏହି ବୈଠକରେ ଚୂଡ଼ାନ୍ତ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

### ପ୍ଲେ-ଅଫ୍‌ରେ ହରିୟାଣା ଷ୍ଟିଲର୍ସ

**ପଞ୍ଚକୁଲା,୨୯।୯:** ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ରବିବାର ଅନୁଷ୍ଠିତ ମ୍ୟାଚରେ ହରିୟାଣା ଷ୍ଟିଲର୍ସ ୩୮-୩୭ ପଏଣ୍ଟରେ ଗୁଜରାଟ ଫର୍ଚ୍ଚୁନଜିଆଣ୍ଟ୍ସଙ୍କୁ ହରାଇ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ବିକାଶ କାଣ୍ଡୋଲା ଆଉଥରେ ସୁପର-୧୦ ହାସଲ କରି ଷ୍ଟିଲର୍ସକୁ ବିଜୟୀ କରାଇଛନ୍ତି। ଅନ୍ୟ ଏକ ମ୍ୟାଚରେ ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଦବଙ୍ଗ ଦିଲ୍ଲୀ ୬୦-୪୦ ପଏଣ୍ଟରେ ପୁନେରି ପଲଟନକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ନବୀନ କୁମାର ପୁଣି ଥରେ ହିରୋ ସାଜିଥିଲେ।

> ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ସିନିୟର ଖେଳାଳିମାନେ ନିଜ ଉପରକୁ ଦାୟିତ୍ୱ ନେଇ ଖେଳିବା ଉଚିତ।
> –ଭେର୍ନନ ଫିଲାଣ୍ଡର, ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର



> ଦୋହା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିବି ବୋଲି ମୁଁ କେବେ ଭାବିପାରି ନ ଥିଲି। ୭୭.୫୪ ମିଟର ଥ୍ରୋ କଳ୍ପନା ବାହାରେ ଥିଲା।
> –ଡିଆନା ପ୍ରାଇସ, ଆମେରିକା ମହିଳା ହାମର ଥ୍ରୋୟର





ଦୋହାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଥିବା ଆମେରିକାର ଡିଆନା ପ୍ରାଇସ।

■ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

# ନୂଆ ତାରକା କୋଲମେନ

ଦୋହା,୨୯।୯ (ଏଏଫ୍‌ପି)

ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣରେ ଆମେରିକା ତାରକା ସ୍ପ୍ରିଣ୍ଟର କ୍ରିଷ୍ଟିଆନ କୋଲମେନ ଅତି ସୁନ୍ଦର ଢଙ୍ଗରେ ୧୦୦ମିଟର ଦୌଡରେ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଖଲିଫା ଇଣ୍ଟର ନ୍ୟାଶନାଲ ଷ୍ଟାଡିୟମରେ ସେ ଏହି ରେସ୍‌ର ମାତ୍ର ୯.୭୬ ସେକେଣ୍ଡ ସମୟ ନେଇ ନିଜ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବହୁ ପଛରେ ପକାଇ ଚାମ୍ପିୟନ ହୋଇଛନ୍ତି। ଏଥିସହିତ ପ୍ରଥମଥର ପାଇଁ ସେ କ୍ୟାରିୟରର ମେଜର ଆଉଟ୍‌ଡୋର ଟାଇଟଲ ହାସଲ କରିଛନ୍ତି। ଏହି ବିଜୟ ସହ କୋଲମେନ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରେ ୧୦୦ମି ରେସ୍‌ର ଫେଭରାଇଟ୍ ବିବେଚିତ ହୋଇଛନ୍ତି। ଜାମାଇକା କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟଙ୍କ ଯୁଗ ଶେଷ ହେବା ପରେ ୨୩ ବର୍ଷୀୟ କୋଲମେନ ନୂଆ ଷ୍ଟାର ଧାବକ ଭାବେ ଉଭା ହୋଇଛନ୍ତି।

ତେବେ ଆମେରିକାର କିମ୍ବଦନ୍ତୀ ଧାବକ ମାଇକେଲ ଜନସନ କୋଲମେନଙ୍କ ଏହି ବିଜୟକୁ ଗ୍ରହଣ କିରବାକୁ ରାଜି ନୁହନ୍ତି। ଡ୍ରଗ୍ ଟେଷ୍ଟରେ ସାମିଲ ହୋଇପାରି ନ ପାରି କୋଲମେନ ବିବାଦୀୟ ହୋଇପଡିଥିଲେ। ଏହି କାରଣରୁ ସେ କୋଲମେନଙ୍କ ସଫଳତାକୁ ସେତେଟା ଗୁରୁତ୍ୱ ନ ଦେଇ ମନ୍ତବ୍ୟ ଦେଇଛନ୍ତି। ତେବେ ଜନସନଙ୍କ ମନ୍ତବ୍ୟରେ କୋଲମେନ ଆଦୌ ପ୍ରଭାବିତ ନୁହଁ ବୋଲି କୋଲମେନ କହିଛନ୍ତି। ସେ କ'ଣ କହୁଛନ୍ତି ତାହାକୁ ଆଦୌ ଖାତିର କରେନାହିଁ ବୋଲି କୋଲମେନ କହିଛନ୍ତି। କେତୋଟି ବୈଷୟିକ ତ୍ରୁଟି କାରଣରୁ ତାଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ହେବା ପରେ କୋଲମେନ ଦୋହାରେ ଦୌଡ଼ିବାର ସୁଯୋଗ ହାସଲ କରିଥିଲେ। ବୋଲ୍ଟଙ୍କ ଉତ୍ତରାଧିକାରୀ ରୂପେ କୋଲମେନଙ୍କୁ ବିବେଚନା କରାଯାଉଥିବାରୁ ଜନ୍‌ସନ ଏହାକୁ ଗ୍ରହଣ କରିନାହାନ୍ତି। କୌଣସି ପ୍ରକାର ଡୋପିଂ ମାମଲାରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଜଡିତଥିବା ଆଥଲେଟ୍‌ମାନଙ୍କୁ ପ୍ରଶଂସକ ଗ୍ରହଣ କରିବେ ନାହିଁ ବୋଲି ଜନସନ ବିବିସିକୁ ସାକ୍ଷାତକାର ଦେବା ଅବସରରେ କହିଥିଲେ। ତେବେ ପ୍ରଦର୍ଶନ ମାଧ୍ୟମରେ ମୁଁ ନିଜକୁ ପ୍ରମାଣିତ କରିବି ଓ ଜଜ୍ ତଥା ପ୍ରଶଂସକମାନେ ମଧ୍ୟ ପ୍ରଦର୍ଶନ ଭିତ୍ତିରେ ମୋ ପ୍ରତିଭାକୁ ସ୍ୱୀକାର କରିବେ ବୋଲି କୋଲମେନ କହିଛନ୍ତି।



ଦୋହା: ପୁରୁଷ ୧୦୦ ମିଟର ରେସ୍ ଅବସରରେ ଆମେରିକାର କ୍ରିଷ୍ଟିଆନ କୋଲମେନ (ମଝି)।

# ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ: ସିଏସି, ଆଇସିଏରୁ ରଙ୍ଗାସ୍ୱାମୀଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୯।୯(ପି.ଟି.)

ଭାରତୀୟ ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦରୁ ଇସ୍ତଫା ଦେଇଛନ୍ତି। ସେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସଭ୍ୟ ପଦରୁ ଓ ଇଣ୍ଡିଆ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଇଛନ୍ତି। ଭାରତୀୟ ଏଥିକ୍ସ ଅଫିସର ତଥା ଲୋକପାଳ ଡି.କେ. ଜୈନ ତାଙ୍କ ନିକଟକୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ ନୋଟିସ ପଠାଇବା ପରେ ସେ ଏହି ଦୁଇ ପଦରୁ ରବିବାର ଇସ୍ତଫା ଦେଇଛନ୍ତି।

ମୋର ଅନ୍ୟ ଯୋଜନା ରହିଛି, ତେଣୁ ଏହି ନିଷ୍ପତ୍ତି ନେଇଛି । ସିଏସିର ବୈଠକ ବର୍ଷରେ ଥରେ କିମ୍ବା ଦୁଇ ବର୍ଷରେ ଥରେ ବସିଥାଏ। ତେଣୁ କେଉଁ ଆଧାରରେ ମୋ ନିକଟରକୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ନୋଟିସ ପଠାଗଲା ତାହା ବୁଝି ପାରୁନାହିଁ ବୋଲି ରଙ୍ଗାସ୍ୱାମୀ କହିଛନ୍ତି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ ବର୍ତ୍ତମାନ କ୍ରିକେଟ ପ୍ରାଶସକ ଭୂମିକାରେ ଜଣେ ପୂର୍ବତନ କ୍ରିକେଟର ଅବତୀର୍ଣ୍ଣ ହେବା କଷ୍ଟକର। ନିର୍ବାଚନ ପୂର୍ବରୁ ଆଇସିଏ ପଦରୁ ଇସ୍ତଫା ଦେଇଥାନ୍ତି। ତେଣୁ ଦୁଇଟି ପଦରୁ ଇସ୍ତାଫା ଦେବା ଏକ ସଂଯୋଗ ମାତ୍ର ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ରଙ୍ଗାସ୍ୱାମୀ ଦୁଇ ପୂର୍ବତନ କ୍ରିକେଟର କପିଲ ଦେବ ଓ ଅଂଶୁମାନ ଗାଏକ୍ୱାଡଙ୍କ ସମେତ କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ଥିଲେ। ସେ ତାଙ୍କ ଇସ୍ତଫା ପତ୍ର କ୍ରିକେଟ ପ୍ରଶାସକ କମିଟି (ସିଓଏ) ଓ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ନିକଟକୁ ମେଲ ମାଧ୍ୟମରେ ରବିବାର ପୂର୍ବାହ୍ନରେ ପଠାଇଛନ୍ତି। ପୂର୍ବରୁ ଶନିବାର ଜୈନ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ


ଶାନ୍ତା ରଙ୍ଗାସ୍ୱାମୀ।

ସିଏସି ସଭ୍ୟମାନଙ୍କ ନିକଟକୁ ନୋଟିସ୍ ପଠାଇଥିଲେ। ଅକ୍ଟୋବର ୧୦ ସୁଦ୍ଧା ଜବାବ ଦେବାକୁ ଏମାନଙ୍କୁ କୁହାଯାଇଛି। ସିଏସିର ୩ଜଣ ସଦସ୍ୟଙ୍କ ବିରୋଧରେ ମଧ୍ୟ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ଆଜୀବନ ସଦସ୍ୟ ସଞ୍ଜିବ ଗୁପ୍ତା ଅଭିଯୋଗ ଦାଖଲ କରିଥିଲେ। ରଙ୍ଗାସ୍ୱାମୀ, ଗାଏକ୍ୱାଡ ଓ କପିଳ ଦେବ ଗତ ଅଗଷ୍ଟରେ ଭାରତୀୟ ହେଡ୍ କୋଚ୍ ଚୟନ କରିଥିଲେ। ବିସିସିଆଇର ସମ୍ବିଧାନ ଅନୁସାରେ କୌଣସି ବ୍ୟକ୍ତି ଏକାଧିକ ପଦରେ ଏକା ସମୟରେ ରହିପାରିବେ ନାହିଁ। ସିଏସି ସଦସ୍ୟମାନେ କ୍ରିକେଟ ସମ୍ପର୍କିତ ଏକାଧିକ ପଦରେ କାର୍ଯ୍ୟ କରୁଛନ୍ତି ବୋଲି ଗୁପ୍ତା ଅଭିଯୋଗ ଆଣିଛନ୍ତି।

କପିଲ ଦେବ ଜଣେ ଭାଷ୍ୟକାର, ଫ୍ଲଡ ଲାଇଟ୍ କମ୍ପାନୀର ମାଲିକ, ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ ସଦସ୍ୟ ହେବା ସହିତ ସିଏସିର ସଦସ୍ୟ ଅଛନ୍ତି। ସେହିପରି ଗାଏକ୍ୱାଡ ଗୋଟିଏ କ୍ରିକେଟ ଏକାଡେମୀ ମାଲିକ ରହିଥିବାବେଳେ ବିସିସିଆଇ ଆଫିଲିଏଶନ କମିଟିର ସଦସ୍ୟ ମଧ୍ୟ ରହିଛନ୍ତି। ସେହିପରି ରଙ୍ଗାସ୍ୱାମୀ ସିଏସି ଓ ଆଇସିଏରେ ଏକାଧିକ ପଦରେ ରହିଛନ୍ତି ବୋଲି ଗୁପ୍ତା ଅଭିଯୋଗ ଆଣିଛନ୍ତି। ସିଏସି ଭାରତୀୟ ମହିଳା ଦଳର କୋଚ୍ ଡବ୍ଲ୍ୟୁଭି ରମଣଙ୍କୁ ଡିସେମ୍ବରରେ ନିଯୁକ୍ତ କରିଥିଲେ। କିନ୍ତୁ ସେତେବେଳେ ଏହା ଏକ ଆଡହକ୍ କମିଟି ଥିଲା। ସେହିପରି ରବି ଶାସ୍ତ୍ରୀଙ୍କୁ ଭାରତୀୟ ହେଡ୍ କୋଚ୍ ରୂପେ ସିଏସି ନିଯୁକ୍ତି ଦେଇଥିଲା। ଶାସ୍ତ୍ରୀ ଭାରତରେ ଆୟୋଜନ ହେବାକୁ ଥିବା ୨୦୨୧ ଟି୨୦ ବିଶ୍ୱକପ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ସେ ଚତୁର୍ଥଥର ପାଇଁ ଜାତୀୟ ଦଳ ଲାଗି କାର୍ଯ୍ୟ କରିବାର ସୁଯୋଗ ହାସଲ କରିଛନ୍ତି। ପୂର୍ବରୁ ସେ ୨୦୦୭ ବାଂଲାଦେଶ ଗସ୍ତରେ ଦଳ ସହିତ କ୍ରିକେଟ ମ୍ୟାନେଜର, ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଟିମ୍ ଡାଇରେକ୍ଟର ଓ ୨୦୧୭ରୁ ୧୯ ପର୍ଯ୍ୟନ୍ତ ଦଳର ହେଡ୍ କୋଚ୍ ରୂପେ କାର୍ଯ୍ୟ କରିଛନ୍ତି।

## ବାଂଲାଦେଶ ସହ ପାକିସ୍ତାନ ଗସ୍ତ କରିବେ ନାହିଁ ଅଞ୍ଜୁ ଜୈନ

କରାଚୀ,୨୯।୯

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମହିଳା ଦଳ ପାଇଁ ଅନ୍ତରୀଣ ଟିମ୍ ମ୍ୟାନେଜମେଣ୍ଟ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। କାରଣ ଦଳୀୟ କୋଚ୍ ତଥା ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଅଞ୍ଜୁ ଜୈନ ଓ ଦୁଇ ସଦସ୍ୟ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଛନ୍ତି। ଏଥିଯୋଗୁ ବିସିବି ପୂର୍ବତନ କୋଚ୍ ଦୀପୁ ରୟ ଚୌଧାରୀଙ୍କୁ ପାକିସ୍ତାନ ଗସ୍ତ ଦାୟିତ୍ୱ ନେବା ପାଇଁ ନିଯୁକ୍ତ କରିଛି। ଅକ୍ଟୋବର ୨୬ରୁ ନଭେମ୍ବର ୫ ତାରିଖ ମଧ୍ୟରେ ହେବାକୁ ଥିବା ଗସ୍ତରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ଦୁଇ ଟିକିଆ ଦିନିକିଆ ସିରିଜ୍ ଖେଳାଯିବ। ଭାରତୀୟ କୋଚ ପାକିସ୍ତାନ ଯିବାକୁ ଚାହୁଁ ନାହାନ୍ତି। ଏଥିରେ ଆମେ କିଛି କରିପାରିବୁ ନାହିଁ ବୋଲି ପୂର୍ବତନ ଜାତୀୟ ଓପନର ଜାଭେଦ ଓମାର କହିଛନ୍ତି।

## ସ୍ୱର୍ଣ୍ଣ ଜିତି ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଦଳରେ ସାଜନ

ଶିରଡି,୨୯।୯(ପିଟି)

ଜୁନିୟର ବିଶ୍ୱ ଚାମ୍ପିୟନ ଦୁଇଟି ପଦକ ହାସଲ କରିଥିବା ସାଜନ ଭାନୱାଲ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ ଗ୍ରୀକୋ ରୋମାନ ଦଳରେ ସ୍ଥାନ ପାଇଛନ୍ତି। ରବିବାର ଶେଷ ହୋଇଥିବା ଏହି ବୟସ ବର୍ଗର ଜାତୀୟ ଚାମ୍ପିୟନଶିପରେ ସେ ଚାମ୍ପିୟନ ହୋଇଛନ୍ତି। ସାଜନ ୭୭ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସହ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍‌ଏସ୍‌ସିବି) ଦଳୀୟ ଚାମ୍ପିୟନଶିପ ହାତେଇଛି। ଅର୍ଜୁନ (୫୫ କେଜି), ରଜିତ (୬୩ କେଜି), ରାହୁଲ (୭୨ କେଜି) ଓ ଦୀପକ (୧୩୦ କେଜି) ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କେବଳ ୯୭ କେଜି ବର୍ଗରେ ଏସ୍‌ଏସ୍‌ସିବିର କେହି ପଦକ ଜିତିପାରି ନାହାନ୍ତି। ହରିୟାଣାର ରବି ରାଜସ୍ଥାନର ପୁଷ୍ପେନ୍ଦ୍ରଙ୍କୁ ହରାଇ ଏହି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



ସର୍ବଭାରତୀୟ ଡାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କୃତ କରୁଛନ୍ତି।

## ସୁନ୍ଦର ସ୍ୱାସ୍ଥ୍ୟରେ ଓଡିଶା ସର୍କଲ ରନର୍ସଅପ

**ସର୍ବଭାରତୀୟ ଡାକ ପ୍ରତିଯୋଗିତା**

ବ୍ରହ୍ମପୁର ଅଫିସ,୨୯।୯

ସକାରାତ୍ମକ ଆତ୍ମବିଶ୍ୱାସ ଅସଫଳ କାର୍ଯ୍ୟକୁ ମଧ୍ୟ ସଫଳତାରେ ପରିଣତ କରିଥାଏ। ନିଜ ଭିତରେ ଥିବା ସକାରାତ୍ମକ ବିଶ୍ୱାସ ଜାଗ୍ରତ କରିବା ଆବଶ୍ୟକ। ଯୁବକଙ୍କ ଦକ୍ଷତାର କୌଣସି ନିର୍ଦ୍ଦିଷ୍ଟ ପରିଧି ନାହିଁ। ତେଣୁ ଯୁବବର୍ଗ ନିଜ ପରିଚୟ ପରିବର୍ତ୍ତେ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଡାକ ବିଭାଗର ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ରବିବାର ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି।

ହିଲ୍‌ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ୪ ଦିନ ଧରି ଚାଲିଥିବା ଡାକ ବିଭାଗର ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ତେବେ ଏହି ପ୍ରତିଯୋଗିତାରେ ଭାରୋତ୍ତଳନରେ ରାଜସ୍ଥାନ ସର୍କଲ ଚାମ୍ପିୟନ ହୋଇଥିବା ବେଳେ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ରାଜସ୍ଥାନର କପିଳଦେବ ରାଠୋର ପୁରସ୍କୃତ ହୋଇଥିଲେ। ଶକ୍ତିଉତ୍ତୋଳନରେ ତାମିଲନାଡୁ ସର୍କଲ ଚାମ୍ପିୟନ ହୋଇଥିବା ବେଳେ ଶ୍ରେଷ୍ଠ ଶକ୍ତି ଉତ୍ତୋଳନକାରୀ ଭାବେ ମଧ୍ୟପ୍ରଦେଶର ଶୈଳେନ୍ଦ୍ର ସେବାଟିଆ ପୁରସ୍କୃତ ହୋଇଥିଲେ। ସେହିପରି ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡିଶା ପୋଷ୍ଟାଲ ସର୍କଲ ରନର୍ସଅପ ହୋଇଥିବା ବେଳେ ଓଡିଶା ସର୍କଲର ବିଶ୍ୱଜିତ ପ୍ରତିହାରୀ ଶ୍ରେଷ୍ଠ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଛନ୍ତି।

## ମହିଳା ହକି: ଭାରତ– ବ୍ରିଟେନ ମ୍ୟାଚ୍ ଡ୍ର

ମାର୍ଲୋ (ଇଂଲଣ୍ଡ), ୨୯।୯ (ପି.ଟି.)

ୟୁକେ ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ତା'ର ଦ୍ୱିତୀୟ ମ୍ୟାଚରେ ଆୟୋଜକ ଗ୍ରେଟ ବ୍ରିଟେନ୍ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଛି। ରବିବାର ଏଠାରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ବ୍ରିଟେନ ତରଫରୁ ଗୋଲ ସ୍କୋର ହୋଇଥିଲା ଓ ଘରୋଇ ଦଳ ୧-୦ରେ ଅଗ୍ରଣୀ ହୋଇଥିଲା। ତେବେ ତୃତୀୟ କ୍ୱାର୍ଟରରେ ୩୨ତମ ମିନିଟ୍‌ରେ ଲାଲରେମସିଆମି ଗୋଲଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ୧ ତାରିଖ ମଙ୍ଗଳବାର ଭାରତ ଓ ବ୍ରିଟେନ ତୃତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

## ୧୮ ବର୍ଷରୁ କମ୍ ସାଫ ଫୁଟ୍‌ବଲ

# ଭାରତ ପ୍ରଥମ ଥର ଚାମ୍ପିୟନ

କାଠମାଣ୍ଡୁ,୨୯।୯

୧୮ ବର୍ଷରୁ କମ୍ ସାଫ ଫୁଟ୍‌ବଲ ଚାମ୍ପିୟନଶିପରେ ଭାରତୀୟ ଦଳ ପ୍ରଥମ ଥର ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲରେ ଭାରତୀୟ ଦଳ ୨-୧ ଗୋଲରେ ବାଂଲାଦେଶକୁ ହରାଇ ଦେଇଛି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ଓଡ଼ିଶାର ଟଙ୍କଧର ବାଗ୍। ଟଙ୍କଧର ୧୬ ବର୍ଷରୁ କମ୍ ଭାରତୀୟ ଦଳରେ କୋଚ ଶୁଭେନ୍ଦୁ ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ । ୧୬ ବର୍ଷରୁ କମ୍ ଦଳରୁ ୫ ଖେଳାଳି କ୍ୟାମ୍ପକୁ ଏବଂ ସେଥିରୁ ୩ ଖେଳାଳି ୧୮ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳକୁ ଖାତା ଖୋଲିବା ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ବିକ୍ରମ ପ୍ରତାପ ସିଂ ପ୍ରଥମ ଗୋଲ ଦେଇଥିଲେ। ୨୨ତମ ମିନିଟ୍‌ରେ ଭାରତର ଗୁରକିରତ ସିଂ ଓ ବାଂଲାଦେଶର ମହମ୍ମଦ ଫହିଙ୍କୁ ରେଡ୍ କାର୍ଡ ଦିଆଯାଇଥିଲା। ଫଳରେ ଦୁଇ ଦଳକୁ ୧୦ ଲେଖାଏ ଖେଳାଳିଙ୍କ ସହ ଖେଳିବାକୁ ପଡ଼ିଥିଲା। ପ୍ରଥମାର୍ଦ୍ଧ ଶେଷ ହେବାର କିଛି ସମୟ ପୂର୍ବରୁ ବାଂଲାଦେଶ ଅଧିନାୟକ ୟେସିନ (୪୦ତମ ମିନିଟ୍) ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ବାଂଲାଦେଶର ୟସିନ ଦ୍ୱିତୀୟ ୟେଲୋ କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ହେଲେ ମ୍ୟାଚ୍‌ର ଅତିରିକ୍ତ ମିନିଟ୍‌ରେ ରବି ବାହାଦୁର ରାଣା (୯୦+୧ ମିନିଟ୍) ଭାରତ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ। ମ୍ୟାଚ୍ ଜିତିବା ପରେ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ମ୍ୟାଚ୍‌ଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ରବିଙ୍କ ଚମତ୍କାର ଗୋଲ ବଳରେ ଆମେ ମ୍ୟାଚ୍ ଜିତିବାକୁ ସକ୍ଷମ ହେଲୁ। ଆମେ ଟୁର୍ନାମେଣ୍ଟରେ କେବଳ ଶ୍ରେଷ୍ଠ ଫୁଟ୍‌ବଲ ଦଳ ନ ଥିଲୁ, ସବୁଠୁ ପ୍ରଭାବି ଦଳ ମଧ୍ୟ ଥିଲୁ। ମୁଁ ଖେଳାଳିଙ୍କ ପାଇଁ ବହୁତ ଖୁସି ବୋଲି କୋଚ୍ ପିଣ୍ଟୋ କହିଛନ୍ତି। ଭାରତର ନିନ୍‌ଥୋଇନଗାମ୍ବା ମିତେଇଙ୍କୁ ମୋଷ୍ଟ ଭାଲ୍ୟୁଏବୁଲ ପ୍ଲେୟର ଅଫ୍ ଟୁର୍ନାମେଣ୍ଟ ବିବେଚିତ କରାଯାଇଛି। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ) ସଭାପତି ପ୍ରଫୁଲ ପଟେଲ ଚାମ୍ପିୟନ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ କରିଛି। ଗତ ସପ୍ତାହରେ ୧୬ ବର୍ଷରୁ କମ୍ ଭାରତ ଏଏଫ୍‌ସି ଚାମ୍ପିୟନଶିପକୁ ଯୋଗ୍ୟତା ଅର୍ଜନ କରିଥିଲା। ଏବେ ସାଫ ଟୁର୍ନାମେଣ୍ଟ ଜିତିବା ଯୁବ ଭାରତୀୟ ଦଳ ପାଇଁ ଡବଲ ଖୁସି ସଦୃଶ। ଏହି ଭାରତୀୟ ଦଳ ଏବେ ନଭେମ୍ବରରେ ହେବାକୁ ଥିବା ୧୯ ବର୍ଷରୁ କମ୍ ଏଏଫ୍‌ସି ଯୋଗ୍ୟତା ପର୍ଯ୍ୟାୟ ଖେଳିବ।



ଓଡ଼ିଆ ଖେଳାଳି ଟଙ୍କଧର ବାଗ।



ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ।

"କୌଣସି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ମୁଁ ଆଶାନୁରୂପ ଖେଳିପାରି ନ ଥାଏ। ଚାଇନା ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ହେଁ ପ୍ରଦର୍ଶନରେ ଖୁସି ନୁହେଁ। –ନାଓମି ଓସାକା, ଜାପାନ ମହିଳା ଟେନିସ ତାରକା



"ପେଟ୍ରୋ ରନ ଦିଲ୍ଲୀ ହାଫ୍ ମାରାଥନର ଶୁଭାରମ୍ଭ କରି ଫିଟ୍ ଇଣ୍ଡିଆ ଅନ୍ଦୋଳନର ଅଂଶବିଶେଷ ହୋଇପାରିଥିବାରୁ ମୁଁ ଖୁବ୍ ଆନନ୍ଦିତ। –ହିମା ଦାସ, ଭାରତୀୟ ସ୍ପ୍ରିଣ୍ଟର



## ସଂକ୍ଷେପରେ

### ଭାରତୀୟ ମହିଳା ଫେନ୍ସର ଭବାନୀଙ୍କୁ ରୌପ୍ୟ



**ଚେନ୍ନାଇ,୨୯।୯(ପି.ଟି):** ବେଲଜିୟମର ବନ୍ଦର ସହରର ଘେଣ୍ଟଠାରେ ଅନୁଷ୍ଠିତ ଟୋରନୋଇ ସାଟ୍‌ଲାଇଟ୍ ଫେନ୍ସିଙ୍ଗ ପ୍ରତିଯୋଗିତା (ବିଶ୍ୱ ସ୍ତରୀୟ)ରେ ରବିବାର ଭାରତୀୟ ମହିଳା ଫେନ୍ସର ଭବାନୀ ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ଚେନ୍ନାଇ ଜନ୍ମିତ ଭବାନୀ ଫାଇନାଲରେ ଆଜରବୈଜାନର ବସ୍ତା ଆନ୍ନାଙ୍କଠାରୁ ୧୦-୧୫ରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲରେ ସେ ଇଟାଲୀର ମାର୍ଟିନା ପେର୍ଟୋଗଲିଆଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଭବାନୀ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଏବେ ୪୪ତମ ସ୍ଥାନରେ ରହିଛନ୍ତି। ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣି ଭାବନୀ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଥିଲେ। ଆସନ୍ତାବର୍ଷ ସେ ଏକାଧିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ।

# ହାମିଲଟନ ଜିତିଲେ ରୁଷିଆନ ଗ୍ରାଁ ପ୍ରି

ସୋଚି, ୨୯।୯

ମର୍ସିଡିଜ୍ ଡ୍ରାଇଭର ବ୍ରିଟେନର ଲୁଇସ ହାମିଲ୍‌ଟନ ରବିବାର ଅନୁଷ୍ଠିତ ରୁଷିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରୁଷିଆରେ ଏହା ହାମିଲ୍‌ଟନଙ୍କ ୪ର୍ଥ ଏବଂ ଓଭରଅଲ୍ ୮୨ତମ ଗ୍ରାଁ ପ୍ରି ବିଜୟ। ୨ ନମ୍ବର ଗ୍ରିଡ୍‌ରୁ ରେସ୍ ଆରମ୍ଭ କରିଥିବା ହାମିଲଟନଙ୍କୁ ସାଥି ଡ୍ରାଇଭର ଭାଲ୍‌ଟେରୀ ବୋଟ୍ଟାସ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୨ ନମ୍ବର ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ପୋଲ୍ ପୋଜିଶନ ପାଇଥିବା ଫେରାରୀର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫଳରେ ଏହି ୩ ଡ୍ରାଇଭରଙ୍କୁ ଯଥାକ୍ରମେ ୨୬, ୧୮ ଓ ୧୫ ପଏଣ୍ଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ, ଆଲେକ୍‌ଜାଣ୍ଡର ଆଲବନ, ମ୍ୟାକ୍‌ଲରେନର କାର୍ଲୋସ ସିଞ୍ଜ ଜୁନିୟର, ରେଂ ପଏଣ୍ଟର ସର୍ଗିଓ ପେରେଜ, ମ୍ୟାକ୍‌ଲରେନର ଲାନ୍‌ଲୋ ନୋରିସ, ହାସ୍‌ର କେଭିନ ମ୍ୟାଗ୍ନୁସେନ ଓ ରେନଲ୍ଟର ନିକୋ ହଲ୍କେନବର୍ଗ ଟପ୍-୧୦ ଫିନିଶ୍ କରି ପଏଣ୍ଟ ହାସଲ କରିଛନ୍ତି। ଏହି ରେସ୍ ପରେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ହାମିଲଟନ ୯ ଗ୍ରାଁ ପ୍ରି ବିଜୟ ସହ ୩୨୨ ପଏଣ୍ଟ ପାଇ ଶୀର୍ଷସ୍ଥାନକୁ ମଜଭୁତ କରିଛନ୍ତି। ଅନ୍ୟତମ ମର୍ସିଡିଜ୍ ଡ୍ରାଇଭର ବୋଟ୍ଟାସ ୨ ବିଜୟ ସହ ୨୪୯, ଫେରାରୀର ଲେକ୍‌ରେକ୍ ୨ ବିଜୟ ସହ ୨୧୫ ଓ ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୨ ବିଜୟ ସହ ୨୧୨ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। କନ୍‌ଷ୍ଟ୍ରକ୍ଟର୍ସ ଷ୍ଟାଣ୍ଡିଂରେ ମର୍ସିଡିଜ୍ ୫୭୧ ପଏଣ୍ଟ ପାଇ ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଫେରାରୀ ୪୦୯ ଏବଂ ରେଡ୍‌ବୁଲ୍ ୩୧୧ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି।



ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ଲୁଇସ ହାମିଲଟନ।

# ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦ ଚାମ୍ପିୟନ

## ଚାଇନା ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୨୯।୯
(କ୍ରୀଡ଼ା ପ୍ରତିନିଧି)

ଚାଇନାର ଯୁହାଙ୍ଗ ହାଙ୍ଗ୍‌ଝୋଉଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ରବିବାର ଅନୁଷ୍ଠିତ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ୧୯-୨୧, ୨୧-୧୩, ୨୧-୧୪ ପଏଣ୍ଟରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ସେହିପରି ଭାରତର ମନୋଜ ସରକାରଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ଡବଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ ଓ ସୁହାସଙ୍କୁ ୧୮-୨୧, ୨୧-୧୬, ୨୧-୧୫ ପଏଣ୍ଟରେ ହରାଇ ଦେଇଛନ୍ତି। ଆହତ ସମସ୍ୟା ଯୋଗୁ ପ୍ରମୋଦ ନିକଟରେ ଅନୁଷ୍ଠିତ ଥାଇଲାଣ୍ଡ ଓପନ୍‌ର ଫାଇନାଲ ଅଧାରୁ ଓହରିବାକୁ ବାଧ ହୋଇଥିଲେ। ମାତ୍ର ଚାଇନା ଟୁର୍ନାମେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତାକୁ ଫେରିଛନ୍ତି। ଏହାକୁ ମିଶାଇ ପ୍ରମୋଦ ଚଳିତ ବର୍ଷ ସିଙ୍ଗଲ୍ସରେ ୭ମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୧୯ରେ ତାଙ୍କର ସିଙ୍ଗଲ୍ସ ଓ ଡବଲ୍ସ ପଦକ ସଂଖ୍ୟା ୧୭(୧୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ)ରେ ପହଞ୍ଚିଛି। ଏଥିସହ ସେ ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ମୋଟ ୬୦୯୦ ପଏଣ୍ଟ ପାଇଛନ୍ତି।



ପଦକ ସହ ପ୍ରମୋଦ ଭଗତ ଓ ମନୋଜ ସରକାର।

# ବିଶ୍ୱ ବିଚ୍ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୨ ଭାଗନେବେ



ପ୍ରେମ୍ ସିଂ ଥାପା ଓ ଭବାନୀ କୁମାରୀ ସାହୁ।

**ଭୁବନେଶ୍ୱର, ୨୯।୯**
**(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ବିଚ୍ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଥାଇଲାଣ୍ଡର ଫୁକେଟଠାରେ ଚଳିତ ମାସ ୩୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଭବାନୀ କୁମାରୀ ସାହୁ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ଟେଣ୍ଡିଙ୍ଗ(ଫାଇଟ୍) ଇଭେଣ୍ଟରେ ଭାଗନେବେ। ଭବାନୀଙ୍କ କୋଚ୍ ତଥା ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନର ସମ୍ପାଦକ ପ୍ରେମ୍ ସିଂ ଥାପା ଅନ୍ତର୍ଜାତୀୟ ରେଫରି ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଭୟ ଭବାନୀ ଓ ପ୍ରେମ୍ ରବିବାର ଝାରସୁଗୁଡ଼ାରୁ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଝାଡ଼ଖଣ୍ଡକୁ ହରାଇଲା ଗୋଆ

## ବିଜୟ ହଜାରେ ଟ୍ରଫି

**କଟକ ଅଫିସ,୨୯।୯**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଛି। ଏଲିଟ୍ ଗ୍ରୁପ୍-ଏ ଆଣ୍ଡ ବି'ର ଏକ ମ୍ୟାଚ୍‌ରେ ଶକ୍ତିଶାଳୀ ଝାଡ଼ଖଣ୍ଡ ଦଳକୁ ଗୋଆ ୪୨ ରନ୍‌ରେ ପରାସ୍ତ କରିଛି। ଆଦିତ୍ୟ କୌଶିକଙ୍କ ଶତକୀୟ ଇନିଂସ ଓ ଦର୍ଶନ ମିଶାଲଙ୍କ ୪ ଉଇକେଟ ଗୋଆକୁ ବିଜୟୀ କରାଇବାରେ ସହାୟ ହୋଇଥିଲା। ଏହି ଗ୍ରୁପ୍‌ର ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ କେରଳ ୬୨ ରନ୍‌ରେ ହାଇଦ୍ରାବାଦକୁ ପରାସ୍ତ କରିଛି। ଅଲୁର କ୍ରିକେଟ ଷ୍ଟାଡିୟମ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଛତିଶଗଡ଼ ୫୬ ରନ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ଆଶୁତୋଷ ସିଂଙ୍କ ୭୫ ରନ୍ ସହାୟତାରେ ୯ ଉଇକେଟ ହରାଇ ୨୬୮ ରନ୍ କରିଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ପୃଥ୍ୱୀରାଜ ଯାରା ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨୬୯ ରନ୍‌ର ପିଛାକରି ଆନ୍ଧ୍ରପ୍ରଦେଶ ୨୧୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଓପ୍‌ନର ପ୍ରଶାନ୍ତ କୁମାର ସର୍ବାଧିକ ୪୪ ରନ୍ କରିଥିଲେ। ଛତିଶଗଡ଼ ପକ୍ଷରୁ ଶଶାଙ୍କ ସିଂ ୩ଟି ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ମଣିପୁର-ଚଣ୍ଡିଗଡ଼, ହରିୟାଣା-ଉତ୍ତରପ୍ରଦେଶ, ବରୋଦା-ପଞ୍ଜାବ, ନାଗାଲାଣ୍ଡ-ମିଜୋରାମ, ମହାରାଷ୍ଟ୍ର-ହିମାଚଳପ୍ରଦେଶ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି।

# ଭାରତୀୟ ହକି ଦଳର ବିଜୟ ଜାରି

**ଆଣ୍ଟ୍ୱେର୍ପ (ବେଲଜିୟମ),୨୯।୯(ପି.ଟି.)**

ବେଲଜିୟମ ଗସ୍ତରେ ଯାଇଥିବା ଭାରତୀୟ ପୁରୁଷ ହକି ଦଳ ବିଜୟଧାରା ଅବ୍ୟାହତ ରଖିଛି। ରବିବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୫-୧ ଗୋଲରେ ସ୍ପେନ୍‌କୁ ହରାଇଛି। ଏଥିସହ ସ୍ପେନ୍ ବିପକ୍ଷରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶନିବାର ଭାରତ ସ୍ପେନ୍‌କୁ ୬-୧ ଗୋଲରେ ହରାଇଥିଲା। ବିଶ୍ୱର ୫ ନମ୍ବର ଦଳ ଭାରତ ହରମନପ୍ରୀତ ସିଂଙ୍କ ଡବଲ୍ ଗୋଲ ଜରିଆରେ ଏହି ସହଜ ବିଜୟ ହାସଲ କରିଛି।

ଆରମ୍ଭରୁ ଭାରତ ପ୍ରଭାବୀ ପ୍ରଦର୍ଶନ କରି ନ ଥିଲା। ମ୍ୟାଚର ତୃତୀୟ ମିନିଟ୍‌ରେ ହିଁ ଗୋଲ ବରଣ କରିଥିଲା। ବିଶ୍ୱର ୮ ନମ୍ବର ଦଳ ସ୍ପେନ୍ ତରଫରୁ ଇଗ୍ଲେସିଆସ୍ ଅଲଭାରୋ ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପଞ୍ଚମ ମିନିଟ୍‌ରେ ଆକାଶଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ଭାରତ ପଛକୁ ଫେରି ଚାହିଁ ନ ଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଏସ୍‌ଭି ସୁନୀଲ ଏକ ସୁନ୍ଦର ଗୋଲ ଦେଇଥିଲେ ଓ ଭାରତ ପ୍ରଥମାର୍ଦ୍ଧ ସୁଧା ୨-୧ରେ ଅଗ୍ରଣୀ ହୋଇଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲା। ୩୫ତମ ମିନିଟରେ ଫରୱାର୍ଡ ରମନଦୀପ ସିଂ ଭାରତ ପାଇଁ ତୃତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ୪୧ତମ ମିନିଟ୍‌ରେ ଡ୍ରାଗ ଫ୍ଲିକର ହରମନପ୍ରୀତ ସିଂ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୪-୧ ଗୋଲରେ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତ କୁଇକ୍ ପାସ୍ ଦେଇ ଦ୍ରୁତ ଗତିରେ ଖେଳିଥିଲା। ହରମନପ୍ରୀତ ସିଂ ଦଳ ତରଫରୁ ପଞ୍ଚମ ଗୋଲ ଦେଇଥିଲେ।

# ହର୍ଷିତ ଚାମ୍ପିୟନ, ଦିବ୍ୟସିଂ ରନର୍ସଅପ୍

**ଭୁବନେଶ୍ୱର, ୨୯।୯**
**(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ରବି ନାରାୟଣ ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରବିବାର ଏଠାରେ ଅନୁଷ୍ଠିତ ସ୍କୁଲ ଓପନ୍ ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଓ ଦିବ୍ୟସିଂ ରାୟ ରନର୍ସଅପ୍ ହୋଇଛନ୍ତି। ୭ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ହର୍ଷିତ ୬.୫ ପଏଣ୍ଟ ପାଇଥିବାବେଳେ ଦିବ୍ୟସିଂ ୫.୫ ପଏଣ୍ଟ ପାଇଛନ୍ତି। ୫.୫ ପଏଣ୍ଟ ପାଇଥିବା ଅନ୍ୟତମ ଖେଳାଳି ସୁମିତ ଓଝା ୩ୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ମିଶ୍ର, ପ୍ରତୀକ କୁମାର ରାଉତ, ଅଙ୍କୁଶ ସାହୁ, ସନ୍ତୋଷ କୁମାର ଦାଶ, ସିଦ୍ଧାର୍ଥ ମିଶ୍ର, ଶାଶ୍ୱତ ସୌମ୍ୟବ୍ରତ, ତ୍ରିଦେବ ତୀର୍ଥଙ୍କର, ସୁଜିତ କୁମାର ଦାଶ, ନମସ୍ୟା ନଳିନୀ, ପ୍ରଜ୍ଞାଶ୍ରୀ ଦେହୁରୀ, ଆୟୁଷ୍ମାନ ସାମନ୍ତରାୟ ଓ ଅମନ ଅଲ୍ଲୀ ଶୀର୍ଷ ୧୫ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସାଇ ବୀଣାପାଣି ଜ୍ଞାନମନ୍ଦିରର ସେକ୍ରେଟାରି ଭବାନୀ ଶଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ୍ ଚାମ୍ପିୟନଶିପ୍

# ମହିଳା, ପୁରୁଷ ବିଭାଗରେ ଓଡ଼ିଶା ଦଳ ଚାମ୍ପିୟନ

ଭୁବନେଶ୍ୱର,୨୯।୯(ସ୍ପୋର୍ଟ୍ସ ବ୍ୟୁରୋ)

ସିଟି କ୍ଲବ, ନୟାପଲ୍ଲୀ ଓ ଭୁବନେଶ୍ୱର ଫୁଟବଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ମୁମ୍‌ତାଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୩ୟ ନରେନ୍ଦ୍ର ଜେନା ସ୍ମାରକୀ ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଉଭୟ ବିଭାଗରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗର ଫାଇନାଲରେ ଛତିଶଗଡ଼କୁ ୨-୦ ସେଟ୍‌ରେ ହରାଇ ଓଡ଼ିଶା ବି' ଚାମ୍ପିୟନ ହୋଇଛି। ଓଡ଼ିଶା ଏ' ଓ ତେଲେଙ୍ଗାନା ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ସେହିଭଳି ମହିଳା ବର୍ଗରେ ଓଡ଼ିଶା ଏ' ଫାଇନାଲରେ ୨-୦ ସେଟ୍‌ରେ ଓଡ଼ିଶା ଡି'କୁ ହରାଇ ଚାମ୍ପିୟନ ହୋଇଛି। ଓଡ଼ିଶା ବି' ୩ୟ ଓ ଓଡ଼ିଶା ସି' ୪ର୍ଥ ସ୍ଥାନ ପାଇଛନ୍ତି। କନ୍ଧମାଳର କଳାମୋହନ ନାୟକ (ପୁରୁଷ) ଓ ଭଦ୍ରକର ମମତା ବେହେରା (ମହିଳା)ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସୁଜିତ ପାତ୍ର, ପଞ୍ଚାନନ ବଳ, ସଞ୍ଜୟ କୁମାର ମଲିକ, ସୁଦାମ ଚରଣ ମିଶ୍ର, ଆନ୍ନା କେରକେଟା, ରଶ୍ମିତା ମହାନ୍ତି ପରିଚାଳନା କରିଥିଲେ। ବୀର ଓଡ଼ିଆ ମହାସଙ୍ଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଡ. ସୌର୍ଯ୍ୟରଞ୍ଜନ ପରିଜା, ପି. ସୁଗୁମାରନ, ମହମ୍ମଦ ସହିଦ ଜବାର, ସୌରଭ ନାୟକ, ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରସନ୍ନ ରାଉତ, ସଙ୍ଗୀତା ଶର୍ମା, ନଟବର ସାମନ୍ତରାୟ, ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରଦୀପ କୁମାର ରାଉତରାୟ।




ପୁରୁଷ ବିଭାଗ ଚାମ୍ପିୟନ ଓଡ଼ିଶା ବି' ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


# ମନେ ପଡ଼ନ୍ତି

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସୌଦାମିନୀ ପଣ୍ଡା**
କଳ୍ପନାସ୍କ୍ୱାର୍, ଭୁବନେଶ୍ୱର-୧୪,
ଆବିର୍ଭାବ: ୨୩।୦୮।୧୯୫୬
ତିରୋଧାନ: ୧୫।୧୦।୨୦୧୫
(ଶୁକ୍ଳପକ୍ଷ ଦ୍ୱିତୀୟା ତିଥି)
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ିଚାଲିଗଲ କେଉଁ ଅଜଣା ରାଇଜକୁ। ତୁମର ସେହି ହସ, ହସଭରା ମୁହଁ ଏବଂ ସ୍ନେହଭରା କଥା ଆଜି ମଧ୍ୟ ଅଲିଭା ହୋଇ ରହିଅଛି ଆମ୍ଭମାନଙ୍କ ମଧ୍ୟରେ। ସର୍ବଦା କାମନା କରୁଅଛୁ ତୁମର ଅମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
**ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।**
ଧ-୧୪୫୭୪

## ହେ ଫଗୁଣ ତୁମେ ଗଲାପରେ ପରେ



**ସ୍ୱର୍ଗତ ଜଗବନ୍ଧୁ ରାଉତ**
ପର୍ବତୀୟା, ଶଙ୍କରପୁର, ଢେଙ୍କାନାଳ
ଆସିଥିଲ: ୧୩।୦୯।୧୯୫୩
ଚାଲିଗଲ: ୨୦।୦୯।୨୦୧୯ (ଶୁକ୍ରବାର)
ଜୀବନର ଲମ୍ବା ରାସ୍ତାରେ ଦୀର୍ଘ ୬୬ବର୍ଷ କାଳ ଚାଲିଚାଲି ଶେଷରେ ତୁମେ ଥକି ପଡ଼ିଲ। ସରଳତା ଓ ନିଷ୍କପଟତାର ମୂର୍ତ୍ତୀମନ୍ତ ପ୍ରତିକ ଥିଲ ତୁମେ। ଆଜିର ଏହି ପୂଣ୍ୟ ତିଥିରେ ଆଖିରେ ଲୁହ, ଓ ଛାତିରେ କୋହ ଧରି ପ୍ରଭୁଙ୍କ ପାଖରେ ଏତିକି ଅଳି କରୁଛୁ, ତୁମ ଅମର ଆତ୍ମା ଚିର ଶାନ୍ତି ଲଭୁଁ।
ପୂର୍ଣ୍ଣ ତ୍ରିପାଠୀ
ୟୁନିଟ୍ -୨, ଭୁବନେଶ୍ୱର
ଧ-୬୭୦୮୧

## ଏକାଦଶାହ ଉପଲକ୍ଷେ



**୰ ବସନ୍ତ କୁମାର ଶତପଥୀ**
ଆବିର୍ଭାବ : ୨୩-୦୩-୧୯୫୧
ତିରୋଧାନ : ୨୦-୦୯-୨୦୧୯
PLOT NO.1578, SITANILAYAM, SASANAPADIA, BHUBANESWAR
" ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ "
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ନିସ୍ୱାର୍ଥପରତା, ତ୍ୟାଗ-ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ଆପଣଙ୍କର ପତ୍ନୀ, ଭାଇ, ଭଉଣୀ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ବନ୍ଧୁ, ପରିବାର ବର୍ଗ ଏବଂ ଭାରତ ବିକାଶ ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ବୃନ୍ଦ
ଧ-୬୮୧୦୬

## ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ମାଧବ ପାଣିଗ୍ରାହୀ**
ଆବିର୍ଭାବ: ୧୮।୦୯।୧୯୬୯
ତିରୋଧାନ: ୧୯।୦୯।୨୦୧୯
" ସବୁ ଦୁଃଖ ଯାତନାକୁ ନୀରବରେ ସହି, ଚାଲିଗଲ ଆରପାରେ କିଛି ନ କହି"
**ଶୋକସନ୍ତପ୍ତ:**
ସ୍ତ୍ରୀ: ମମତା, ପୁତ୍ର: ନିତିଶ, କନ୍ୟା: ପ୍ରିୟଙ୍କା ଓ ପରିବାର ବର୍ଗ।
ଧ-୧୪୫୮୦

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପଦ୍ମାବତୀ ପଟ୍ଟନାୟକ**
ସ୍ୱାମୀ: ସ୍ୱର୍ଗତ କ୍ଷେତ୍ରମୋହନ ପଟ୍ଟନାୟକ
ଶଙ୍ଖପୁର (ବନ୍ତଳା) ଅନୁଗୁଳ
ଆବିର୍ଭାବ: ୩୦।୦୮।୧୯୨୬ (ଜନ୍ମାଷ୍ଟମୀ)
ତିରୋଧାନ:୨୦।୦୯।୨୦୧୯
(ଆଶ୍ୱିନ କୃଷ୍ଣପକ୍ଷ ଗଜଷଷ୍ଠୀ)
ସମସ୍ତଙ୍କ ପ୍ରତି ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଦାନ, ଧର୍ମ ଆଶୀର୍ବାଦ ଓ ଆଦର୍ଶ ଆମମାନଙ୍କର ପ୍ରେରଣାର ଉତ୍ସହେଉ। ଆପଣଙ୍କର ଅମରଆତ୍ମା ଚିରଶାନ୍ତି ଲାଭକରୁ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୧୪୫୮୩




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. 'Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. ^^Terms and Conditions apply.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

**Authorised Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799566329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

JWT.5726.2019ODI



“ ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। - ଆଇନଷ୍ଟାଇନ



■ ୫ବର୍ଷ ହେଲା କିଡ୍‌ନୀ ରୋଗ କବଳରେ ସରସ୍ୱତୀ

# ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା

**ନରସିଂହପୁର,୨୯।୯(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କରିଛନ୍ତି। ଏହାଦ୍ୱାରା ଅନେକ ଲୋକ ଉପକୃତ ହୋଇପାରିବେ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ସରକାରଙ୍କ ଏହିସବୁ ଯୋଜନା କେତେକ ସ୍ଥାନରେ ପହଞ୍ଚୁଥିବାବେଳେ ଅନେକ ସ୍ଥାନରେ ପହଞ୍ଚି ପାରୁନାହିଁ। ଯଦ୍ୱାରା ବହୁ ଗରିବ ଜନସାଧାରଣ ଚିକିତ୍ସା ସହାୟତା ନ ପାଇ ଅକାଳରେ ଜୀବନ ହାରୁଛନ୍ତି। ଯାହାର ଏକ ଉଦାହରଣ କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ରଣସିଂହପୁର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ସରସ୍ୱତୀ ବେହେରା(୩୫) ୫ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ବ୍ଲକ ଅଧୀନ ଯୋଡୁମୁଁ ଗ୍ରାମରେ ବିବାହ କରିଥିଲେ। ତାଙ୍କ ସ୍ୱାମୀ କାଳନ୍ଦୀ ବେହେରା(୪୦) ଦିନ ମଜୁରିଆଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରିଥାନ୍ତି। ପାଖରେ ଅର୍ଥ ନ ଥିବାରୁ ସେ ସରସ୍ୱତୀଙ୍କ ଚିକିତ୍ସା କରି ପାରିନାହାନ୍ତି। ଫଳରେ ସରସ୍ୱତୀ, କାଳନ୍ଦୀ ଓ ତାଙ୍କର ୨ ପିଲା ଏବେ ଆସି ସରସ୍ୱତୀଙ୍କ ବାପଘର ରଣସିଂହପୁରରେ ଆଶ୍ରୟ ନେଉଛନ୍ତି। ସେହିପରି କାଳନ୍ଦୀ ମଧ୍ୟ ଅସୁସ୍ଥ ହୋଇ ପଡ଼ିଲେଣି। କାମ କରି ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟ ସାଧ୍ୟ ହୋଇପଡ଼ିଛି। ତେବେ ସେ ଅଧିକ କାମ କଲେ ତାଙ୍କର ପାଗଳାମୀ ମଧ୍ୟ ବାହାରିଥାଏ। ଏହି କାରଣରୁ ସେ ଆଉ କାମ କରୁନାହାନ୍ତି। କାଳନ୍ଦୀ ଓ ସରସ୍ୱତୀଙ୍କ ୨ ପୁଅ ପୀତବାସ ଓ ଅରୁଣ ଅଛନ୍ତି। ଅରୁଣଙ୍କୁ ୧୨ ବର୍ଷରୁ କ'ଣ ହୋଇଛି କେଜାଣି ସେ ଆଉ ବଢ଼ିପାରୁନାହାନ୍ତି। ଓଜୋନ ମାତ୍ର ୧୫ କିଲୋ ହୋଇଥିବାବେଳେ ଉଚ୍ଚତା ୩ ଫୁଟ୍‌ରେ ରହିଯାଇଛି। ଅର୍ଥ ଅଭାବରୁ ତାଙ୍କର ମଧ୍ୟ ଚିକିତ୍ସା ହୋଇ ପାରୁନାହିଁ। ସରସ୍ୱତୀଙ୍କ ବାପଘର ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ସରସ୍ୱତୀଙ୍କୁ ସହାୟତାର ହାତ ବଢ଼ାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ଏହି ଗରିବ ପରିବାରକୁ ସହାୟତାର ହାତ ବଢ଼ାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ଏ ନେଇ ସରସ୍ୱତୀ କହିଛନ୍ତି, ମୋ ଆୟୁଷ ଆଉ ଅଧିକ ଦିନ ନୁହେଁ। ମୋର ବଞ୍ଚି ରହିବାକୁ ବହୁତ ଇଚ୍ଛା। ହେଲେ ମୋର ଚିକିତ୍ସା କରିବା ପାଇଁ ମୋ ସ୍ୱାମୀଙ୍କ ନିକଟରେ ଟଙ୍କା ନାହିଁ। ସରକାରଙ୍କ ପକ୍ଷରୁ ମୋତେ ସହାୟତା ପ୍ରଦାନ କରାଗଲେ ମୁଁ ବଞ୍ଚିଯାଆନ୍ତି। ସେହିପରି ସାନପୁଅର ଚିକିତ୍ସା ପାଇଁ ମଧ୍ୟ ସେ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଏସମ୍ପର୍କରେ କାଳନ୍ଦୀ କହନ୍ତି, ବହୁ ଦୁଃଖ କଷ୍ଟରେ ଆମ ପରିବାର ଚଳୁଛି। ସ୍ତ୍ରୀ ଓ ସାନପୁଅ ଚିନ୍ତାରେ ମୁଁ ବି ରୋଗାଗ୍ରସ୍ତ ହୋଇ ପଡ଼ିଲିଣି। ଯାହାକିଛି ରୋଜଗାର କରିଥିଲି ସବୁ ସରିଗଲା। ଆଉ ଚିକିତ୍ସା କରିବାକୁ ଟଙ୍କା ନାହିଁ। ସରକାର ଆମକୁ ସହାୟତାର ହାତ ବଢ଼ାନ୍ତୁ ବୋଲି ସେ ନିବଦେନ କରିଥିଲେ। ରଣସିଂହପୁର ଗ୍ରାମର ସୌମ୍ୟରଞ୍ଜନ ବଘାର କହିଛନ୍ତି, ସରସ୍ୱତୀଙ୍କ ବାପାଘର ଅବସ୍ଥା ବହୁତ ଖରାପ। ଯେଉଁଥି ପାଇଁ ସେ ସରସ୍ୱତୀଙ୍କ ଚିକିତ୍ସା କରାଇ ପାରୁନାହାନ୍ତି। ପ୍ରଶାସନ ଚାହିଁଲେ ସରସ୍ୱତୀଙ୍କ ଉତ୍ତମ ଚିକିତ୍ସା ହୋଇପାରିବ।

ଯୋଡୁମୁ ସରପଞ୍ଚ ଅଜୟ ବିଶ୍ୱାଳ କହିଛନ୍ତି, କାଳନ୍ଦୀଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ମୁଁ ବ୍ଲକ ପ୍ରଶାସନକୁ ଜଣାଇଛି। ଯଦି ବ୍ଲକ ପକ୍ଷରୁ ସହାୟତା ନ ମିଳେ। ଆଗାମୀ ଦିନରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି। ଘଟଣା ସମ୍ପର୍କରେ ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରେ ସେ କହିଥିଲେ, ଏହି ପରିବାରର ସମସ୍ୟା ସମ୍ପର୍କରେ ଜାଣି ନ ଥିଲି। ଏବେ ଜାଣିବାକୁ ପାଇଲି। ଯୋଡୁମୁଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏହି ପରିବାର ସମ୍ପର୍କରେ ସମସ୍ତ ବିବରଣୀ ଦେବାକୁ କହିଛି। ସେମାନେ ରିପୋର୍ଟ ଦେବାପରେ ଯାହା ସରକାରୀ ଯୋଜନା ଥିବ ସବୁ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏବେ ଦେଖିବାକୁ ଅପେକ୍ଷା ବିଡିଓ କହିଥିବା କଥା କେତେଦୂର କାର୍ଯ୍ୟକାରୀ ହେଉଛି।


ସରସ୍ୱତୀ ଓ ତାଙ୍କ ପରିବାର।

- ■ ସ୍ୱାମୀ, ପିଲାଙ୍କ ସହ ବାପଘରେ ନେଉଛନ୍ତି ଆଶ୍ରୟ
- ■ ସରକାରୀ ସହାୟତା ପାଇଁ ନିବେଦନ
- ■ ପରିବାର ଚଳାଇ ପାରୁନାହାନ୍ତି ସ୍ୱାମୀ

## ନରସିଂହପୁର ବ୍ଲକରେ ଆବାସ କାର୍ଯ୍ୟାଦେଶ ବଣ୍ଟନ


ବିଧାୟକ ଦେବୀପ୍ରସାଦ ମିଶ୍ର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ନରସିଂହପୁର,୨୯।୯(ଡି.ଏନ.ଏ.):** ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କରାଯାଇଛି। ଆୟୋଜିତ ଉତ୍ସବରେ ବିଡିଓ ପ୍ରଶାନ୍ତ ତରାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଉପାଧ୍ୟକ୍ଷା ସୁନିତା ସ୍ୱାଇଁ, ଜିଲାପରିଷଦ ସଭ୍ୟ ନିର୍ମଳ ଜେନା, ପାଇକପଡାପାଟଣା ସରପଞ୍ଚ ବୀଣାପାଣି ବେହେରା, ସହକାରୀ ଯନ୍ତ୍ରୀ ଦିଲୀପ ବେହେରା ଓ ସମିତିସଭ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୧୨୩୦ଜଣଙ୍କୁ ଆବାସ ଓ ବିଜୁ ପକ୍କାଘର ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୨୬୯ଜଣଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା।

## ଗ୍ରାମ୍ୟ ରାସ୍ତାରୁ ଟ୍ରକ୍ ଜବତ

**ମାହାଙ୍ଗା,୨୯।୯(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅଧୀନ ଗୌଡ଼ଗୋପ ଛକଠାରେ ଶନିବାର ରାତିରେ ଏକ ୧୨ ଚକିଆ ଟ୍ରକ୍ ଯାଉଥିବାବେଳେ ପୋଲିସ ତାହାକୁ ଜବତ କରିଛି। ପରେ ପରିବହନ ଅଧିକାରୀ ରବି ନାରାୟଣ ଜେନା ପହଞ୍ଚି ଗାଡି ଉପରେ ୧୨ ହଜାର ଟଙ୍କା ଫାଇନ କରିଛନ୍ତି। ସୂଚନାଯୋଗ୍ୟ, ମାହାଙ୍ଗାର ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳରେ କଟକଣା ଲାଗୁ କରାଯାଇଛି। ଭାରିଯାନ ଚଳାଚଳ କରିବା ଦ୍ୱାରା ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏବେ ବର୍ଷାଦିନ ହୋଇଥିବାରୁ ଏହି ଗ୍ରାମ୍ୟ ରାସ୍ତାଗୁଡିକ ନଷ୍ଟ ହୋଇଯାଉଛି। ଏହି ନିୟମକୁ ଉଲ୍ଲଙ୍ଘନ କରି ଟ୍ରକ୍‌ଟି ସିମେଣ୍ଟ ବୋଝେଇ କରି ନିଶ୍ଚିନ୍ତକୋଇଲି-ଲଳିତଗିରି ପୂର୍ତ୍ତରାସ୍ତାରେ ଯାଉଥିଲା।

## ସଂକ୍ଷେପରେ

### ଜାତିଭିତ୍ତିକ ଆକ୍ଷେପକୁ ନେଇ ଥାନାରେ ମାମଲା

**କଟକସଦର,୨୯।୯(ଡି.ଏନ୍.ଏ.):** କଟକ ସଦର ବ୍ଲକର ଜନୈକ କାର୍ଯ୍ୟନିର୍ବାହୀ ଅଧିକାରୀ ଶନିବାର ପ୍ରହରାଜପୁର ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ଜାତିଭିତ୍ତିକ ଆକ୍ଷେପ କରିଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶନିବାର ଲୋକ ପ୍ରତିନିଧିମାନଙ୍କୁ କୌଣସି ବିଷୟ ନ ଜଣାଇ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟ କିପରି କରାଯାଉଛି ସେ ସମ୍ପର୍କରେ ନାଏବ ସରପଞ୍ଚ ସୁରେନ୍ଦ୍ର ଗୋଚ୍ଛାୟତ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ସାମାନ୍ୟ କିଛି କଥାକୁ ନେଇ ଉତ୍‌କ୍ଷିପ୍ତ ହୋଇ ଅଧିକାରୀ ଜଣକ ନାଏବ ସରପଞ୍ଚଙ୍କୁ ଜାତିଭିତ୍ତିକ ମନ୍ତବ୍ୟ ଦେଇଥିଲେ। ଏ ନେଇ ନାଏବ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୧୭/୧୯ନଂ.ରେ ଏକ ତଫସିଲଭୁକ୍ତ ଜାତିନୃସଂତା ନିବାରଣ ଆଇନ ୧୯୮୯ ଧାରା ୩(୧)ରେ ମାମଲା ରୁଜୁ କରିଛି। ଏହି ମାମଲାର ତଦନ୍ତ ସାଲେପୁର ଏସ୍‌ଡିପିଓ ସୋମବାର କରିବେ ବୋଲି ଥାନା ପକ୍ଷରୁ ଜଣାପଡିଛି।

### କାମିନୀ ସାହୁଙ୍କ ସ୍ମୃତିସଭା

**ଫୁଲନଖରା, ୨୯।୯ (ଡି.ଏନ୍.ଏ.):** ଓଡ଼ିଶା ବିକାଶ ମଞ୍ଚ ପକ୍ଷରୁ ଶନିବାର କାମିନୀ ସାହୁଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ନଖରାସ୍ଥିତ କାମିନୀଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ସୁରେନ୍ଦ୍ର ଛୋଟରାୟ, ନଳୀନ କୁମାର ସ୍ୱାଇଁ, ଅକ୍ଷୟ କୁମାର ଲେଙ୍କା, କେଦାର ନାଥ ଜେନା, ଗୋଲଖ ସାହୁ, ସୁକାନ୍ତ ସାହୁ, ସୁଦାମ ସାହୁ, ଫଗୁଚରଣ ସାହୁ ଓ ନୂତନ ସାହୁ ପ୍ରମୁଖ ଯୋଗଦେଇ କାମିନୀଙ୍କ ସ୍ମୃତିଚାରଣ କରିଥିଲେ। ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ଅଲ୍ ଓଡ଼ିଶା କୁରାଳ ମହାସଂଘର ମିଶ୍ରଣପର୍ବ

**କଟକ ଅଫିସ, ୨୯।୯:** ଖାନ୍‌ନଗରସ୍ଥିତ ଉତ୍ତରେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅଲ ଓଡ଼ିଶା କୁରାଳ ମହାସଂଘର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଡ. ସଂଘମିତ୍ରା ବେହେରା, କାର୍ଯ୍ୟକାରୀ ସଭାପତି କୃପାଶଙ୍କର କୁମାର, ଉପସଭାପତି ଗନ୍ଧର୍ବ ରଣା, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମୁଦୁଲି, ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ମୁଦୁଲି, ଉମେଶ ଚନ୍ଦ୍ର ବେହେରା, ବିଦ୍ୟୁଭୂଷଣ ବେହେରା, ସତ୍ୟାନନ୍ଦ ବେହେରା, କୋଷାଧ୍ୟକ୍ଷ ଭାବେ ରଞ୍ଜନ ପରିଡା, ଯୁବ ସଭାପତି ବିଶ୍ୱନାଥ ରଣା, ମହିଳା ସଭାପତି ରାଜଶ୍ରୀ ମୁଦୁଲି, ଉପଦେଷ୍ଟା ମଣ୍ଡଳୀରେ ଶଙ୍କର ମୁଦୁଲି, ଅନନ୍ତ ଚରଣ ବେହେରା ଓ ବିଷ୍ଣୁ ଚରଣ ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ।

### ଚୌଦ୍ୱାର ନଗର କଂଗ୍ରେସ ବୈଠକ

**ଚୌଦ୍ୱାର, ୨୯।୯(ଡି.ଏନ୍.ଏ.):** ଚୌଦ୍ୱାର ନଗର କଂଗ୍ରେସର ଏକ ବୈଠକ ରବିବାର ଗାନ୍ଧୀଛକ ସ୍ଥିତ ନଗର କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ନିବେଦନ କରିଥିଲେ। ଚୌଦ୍ୱାର ଅଞ୍ଚଳରେ ବନ୍ଦ ପଡିଥିବା ଶିଳ୍ପାନୁଷ୍ଠାନଗୁଡିକ ପୁନଃ କାର୍ଯ୍ୟକ୍ଷମ କରି ଅଞ୍ଚଳବାସୀଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଅଞ୍ଚଳବାସୀ ସଙ୍ଗଠିତ ଭାବେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଚୌଦ୍ୱାର ନଗର କଂଗ୍ରେସ ସାଧାରଣ ସମ୍ପାଦକ ହରିହର ପରିଡା, ପୂର୍ବତନ ସଭାପତି ଧୀରେନ୍ଦ୍ର ଚୌଧୁରୀ, ପିସିସି ସଭ୍ୟ ମାନସ ପରିଡା, ରାଜୀବ ମହାନ୍ତି, କୈଳାସ ଚନ୍ଦ୍ର ସାହାଣୀ, ମୋନାଲିସା ଦାସ ଓ ଜୟନ୍ତୀ ନାଥଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଶପଥ ନେଇଥିଲେ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ପଥପ୍ରାନ୍ତ ନାଟକ



ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

**ନରସିଂହପୁର,୨୯।୯ (ଡି.ଏନ.ଏ./ସ୍ୱ.ପ୍ର.)**

ନରସିଂହପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ନଖପଡା ଛକଠାରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଛି। ଏହି ନାଟକ ମାଧ୍ୟମରେ ସାମ୍ପ୍ରତିକ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଏବଂ ଘରୋଇ ହିଂସା ଆଇନ ସମ୍ପର୍କରେ ସାଧାରଣ ଲୋକଙ୍କୁ ମାର୍ଗ ଦର୍ଶନ କରାଯାଇଥିଲା। ଏଥିସହିତ ମାଗଣା ଆଇନ ସହାୟତା ସମ୍ପର୍କରେ ସଚେତନ କରା ଯାଇଥିଲା। ନରସିଂହପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିତିଶ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିଲୋଚନ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ଅଶ୍ୱିନୀ ରଣା ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ତାଲୁକ ଆଇନ କମିଟି ପକ୍ଷରୁ ରହିଥିବା ପିଏଲ୍‌ଭିର ସଦସ୍ୟ ସଞ୍ଜୟ ପଟ୍ଟନାୟକ, କାର୍ତ୍ତିକେଶ୍ୱର ନାଥଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**କଣ୍ଟାପଡା, ୨୯।୯ (ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅଞ୍ଚଳରେ ହେବାକୁ ଥିବା ଦୁର୍ଗାପୂଜା ଓ ଖଣ୍ଡା ଶୋଭାଯାତ୍ରା ପାଇଁ ଗୋବିନ୍ଦପୁର ଥାନା କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲିପଡା ଦୁର୍ଗାପୂଜା କମିଟି ସଭାପତି ଅନନ୍ତ ଚରଣ ହେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ୨୭ଟି ପୂଜା ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଓ ମଜୁରାଇ, ଗେଲପୁର, ଜାଇଁଲୋ, ଗୋଗଳ ଆଦି ୬ଟି ଖଣ୍ଡା ଶୋଭାଯାତ୍ରା କମିଟିର ମୁଖ୍ୟ ଯୋଗଦେଇଥିଲେ। ଚଳିତବର୍ଷ କ୍ଷତ୍ରୀୟମାନଙ୍କ ଖଣ୍ଡା ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ଗୋବିନ୍ଦପୁରଠାରେ ଅନୁଷ୍ଠିତ ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ଉପରେ କଟକଣା କଡାକଡି କରାଯିବ ବୋଲି ପୋଲିସ ପକ୍ଷରୁ ସଚେତନ କରାଯାଇଥିଲ। ଏହି ବୈଠକରେ ଗୋବିନ୍ଦପୁର ଥାନାଧିକାରୀ ଶରତ ଚନ୍ଦ୍ର ସେଠୀ, କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା, କଣ୍ଟାପଡା ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଓ ଗୋବିନ୍ଦପୁର ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାସ ଯୋଗଦେଇଥିଲେ।

## 'ଛାତ୍ରୀଛାତ୍ର କଲେଜର ସୁନାମ ବଢ଼ାନ୍ତୁ'


କମ୍ପ୍ୟୁଟର ବିଜ୍ଞାନ ବିଭାଗ ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୨୯।୯ (ସ୍ୱ.ପ୍ର./ବି.ପ୍ର.):** ବାଙ୍କୀ କଲେଜ କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମାନସ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷା ଗ୍ରହଣ କରି ଜୀବିକା ନିର୍ବାହ କରିବା ସହ ଦେଶବିଦେଶରେ କଲେଜର ସୁନାମ ବଢାଇବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା କଲେଜ ଅଧ୍ୟକ୍ଷା ଡ.ନିବାସିନୀ ପଣ୍ଡା ଯୋଗଦାନ କିର ଭଲପାଠ ପଢ଼ିବା ସହ ଶୃଙ୍ଖଳା ରକ୍ଷା କରିବା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟ୍ରାଇଡେଣ୍ଟ୍ ଭୁବନେଶ୍ୱରର ସହକାରୀ ପ୍ରଫେସର ଦକ୍ଷପ୍ରସାଦ ପତି, ଭୁବନେଶ୍ୱର ମିଟ୍ ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଧିକାରୀ କ୍ଷମାକାନ୍ତ ସାହୁ ଓ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ଛାତ୍ରୀଛାତ୍ର ଗୁରୁଜନଙ୍କୁ ଭକ୍ତିକଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହିଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

**ଚୌଦ୍ୱାର,୨୯।୯(ଡି.ଏନ୍.ଏ.):** ଆଞ୍ଚଳିକ ସାମ୍ବାଦିକ ସଂଘ ଟାଙ୍ଗୀ-ଚୌଦ୍ୱାରର ବାର୍ଷିକ ଉତ୍ସବ ସ୍ଥାନୀୟ ପୌର ଟାଉନ୍ ହଲ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ସତ୍ୟବ୍ରତ ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଚୌଦ୍ୱାର ଭାଜପା ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନ, ପୂର୍ବତନ କାଉନସିଲର ସୁବ୍ରତ ସାମଲ, ଡା.ଅମିତ୍ କୁମାର ପୃଷ୍ଟି ଅତିଥିଭାବେ ଯୋଗଦେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନିର୍ଭୀକ ଓ ନିଚ୍ଛକ ଖବର ପ୍ରସାରଣ କରିବା ପାଇଁ ପ୍ରୟାସ ଜାରି ରଖିବାକୁ ମତପ୍ରକାଶ ରଖିଥିଲେ। ଏହି ଅବସରରେ ସଂଘ ବାର୍ଷିକ ମୁଖପତ୍ର 'କଲମ-୨୦୧୯' ଉନ୍ମୋଚିତ ହେବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ସଭାପତି କମଳାକାନ୍ତ ନାୟକ ବିବରଣୀ ପାଠ ଓ ଅଖିଳେଶପଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

■ ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ

# ମରାମତି ହେଉନି, ବଢୁଛି ଦୁର୍ଘଟଣା

**ମାହାଙ୍ଗା,୨୯।୯(ସ୍ୱ.ପ୍ର.)**

ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନ ସାଲେପୁର-ଛତିଆ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତାରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ପାଇଁ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି ହୋଇଛି। ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ରାସ୍ତାର ଖନ୍ଦୋଳଠାରୁ କୁଆଁପାଳ ପର୍ଯ୍ୟନ୍ତ ଅନେକ ସ୍ଥାନ ଦବିଯାଇଛି। ଏଥିଯୋଗୁ ବର୍ଷା ପାଣି ଠିକ୍‌ରେ ନିଷ୍କାସନ ନ ହୋଇ ରାସ୍ତାରେ ଜମିରହୁଛି। ବର୍ଷା ପାଣି ଦ୍ୱାରା ଉକ୍ତ ସ୍ଥାନରେ ରାସ୍ତା ନଷ୍ଟ ହେବା ସହ ଖାଲ ଖମା ସୃଷ୍ଟି ହେଉଛି। ରାସ୍ତାଟି ମାହାଙ୍ଗା ଅଞ୍ଚଳର ଏକ ପ୍ରମୁଖ ରାସ୍ତା। ଏହା ମାହାଙ୍ଗା ବ୍ଲକ୍, ତହସିଲ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ସବରେଜେଷ୍ଟ୍ରୀ ଅଫିସ, ପୂର୍ତ୍ତବିଭାଗ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ପାନୀୟ ଜଳ କାର୍ଯ୍ୟାଳୟ ସହିତ ମାହାଙ୍ଗା ମହିଳା କଲେଜ ଏବଂ ଜେ.ଏନ. କଲେଜକୁ ସଂଯୋଗ କରୁଛି। ରାସ୍ତାଦେଇ ପ୍ରତ୍ୟହ ଶହଶହ ଗାଡ଼ି ମୋଟର ଯାତାୟାତ କରୁଛି। ରାସ୍ତାରେ ପାଣି ଜମିବା ଦ୍ୱାରା ଛାତ୍ରୀଛାତ୍ର ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଖନ୍ଦୋଳ, ଗୌଡ଼ପଡା, ଛତ୍ରତୋଟା ବଜାର, ଭଁରାଜ, ଅଳିଯୋଡା ତେଲ ଟାଙ୍କି ଆଦି ସ୍ଥାନମାନଙ୍କରେ ରାସ୍ତା ଅଧିକ ଶୋଚନୀୟ ହୋଇଥିବାରୁ ଗତ ୨ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଛି। ରବିବାର ପୂର୍ବାହ୍ନରେ ଏକ ଗ୍ୟାସ ଟାଙ୍କି ବୋଝେଇ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏ ସମ୍ପର୍କରେ ସାଲେପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଶ୍ୟାମସୁନ୍ଦର ଦାସଙ୍କୁ ପଚାରିବାରୁ ଏବେ ବର୍ଷା ଲାଗିରହିଥିବାରୁ ମରାମତି କରା ଯାଇପାରିନାହିଁ। ବର୍ଷା ଛାଡିଲା ପରେ ରାସ୍ତା ମରାମତି କରାଯିବ ବୋଲି କହିଥିଲେ।


ସାଲେପୁର-ଛତିଆ ପୂର୍ତ୍ତ ରାସ୍ତାରେ ହୋଇଥିବା ଖାଲଖମା।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ନିଶ୍ଚିନ୍ତକୋଇଲି,୨୯।୯(ସ୍ୱ.ପ୍ର.):** ପୋଖରୀରେ ବୁଡ଼ି ରବିବାର ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲା ନଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଳୋ ଗ୍ରାମର ଜିତେନ୍ଦ୍ର ଦାସଙ୍କ ପୁଅ ପ୍ରକାଶ(୩)। ସନ୍ଧ୍ୟାରେ ପ୍ରକାଶ ଖେଳୁଥିବାବେଳେ ଘରପାଖ ପୋଖରୀରେ ପଡ଼ିଯାଇଥିଲା। ଘର ଲୋକ ବହୁ ସମୟ ଧରି ଖୋଜାଖୋଜି କରି ଶେଷରେ ପୋଖରୀରୁ ଉଦ୍ଧାର କରିଥିଲେ। ପରେ ତାକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଆର୍ମି କର୍ମଚାରୀଙ୍କ ଘରୁ ଚୋରି

**ମାହାଙ୍ଗା, ୨୯।୯ (ସ୍ୱ.ପ୍ର.):** ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ହରିପୁର ଗ୍ରାମର ଜଣେ ଆର୍ମି କର୍ମଚାରୀ ଏବଂ ତାଙ୍କ ଘରେ ଭଡ଼ାରେ ରହୁଥିବା ଡାକ୍ତରଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ତାଲା ଭାଙ୍ଗି ଉଭୟଙ୍କ ଘରୁ କିଛି ଟଙ୍କା ସହ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ଆସବାବପତ୍ର ଲୁଟି ନେଇଛନ୍ତି। ଏନେଇ ରବିବାର ଫାଣ୍ଡିରେ ଦୁଇଟି ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଆର୍ମି କର୍ମଚାରୀ ରାମଚନ୍ଦ୍ର ସାହୁଙ୍କ ୪ ବଖରା ଘରୁ ସେ ଗୋଟିଏ ବଖରା ବ୍ୟବହାର କରୁଛନ୍ତି। ଅନ୍ୟ ୩ ବଖରା ସମସରପୁର ସ୍ୱାସ୍ଥ୍ୟକେନ୍ଦ୍ର ଡା. ଯୋଗମାୟା ନାୟକ ଭଡ଼ା ନେଇ ପରିବାର ସହ ରହୁଛନ୍ତି। ସାହୁ ପିଲାଙ୍କ ପାଠପଢା ପାଇଁ ଚଣ୍ଡିଖୋଲରେ ରହୁଛନ୍ତି। ମଝିରେ ମଝିରେ ଏଠାକୁ ଆସନ୍ତି। ଶନିବାର ସାହୁ ନ ଥିବାବେଳେ ଡାକ୍ତରଙ୍କ ପରିବାର କୌଣସି କାମରେ ବାହାରକୁ ପଳାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ଆସି ଲୁଟ୍ କରିଥିଲେ। ଏକଥା ଜାଣିବା ପରେ ସାହୁ ଓ ଡାକ୍ତରଙ୍କ ଶ୍ୱଶୁର ଆସି ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ମାଟିକାନ୍ଥ ଭୁଶୁଡ଼ି ୩ ଗୁରୁତର

ଟାଙ୍ଗୀ(ଖୋର୍ଦ୍ଧା), ୨୯।୯ (ଡି.ଏନ.ଏ.): ଟାଙ୍ଗୀ ଉପିମରା ପଟଣାରେ ରବିବାର ମାଟିକାନ୍ଥ ଭୁଶୁଡ଼ି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନଳିନୀ ପରିଡା (୪୭), ମମତା ପରିଡା (୧୯) ଓ ଡଲି ପରିଡା (୧୭)। ୪ ଦିନ ହେଲା ଲଗାଣ ବର୍ଷା ଯୋଗୁ ମାଟିକାନ୍ଥ ଓଦା ହୋଇ ଦୁର୍ବଳ ଅବସ୍ଥାରେ ଥିଲା। ସକାଳୁ ଏମାନେ ବାରିପଟ କୂଅ ପାଖରେ ଥିବା ବେଳେ ହଠାତ୍ କାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଯାଇଥିଲା। ଆହତମାନଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗରିବଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଟାଙ୍ଗୀରେ ଶାନ୍ତି ପଦଯାତ୍ରା ଅକ୍ଟୋବର ୨ରେ

ଟାଙ୍ଗୀ (ଖୋର୍ଦ୍ଧା),୨୯।୯(ଡି.ଏନ.ଏ.): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ପବିତ୍ର ଜୟନ୍ତୀ ଅବସରରେ ଆସନ୍ତା ଅକ୍ଟୋବର ୨ ତାରିଖ ପୂର୍ବାହ୍ନରେ ଟାଙ୍ଗୀରେ ଶାନ୍ତି ଓ ପ୍ରଗତି ପଦଯାତ୍ରା ଆୟୋଜିତ ହେବ। ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ଉଦ୍ୟମରେ ଉକ୍ତ ଦିନ ସ୍ଥାନୀୟ ବଳରାମଦେବ ମନ୍ଦିର ପରିସରରୁ ପଦଯାତ୍ରା ବାହାରି ମଧୁମଙ୍ଗଳ ପଡ଼ିଆଠାରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ଅଂଶଗ୍ରହଣ କରି ବାପୁଜୀଙ୍କ ସତ୍ୟ, ଅହିଂସା ମାର୍ଗକୁ ଯୁବସମାଜ ପାଖରେ ଉଜ୍ଜୀବିତ ରଖିବାକୁ ପ୍ରୟାସ କରିବେ ବୋଲି ଉଦ୍ୟୋକ୍ତାମାନଙ୍କଠାରୁ ପ୍ରକାଶ।

### ବୋହୂଙ୍କୁ ବଳାତ୍କାର କରି ଶ୍ୱଶୁର ଗିରଫ

ଖୋର୍ଦ୍ଧା ଅଫିସ,୨୯।୯: ବୋହୂଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ଶ୍ୱଶୁରଙ୍କୁ ଗିରଫ କରିଛି। ପୋଲିସ ଦଫା ୩୭୬ ରେ ନଂ. ୧୪୭/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ଶ୍ୱଶୁରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଲୁଟ୍ ଉଦ୍ୟମ ପଣ୍ଡ, ୫ ଗିରଫ

ଖୋର୍ଦ୍ଧା ଅଫିସ,୨୯।୯:ଜାତୀୟ ରାଜପଥରୁ ଲୁଟ୍ କରିବାକୁ ବରୁଣେଇ ମନ୍ଦିରଠାରେ ପ୍ରସ୍ତୁତି ଚାଲିଥିବାବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପହଞ୍ଚି ଲୁଟ୍ ଉଦ୍ୟମ ବ୍ୟର୍ଥ କରିଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନା ମକୁନ୍ଦପ୍ରସାଦ ପି.ଏନ. କଲେଜ ରୋଡର ଅବଦୁଲ ମନସାର ଓ ଏମଡି ସରିଫ, ମକୁନ୍ଦପ୍ରସାଦ ଜେନାସାହିର ନବକିଶୋର ଜେନା ଓ ସାଗର ବରାଳ, ନାଲିପଡା ଅର୍ଜୁନପୁରର ପ୍ରଶାନ୍ତ ପାଣ୍ଡିଆଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ନଂ. ଓଡି୦୨ଏ ୪୦୭୫ ବାଇକ୍, ନଂ. ଓଆର୦୨ୱାଇ ୪୭୩୬, କଟୁରି, ୩ଟି ଲୁହାରଡ, ଗୋଟିଏ ଲାଠି ଜବତ କରିଛି।

### ତାଲାଭାଙ୍ଗି ଘରୁ ଚୋରି

ଝାଁଳା,୨୯।୯(ଡି.ଏନ.ଏ.): ଝାଁଳା ଫାଣ୍ଡି ଅନ୍ତର୍ଗତ ରାଧାଚରଣପୁର ଅଞ୍ଚଳରେ ଲିଙ୍ଗରାଜ ମହାରଣାଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଲିଙ୍ଗରାଜଙ୍କ ପରିବାର ଲୋକ ଗୋଟିଏ କୋଠରିରେ ଶୋଇଥିବା ବେଳେ ବନ୍ଦ ଥିବା ଅନ୍ୟ ଘର ତାଲା ଭାଙ୍ଗି ସାଇକେଲ, କଂସା ବାସନ, ଲୁହା ଉପକରଣ ଆଦି ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏ ନେଇ ସେ ଫାଣ୍ଡିରେ କୌଣସି ଅଭିଯୋଗ କରିନାହାନ୍ତି। ଫାଣ୍ଡି ଅଞ୍ଚଳରେ କ୍ରମାଗତ ଭାବେ ଚୋରି ହେଉଥିଲେ ମଧ୍ୟ ପୋଲିସ କାହାକୁ ଧରିବାରେ ସକ୍ଷମ ହେଉନାହିଁ। ଫଳରେ ଲୋକଙ୍କର ପୋଲିସ ଉପରେ ଭରସା ତୁଟି ଯାଉଛି, ଯାହାଦ୍ୱାରା ଅନେକ ସମୟରେ ଲୋକେ ଅଭିଯୋଗ କରୁନାହାନ୍ତି।

### ଓସିଏ କୋଷାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଅଫିସ,୨୯।୯: ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ)ର କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଥିବା ଖୋର୍ଦ୍ଧାର ବିକାଶ ପ୍ରଧାନଙ୍କୁ ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ, ଇଗଲ କ୍ଲବ ଓ କ୍ରିକେଟ ପ୍ରେମୀଙ୍କ ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇଗଲ କ୍ଲବଠାରୁ ଏକ ଶୋଭାଯାତ୍ରା ବାହାରି ଖୋର୍ଦ୍ଧା ସହର ପରିକ୍ରମା କରିଥିଲା।

## ଦଲାଲ ଦମନ ଅଭିଯାନ

# ଉପୁରି ମୋହକୁ କାର୍ଯ୍ୟାନୁଷ୍ଠାନ ଭୟ

ଖୋର୍ଦ୍ଧା ଅଫିସ,୨୯।୯:

ଆରଟିଓ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦଲାଲ ମୁକ୍ତ ହେବ ଏବଂ ଦଲାଲ କିମ୍ବା ଦୁର୍ନୀତିରେ ସମ୍ପୃକ୍ତି ଥିବା ଆରଟିଓ କର୍ମଚାରୀ ସ୍ୱତନ୍ତ୍ର ନଜରରେ ରହିବେ ବୋଲି ସରକାର ଘୋଷଣା କରିଛନ୍ତି। ପୁଣି ଦଲାଲ ଦମନ ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ପରେ ବିଳମ୍ବରେ ଖୋର୍ଦ୍ଧା ଏଆରଟିଓ ଅଫିସରେ ଆରମ୍ଭ ହୋଇଛି ଦଲାଲ ଦମନ ଅଭିଯାନରେ ଗିରଫଦାରି ଚାଲିବା ପରେ ସମସ୍ତଙ୍କୁ ଭୟ ଘାରିଛି। ତେବେ କାର୍ଯ୍ୟାନୁଷ୍ଠାନର ଭୟ ସତ୍ତ୍ୱେ ଉପୁରି ମୋହକୁ ସହଜରେ ଛାଡି ପାରୁନାହାନ୍ତି କର୍ମଚାରୀ। ସେଥିପାଇଁ ଗଳା ବାଟ ଦେଇ କାମ ଆରମ୍ଭ ହୋଇଗଲାଣି। ଦଲାଲ ମୋଟା ଅଙ୍କର ଟଙ୍କା ନେଇ ଘରେ ବସି ଡ୍ରାଇଭିଂ ଲାଇସେନ୍ସ କରିବାରେ ଲାଗି ପଡିଛନ୍ତି। ଏଆରଟିଓ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କ ସହଯୋଗ ରହୁଥିବାରୁ ଗଳାବାଟର କାମ ବି ସୁବିଧାରେ ହେଉଛି। ଉଭୟ ଧରା ପଡିବାର ସମ୍ଭାବନା ନାହିଁ। ତେବେ ବହୁଦିନ ଧରି ଖୋର୍ଦ୍ଧାରେ ରହିଥିବା କର୍ମଚାରୀ ଓ ଅଧିକାରୀଙ୍କ ବଦଳି କରାଗଲେ ଏଥିରେ ଲଗାମ ଲାଗି ପାରେ ବୋଲି ଚର୍ଚ୍ଚା ହେଉଛି। ସରକାର ବି ବଦଳି କରିବାକୁ ସବୁଜ ସଙ୍କେତ ଦେଇ ସାରିଛନ୍ତି। ଅନ୍ୟପକ୍ଷେ ଆରଟିଓ ଓ ଏଆରଟିଓ କର୍ମଚାରୀ ନୀଳ, ସବୁଜ ଓ ହଳଦିଆ ପରିଚୟ ପତ୍ର ପିନ୍ଧିବା, କାଉଣ୍ଟରରେ ସରକାରୀ ଦର ଝୁଲିବା ପରେ ଆଉ କିଛିଟା ପରିସ୍ଥିତି ସୁଧୁରିବାରେ ରହିଛି। ତେବେ ଦେଖାଯାଉ

### ଗଳାବାଟ ଦେଇ ଚାଲିଲା କାମ

କେତେ ସ୍ୱଚ୍ଛତାରେ ଖୋର୍ଦ୍ଧା ଏଆରଟିଓ କାର୍ଯ୍ୟାଳୟରେ କାମ ହେଉଛି। ଚଳିତ ମାସ ପହିଲାରୁ ସଂଶୋଧିତ ଟ୍ରାଫିକ ନିୟମ ଲାଗୁ କରି ମୋଟା ଅଙ୍କର ଜରିମାନା ଆଦାୟ କରିବା ପରେ ଆରଟିଓ କାର୍ଯ୍ୟାଳୟ ଉଭୟ ଜନତା ଓ ସରକାରଙ୍କର ଫୋକସରେ ରହିଛି। ଯଦିଓ ୩ ମାସ ପାଇଁ ଜରିମାନା ଆଦାୟ ବନ୍ଦ ରହିଛି, ଆଇନର ମୋଟା ଅଙ୍କର ଜରିମାନାକୁ ଆଖି ଆଗରେ ରଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଏଆରଟିଓଙ୍କ କାର୍ଯ୍ୟାଳୟରେ ଭିଡ ଲାଗି ରହିଛି। ତେବେ ଦଲାଲଙ୍କ ରାଜୁତି, କମିଶନ, ବିଳମ୍ବିତ ସେବା ଓ କର୍ମଚାରୀଙ୍କର ଅସହଯୋଗ ନେଇ ବର୍ଷ ବର୍ଷ ଧରି ଅଭିଯୋଗ ହୋଇଆସୁଛି।

### ସ୍ଲଟ ବୁକିଂ ପାଇଁ ମିଳୁନି ତାରିଖ

ଅନଲାଇନ୍‌ରେ ଡ୍ରାଇଭିଂ ଲାଇସେନ୍ସ ଆବେଦନ କଲେ ଲର୍ନିଂ ଲାଇସେନ୍ସ ପାଇଁ ସ୍ଲଟ ବୁକିଂ ତାରିଖ ମିଳିଥାଏ। ହେଲେ ଏବେ ଲର୍ନିଂ ଲାଇସେନ୍ସ ପାଇଁ ସ୍ଲଟ ବୁକିଂ ତାରିଖ ମିଳୁନାହିଁ। ନଭେମ୍ବର ୨୮ ପର୍ଯ୍ୟନ୍ତ ଲର୍ନିଂ ଲାଇସେନ୍ସ ପାଇଁ ସ୍ଲଟ ବୁକିଂ ତାରିଖ ଶେଷ ହୋଇଗଲାଣି। ସ୍ଲଟ ବୁକିଂ ତାରିଖ ମିଳିଲେ ପରୀକ୍ଷା ଦେଇ ଲର୍ନିଂ ଲାଇସେନ୍ସ ମିଳିବ। ତେବେ ଲର୍ନିଂ ଲାଇସେନ୍ସ ପାଇଁ ସ୍ଲଟ ବୁକିଂ ତାରିଖ ଆବେଦନକାରୀ ୧୫ ଦିନ ହେଲା ନିରାଶ ହୋଇ ଫେରୁଛନ୍ତି। ତେବେ ସ୍ମାର୍ଟ ଫୋନଧାରୀ ଏହାର ଫାଇଦା ନେଇ ଲର୍ନିଂ ଲାଇସେନ୍ସ ପାଇଁ ସ୍ଲଟ ବୁକିଂ ତାରିଖ ସୁବିଧାରେ ପାଇ ପାରୁଛନ୍ତି।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ରେଲୱେ ବିଜେବି ଇନ୍‌ଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ

ଜଟଣୀ,୨୯।୯(ଡି.ଏନ.ଏ.): ଜଟଣୀସ୍ଥିତ ରେଲୱେର ପୁରାତନ ବକ୍ସି ଜଗବନ୍ଧୁ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାରୋଡ ଡିଭିଜନର ବରିଷ୍ଠ ଡିପିଓ ସୁରେଶ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଇଷ୍ଟକୋଷ୍ଟ ରେଲୱେର ପ୍ରମୁଖ ସିପିଓ ପ୍ରକାଶ ଚନ୍ଦ୍ର ନାୟକ, ଖୋର୍ଦ୍ଧାରୋଡ ଡିଭିଜନର ଏଡିଆର୍‌ଏମ୍ ରାଜ କୁମାର ଅତିଥି ଭାବେ ଯୋଗଦେଇଥିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକ ଗୌରୀ ଶଙ୍କର ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କ ସଂଯୋଜନାରେ ଏହି ସମ୍ମିଳନୀରେ ରାମକୃଷ୍ଣ ଶର୍ମା, ଡ. ରମାକାନ୍ତ ମହାପାତ୍ର, ଦେବାଶିଷ ମହାପାତ୍ର, ଗୋପୀନାଥ ମଲ୍ଲିକ ପ୍ରମୁଖ ବ୍ୟଙ୍ଗ କବି ସେମାନଙ୍କ କବିତା ଦ୍ୱାରା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, ନୃତ୍ୟ, ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ସୁବ୍ରତ କୁମାର ପଣ୍ଡା, ଇନ୍‌ଷ୍ଟିଚ୍ୟୁଟର ଉପସଭାପତି ସଚ୍ଚିଦାନନ୍ଦ ରାଉତ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ।

ଖୋର୍ଦ୍ଧା ଅଫିସ,୨୯।୯:

ବିଜେବି ହାଇସ୍କୁଲରେ ରବିବାର ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ବିଶ୍ୱ ଜୀବନ ସେବା ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫ରୁ ୯ବର୍ଷର ସବୁଜ ଗ୍ରୁପର ୨୩ ଓ ୧୦ରୁ ୧୬ ବର୍ଷର ଧଳା ଗ୍ରୁପର ୭୫ ଜଣ ଶିଶୁ ପ୍ରତିଯୋଗୀ ଭାଗ ନେଇଥିଲେ। ସବୁଜ ଗ୍ରୁପରେ ସାଇ ଅମିତ୍ରାଂଶୁ ପ୍ରଥମ, ତ୍ରିବିକ୍ରମ ଦାସ ୨ୟ, ପ୍ରିୟଙ୍କା ଛୋଟରାୟ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ସେହିଭଳି ଧଳା ଗ୍ରୁପରୁ ଅନୁ କୁମାରୀ ଦାସ ପ୍ରଥମ, ସୋମ୍ୟ ସମ୍ପ୍ରତା ସ୍ୱାଇଁ ୨ୟ ଓ ବିଶି କେଶନ ପ୍ରଧାନ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଲଡ୍ଡୁକେଶ୍ୱର ସିଂହ, ଦୀନକୃଷ୍ଣ ମହାପାତ୍ର, ତ୍ରିକମ କୁମାର ସେନାପତି ବିଚାରପତି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଞ୍ଜନ କୁମାର ଗୋଛାୟତ, ସୌମେନ୍ଦ୍ର ନାୟକ, ଶଚିନ୍ଦ୍ରନାଥ ସାହୁ, ମନସ୍ୱିନୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

ଓଷ୍ଟା କାର୍ଯ୍ୟକାରୀ କମିଟିର ବୈଠକ

### ନବମ ଶ୍ରେଣୀର ନାମ ପଞ୍ଜୀକରଣ ଫି ବୃଦ୍ଧିକୁ ବିରୋଧ

ଖୋର୍ଦ୍ଧା ଅଫିସ,୨୯।୯:

ଖୋର୍ଦ୍ଧା ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଫି ବୃଦ୍ଧିକୁବିରୋଧ କରାଯାଇଥିଲା। ସରକାର ଏହାକୁ ନ ବଢାଇ ପୂର୍ବ ବର୍ଷର ଫି ରଖିବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଓଷ୍ଟାର ପ୍ରତିଭା ଅନ୍ୱେଷଣ ପରୀକ୍ଷା, ରାଜ୍ୟ ନିର୍ବାଚନ ସମ୍ବିଧାନ ସଂଶୋଧନ ଭଳି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସେହିଭଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆରଏସିପି, ଇନ୍‌କ୍ରିମେଣ୍ଟ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସେପ୍ଟେମ୍ବରର ଦରମା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ହେଡ କ୍ଲର୍କଙ୍କ ସହ ଆଲୋଚନା ହୋଇଥିବାରୁ ଆନ୍ଦୋଳନକୁ ସଂଘ ପ୍ରତ୍ୟାହାର କରି ନେଇଛି ବୋଲି ପ୍ରକାଶ କରିଛି।

### ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୯।୯:

ନୂଆ ଜଗନ୍ନାଥ ସଡ଼କର ଖଡିପଦର ବୁଲାଣି ନିକଟରେ ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଳୟ ଶ୍ରୀଚନ୍ଦନ(୪୪) ବର୍ଷ। ପୁରୀ ଜିଲ୍ଲା କଣାସ ଥାନା ଜଙ୍କିଆ ଗଡସାହିରେ ତାଙ୍କ ଘର। ମଳୟ ସମ୍ପର୍କୀୟଙ୍କ ଘରୁ ରଣପୁର ଅଞ୍ଚଳରୁ ଫେରୁଥିବାବେଳେ ଗାଡି ଧକ୍କାରେ ବିଲ ଭିତରକୁ ଖସି ପ୍ରାଣ ହରାଇଥିଲେ। ଜଙ୍କିଆ ଥାନା ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ହୁଡା ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨୯।୯:

ବିଲକୁ ଘାସ କାଟିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ହୁଡା ତଳୁ ଉଦ୍ଧାର ହୋଇଛି। ମୃତକ ହେଲେ ସହଦେବ ପ୍ରଧାନ(୩୫)। ଘର ଖୋର୍ଦ୍ଧା ଆଦର୍ଶ ଥାନାର ପୁବସାହିରେ। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ. ୪୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସହଦେବ ରବିବାର ପୂର୍ବାହ୍ନରେ ବିଲକୁ ଘାସ କାଟିବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି ପରେ ଟେର ମିଳି ନ ଥିଲା। ଶେଷରେ ବିଲ ହୁଡା ତଳୁ ଉଦ୍ଧାର ହୋଇଥିବା ମର ଶରୀରର ବାମପାଟ ହାତ, ପିଠି, ଗୋଡରେ ଧଳା ଫୋଟକା ହୋଇ ରହିଛି। ପାଟିରୁ ଓ ନାକରୁ ରକ୍ତ ବାହାରୁଥିଲା। ଏହି ଲକ୍ଷଣ ବଜ୍ରପାତର ହୋଇଥିବାବେଳେ ରବିବାର ବଜ୍ରପାତ କେତେବେଳେ ହେଲା ଜଣାପଡିନି। ଅନ୍ୟପକ୍ଷେ କେହି ସାପ କାମୁଡାରେ ମୃତ୍ୟୁ ହୋଇଥିବା କହୁଛନ୍ତି। ହେଲେ ପୋଲିସ ସୂଚନା ଅନୁସାରେ, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସତ ପଦାକୁ ଆସିବ ବୋଲି କୁହାଯାଇଛି।

## ନିଶା ଖାଇ ଚଳାଉଥିଲେ କାର

# ଦୁର୍ଘଟଣାରେ ୪ କଲେଜ ଛାତ୍ର ଆହତ

ଖୋର୍ଦ୍ଧା ଅଫିସ,୨୯।୯:

କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଗୋଡିପଡା ଟୋଲଗେଟ ନିକଟରେ ରବିବାର ସନ୍ଧ୍ୟା ୬ଟା୪୫ରେ ସଡକ ଦୁର୍ଘଟଣା ଘଟିଛି। କାର ଡିଭାଇଡରକୁ ଧକ୍କା ଦେବାରୁ କିଟ୍ କଲେଜର ୪ ଜଣ ନାବାଳକ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ବିହାର ଦେଓଗଡର ଜଣେ ବିଧାୟକଙ୍କର ପୁଅ ସିଦ୍ଧାର୍ଥ ଶଙ୍କର(୧୭), ସୁଶାନ୍ତ ଯାଦବ (୧୭) ଓ ସତ୍ୟ ପ୍ରକାଶ ଶର୍ମା(୧୭), ଜାମସେଦ୍‌ପୁର ରୋହନ ରାଜ ଛତର(୧୭) ପ୍ରମୁଖ ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କାରରେ କେହି ଡ୍ରାଇଭର ନ ଥିଲେ। ୪ ଜଣ ନାବାଳକ ଛାତ୍ରଙ୍କ ମଧ୍ୟରୁ କେହି କାର ଚଳାଉଥିଲେ। ଏହି ଛାତ୍ରମାନେ ଚିଲିକା ବୁଲି ଫେରୁଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ କାର ଜବତ କରି ଘଟଣାର ତଦନ୍ତ କରୁଛି।

# ଶ୍ରୀକ୍ଷେତ୍ରରେ ଆଜି ଗୁପ୍ତ ଗୁଣ୍ଡିଚା

ପୁରୀ ଅଫିସ, ୨୯।୯:

ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ସୋମବାର ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଗୁପ୍ତ ଗୁଣ୍ଡିଚା। ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସେଠାରେ ନୀତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିବେ। ଏହି ନୀତି ୮ ଧରି ଚାଲିବ। ସୂଚନାଯୋଗ୍ୟ, ଆଶ୍ୱୀନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳ ପୂଜାରେ ପ୍ରଥମ ୮ଦିନ ମା' ବିମଳାଙ୍କ ମନ୍ଦିରକୁ ବିଜେ ହୋଇଥାନ୍ତି।

# କବିବର ରାଧାନାଥଙ୍କ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୨୯।୯:

କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଉତ୍ସବ ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ଡିଏଭି ସ୍କୁଲ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଏକତ୍ରିତ ହୋଇଥିଲେ। ମୁଖ୍ୟଅତିଥି ଯାଜପୁର ମହିଳା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ତଥା ସାହିତ୍ୟିକା ଡ. ସୁହାସିନୀ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ରାଧାନାଥଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ କୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଡ. ଶରତ ଚନ୍ଦ୍ର ମହାପାତ୍ର, ନାଟ୍ୟକାର ଡା. ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ରାଧାନାଥଙ୍କ ସାରା ଜୀବନ ଦୁଃଖକଷ୍ଟରେ ବିତିଥିଲେ ହେଁ ସେ ଛନ୍ଦ ଓ ଭାବଯୁକ୍ତ ଉଚ୍ଚକୋଟୀର ସାହିତ୍ୟ ସର୍ଜନା କରିପାରିଥିଲେ। ଏହି ଅବସରରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, ଦିବ୍ୟଲୋଚନ ଭାରିମଲ୍ଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଦାମୋଦର ସେନାପତି ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସଭାପତି ଶିବସୁନ୍ଦର ପଟ୍ଟନାୟକ ସ୍ୱାଗତଭାଷଣ ଓ ଗୋଧୂଳି ପତ୍ରିକାର ସମ୍ପାଦକ ବିମଳା ସିଂହ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ।



ଅନୁଷ୍ଠିତ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ପ୍ରକଳ୍ପ ପାଣିରୁ ଲୋକେ ବଞ୍ଚିତ

- ପ୍ରଶାସନ ଉଦାସୀନ
- କୋଟିକୋଟି ଟଙ୍କା ବରବାଦ
- ଅପବ୍ୟବହାରକୁ ଦାୟୀ କରୁଛି ବିଭାଗ

ବେଗୁନିଆ, ୨୯।୯ (ଡି.ଏନ.ଏ.)

ଗ୍ରାମାଞ୍ଚଳର ଲୋକେ କିଭଳି ଶୁଦ୍ଧ ପାନୀୟ ଜଳ ମୁନ୍ଦାଏ ସୁବିଧାରେ ପାଇବେ ସେଥିପାଇଁ ୨୦୦୧ରୁ ବେଗୁନିଆ ବ୍ଲକରେ ରାଜ୍ୟ ସରକାର ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଅନେକ ଗ୍ରାମରେ ପ୍ରକଳ୍ପ ନିର୍ମାଣ ସହ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛି। ପଞ୍ଚାୟତିରାଜ ବିଭାଗ ଅଧୀନ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏହି ପ୍ରକଳ୍ପ ଦାୟିତ୍ୱ ନିର୍ବାହ କରୁଛି। ବେଗୁନିଆ ବ୍ଲକ ଅଞ୍ଚଳରେ ୬୦ଟି ଉଚ୍ଚ ଟାଙ୍କି ନିର୍ମାଣ କରାଯାଇ ବସୁଧା ଯୋଜନାରେ ହଜାର ହଜାର ବାସିନ୍ଦାଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରକଳ୍ପ ଥିବା ଗ୍ରାମରେ ଜଳ କମିଟି ଗଠନ କରାଯାଇଛି। ହେଲେ ପ୍ରକଳ୍ପ ଅଛି, ମାତ୍ର କେତେକ ଗ୍ରାମରେ ଲୋକେ ପ୍ରକଳ୍ପ ପାଣିରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଉଦାସୀନ ମନୋଭାବ ଯୋଗୁ ମାସ ମାସ ଧରି ଲୋକେ ଶୋଷ ମେଣ୍ଟାଇ ପାରୁନାହାନ୍ତି। ଅନ୍ୟପକ୍ଷରେ କେତେକ ଗାଁରେ ଅପବ୍ୟବହାରକାରୀଙ୍କ ଯୋଗୁ ପାନୀୟ ଜଳ ଯୋଗାଣରେ




ଗୋବିନ୍ଦପୁର ଗ୍ରାମରେ ଅଚଳ ହୋଇଥିବା ପ୍ରକଳ୍ପ।

ବ୍ୟତିକ୍ରମ ହେଉଛି ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିଛି। ସେହିପରି ପ୍ରକଳ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ବିଲ୍ ଲକ୍ଷାଧିକ ଟଙ୍କା ବାକି ରହିଛି। ଏଥିଯୋଗୁ ଅନ୍ୟୁନ ୮ଟି ପ୍ରକଳ୍ପକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯୋଗାଣ ବନ୍ଦ ରଖାଯାଇଛି। ତେବେ ରାଜ୍ୟ ସରକାରଙ୍କର ୫ଟି ମନ୍ତ୍ର ବ୍ଲକର ଜଳଯୋଗାଣ ଓ ପରିମଳ ବିଭାଗରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଜଣା ପଡ଼ିଯାଉଛି। ୩ ଟି ଗ୍ରାମର ବାସିନ୍ଦାଙ୍କ ପାଇଁ ପ୍ରକଳ୍ପ ଥାଇ ମଧ୍ୟ କିଭଳି ଜଳ ପାଇଁ ଦୀର୍ଘଦିନ ହେଲା ହନ୍ତସନ୍ତ ହେଉଛନ୍ତି ତା'ର ବାସ୍ତବଚିତ୍ର ଦେଖିବାକୁ ମିଳିଛି। ବେଗୁନିଆ ବ୍ଲକ ସଦର ମହକୁମାଠାରୁ ମାତ୍ର ୨ କିମି ଦୂର କୁଶପଲା ଗ୍ରାମରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହି ଗ୍ରାମରେ ଭୂତଳ ଜଳ ଉତ୍ସ କମ ରହୁଥିବାରୁ କୂଅ ଏବଂ ନଳକୂପ ଖନନ କଲେ ମଧ୍ୟ ପାଣି ବାହାରି ନ ଥାଏ। ଅନେକ ଥର ବିଭାଗ ପକ୍ଷରୁ ନଳକୂପ ଖନନ କରି ଫେଲ ମାରିଛନ୍ତି। ସେଥିପାଇଁ ଏହି ଗ୍ରାମରେ ମାତ୍ର ୮ଟି ନଳକୂପ କାର୍ଯ୍ୟକାରୀ ହେଉଛି। ପରବର୍ତ୍ତୀ ମୁହୂର୍ତ୍ତରେ ଏବେ ଗଭୀର ବୋରୱେଲ ମାଧ୍ୟମରେ ପ୍ରକଳ୍ପ ନିର୍ମାଣ କରି ଜଳ ଯୋଗାଣ କରାଯାଇଥିଲା। ସେ ମଧ୍ୟ ଅଚଳ ହୋଇ ପଡ଼ିଥିବାରୁ ମାସ ମାସ ଧରି ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ସେହିପରି ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋହ୍ଲଆପାଟଣା ଗ୍ରାମରେ ପ୍ରକଳ୍ପ ଅଛି, ପାଣି ପଞ୍ଚାୟତ କମିଟି ଅଛି, ହେଲେ ଲୋକେ ପାଇପ ପାଣି ମୁନ୍ଦାଏ ପାଇ ପାରୁନାହାନ୍ତି। ପ୍ରଶାସନର ଉଦାସୀନତା ଯୋଗୁ ୩ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଏଯାଏ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର ହୋଇପାରୁନାହିଁ। ଫଳରେ ୩ ଲକ୍ଷ ଟଙ୍କା ବିଦ୍ୟୁତ୍ ବିଲ୍ ବାକି ଥିବାରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଏଥିଯୋଗୁ ପ୍ରକଳ୍ପ ପାଣିରୁ ୫ ମାସ ହେଲା ଲୋକେ ବଞ୍ଚିତ ହୋଇ ରହିଛନ୍ତି। ସେହିପରି ଗୋବିନ୍ଦପୁର ଗ୍ରାମର ଲୋକେ ପାଣି ପାଇଁ ସମଦଶା ଭୋଗୁଛନ୍ତି। ପ୍ରକଳ୍ପ ବନ୍ଦ ହୋଇଥିବାରୁ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଶୋଷ ମେଣ୍ଟାଇ ପାରୁନାହାନ୍ତି। ଏ ସମ୍ପର୍କରେ ବିଡିଓ ରବି ନାରାୟଣ ମାଝି କୁହନ୍ତି, ପ୍ରକଳ୍ପଗୁଡିକ ଅଚଳ ହୋଇଥିବା ଖବର ମୋ ପାଖରେ ନ ଥିଲା, ତଥାପି ମୁଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପଚାରୁଛି।

## ସଂକ୍ଷେପରେ

### ବାସନ୍ଦ ପରିବାରଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମଗିରି,୨୯।୯(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ତନ୍ତକେରା ଗ୍ରାମରେ ଏକ ବାସନ୍ଦ ପରିବାର ଗ୍ରାମର ନଳକୂପ ପାଣି ବ୍ୟବହାର କରିବାରୁ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ସାଗର କାଣ୍ଡି। ଏହି ଗ୍ରାମର ରଥିଆ କାଣ୍ଡି(୫୫) ଦେଢ଼ ବର୍ଷ ତଳେ ଗ୍ରାମର ଏକ ବୈଠକରେ ଅନୁପସ୍ଥିତ ଥିବାରୁ ତାଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ଶୁକ୍ରବାର ବର୍ଷା ହେବା କାରଣରୁ ଉକ୍ତ ପରିବାର ଯାତାୟାତ ରାସ୍ତାଟି କାଦୁଅ ପାଣିରେ ଭର୍ତ୍ତି ହୋଇଥିଲା। ଏହି ସମୟରେ ଉକ୍ତ ପରିବାରର ଜଣେ ଛାତ୍ର ଟିଉସନ ଯିବା ସମୟରେ କାଦୁଅ ରାସ୍ତାରେ ଆସିବାରୁ ତା'ର ଗୋଡରେ କାଦୁଅ ଲାଗିଯିବାରୁ ଗାଁରେ ଥିବା ସରକାରୀ ନଳକୂପରେ ଗୋଡ ଧୋଉଥିବାବେଳେ ସାଗର ତାଙ୍କୁ ବାରଣ କରିବାରୁ ଏହି ଗଣ୍ଡଗୋଳ ହୋଇଥିଲା। ଏଥିରେ ରଥିଆ ଓ ତାଙ୍କ ଭାଇ ଶରତ ଗୁରୁତର ହୋଇ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ୧୫୪/୧୯ନମ୍ବରରେ ଏକ ମାମଲା ରୁଜୁ କରିଛି।

### ଲୋକନାଥ ପୀଠ ସୁଧାରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ପୁରୀ ଅଫିସ, ୨୯।୯: ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିର ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବା ନେଇ ସାମାଜିକ କର୍ମୀ ପ୍ରମୋଦ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରବିବାର ପୁରୀ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସାମାନ୍ୟ ବର୍ଷା ହେଲା ମନ୍ଦିର ବେଢ଼ା ପରିସର ଜଳାର୍ଣ୍ଣବ ହୋଇଯାଉଛି। ବେଢ଼ା ମଧ୍ୟରେ ଥିବା ପାର୍ବତୀ ସାଗରରେ ଲୋକେ ତେଲ, ସାବୁନ ଲଗାଇ ଗଧୋଇବା ସହିତ ଲୁଗା ସଫା କରୁଛନ୍ତି। ଦୈନନ୍ଦିନ ଦର୍ଶନ କରିବାକୁ ଆସୁଥିବା ଭକ୍ତଙ୍କ ନିମନ୍ତେ ବିଶ୍ରାମାଗାର, ଆଖପାଖରେ ପର୍ଯ୍ୟାପ୍ତ ଆଲୋକୀକରଣ, କାଉଡ଼ିଆଙ୍କ ଲାଗି ଆବଶ୍ୟକ ସ୍ୱତନ୍ତ୍ର ନିର୍ମାଣ, ଦୁଇଚକିଆ ଓ ଚାରିଚକିଆ ଯାନର ଅଲଗା ପାର୍କିଂ ବ୍ୟବସ୍ଥା ଏବଂ ମଙ୍ଗଳାଘାଟ ବ୍ରିଜର ବାଇପାସ୍ ପଟକୁ ଦୁଇଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରିବାକୁ ସିଂହ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଲୋକନାଥ ପୀଠ ପାଇଁ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଡାକ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୨୯।୯: ସର୍ବ ଭାରତୀୟ ଡାକ ବିଭାଗ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ରବିବାର ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ ପରିସର ଅନୁଷ୍ଠିତ ହୋଇଯାଇଛି। ସଂଘର ଚେୟାରମ୍ୟାନ ଆର.ସି.ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ସଂଘର ସାଧାରଣ ସମ୍ପାଦକ ଆର୍.ଏନ୍.ପରାଶର କେ.ଭି.ଶ୍ରୀଧରନ, ପୁରୀ ଡିଭିଜନ୍ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଆଦିତ୍ୟ କୁମାର ନାୟକ, ରମେଶ ଚନ୍ଦ୍ର ମିଶ୍ର, ଆର.ଏନ୍. ଧଳ, ସିଟୁ ସଭାପତି ଜଗନ୍ନାଥ ଦେଓ, ବି.ସାମଲ, କେ. ବିଶ୍ୱାଳ, ଏଚ.କେ. ମୁଦୁଲି ଓ ସାଧାରଣ ସମ୍ପାଦକ ରାଜେଶ ବହିଦାର ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ।

### ଆକର୍ଷଣ ସାଜିଲା ଲିଟିଲ୍ ମିସ୍, ମାଷ୍ଟର ପ୍ରତିଯୋଗିତା

ପୁରୀ ଅଫିସ, ୨୯।୯: ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦର ୪୦ତମ କୁମାରୋତ୍ସବ ଅକ୍ଟୋବର ୧୩ ଓ ୧୪ ତାରିଖ ଦୁଇ ଦିନ ବ୍ୟାପୀ ବେଳାଭୂମିରେ ଅନୁଷ୍ଠିତ ହେବ। ଏହି ଅବସରରେ ସଂସଦ ଆନୁକୂଲ୍ୟରେ ରବିବାର ପୌର ସଦନ ଠାରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ପୂର୍ବାହ୍ନରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମିନି ମାରାଥନ୍ ସନ୍ଧ୍ୟାରେ ଏକକ ନୃତ୍ୟ, କୌତୁକ ପୋଷାକ ଏବଂ ଉତ୍ସବର ମୁଖ୍ୟ ଆକର୍ଷଣ ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ କୁମାର ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ସନ୍ତୋଷ ଶତପଥୀ, ଅରବିନ୍ଦ ଖୁଣ୍ଟିଆ, ସାଧାରଣ ସମ୍ପାଦକ ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ

# ୫ ବର୍ଷ ପରେ ବି ପୂର୍ଣ୍ଣାଙ୍ଗ ହେଲାନି ବିଜୁ ସେତୁ

ପୁରୀ ଅଫିସ/କାକଟପୁର, (ଡି.ଏନ୍.ଏ.)

୨୯।୯: ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦାଠାରେ ୧ କିମିରୁ ଊର୍ଦ୍ଧ୍ୱ ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ପରେ ଅସ୍ତରଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ଆରମ୍ଭ କରିଥିଲା। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବାରୁ ଅଧିକ ଆତ୍ମବିଶ୍ୱାସୀ ହୋଇପଡିଥିଲେ ଅଞ୍ଚଳବାସୀ। ଖୁବ୍‌ଶୀଘ୍ର ଯାତାୟାତ ସମସ୍ୟା ଦୂରୀଭୂତ ହେବ। ସେମାନଙ୍କ ଦେହରେ ଲାଗିଥିବା ଦ୍ୱୀପାଞ୍ଚଳବାସୀର ମୋହର ବି ଛାଡିଯିବ। ଅନ୍ୟମାନଙ୍କ ଭଳି ସେମାନେ ମଧ୍ୟ ଗନ୍ତବ୍ୟସ୍ଥଳକୁ ଯେତେବେଳେ ଚାହିଁବେ ସୁବିଧାରେ ଯାତାୟାତ କରିପାରିବେ। ୨୦୧୬ ଜୁନ୍ ପୂର୍ବରୁ ଏହା ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ ଦୁଇଟି ସାଧାରଣ ନିର୍ବାଚନ ବିତିଯାଇଛି। ବ୍ୟୟ ଅଟକଳ ମଧ୍ୟ ବୃଦ୍ଧି ପାଇ ୩୭ କୋଟିରେ ପହଞ୍ଚିଛି। ହେଲେ ପୂର୍ଣ୍ଣାଙ୍ଗ ହୋଇପାରିନି ତାଳଦାଠାରେ ନିର୍ମାଣାଧୀନ ବିଜୁ ସେତୁ। ଏବେ ବି ଭରା ନଈରେ ୨ଟି ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଡଙ୍ଗାରେ ପାରି ହୋଇ ଯାତାୟାତ କରୁଛନ୍ତି। ଅନ୍ୟପକ୍ଷରେ କେବେ ସେତୁ ପୂର୍ଣ୍ଣାଙ୍ଗ ହେବ ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଫଳସ୍ୱରୂପ ହେଲେ ୨ଟି ପଞ୍ଚାୟତବାସୀ ଏହି ସ୍ୱପ୍ନ ଅଧୁରା ରହିଯାଇଛି।

### ଦ୍ୱୀପାଞ୍ଚଳବାସୀଙ୍କ ଭରସା ଦେଶୀ ଡଙ୍ଗା



ତାଳଦାଠାରେ ବିଜୁ ସେତୁ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଲୋକେ ଡ଼ଙ୍ଗାରେ ପାର ହେଉଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ତାଳଦା ପଞ୍ଚାୟତ ଓ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର ତରାସାହି ପଞ୍ଚାୟତ। ଏହି ଦୁଇ ପଞ୍ଚାୟତବାସୀ କୌଣସି କାମରେ ଅସ୍ତରଙ୍ଗ, କାକଟପୁର, ନୟାହାଟ, ପୁରୀ କିମ୍ବା ଭୁବନେଶ୍ୱର ଯିବାକୁ ବାହାରିଲେ ପ୍ରଥମେ ଦେବୀ ନଦୀ କଥା ସେମାନଙ୍କ ମନେ ପଡିଯାଏ। କାରଣ ପ୍ରଥମେ ସେମାନଙ୍କୁ ନଦୀ ପାର୍ ହେବାକୁ ହିଁ ପଡିବ। ଏଥିପାଇଁ ବର୍ଷତମାମ୍ ତାଳଦା ଘାଟରେ ପଡିଥାଏ ଦେଶୀ ଡଙ୍ଗା। ସରକାରୀ କର୍ମଚାରୀ, ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ରୋଗୀଭୋଗୀ ସମସ୍ତେ ଏହି ଡଙ୍ଗାରେ ବିପଦପୂର୍ଣ୍ଣ ଭାବେ ନଦୀ ପାର୍ ହୋଇଥାନ୍ତି। ଏପରି କି ସାଇକେଲ, ମୋଟରସାଇକେଲ ସହ ଆସବାବପତ୍ର ଲଦି ଭରା ନଈରେ ଜୀବନକୁ ବାଜି ଲଗାଇ ଯିବାଆସିବା କରିଥାନ୍ତି। ସବୁଠୁ ପରିତାପର ବିଷୟ ମାଟ୍ରିକ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ମଧ୍ୟ ଉଚ୍ଛୁଳା ନଦୀକୁ ଡଙ୍ଗାରେ ପାରି ହୋଇ ପରୀକ୍ଷା ଦେବାକୁ ଯାଇଥାନ୍ତି। ପ୍ରଥମେ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସେତୁ ନିର୍ମାଣରେ ବାଧା ଉପୁଜିଥିଲା। ଏହି ସମସ୍ୟା ଦୂର ହେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ନିର୍ମାଣାଧୀନ ଅବସ୍ଥାରେ ୧୮, ୧୯ ଓ ୨୦ ନମ୍ବର ସ୍ପାନ ନଦୀ ଗର୍ଭରେ ଲୀନ ହୋଇଗଲା। ଫଳରେ ଠିକାଦାର ଉକ୍ତ ସ୍ଥାନରେ ଆଉ ସ୍ପାନ ନିର୍ମାଣ କରି ନ ଥିଲେ। ୨୦୧୮ରେ ଏକ ବୈଷୟିକ ଟିମ୍ ସହ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କାହିଁକି ଏବଂ କେଉଁ ପରିସ୍ଥିତିରେ ସ୍ପାନ ୩ଟି ଦବିଲା ତାହାର ଅନୁଧ୍ୟାନ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସ୍ପାନଗୁଡ଼ିକ କେଉଁ ସ୍ଥାନରେ ଓ କିପରି ଡିଜାଇନରେ ତିଆରି କରାଗଲେ ସେତୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ ତାହାର ରିପୋର୍ଟ ବିଭାଗକୁ ମିଳି ନ ଥିବାରୁ ନିର୍ମାଣ କାମ ଅଟକି ଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ ରତନ କୁମାର ନାୟକ କହିଛନ୍ତି। ଅପରପକ୍ଷେ ନିକଟରେ ଶେଷ ହୋଇଥିବା ଜିଲା ପରିଷଦ ବୈଠକରେ ଏହି ସେତୁକୁ ନେଇ ପ୍ରଶ୍ନ ଉଠାଇଥିଲେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ। ସେତୁ ନିର୍ମାଣ ବିଳମ୍ବ ହେଉଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ଶୀଘ୍ର ଏହାର କାମ ଆରମ୍ଭ କରିବେ ବୋଲି ବୈଠକରେ ଉତ୍ତର ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଏହି ସେତୁ କେବେ ପୂର୍ଣ୍ଣାଙ୍ଗ ହେଉଛି ତାହାକୁ ଉତ୍ସୁକତାର ସହ ଚାହିଁ ରହିଛନ୍ତି ଦ୍ୱୀପାଞ୍ଚଳବାସୀ।



ପୁରୀ ବାଳାଶ୍ରମ ପରିସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

## ଜାତୀୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ପୁରୀ ଅଫିସ, ୨୯।୯

ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଭୁବନେଶ୍ୱର ଓ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ନରେନ୍ଦ୍ରକୋଣସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ରବିବାର ଜାତୀୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବିଦ୍ୟାଳୟ ତଥା ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ଓ ଦିବ୍ୟାଙ୍ଗ ଅନୁଷ୍ଠାନର ୫ ବର୍ଷରୁ ୧୮ ବର୍ଷ ବୟସର ୩୩୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଯଥାକ୍ରମେ ଶ୍ରେୟାଶ୍ରୀ ସାହୁ, ଶ୍ରୀୟା ମହାନ୍ତି, ଅନ୍ୟଶା ପଟ୍ଟନାୟକ, ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବିଭାଗରେ ଜ୍ୟୋତିରାଦିତ୍ୟ ମହାପାତ୍ର, ନରେଶ ଶବର, ଇପ୍ସିତା ମହାରଣା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲେ। ଦିବ୍ୟାଙ୍ଗ ବିଭାଗରେ ରାକେଶ ନାୟକ, ବିକାଶ ବେହେରା, ଆଶୀର୍ବାଦ ଢାଲି, ସୌମ୍ୟଜିତ୍ ସାହୁ, ମୋହନ ଖାରା, ଦେବସିଂ ଭାରା, ପ୍ରୟାଗ ଚନ୍ଦ୍ର ମିଶ୍ର, ଟିପୁ ଶବର, ଅଭିଜିତ୍ ପୁରୋହିତ ପ୍ରମୁଖ କୃତକାର୍ଯ୍ୟ ହୋଇଛନ୍ତି। ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳୀ ମହାପାତ୍ର, ଶିଶୁ କଲ୍ୟାଣ କମିଟିର ସଦସ୍ୟ ଶକ୍ତିପାଦ ମିଶ୍ର, ରାଜ୍ୟ ଶିଶୁ ସୁରକ୍ଷା ସମିତିର ବରିଷ୍ଠ ଅଧିକାରୀ ସଂଗ୍ରାମ ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଡିସିପିଓ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଶ୍ରୀକ୍ଷେତ୍ରରେ ଆଜି ଗୁପ୍ତ ଗୁଣ୍ଡିଚା

ପୁରୀ ଅଫିସ, ୨୯।୯

ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ସୋମବାର ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଗୁପ୍ତ ଗୁଣ୍ଡିଚା। ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସେଠାରେ ନୀତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢ଼ିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହି ନୀତି ୮ ଦିନଧରି ଚାଲିବ। ସୂଚନାଯୋଗ୍ୟ, ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁଣ୍ଡା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳ ପୂଜାରେ ପ୍ରଥମ ୮ଦିନ ମା' ବିମଳାଙ୍କ ମନ୍ଦିରକୁ ବିଜେ ହୋଇଥାନ୍ତି।



ପୁରୀ ମା' ମଙ୍ଗଳାଙ୍କ ବଗଳାମୁଖୀ ବେଶ।



ମା' ବାସେଳୀଙ୍କ ମାତଙ୍ଗିନୀ ବେଶ।



ବାଙ୍କିମୁହାଁଣ ରାମଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।

## ସ୍ତ୍ରୀଙ୍କୁ ତଡ଼ି ପ୍ରେମିକାଙ୍କୁ ଘରେ ରଖିବାରୁ ସ୍ୱାମୀ ଗିରଫ

ବଳଙ୍ଗା,୨୯।୯(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ମାଧିପୁର ଗ୍ରାମରେ ସ୍ତ୍ରୀଙ୍କୁ ତଡ଼ି ପ୍ରେମିକାଙ୍କୁ ଘରେ ରଖିବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଦୀପ୍ତ ଜେନା(୩୦)। ସୂଚନାଯୋଗ୍ୟ, ପୁରୀ ସଦର ଥାନା ବାଲିସାହି ଗ୍ରାମର ସଦାଶିବ ଜେନାଙ୍କ ଝିଅ ଶୈଳବାଳାଙ୍କୁ ୪ ବର୍ଷ ତଳେ ପ୍ରଦୀପ୍ତ ବିବାହ କରିଥିଲେ। ସେହି ସମୟରେ କହିବା ମୁତାବକ ଯୌତୁକ ଦିଆଯାଇଥିଲା। ପରେ ପ୍ରଦୀପ୍ତ ଅଧିକ ରୋଜଗାର ପାଇଁ ଚେନ୍ନାଇ ଚାଲିଯାଇଥିଲେ। ସେଠାରେ କାମ କରିବାବେଳେ ପଡ଼ୋଶୀରେ ରହୁଥିବା କଣାସ ଥାନା ସିମିଳି ପାଟଣା ଗ୍ରାମର ଜଣେ ବିବାହିତ ମହିଳାଙ୍କ ସହ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଚେନ୍ନାଇରୁ ଘରକୁ ଫେରି ନିଜ ସ୍ତ୍ରୀଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବାରମ୍ବାର ବାପଘରୁ ଟଙ୍କା ଆଣିବା ପାଇଁ ଶୈଳବାଳାଙ୍କୁ କହୁଥିଲେ। ଏପରି କି ୨ ସପ୍ତାହ ତଳେ ମାଡ଼ମାରି ତାଙ୍କୁ ଘରୁ ବାହାର କରିଦେଇଥିଲେ। ସ୍ତ୍ରୀଙ୍କୁ ଘରୁବାହାର କରିବା ପରେ ପ୍ରେମିକା ମହିଳାଙ୍କୁ ଆଣି ନିଜ ଘରେ ରଖିଥିଲେ। ଏହି ଖବର ଶୈଳବାଳା ଜାଣିବା ପରେ ସେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ନଂ.୧୨୯/୨୦୧୯ରେ ଏକ ମାମଲା ରୁଜୁକରି ପ୍ରଦୀପ୍ତଙ୍କୁ ଗିରଫ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ତେବେ ପ୍ରଦୀପ୍ତଙ୍କ ପ୍ରେମିକାଙ୍କୁ ମଧ୍ୟ ଗିରଫ କରିବା ପାଇଁ ଶୈଳବାଳା ଦାବି କରିଛନ୍ତି। ପ୍ରକାଶ ଥାଉକି ପ୍ରଦୀପ୍ତର ଏକ ୩ବର୍ଷର ଝିଅ ଥିବାବେଳେ ପ୍ରେମିକା ମହିଳାର ମଧ୍ୟ ଏକ ୫ବର୍ଷର ପୁଅ ଅଛି।

## ଦିବ୍ୟାଙ୍ଗଙ୍କ ଗଣବିବାହ ଆୟୋଜନ କରିବ ପ୍ରଶାସନ

ପୁରୀ ଅଫିସ, ୨୯।୯

ଦିବ୍ୟାଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିଲାଗି ସରକାର ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଥଇଥାନ ପାଇଁ ପ୍ରଫୁଲ୍ଲ ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି। ଜିଲାର ପ୍ରତ୍ୟେକ ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବାପାଇଁ ଏହି ଯୋଜନା ମାଧ୍ୟମରେ କାର୍ଯ୍ୟକ୍ରମ ଜାରି ରହିଛି। ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଜଟଣୀରେ ସ୍ୱତନ୍ତ୍ର ଭାବେ ଏକ ସରକାରୀ ଆଇଟିଆଇ ରହିଛି। ଏଠାରେ ଅଧ୍ୟୟନ ପରେ ନିଶ୍ଚିତ ନିଯୁକ୍ତି ମିଳିପାରିବ ବୋଲି କହିଛନ୍ତି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ। ସ୍ଥାନୀୟ ସଂସ୍କୃତି ଭବନଠାରେ ଶ୍ରୀନୃସିଂହଦେବ ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ଡିଫ୍ ଚାଇଲ୍ଡ ୱାର୍ଲ୍ଡ ୱାଇଡ୍ ସହାୟତାରେ ରବିବାର ବିଶ୍ୱ ବଧିର ସପ୍ତାହ ପାଳନ କରାଯାଇଥିଲା। ଅନେକ ପରିବାରରେ ଦିବ୍ୟାଙ୍ଗ ଅଛନ୍ତି। ହେଲେ ସେମାନଙ୍କ ବିବାହ କରିବା ଲାଗି ଅଭିଭାବକ ସକ୍ଷମ ହେଉନାହାନ୍ତି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଗଣବିବାହ ଆୟୋଜନ କରାଯିବ ବୋଲି କହିଥିଲେ।

### ବିଶ୍ୱ ବଧିର ସପ୍ତାହ ପାଳିତ




ପୁରୀ ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ବିଶ୍ୱ ବଧିର ସପ୍ତାହ।

## ଲକ୍ଷ୍ମୀନୃସିଂହ ବୟସ୍କ ମହାସଂଘର ବାର୍ଷିକ ଉତ୍ସବ

ନିମାପଡ଼ା,୨୯।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବେରବୋଇ ଗ୍ରାମଠାରେ ଲକ୍ଷ୍ମୀନୃସିଂହ ବୟସ୍କ ମହାସଂଘର ୪ର୍ଥ ବାର୍ଷିକ ଉତ୍ସବ ହେଲ୍ପ ଏଜ୍ ଇଣ୍ଡିଆ ସଂସ୍ଥା ସହାୟତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ର, ହେଲ୍ପ ଏଜ ଇଣ୍ଡିଆ ସଂସ୍ଥାର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର, ସରପଞ୍ଚ ଅଜିତ ଦଳେଇ, ମହାସଂଘର ସଭାପତି ଆର୍ତ୍ତତ୍ରାଣ ମହାରଣା, ସମ୍ପାଦକ ବିନୋଦିନୀ ଭାରତୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଓ ବୃଦ୍ଧାବୃଦ୍ଧମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯିବା ସହ ଯେପରି କେହି ଏହି ଯୋଜନାରୁ ବାଦ ପଡିବେ ନାହିଁ ବୋଲି ମନ୍ତ୍ରୀ ଦାଶ କହିଥିଲେ।

## ପିପିଡବ୍ଲ୍ୟୁଓ ପକ୍ଷରୁ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ

ନିମାପଡ଼ା,୨୯।୯(ଡି.ଏନ୍.ଏ.)

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ବଂଶୀଧର ଷଡଙ୍ଗୀ, କବି ଧନଞ୍ଜୟ ସ୍ୱାଇଁ, କବି ଓ ଖବରଦାତା ମୁରଲୀଧର ସାମଲ, ଡ. ପ୍ରଭାକର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ କବିତା ସମାଜର ଦର୍ପଣ ସଦୃଶ ବୋଲି କହିଥିଲେ। ଏହି ସମାରୋହରେ ପିପିଡବ୍ଲ୍ୟୁଓର ସଭାପତି ରାଜକିଶୋର ସାବୁତ ଅଧ୍ୟକ୍ଷତା କରି ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହାସହ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଭିନ୍ନ ଜିଲାରୁ ଶତାଧିକ ଲେଖକ, କବି, କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଗଗନ ବିହାରୀ ଦାଶ ଓ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପିପିଡବ୍ଲ୍ୟୁଓ ପକ୍ଷରୁ ନିମାପଡ଼ା କଲେଜରେ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳାକୁ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କମ ମୂଲ୍ୟରେ କିପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯିବ ଓ ଶ୍ରେଣୀଗୃହରେ ଏହାର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ ଦିଆଯାଇଥିଲା। ଏହି କର୍ମଶାଳାରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ଜିଲାସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ ଅଫିସ, ୨୯।୯

କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଡୁଡୁୱାଲା ଧର୍ମଶାଳାରେ ଦୁଇ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସବ୍ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଦୁଇ ଶହରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିଥିଲେ। ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ଭାଗବତ୍ ପାଠ, ହନୁମାନ ଚାଳିଶା, ଓଡ଼ିଶୀ, ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପରିଚାଳନା କରିଥିଲେ। ସୁରଜିତ ମହାପାତ୍ର, ସମୀର ଶତପଥୀ, ସନ୍ତୋଷ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୋଣାର୍କ, ଚନ୍ଦ୍ରଭାଗା, ରାମଚଣ୍ଡୀ ଅଞ୍ଚଳ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

# ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର କୋଣାର୍କ, ରାମଚଣ୍ଡୀ ଏବଂ ଚନ୍ଦ୍ରଭାଗା ଅଞ୍ଚଳ ପରିଦର୍ଶନ କରି ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏନେଇ ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ ଏବଂ ପୁରୀ ଜିଲାପାଳ ବଲୱନ୍ତ ସିଂହଙ୍କ ସହ ମନ୍ତ୍ରୀ ଆଲୋଚନା ମଧ୍ୟ କରିଛନ୍ତି। ଗସ୍ତ ଅବସରରେ ମନ୍ତ୍ରୀ ବେହେରା ରାମଚଣ୍ଡୀଠାରେ ସ୍ଥାନୀୟ ବୋଟିଂ ଆସୋସିଏଶନର କର୍ମକର୍ତ୍ତା ଏବଂ ଲୋକମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପିଇବା ପାଣି, ଶୌଚାଳୟ ନିର୍ମାଣ ଏବଂ ପର୍ଯ୍ୟଟକଙ୍କ ବସିବା ପାଇଁ ସେଡ୍ ନିର୍ମାଣ କରିବାକୁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ୧୦ବର୍ଷ ହେବ ଏଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ପର୍ଯ୍ୟଟନ ଋତୁରେ କୋଣାର୍କରେ ଟେଣ୍ଟ ସିଟି ନିର୍ମାଣ କରାଯିବାର ଯୋଜନା ରହିଥିବାରୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ରାମଚଣ୍ଡୀ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ତ୍ୱରିତ ବିକାଶ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପର୍ଯ୍ୟଟନ ସଚିବ ଓ ପୁରୀ ଜିଲାପାଳଙ୍କୁ କହିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଭାଗା ଅଞ୍ଚଳରେ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା ସହ କୋଣାର୍କରେ ଇଡ୍‌କୋ ପକ୍ଷରୁ ନିର୍ମିତ ହୋଇଥିବା ଅର୍ବାନ ହାଟକୁ ଚାଲୁ କରିବା ଲାଗି ମଧ୍ୟ ସେ ଆଲୋଚନା କରିଥିଲେ। ଏହି ଅବସରରେ ବିଶାଳ ଦେବ ମନ୍ତ୍ରୀଙ୍କୁ କୋଣାର୍କଠାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଥିବା ବିଭିନ୍ନ ପ୍ରସ୍ତାବ ଉପରେ ଅବଗତ କରାଇଥିଲେ। କୋଣାର୍କ, ରାମଚଣ୍ଡୀ ଓ ଚନ୍ଦ୍ରଭାଗା ଅଞ୍ଚଳରେ ପର୍ଯ୍ୟଟନ ଓ ସାମଗ୍ରିକ ବିକାଶ ଲାଗି ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପର୍ଯ୍ୟଟନ ସଚିବ ଏବଂ ପୁରୀ ଜିଲାପାଳ କହିଥିଲେ।

### କୋଣାର୍କ ଅର୍ବାନ ହାଟ, ରାମଚଣ୍ଡୀ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ